# ଧରିତ୍ରୀ
DHARITRI

ବ୍ରହ୍ମପୁର, ମଙ୍ଗଳବାର, ଏପ୍ରିଲ ୧୬/୨୦୧୯ (୨୦ ପୃଷ୍ଠା) | Berhampur, Tuesday, April 16/2019 | ★★★

୧୫ ଶ ଭାଗ ୭୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ଜିଲ୍ଲାର ସ୍ୱତନ୍ତ୍ର ବିକାଶ ପାଇଁ ପ୍ରତିବଦ୍ଧତା

# ଜୁହାର

**ବରଗଡ, ଝାରସୁଗୁଡା, ବଲାଙ୍ଗୀର, ସୁବର୍ଣ୍ଣପୁର** ଏବଂ **ବୌଦ୍ଧ**
ଜିଲ୍ଲା ପାଇଁ ୫୦% ମହିଳା ସଦସ୍ୟଙ୍କୁ ନେଇ

## 'ସ୍ୱତନ୍ତ୍ର ଉନ୍ନୟନ ପରିଷଦ'।



---

ବିକାଶର ପ୍ରକୃତ **ଡବଲ ଇଂଜିନ୍**

ମହିଳାଙ୍କ ସଶକ୍ତିକରଣ ପାଇଁ ପ୍ରତିବଦ୍ଧତା

- 'ମିଶନ ଶକ୍ତି' ମହିଳାଙ୍କୁ ୫ ହଜାର କୋଟି ଟଙ୍କାର ସରକାରୀ ବ୍ୟବସାୟ ଏବଂ ୫୦୦ କୋଟି ଟଙ୍କାର ଲାଭ
- ବିନା ସୁଧରେ ୫ଲକ୍ଷ ଟଙ୍କାର ଋଣ
- କେ.ଜି.ରୁ ପି.ଜି. ପର୍ଯ୍ୟନ୍ତ ବାଳିକା ଶିକ୍ଷା ମାଗଣା
- 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା'ରେ ୧୦ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା
- ଝିଅ ବାହାଘର ପାଇଁ ୨୫ ହଜାର ଟଙ୍କାର ସହାୟତା

## ନବୀନ ଓଡ଼ିଶା
## ସଶକ୍ତ ଓଡ଼ିଶା

**ବିଜୁ ଜନତା ଦଳ**
ପ୍ରତିଶ୍ରୁତି ନୁହେଁ ପ୍ରତିବଦ୍ଧତା

'ଶଙ୍ଖ' ଚିହ୍ନରେ ଭୋଟ୍ ଦେବା। ଦୁଇଥର।
ଥରେ ଏମ୍.ପି.ପାଇଁ। ଥରେ ଏମ୍.ଏଲ୍.ଏ ପାଇଁ।



ଭାଜପା କିମ୍ବା କଂଗ୍ରେସ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ପାଇବା ସମ୍ଭାବନା ନ ଥିବାରୁ ଦେଶ ମେଣ୍ଟ ସରକାର ଆଡ଼କୁ ମୁହାଁଉଛି।
- ସିଦ୍ଧାରାମାୟା, ବରିଷ୍ଠ କଂଗ୍ରେସ ନେତା



# ବିଗୁଡ଼ୁଛି ନେତାଙ୍କ ତୁଣ୍ଡ

ସାଧାରଣ ନିର୍ବାଚନ ପାଇଁ ପ୍ରଚାର ସରଗରମ। କ୍ଷମତା ପାଇଁ ମଇଦାନରେ ପ୍ରାର୍ଥୀ। ମତଦାତାଙ୍କୁ ଆକର୍ଷିତ କରିବା ଲାଗି ସବୁ ଦଳ ଓହ୍ଲାଇଛନ୍ତି ଷ୍ଟାର୍ କ୍ୟାମ୍ପେନର୍। ହେଲେ ରାଜନୀତିର କାଦୁଅଫିଙ୍ଗା ଏଭଳି ନିମ୍ନସ୍ତରକୁ ଚାଲିଯାଇଛି ଯେ ବଡ଼ ବଡ଼ ନେତାଙ୍କ ପାଟିରେ ବି ଲଗାମ ରହୁନାହିଁ। ମୂଳ ପ୍ରସଙ୍ଗରୁ ଓହରି ବିବାଦୀୟ ତଥା ଆପତ୍ତିଜନକ ମନ୍ତବ୍ୟ ଦେବା ଏବେ ଏକ ଟ୍ରେଣ୍ଡ (ଧାରା)ରେ ପରିଣତ ହୋଇଯାଇଛି। ଏପରି କି ନିର୍ବାଚନ କମିଶନ ଓ ଅଦାଲତି ଅଙ୍କୁଶ ବି କାମ କରୁନି ଏମାନଙ୍କ ଉପରେ। ଫଳରେ ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଚୟନ କରିବାରେ ଦ୍ୱନ୍ଦ୍ୱରେ ପଡ଼ୁଛନ୍ତି ଭୋଟର।

■ ରାଫାଲ ରାୟ ପରେ 'ଚୋର' ମନ୍ତବ୍ୟ

## ରାହୁଲଙ୍କୁ ସ୍ପଷ୍ଟୀକରଣ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୫।୪(ପି.ଟି./ଆଇଏଏନ୍ଏସ୍)

ରାଫାଲ ରାୟରେ ସୁପ୍ରିମକୋର୍ଟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ 'ଚୋର' କହି ନ ଥିବାବେଳେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏହାର ଭୁଲ୍ ବ୍ୟାଖ୍ୟା କରି ଅଡୁଆରେ ଫସିଛନ୍ତି। ସର୍ବୋଚ୍ଚ ଅଦାଲତ ଏଥିପାଇଁ ଆସନ୍ତା ୨୨ ସୁଦ୍ଧା ସ୍ପଷ୍ଟୀକରଣ ଦେବାକୁ ରାହୁଲଙ୍କୁ ନୋଟିସ କରିଛନ୍ତି।

ରାଫାଲ ଯୁଦ୍ଧବିମାନ ଚୁକ୍ତି ପ୍ରସଙ୍ଗରେ ୨୦୧୮ ଡିସେମ୍ବର ୧୪ରେ ସୁପ୍ରିମକୋର୍ଟ ଦେଇଥିବା ରାୟର ପୁନର୍ବିଚାର କରିବା ସମୟରେ 'ପ୍ରଘଟ' ଦସ୍ତାବିଜକୁ ଗ୍ରହଣ କରାଯିବ ବୋଲି ବୁଧବାର ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଥିଲେ। ଏହାକୁ ନେଇ ରାହୁଲ କହିଥିଲେ, ରାଫାଲ ଦୁର୍ନୀତି ଧୀରେ ଧୀରେ ପଦାକୁ ଆସିବାରେ ଲାଗିଛି ଏବଂ ଚୁକ୍ତିକୁ ନେଇ ଏବେ ତଦନ୍ତ ହେବ। 'ଚୌକିଦାର ଚୋର ହେ' ବୋଲି ସୁପ୍ରିମକୋର୍ଟ ମାନିଛନ୍ତି। ପ୍ରଧାନମନ୍ତ୍ରୀ ରାଫାଲ ଦୁର୍ନୀତି ପ୍ରସଙ୍ଗରେ ତାଙ୍କ ସହ ବିତର୍କ ପାଇଁ ସ୍ଥାନ ଓ ତାରିଖ ବାଛନ୍ତୁ ବୋଲି ରାହୁଲ ଚ୍ୟାଲେଞ୍ଜ ଦେଇଥିଲେ। ଏହାକୁ ନେଇ ଭାଜପାର ଏକ ପ୍ରତିନିଧି ଦଳ ଶୁକ୍ରବାର ଇସିଙ୍କୁ ଭେଟିଥିଲେ। ଏହାସହ ବରିଷ୍ଠ ଭାଜପା ନେତା ମୀନାକ୍ଷୀ ଲେଖି ସୁପ୍ରିମକୋର୍ଟରେ ରାହୁଲଙ୍କ ବିରୋଧରେ ଅଦାଲତ ଅବମାନନା ପିଟିଶନ ଦାଏର କରିଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ସୋମବାର ଏହାର ଶୁଣାଣି କରି କହିଛନ୍ତି, ରାଫାଲ ରାୟର ପୁନର୍ବିଚାର ପାଇଁ ଅଦାଲତ ରାଜି ହେବାବେଳେ କେଉଁଠାରେ ବି ଏପରି କହିନାହାନ୍ତି। ତେଣୁ ରାହୁଲ ୨୨ ତାରିଖ ସୁଦ୍ଧା ନିଜର ସ୍ପଷ୍ଟୀକରଣ ଦିଅନ୍ତୁ। ୨୩ ତାରିଖରେ ଏହାର ପରବର୍ତ୍ତୀ ଶୁଣାଣି କରାଯିବ। ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ପରେ ରାହୁଲଙ୍କୁ ପୁଣି ଟାର୍ଗେଟ କରିଛି ଭାଜପା। ରାହୁଲ ପ୍ରଧାନମନ୍ତ୍ରୀଙ୍କ ମାନହାନି କରିଥିବାରୁ କ୍ଷମାମାଗନ୍ତୁ ବୋଲି କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ ଦାବି କରିଛନ୍ତି।

■ ଜୟପ୍ରଦାଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ

## ଆଜମ୍ ଖାନ୍‌ଙ୍କ ନାଁରେ ମାମଲା

ନୂଆଦିଲ୍ଲୀ,୧୫।୪(ପି.ଟି.)

**କାର୍ଯ୍ୟାନୁଷ୍ଠାନ ପାଇଁ ଇସିଙ୍କୁ ଅନୁରୋଧ କଲେ ଏନ୍‌ସିଡବ୍ଲ୍ୟୁ**



ପାଟନାରେ ଆଜମ୍ ଖାନ୍‌ଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି ଭାଜପା ମହିଳା ମୋର୍ଚ୍ଚା କର୍ମୀ।

ଉତ୍ତରପ୍ରଦେଶର ରାମପୁର ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ଜୟପ୍ରଦାଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇ ବିବାଦୀୟ ହୋଇଛନ୍ତି ମେଣ୍ଟ ପ୍ରାର୍ଥୀ ଆଜମ୍ ଖାନ୍। ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଅଧ୍ୟକ୍ଷା ରେଖା ଶର୍ମା ଆଜମ୍‌ଙ୍କ ମନ୍ତବ୍ୟକୁ ନିନ୍ଦା କରିବା ସହ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ବାଚନ କମିଶନ (ଇସି)ଙ୍କୁ ଅନୁରୋଧ କରିଛନ୍ତି।

ରାମପୁରର ଏକ ନିର୍ବାଚନୀ ସଭାରେ ସମାଜବାଦୀ ପାର୍ଟି (ଏସ୍‌ପି)ର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଆଜମ୍ ଖାନ୍ ଜୟପ୍ରଦାଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ଦେଇଥିଲେ। ସେ ଲୋକଙ୍କୁ କହିଥିଲେ, ରାମପୁରବାସୀ ଓ ଭାରତର ଲୋକଙ୍କୁ ତାଙ୍କ ପ୍ରକୃତ ରୂପ ଜାଣିବା ପାଇଁ ୧୭ ବର୍ଷ ଲାଗିଗଲା। କିନ୍ତୁ ସେ ଖାକି ଅଣ୍ଡରୱେର ପିନ୍ଧନ୍ତି ବୋଲି ମୁଁ ୧୭ ଦିନରେ ଜାଣିପାରିଥିଲି। ଏହାକୁ ନେଇ ଏନ୍‌ସିଡବ୍ଲ୍ୟୁ କହିଛନ୍ତି, ଆଜମ୍ ଖାନ୍‌ଙ୍କ ମନ୍ତବ୍ୟ ଅପମାନଜନକ, ଅନୈତିକ ଓ ମହିଳାଙ୍କ ମର୍ଯ୍ୟାଦା ପ୍ରତି ଅସମ୍ମାନ। ଏଥିପାଇଁ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ରାମପୁର ଥାନାରେ ମଧ୍ୟ ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଜୟପ୍ରଦା କହିଛନ୍ତି, ସେ ଏଥିରେ ଭୟଭୀତ ହୋଇ ରାମପୁର ଛାଡ଼ି ଯିବେନାହିଁ। ଆଜମ୍ ଖାନ୍ ତାଙ୍କ ପରିବାରର ମହିଳାଙ୍କ ପ୍ରତି ମଧ୍ୟ ଏପରି ଭାଷା ପ୍ରୟୋଗ କରନ୍ତି କି ବୋଲି ଜୟପ୍ରଦା ପ୍ରଶ୍ନ କରିଛନ୍ତି। ବିବାଦ ସୃଷ୍ଟି ହେବା ପରେ ଆଜମ୍ ଖାନ୍ କହିଛନ୍ତି, ସେ ଭାଷଣ ଦେବାବେଳେ କାହା ନାମ ଧରିନାହାନ୍ତି। ଅନ୍ୟପକ୍ଷରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି, ଆଜମ୍‌ଙ୍କ ମନ୍ତବ୍ୟକୁ ନେଇ ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ଓ ବିଏସ୍‌ପି ସୁପ୍ରିମୋ ମାୟାବତୀ ନୀରବ ରହିବା ସେମାନଙ୍କ ପାଇଁ ଲଜ୍ଜାଜନକ କଥା। ସେହିପରି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ, କେନ୍ଦ୍ରମନ୍ତ୍ରୀ ସୁଷମା ସ୍ୱରାଜ ଓ ସ୍ମୃତି ଇରାନୀ ଏବଂ ରାଜ୍ୟ ସଭା ସଦସ୍ୟ ଅମର ସିଂ ମଧ୍ୟ ଆଜମ୍‌ଙ୍କ ମନ୍ତବ୍ୟକୁ ନେଇ କଡ଼ାନିନ୍ଦା କରିବା ସହ ତାଙ୍କୁ ନିର୍ବାଚନ ଲଢ଼ିବାରୁ ଅଯୋଗ୍ୟ ଘୋଷଣା ପାଇଁ ଦାବି କରିଛନ୍ତି।

## ବିଶ୍ୱବିଦ୍ୟାଳୟ ସିଟ୍ ୨ଲକ୍ଷ ବଢ଼ିବ

ନୂଆଦିଲ୍ଲୀ,୧୫।୪(ପି.ଟି.)

**କ୍ୟାବିନେଟ ମଞ୍ଜୁରୀ**

ସାଧାରଣ ବର୍ଗ ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କ ଲାଗି ୧୦ ପ୍ରତିଶତ ସଂରକ୍ଷଣ ସୁବିଧା ଯୋଗାଇ ଦେବା ଲାଗି ଦେଶରେ ଥିବା ୧୫୮ଟି ଜାତୀୟ ଶିକ୍ଷାନୁଷ୍ଠାନରେ ୨ ଲକ୍ଷରୁ ଅଧିକ ଅତିରିକ୍ତ ସିଟ୍ ସୃଷ୍ଟି କରାଯିବ। ସୋମବାର କେନ୍ଦ୍ର କ୍ୟାବିନେଟ ଏହି ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନରେ ଆର୍ଥିକ ଦୁର୍ବଳ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ନିମନ୍ତେ ସଂରକ୍ଷଣ ବ୍ୟବସ୍ଥାକୁ ଅନୁମୋଦନ କରାଯାଇଛି। ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ କ୍ୟାବିନେଟରେ ପ୍ରସ୍ତାବ ଆଣିବା ପୂର୍ବରୁ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ନିର୍ବାଚନ କମିଶନଙ୍କ ଅନୁମତି ଲୋଡ଼ିଥିଲା। କ୍ୟାବିନେଟ ଅନୁମୋଦନ ଫଳରେ ଦୁଇ ବର୍ଷରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ୨,୧୪,୭୬୬ ଅତିରିକ୍ତ ସିଟ୍ ସୃଷ୍ଟି କରାଯିବ। ୨୦୧୯–୨୦ ଶିକ୍ଷାବର୍ଷରେ ୧,୧୯,୯୮୩ ସିଟ୍ ଏବଂ ୨୦୨୦–୨୧ରେ ୯୫,୭୮୩ ସିଟ୍ ସୃଷ୍ଟି ହେବ। ୧୫୮ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନରେ ନାମଲେଖାରେ ସାଧାରଣ ବର୍ଗ ଗରିବଙ୍କ ପାଇଁ ସଂରକ୍ଷଣ ଲାଗୁ କରିବା ନିମନ୍ତେ ୪୩୧୫.୧୫ କୋଟି ଟଙ୍କା ମଞ୍ଜୁର କରାଯାଇଛି।

## 'ଜାତୀୟ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ'

**ବିରୋଧୀଙ୍କୁ ଜେଟ୍‌ଲୀଙ୍କ ଜବାବ**


ନୂଆଦିଲ୍ଲୀ,୧୫।୪(ପି.ଟି.)

ଜାତୀୟ ସୁରକ୍ଷା ପ୍ରସଙ୍ଗକୁ ନେଇ ନିର୍ବାଚନ ଲଢ଼ାଯିବା ଉଚିତ ନୁହେଁ ବୋଲି ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଯୁକ୍ତି ଦର୍ଶାଯାଉଥିବାବେଳେ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ଏହାକୁ ଖଣ୍ଡନ କରିଛନ୍ତି। ଦେଶ ସମ୍ମୁଖୀନ ହେଉଥିବା ସବୁଠୁ ବଡ଼ ଚ୍ୟାଲେଞ୍ଜ ଜାତୀୟ ସୁରକ୍ଷା ଏବଂ ଆତଙ୍କବାଦ ସମସ୍ୟା ବୋଲି ଜେଟଲୀ କହିଛନ୍ତି। ଜମ୍ମୁ-କଶ୍ମୀର ପ୍ରସଙ୍ଗ ଏବଂ ଆତଙ୍କବାଦ ଦୀର୍ଘମିଆଦୀ ସମସ୍ୟା ହୋଇଥିବାବେଳେ ଏହା ଦେଶର ସାର୍ବଭୌମତ୍ୱ ପାଇଁ ଚିନ୍ତାଜନକ ହୋଇପଡ଼ିଛି। ଅନ୍ୟ ସମସ୍ତ ଚ୍ୟାଲେଞ୍ଜର ସମାଧାନ କରାଯାଇପାରିବ ବୋଲି ଜେଟଲୀ ଫେସ୍‌ବୁକ୍ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନୀ ଫାଇଦା ପାଇଁ ପୁଲ୍‌ୱାମା ଆକ୍ରମଣରେ ଯବାନ ଶହୀଦ ହେବା ଏବଂ ପାକିସ୍ତାନର ବାଲାକୋଟରେ ବାୟୁସେନାର କାର୍ଯ୍ୟାନୁଷ୍ଠାନର ରାଜନୀତିକରଣ କରୁଥିବା ବିରୋଧୀ ଦଳ ଅଭିଯୋଗ କରିଆସୁଛନ୍ତି।

## ଜୋଷୀଙ୍କ ନାଁରେ ଜାଲ୍ ଚିଠି

ମୁମ୍ବାଇ,୧୫।୪(ପି.ଟି.)

**ଇସି ତଦନ୍ତ ଦାବି**



ବରିଷ୍ଠ ଭାଜପା ନେତା ମୁରଲୀ ମନୋହର ଜୋଷୀଙ୍କ ନାମରେ ମିଥ୍ୟା ଚିଠି ସୋସିଆଲ ମିଡିଆରେ ପ୍ରସାରିତ ହେବା ପରେ ନିର୍ବାଚନ କମିଶନ (ଇସି) ଏହାର ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ଦଳର ସର୍ବବରିଷ୍ଠ ନେତା ଲାଲ୍‌କୃଷ୍ଣ ଆଡଭାନୀଙ୍କୁ ଲେଖାଯାଇଥିବା ଏହି ଜାଲ୍ ଚିଠି କିଛିଦିନ ହେଲା ପ୍ରସାରିତ ହେଉଛି। ଜୋଷୀ ଏଭଳି ଚିଠି ଲେଖି ନ ଥିବା ମୁଖ୍ୟ ନିର୍ବାଚନ କମିଶନ ସୁନୀଲ ଅରୋରାଙ୍କୁ ଜଣାଇବା ସହ ତଦନ୍ତ ଦାବି କରିଛନ୍ତି।

ଜୋଷୀ ଓ ଆଡଭାନୀ ଭାଜପାର ପ୍ରତିଷ୍ଠାତା ଏବଂ ୨୦୧୪ ନିର୍ବାଚନରେ ଉଭୟ କାନପୁର ଓ ଗାନ୍ଧୀନଗର ଆସନରୁ ଜିତିଥିଲେ। ଏଥର ଦୁହିଁଙ୍କୁ ଟିକେଟ ମିଳିନାହିଁ।

## ସାମ୍ପ୍ରଦାୟିକ ମନ୍ତବ୍ୟ ପାଇଁ ନିର୍ବାଚନ ପ୍ରଚାର ମନା

## ମାୟାବତୀଙ୍କୁ ୨, ଯୋଗୀଙ୍କୁ ୩ ଦିନ

ନୂଆଦିଲ୍ଲୀ,୧୫।୪(ପି.ଟି.)





ଭୋଟ ମାଗିବାବେଳେ ସାମ୍ପ୍ରଦାୟିକ ମନ୍ତବ୍ୟ ମହଙ୍ଗା ପଡ଼ିଛି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସୁପ୍ରିମୋ ମାୟାବତୀଙ୍କୁ। ନିର୍ବାଚନ କମିଶନ (ଇସି) ମାୟାବତୀଙ୍କୁ ୪୮ ଘଣ୍ଟା ଓ ଯୋଗୀଙ୍କୁ ୭୨ ଘଣ୍ଟା ପାଇଁ ନିର୍ବାଚନ ପ୍ରଚାର କରିବାକୁ ବାରଣ କରିଛନ୍ତି। ଉଭୟଙ୍କ ନିର୍ବାଚନ ପ୍ରଚାର ଉପରେ କଟକଣା ମଙ୍ଗଳବାର ସକାଳ ୬ଟାରୁ ଲାଗୁ ହୋଇଛି। ଉଭୟଙ୍କ ସକାଶେ ଇସି ଦୁଇଟି ପୃଥକ୍ ନିର୍ଦ୍ଦେଶନାମା ଜାରି କରିଛନ୍ତି।

ନିକଟରେ ଦେଓବନ୍ଦଠାରେ ଏସ୍‌ପି-ବିଏସ୍‌ପି-ଆର୍‌ଏଲ୍‌ଡି ମେଣ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର ବେଳେ ମାୟାବତୀ ମୁସଲମାନ ସମ୍ପ୍ରଦାୟର ମତଦାତାଙ୍କୁ ଭୋଟ ମାଗିଥିଲେ। ସଂଖ୍ୟାଲଘୁ ଭୋଟର ମେଣ୍ଟକୁ ଏକତରଫା ଭୋଟ ଦିଅନ୍ତୁ ବୋଲି ମାୟାବତୀ କହିଥିଲେ। ଏହା ପରେ ମିରଟରେ ଭାଜପାର ଏକ ନିର୍ବାଚନୀ ସଭାରେ ଯୋଗୀ କହିଥିଲେ, ଏଥର ଲୋକ ସଭା ନିର୍ବାଚନ 'ଅଲି ବନାମ ବଜରଙ୍ଗବଲୀ' ହେଉଛି। ସେମାନେ ଅଲି (ମହମ୍ମଦଙ୍କ ବଂଶଧର)ଙ୍କ ଉପରେ ଭରସା କରୁଥିବାବେଳେ ବଜରଙ୍ଗବଲୀ (ହନୁମାନ)ଙ୍କ ଉପରେ ଆମର ଆସ୍ଥା ରହିଛି ବୋଲି ଭୋଟ ଧ୍ରୁବୀକରଣ ଉଦ୍ଦେଶ୍ୟରେ ଯୋଗୀ ମନ୍ତବ୍ୟ ଦେଇଥିଲେ। ଏହାର ଜବାବରେ ମାୟାବତୀ ପୁନଶ୍ଚ କହିଥିଲେ, ଆମକୁ ଉଭୟ 'ଅଲି ଓ ବଜରଙ୍ଗବଲୀ'ଙ୍କ ଭୋଟ ମିଳିବ। ନିର୍ବାଚନ କମିଶନ ଏଥିଲାଗି ସମ୍ବିଧାନର ଅନୁଚ୍ଛେଦ ୩୨୪ ବଳରେ ସ୍ୱତନ୍ତ୍ର କ୍ଷମତା ପ୍ରୟୋଗକରି ମାୟାବତୀଙ୍କୁ ମଙ୍ଗଳବାର ସକାଳ ୬ଟାରୁ ୪୮ ଘଣ୍ଟା ପର୍ଯ୍ୟନ୍ତ ପ୍ରଚାରରୁ ବାରଣ କରିଛନ୍ତି। ସେହିପରି ଯୋଗୀ ମଧ୍ୟ ୭୨ ଘଣ୍ଟା ପର୍ଯ୍ୟନ୍ତ ନିର୍ବାଚନ ପ୍ରଚାର କରିପାରିବେ ନାହିଁ ବୋଲି ଇସି କଟକଣା ଜାରି କରିଛନ୍ତି। ଫଳରେ ଉଭୟେ ନିର୍ଦ୍ଧାରିତ ଅବଧି ମଧ୍ୟରେ କୌଣସି ସଭାସମିତି, ଶୋଭାଯାତ୍ରା ଓ ରୋଡ୍ ଶୋ, କରିପାରିବେ ନାହିଁ। ସେହିପରି ଇଲେକ୍ଟ୍ରୋନିକ୍, ପ୍ରିଣ୍ଟ ଓ ସୋସିଆଲ ମିଡିଆକୁ ମଧ୍ୟ ସାକ୍ଷାତ୍‌କାର ଦେଇପାରିବେ ନାହିଁ। ଉଭୟ ନେତାଙ୍କ ମନ୍ତବ୍ୟ ଅତ୍ୟନ୍ତ ଉତ୍ତେଜନାପୂର୍ଣ୍ଣ। ଏଭଳି ମନ୍ତବ୍ୟ ବିଭିନ୍ନ ଧର୍ମାବଲମ୍ବୀ ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ ଥିବା ବିଭେଦକୁ ଆହୁରି ବୃଦ୍ଧି କରିବା ସହ ଘୃଣାଭାବ ସୃଷ୍ଟି କରିବ। ଦୁଇନେତା ଧର୍ମ ନାମରେ ଭୋଟ ମାଗି ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିଛନ୍ତି ବୋଲି ଇସି କହିଛନ୍ତି। ପ୍ରକାଶ ଯେ, ଗତ ୧୧ ତାରିଖରେ ନିର୍ବାଚନ କମିଶନ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ ଯୋଗୀ ଓ ମାୟାବତୀଙ୍କୁ ନୋଟିସ ଜାରି କରିଥିଲେ।

## ରାହୁଲଙ୍କୁ ଅଶ୍ଳୀଳ ଭାଷାରେ ଗାଳି କଲେ ହିମାଚଳ ପ୍ରଦେଶ ଭାଜପା ସଭାପତି

ଶିମ୍‌ଲା,୧୫।୪

**ଭିଡିଓ ଭାଇରାଲ**



ସତ୍‌ପାଲ ସିଂ ସତ୍ତୀ

କ୍ଷମତା ରାଜନୀତିରେ ଅରୋପ-ପ୍ରତ୍ୟାରୋପ କେତେ ନିମ୍ନସ୍ତରକୁ ଚାଲିଯାଇଛି ତା'ର ଏକ ଜ୍ୱଳନ୍ତ ଉଦାହରଣ ହିମାଚଳ ପ୍ରଦେଶ ଭାଜପା ସଭାପତି ସତ୍‌ପାଲ ସିଂ ସତ୍ତୀଙ୍କ ସଦ୍ୟ ମନ୍ତବ୍ୟରୁ ବୁଝିହେଉଛି। ସତ୍‌ପାଲ କ୍ଷମାମାଗନ୍ତୁ ବୋଲି ହିମାଚଳ କଂଗ୍ରେସ ଦାବି କରିଛି। କ୍ଷମା ନ ମାଗିଲେ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

ହିମାଚଳପ୍ରଦେଶର ଶିମ୍‌ଲା ଲୋକ ସଭା ଆସନ ଅନ୍ତର୍ଗତ ବଦ୍ଦି ସହରରେ ଭାଜପାର ଏକ ନିର୍ବାଚନୀ ସଭାରେ ସତ୍‌ପାଲ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜକୁ ଭାରତର ଚୌକିଦାର ବୋଲି କହୁଛନ୍ତି। ରାହୁଲ ଯଦି ତାଙ୍କୁ ଚୋର ବୋଲି କହୁଛନ୍ତି, ତେବେ ସେ ନିଜେ '*****'। ରାହୁଲ ଜାମିନରେ ଅଛନ୍ତି, ତାଙ୍କ ମା' ଓ ଭିଣୋଇ ମଧ୍ୟ ବେଲ୍‌ରେ ଅଛନ୍ତି। ଏହାସତ୍ତ୍ୱେ ସେ ପ୍ରଧାନମନ୍ତ୍ରୀଙ୍କୁ 'ଚୋର' କହୁଥିବାରୁ ଜଣେ ପଞ୍ଜାବୀ ଏହି ସନ୍ଦେଶ ପ୍ରେରଣ କରିବା ପାଇଁ ମୋତେ ଅନୁରୋଧ କରିଥିଲେ ବୋଲି ସତ୍‌ପାଲ କହିଛନ୍ତି। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବିବାଦ ଉଠିଛି। ଜଣେ ବରିଷ୍ଠ ରାଜନେତାଙ୍କଠାରୁ ଏଭଳି ଅଭଦ୍ର ଭାଷା ଆଶା କରାଯାଇ ନ ପାରେ ବୋଲି ରାଜ୍ୟ କଂଗ୍ରେସ ମୁଖ୍ୟ କୁଲଦୀପ ରାଠୋଡ୍ ସମାଲୋଚନା କରିଛନ୍ତି।

## ଊର୍ମିଳାଙ୍କ ପ୍ରଚାର ବେଳେ କଂଗ୍ରେସ-ଭାଜପା କର୍ମୀ ସଂଘର୍ଷ

ମୁମ୍ବାଇ,୧୫।୪(ପି.ଟି.)

କଂଗ୍ରେସ ପ୍ରାର୍ଥୀ ତଥା ବଲିଉଡ୍ ଅଭିନେତ୍ରୀ ଊର୍ମିଳା ମାତୋଣ୍ଡକର ଉତ୍ତର ମୁମ୍ବାଇରେ ନିର୍ବାଚନ ପ୍ରଚାର କରୁଥିବାବେଳେ ଭାଜପା ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିବାରୁ ସେ ପୋଲିସ ସୁରକ୍ଷା ଲୋଡ଼ିଛନ୍ତି। ଉତ୍ତର ମୁମ୍ବାଇ ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇଥିବା ଊର୍ମିଳା ବୋରିଭାଲି ଷ୍ଟେଶନ ନିକଟରେ ପ୍ରଚାର କରୁଥିବା ବେଳେ କେତେଜଣ ଭାଜପା କର୍ମୀ 'ମୋଦି, ମୋଦି' ସ୍ଲୋଗାନ ଦେବାରୁ ସେମାନଙ୍କ ସହ କଂଗ୍ରେସ କର୍ମୀଙ୍କର ସଂଘର୍ଷ ଘଟିଥିଲା। ଉକ୍ତ ନିର୍ବାଚନମଣ୍ଡଳୀର ଭାଜପା ବର୍ତ୍ତମାନର ଏମ୍‌ପି ଗୋପାଳ ଶେଟ୍ଟୀଙ୍କୁ ପ୍ରାର୍ଥୀ କରିଛି। ଊର୍ମିଳା ଥାନାରେ ଏତଲା ଦେବା ସହ ତାଙ୍କୁ ସୁରକ୍ଷା ଯୋଗାଇଦେବାକୁ ପୋଲିସକୁ ନିବେଦନ କରିଛନ୍ତି। ତାଙ୍କ ଜୀବନ ପ୍ରତି ବିପଦ ଥିବା ଊର୍ମିଳା କହିଛନ୍ତି।



**ଇତିହାସର ଆଇନାରେ**

**ଏପ୍ରିଲ ୧୬ର ପ୍ରମୁଖ ଘଟଣା**

### ଜାହାଜରେ ଅଗ୍ନିକାଣ୍ଡ

୧୯୪୭ ଏପ୍ରିଲ ୧୬ରେ ଟେକ୍ସାସ ବନ୍ଦରରେ ଏକ ମାଲବାହୀ ଜାହାଜରେ ନିଆଁ ଲାଗିବା ଯୋଗୁ ପାଖାପାଖି ୬୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ଟେକ୍ସାସ୍ ନଗରୀ ଆମେରିକାର ଗାଲ୍‌ଭେଷ୍ଟନ୍ ଅଞ୍ଚଳରେ ଅବସ୍ଥିତ। ଏହା ଗାଲ୍‌ଭେଷ୍ଟନ୍ ଉପସାଗରର ଦକ୍ଷିଣ-ପଶ୍ଚିମ ଭାଗରେ ଅବସ୍ଥିତ। ଟେକ୍ସାସ ବନ୍ଦର ହେଉଛି ଏକ ଗଭୀର ପୋତାଶ୍ରୟ। ଏଠାରେ ପେଟ୍ରୋଲିୟମ ବିଶୋଧନାଗାର ଏବଂ ପେଟ୍ରୋକେମିକାଲ ନିର୍ମାଣକେନ୍ଦ୍ର ରହିଛି।

### ଆପୋଲୋ ୧୬ ଲଞ୍ଚ୍

୧୯୭୨ ଏପ୍ରିଲ ୧୬ରେ ଫ୍ଲୋରିଡାର କେପ୍ କାନାଭେରାଲ୍ ଉତ୍କ୍ଷେପଣ ସ୍ଥଳରୁ ଆପୋଲୋ ୧୬ ମହାକାଶଯାନ ଲଞ୍ଚ୍ କରାଯାଇଥିଲା। ଆପୋଲୋ ପ୍ରୋଗ୍ରାମକୁ ପ୍ରୋଜେକ୍ଟ ଆପୋଲୋ ମଧ କୁହାଯାଏ। ଏହା ଆମେରିକାର ମହାକାଶ ଗବେଷଣା କେନ୍ଦ୍ର 'ନାସା' ଦ୍ୱାରା ପରିଚାଳିତ ହୁଏ। ନାସା ୧୯୬୯ରୁ ୧୯୭୨ ମଧ୍ୟରେ ଚନ୍ଦ୍ରରେ ପ୍ରଥମକରି ମାନବ ଅବତରଣ କରାଇବାରେ ସଫଳ ହୋଇଥିଲା।

ଇସିଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

## ବାୟୋପିକ୍ ଦେଖି ରିପୋର୍ଟ ଦିଅ

ନୂଆଦିଲ୍ଲୀ,୧୫।୪

ନିର୍ବାଚନ କମିଶନ 'ପିଏମ୍ ନରେନ୍ଦ୍ର ମୋଦି' ଫିଲ୍ମ ଦେଖି ସପ୍ତାହକ ମଧ୍ୟରେ ଜଉମୁଦ ଲଫାପା ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟ ବିଚାରପତି ରଞ୍ଜନ ଗୋଗୋଇ, ବିଚାରପତି ଦୀପକ ଗୁପ୍ତା ଏବଂ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଫିଲ୍ମ ପ୍ରଯୋଜକ ସନ୍ଦୀପ ସିଂଙ୍କ ଦ୍ୱାରା ଦାଖଲ ଏକ ଆବେଦନ ବିଚାରକୁ ନେଇ ଏହି ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨୨ରେ ହେବ।

ନିର୍ବାଚନ କମିଶନ ଉକ୍ତ ଫିଲ୍ମ ଦେଖିଛନ୍ତି କି ନାହିଁ ସେ ସମ୍ପର୍କରେ ଅଦାଲତ କମିଶନଙ୍କ ଓକିଲଙ୍କୁ ପ୍ରଶ୍ନ କରିଥିଲେ। ପ୍ରଯୋଜକଙ୍କ ପକ୍ଷରୁ ବରିଷ୍ଠ ଆଡଭୋକେଟ୍ ମୁକୁଲ ରୋହତ୍‌ଗୀ ଏକ ସତ୍ୟପାଠ ଦାଖଲକରି ଦର୍ଶାଇଥିଲେ, ନିର୍ବାଚନ କମିଶନ୍ ଉକ୍ତ ଫିଲ୍ମକୁ ଆଦୌ ନ ଦେଖି ରିଲିଜ ଉପରେ ନିଷେଧାଜ୍ଞା ଜାରି କରିଛନ୍ତି। ଏହାପରେ ଖଣ୍ଡପୀଠ ଉକ୍ତ ଫିଲ୍ମ ଦେଖି ରିପୋର୍ଟ ଦାଖଲ କରିବାକୁ ସମ୍ପୃକ୍ତ ଓକିଲଙ୍କୁ ପରାମର୍ଶ ଦେଇଥିଲେ।

ଆବେଦନକାରୀ ଦର୍ଶାଇଛନ୍ତି ଯେ, ଫିଲ୍ମ ରିଲିଜ ବନ୍ଦ ଲାଗି କମିଶନ୍‌ଙ୍କ ନିର୍ଦ୍ଦେଶ ସମ୍ବିଧାନ ଦ୍ୱାରା ପ୍ରଦତ୍ତ ବାକ୍ ସ୍ୱାଧୀନତାର ମୌଳିକ ଅଧିକାରକୁ ଉଲ୍ଲଂଘନ କରୁଛି। ବର୍ତ୍ତମାନ ନିର୍ବାଚନ ଚାଲିଥିବାବେଳେ ଉକ୍ତ ଫିଲ୍ମ ରିଲିଜ୍ ବନ୍ଦ ପାଇଁ ଗତ ସପ୍ତାହରେ ନିର୍ବାଚନ କମିଶନ୍ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ବିବେକ ଓବେରୟଙ୍କ ଅଭିନୀତ ଉକ୍ତ ଫିଲ୍ମ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଏପ୍ରିଲ ୧୧ରେ ରିଲିଜ ହେବାର ଥିଲା।



### ମା' ହେଲେ ଚାଇନାର ପ୍ରଥମ ଟେଷ୍ଟ-ଟ୍ୟୁବ୍ କନ୍ୟା



**ବେଜିଂ,୧୫।୪**–ଚାଇନାରେ ପ୍ରଥମକରି ଟେଷ୍ଟ-ଟ୍ୟୁବ୍ ପଦ୍ଧତିରେ ଜନ୍ମିତ ଶିଶୁକନ୍ୟା ଝେଙ୍ଗ୍ ସୋମବାର ଏକ ପୁତ୍ର ସନ୍ତାନର ଜନନୀ ହୋଇଛନ୍ତି। ପେକିଂ ୟୁନିଭର୍ସିଟି ଥାର୍ଡ ହସ୍ପିଟାଲ୍‌ର ସୂଚନା ଅନୁଯାୟୀ, ଟେଷ୍ଟ ଟ୍ୟୁବ୍ ବେବି ରିସର୍ଚ୍ଚ ମୁଖ୍ୟ ଡାକ୍ତର ଝାଙ୍ଗ୍ ଲିଝୁଙ୍କ ସହାୟତାରେ ୧୯୮୮ ମାର୍ଚ୍ଚ ୧୦ରେ ଝେଙ୍ଗ୍ ଜନ୍ମ ହୋଇଥିଲେ। ଡାକ୍ତର ଝାଓ ତାଙ୍କର ଅସ୍ତ୍ରୋପଚାର କରି ଶିଶୁକୁ ଜନ୍ମ କରାଇଥିଲେ। ଜନ୍ମବେଳେ ଶିଶୁର ଓଜନ ୩,୮୫୦ ଗ୍ରାମ ଥିଲା। ଚାଇନାରେ ପୁନଃ ପ୍ରଜନନ ଇତିହାସରେ ଏହି ସଫଳତା ଆଉ ଏକ ମାଇଲଖୁଣ୍ଟ ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଯେ, ଟେଷ୍ଟ ଟ୍ୟୁବ୍ ଶିଶୁ ଜନ୍ମ ପଦ୍ଧତିରେ ଚାଇନା ବିଶ୍ୱରେ ଅଗ୍ରଣୀ ଭୂମିକା ନେଉଛି।

## ବିଶ୍ୱର ପ୍ରଥମ ସଶସ୍ତ୍ର ଉଭୟଚର ଡ୍ରୋନ୍

ବେଜିଂ,୧୫।୪(ପି.ଟି)

**ଚାଇନାରେ ବିକଶିତ**



ଚାଇନା ପ୍ରଥମକରି ବିଶ୍ୱର ପ୍ରଥମ ସଶସ୍ତ୍ର ଉଭୟଚର ଡ୍ରୋନ୍ ବୋଟ୍ ସଫଳତାର ସହିତ ପରୀକ୍ଷା କରିଛି। ଉଭୟ ଜଳଭାଗରେ ଏବଂ ଆକାଶରେ ଏହାକୁ ବ୍ୟବହାର କରାଯାଇପାରିବ ବୋଲି ଚାଇନାର ସାମରିକ ବିଶ୍ଳେଷକମାନେ ମତ ଦେଇଛନ୍ତି।

ଚାଇନା ଶିପ୍ ବିଲ୍ଡିଂ ଇଣ୍ଡଷ୍ଟ୍ରି କର୍ପୋରେଶନ୍ (ସିଏସ୍‌ଆଇସି) ଅଧୀନସ୍ଥ ୟୁଚାଙ୍ଗ ଇଣ୍ଡଷ୍ଟ୍ରି ଗ୍ରୁପ୍ ଦ୍ୱାରା ଏହା ନିର୍ମାଣ କରାଯାଇଛି। ମେରାଇନ୍ ଲିଜାର୍ଡ ନାମକ ଏହି ଡ୍ରୋନ୍ ଶିପ୍‌କୁ କେନ୍ଦ୍ରୀୟ ଚାଇନାର ହୁବେଇ ପ୍ରଦେଶର ରାଜଧାନୀ ଉହାନ୍‌ସ୍ଥିତ କାରଖାନାରୁ ଏପ୍ରିଲ ୮ରେ ପରୀକ୍ଷା ପାଇଁ ବାହାର କରାଯାଇଥିଲା। ସାଟେଲାଇଟ୍ ଜରିଆରେ ରିମୋଟ ଦ୍ୱାରା ନିୟନ୍ତ୍ରିତ ଏହି ମେରାଇନ୍ ଲିଜାର୍ଡକୁ ସର୍ବାଧିକ ୧୨୦୦ କିଲୋମିଟର ଦୂରତା ମଧ୍ୟରେ ଚଳାଚଳ କରାଯାଇପାରିବ। ୧୨ମିଟର ବିଶିଷ୍ଟ ମେରାଇନ୍ ଲିଜାର୍ଡ ଡିଜେଲ୍ ଚାଳିତ ହାଇଡ୍ରୋଜେଟ୍ ଦ୍ୱାରା ଜଳଭାଗରେ ସର୍ବାଧିକ ୫୦ ନଟ୍ ବେଗରେ ଗତି କରିପାରିବ। ସ୍ଥଳଭାଗ ନିକଟବର୍ତ୍ତୀ ହେଲେ ଉକ୍ତ ଉଭୟଚର ଡ୍ରୋନ୍‌ର ନିମ୍ନଭାଗରେ ଥିବା ୪ଟି ଟ୍ରାକ୍ ୟୁନିଟ୍ ଖୋଲିଯିବ ଏବଂ ସ୍ଥଳଭାଗରେ ପ୍ରତି ଘଣ୍ଟାରେ ୨୦କି.ମି. ବେଗରେ ଗତି କରିବ।

ଚାଇନାର ପ୍ରତିରକ୍ଷା ବଜେଟ୍ ୧୭୮ ବିଲିୟନ୍ ଆମେରିକୀୟ ଡଲାର ହୋଇଥିବା ବେଳେ ୨୦ଲକ୍ଷ ସୈନ୍ୟଙ୍କୁ ନେଇ ଗଠିତ ବିଶ୍ୱର ସର୍ବବୃହତ୍ ଚାଇନା ସାମରିକ ବିଭାଗ କିଛିବର୍ଷ ହେଲା ଆଧୁନିକ ଅସ୍ତ୍ର ବିକାଶ ଉପରେ ଗୁରୁତ୍ୱ ଦେଇ ଆସୁଛି।

# ଧରିତ୍ରୀ
DHARITRI

ବ୍ରହ୍ମପୁର, ମଙ୍ଗଳବାର, ଏପ୍ରିଲ ୧୬/୨୦୧୯ | Berhampur, Tuesday, April 16/2019 | ପୃଷ୍ଠା-୧




## ନିଜକୁ ଭାଗ୍ୟବତୀ ମନେକରନ୍ତି ବିପାଶା

ଅଭିନେତ୍ରୀ ବିପାଶା ବସୁ ସ୍ୱାମୀ କରନ୍ ସିଂ ଗ୍ରୋଭରଙ୍କ ପାଇଁ ନିଜକୁ ଭାଗ୍ୟବତୀ ମନେକରନ୍ତି ବୋଲି ପ୍ରକାଶ କରିଛନ୍ତି।


୦୨



୧୫


## ସର୍ବୋଚ୍ଚ ସ୍ତର ଛୁଇଁଛି ରପ୍ତାନି : ପ୍ରଭୁ

ଦେଶର ରପ୍ତାନି ଗତ ଆର୍ଥିକ ବର୍ଷରେ ସର୍ବୋଚ୍ଚ ସ୍ତର ଛୁଇଁଛି। ଏହି ଅବଧିରେ ରପ୍ତାନି ୫୪୦ ବିଲିୟନ ଡଲାର ହୋଇଛି ବୋଲି ବାଣିଜ୍ୟ ମନ୍ତ୍ରୀ ସୁରେଶ ପ୍ରଭୁ କହିଛନ୍ତି।





# ଆଇସିସି ବିଶ୍ୱକପ୍: ବିରାଟ କୋହଲି ଅଧିନାୟକ

ମୁମ୍ବାଇ, ୧୫।୪(ପି.ଟି.)

ଆଇସିସି କ୍ରିକେଟ ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ମେ ୩୦ରୁ ଇଂଲଣ୍ଡରେ ଆରମ୍ଭ ହେବ। ଏହା ଜୁଲାଇ ୧୪ ପର୍ଯ୍ୟନ୍ତ ଚାଲିବ। କ୍ରିକେଟର ମହାକୁମ୍ଭ ଭାବେ ପରିଚିତ ଏହି ମେଗା ଇଭେଣ୍ଟ ପାଇଁ ସୋମବାର ୧୫ ଜଣିଆ ଭାରତୀୟ ଦଳ ଘୋଷିତ ହୋଇଛି। ବିରାଟ କୋହଲି ପ୍ରଥମଥର ପାଇଁ ବିଶ୍ୱକପରେ ଭାରତୀୟ ଦଳର ନେତୃତ୍ୱ ନେବାକୁ ଯାଉଥିବାବେଳେ ରୋହିତ ଶର୍ମାଙ୍କୁ ତାଙ୍କ ଡେପୁଟି ଭାବେ ନିଯୁକ୍ତ କରାଯାଇଛି। ବିଶ୍ୱକପରେ ଆୟୋଜକ ଇଂଲଣ୍ଡ ସମେତ ଦକ୍ଷିଣ ଆଫ୍ରିକା, ଭାରତ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ବାଂଲାଦେଶ, ଶ୍ରୀଲଙ୍କା, ଆଫଗାନିସ୍ତାନ ଓ ୱେଷ୍ଟଇଣ୍ଡିଜ ଅଂଶଗ୍ରହଣ କରିବେ। ଜୁନ ୫ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ମ୍ୟାଚ ଖେଳି ଭାରତ ଏହାର ବିଶ୍ୱକପ ଅଭିଯାନ ଆରମ୍ଭ କରିବ। ଭାରତୀୟ ଦଳରେ ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ରୋହିତ୍ ଶର୍ମା (ଉପ-ଅଧିନାୟକ), ଲୋକେଶ ରାହୁଲ, ମହେନ୍ଦ୍ର ସିଂ ଧୋନୀ (ଉଇକେଟ୍‌କିପର), କେଦାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା, ବିଜୟ ଶଙ୍କର, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ମହମ୍ମଦ ସାମି, ଯଶପ୍ରୀତ୍ ବୁମ୍‌ରା, ଭୁବନେଶ୍ୱର କୁମାର, ଦୀନେଶ କାର୍ତ୍ତିକ, ରବୀନ୍ଦ୍ର ଜାଡେଜା ସାମିଲ ହୋଇଛନ୍ତି।


(ସମ୍ପୂର୍ଣ୍ଣ ରିପୋର୍ଟ ଖେଳ ପୃଷ୍ଠା)


# ସ୍ୱାଭାବିକ ହେବ ମୌସୁମୀ ବର୍ଷା

ନୂଆଦିଲ୍ଲୀ, ୧୫।୪ (ପି.ଟି.)



କୃଷକମାନଙ୍କ ଲାଗି ଖୁସି ଖବର। ଚଳିତ ବର୍ଷ ମୌସୁମୀ ବର୍ଷା ପାଖାପାଖି ସ୍ୱାଭାବିକ ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ସୋମବାର ପୂର୍ବାନୁମାନ କରିଛି। ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ଦେଶର ସବୁ ଭାଗରେ ଭଲ ବର୍ଷା ହେବ ବୋଲି ପାଣିପାଗ ବିଭାଗ କହିଛି। ଦୀର୍ଘମିଆଦୀ ହାରାହାରି (ଏଲ୍‌ପିଏ) ବୃଷ୍ଟିପାତ ହାର ୯୬ ପ୍ରତିଶତ ରହିବ ବୋଲି ପୂର୍ବାନୁମାନ କରାଯାଇଥିବାବେଳେ ଏହାଠାରୁ ୫ ପ୍ରତିଶତ କମ୍ କିମ୍ବା ବେଶି ହୋଇପାରେ ବୋଲି କୁହାଯାଇଛି।

୧୯୫୧ରୁ ୨୦୦୦ ପର୍ଯ୍ୟନ୍ତ ୫୦ ବର୍ଷର ଏଲ୍‌ପିଏକୁ ଅନୁଧ୍ୟାନ କଲେ ଦକ୍ଷିଣ-ପଶ୍ଚିମ ମୌସୁମୀ ବର୍ଷା ୮୯ ସେଣ୍ଟିମିଟର ରହୁଛି। ମୌସୁମୀ ବର୍ଷା ଏଲ୍‌ପିଏର ୯୬ରୁ ୧୦୪ ପ୍ରତିଶତ ମଧ୍ୟରେ ରହିଲେ ଏହାକୁ ସ୍ୱାଭାବିକ ଧରାଯାଇଥାଏ। ସେହିପରି ୯୦ରୁ ୯୬ ପ୍ରତିଶତ ବୃଷ୍ଟିପାତକୁ ସ୍ୱାଭାବିକ୍‌ରୁ କମ୍ ବୋଲି କୁହାଯାଇଥାଏ। ସ୍ୱାଭାବିକ ବର୍ଷା ସାଙ୍ଗକୁ ସବୁ ଅଞ୍ଚଳରେ ବୃଷ୍ଟିର ଉତ୍ତମ ବଣ୍ଟନ ସମ୍ଭାବନା ଥିବାରୁ କୃଷି ସେକ୍ଟର ପାଇଁ ଭଲ ଖବର ବୋଲି ମୌସୁମୀ ବର୍ଷା ସମ୍ପର୍କିତ ପୂର୍ବାନୁମାନ ଜାରି କରିବା ଅବସରରେ ଭୂବିଜ୍ଞାନ ମନ୍ତ୍ରଣାଳୟ ସଚିବ ଏମ୍. ରାଜୀବନ ଏବଂ ଆଇଏମ୍‌ଡି ମହାନିର୍ଦ୍ଦେଶକ କେ.ଜେ. ରମେଶ କହିଛନ୍ତି। ପୂର୍ବ ଦୁଇ ବର୍ଷରେ ମୌସୁମୀ ବର୍ଷା ସ୍ୱାଭାବିକ୍‌ଠାରୁ କମ୍ ଥିଲା। ଗତବର୍ଷ ୯୭ ପ୍ରତିଶତ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲେ ହେଁ ଏହା ପାଖାପାଖି ୯୧ ପ୍ରତିଶତ ହୋଇଥିଲା। ଚଳିତ ବର୍ଷ ମରୁଡି ସମ୍ଭାବନା ମାତ୍ର ୧୭ ପ୍ରତିଶତ ରହିଥିବାବେଳେ ପାଖାପାଖି ସ୍ୱାଭାବିକ୍ ବୃଷ୍ଟିପାତ ସମ୍ଭାବନା ୩୯ ପ୍ରତିଶତ ରହୁଛି। ୨୦୧୪-୧୫ ଏବଂ ୨୦୧୫-୧୬ରେ ସ୍ୱାଭାବିକଠାରୁ ୧୦ ପ୍ରତିଶତ କମ୍ ବର୍ଷା ହେବାରୁ କେତେକ ଅଞ୍ଚଳରେ ମରୁଡି ଦେଖାଦେଇଥିଲା। ୨୦୧୬-୧୭ରେ ସ୍ୱାଭାବିକ ବର୍ଷା ହେବାରୁ ଖାଦ୍ୟଶସ୍ୟ ଉତ୍ପାଦନ ୨୭୫.୧୧ ନିୟୁତ ଟନ୍‌ରେ ପହଞ୍ଚିଥିଲା। ୨୦୧୭-୧୮ ଏବଂ ୨୦୧୮-୧୯ରେ ସ୍ୱାଭାବିକ୍‌ଠାରୁ କମ୍ ବର୍ଷା ହୋଇଥିଲେ ମଧ୍ୟ ଖାଦ୍ୟଶସ୍ୟ ଉତ୍ପାଦନ ଯଥାକ୍ରମେ ୨୮୪.୮୩ ନିୟୁତ ଟନ୍ ଏବଂ ୨୮୧.୩୭ ନିୟୁତ ଟନ୍ ରହିଥିଲା।

ଏଲ୍ ନିନୋ ପ୍ରଭାବରୁ ଚଳିତ ବର୍ଷ ସ୍ୱାଭାବିକ୍‌ଠାରୁ କମ୍ ବର୍ଷା ହେବ ବୋଲି ଗତ ୩ ତାରିଖରେ ଘରୋଇ ପାଣିପାଗ ସଂସ୍ଥା ସ୍କାଏମେଟ୍ ୱେଦର ପକ୍ଷରୁ ପୂର୍ବାନୁମାନ କରାଯାଇଥିଲା। ଏଥିରେ ବୃଷ୍ଟିପାତ ହାର ଏଲ୍‌ପିଏର ୯୩% ରହିବ ବୋଲି କୁହାଯାଇଥିଲା। ତେବେ ଏଲ୍ ନିନୋ ସ୍ଥିତି ଦୁର୍ବଳ ରହିବା ସମ୍ଭାବନା ଥିବାରୁ ମୌସୁମୀ ବର୍ଷାକୁ ପ୍ରଭାବିତ କରିବ ନାହିଁ ବୋଲି ଉଭୟ ରମେଶ ଓ ରାଜୀବନ କହିଛନ୍ତି।

## ଆଜିର ସମ୍ପାଦକୀୟ

### ସମାଧାନକାରୀ ନୁହେଁ, ସୃଷ୍ଟିକର୍ତ୍ତା

## ଆଜିର ମନ୍ତବ୍ୟ

"ରାଫାଲ ପ୍ରସଙ୍ଗରେ ସୁପ୍ରିମକୋର୍ଟ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ମିଛ ଧରାପକାଇ ଦେଇଛନ୍ତି।

-ଅମିତ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ


NECC NATIONAL EGG CO-ORDINATION COMMITTEE | 15.04.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 89 | 144 | 154 |
| CTC | 89 | 144 | 154 |
| DKL | 88 | 142 | 152 |
| BDK | 90 | 145 | 155 |
| BLS | 92 | 148 | 158 |
| ANG | 88 | 142 | 152 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers


## ■ ଭାଜପା ନେତା ମଙ୍ଗୁଳି ଜେନା ହତ୍ୟା ଘଟଣା

# ଖୋର୍ଦ୍ଧାରେ ଉତ୍ତେଜନା, ୬ ଘଣ୍ଟିଆ ବନ୍ଦ

### ପ୍ରାକ୍ ନିର୍ବାଚନୀ ହିଂସା

- ହତ୍ୟାକାରୀଙ୍କ ଗିରଫ ଦାବିରେ ଥାନା ଘେରାଉ
- ଜାତୀୟ ରାଜପଥ ସମେତ ବିଭିନ୍ନ ସ୍ଥାନରେ ରାସ୍ତାରୋକୋ
- ଆଇଜିଙ୍କ ସମୀକ୍ଷା, ସାଇବର ସେଲ୍ ଓ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ
- ଘଟଣାକୁ ନିନ୍ଦା କଲେ ମୁଖ୍ୟମନ୍ତ୍ରୀ
- ବିଜେଡି, ନବୀନଙ୍କୁ ସମାଲୋଚନା କଲେ ନିରଞ୍ଜନ ଓ ଧର୍ମେନ୍ଦ୍ର

ଖୋର୍ଦ୍ଧା ଅଫିସ,୧୫।୪

ଖୋର୍ଦ୍ଧା ବିଧାନସଭା ଆସନ ପାଇଁ ଆସନ୍ତା ୨୩ ତାରିଖରେ ହେବ ନିର୍ବାଚନ। ଏହାପୂର୍ବରୁ ଦେଖିବାକୁ ମିଳିଛି ପ୍ରାକ୍ ନିର୍ବାଚନୀ ହିଂସା। ଗଡ଼ିଛି ଜଣେ ଭାଜପା ନେତାଙ୍କ ମୁଣ୍ଡ। ସେ ହେଉଛନ୍ତି ଏହି ନିର୍ବାଚନମଣ୍ଡଳୀର ୯ନଂ. ଜୋନ ଭାଜପା ମଣ୍ଡଳ ସଭାପତି ତଥା ନିରାକାରପୁର ଥାନା ବଡ଼ପୋଖରିଆର ପୂର୍ବତନ ସରପଞ୍ଚ ମଙ୍ଗୁଳି ଜେନା। ତାଙ୍କୁ ରବିବାର ରାତିରେ ଗୁଳିକରି ହତ୍ୟା କରାଯାଇଛି। ଖୋର୍ଦ୍ଧା ଆଦର୍ଶଥାନା ଅନ୍ତର୍ଗତ ନବୀନାବାଗରେ ଘଟିଥିବା ଏହି ଘଟଣାକୁ ନେଇ ଜିଲାର ବିଭିନ୍ନ ସ୍ଥାନରେ ଉତ୍ତେଜନା ଦେଖାଦେଇଛି। ହତ୍ୟାକାରୀ ଓ ମୁଖ୍ୟ ଷଡ଼ଯନ୍ତ୍ରକାରୀଙ୍କୁ ଗିରଫ ଦାବିରେ ଜିଲାର ଏକାଧିକ ସ୍ଥାନରେ ରାସ୍ତାରୋକୋ ସହ ଥାନା ଘେରାଉ କରାଯାଇଥିଲା। ସେହିଭଳି ଘଟଣାର ପ୍ରତିବାଦରେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ସୋମବାର ୬ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ଅନ୍ୟପକ୍ଷରେ ଖୋର୍ଦ୍ଧା ଆଦର୍ଶ ଥାନାରେ ଆଇପିସି ଦଫା ୩୦୨, ୩୪ ସହ ୨୫ ଓ ୨୭ ଆର୍ମସ ଆକ୍ଟ ଅନୁଯାୟୀ ମାମଲା (ନଂ. ୧୧୯/୧୯) ରୁଜୁ ହୋଇଛି। କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ତଦାରଖରେ ଥାନାଧିକାରୀ ତଦନ୍ତ ଆରମ୍ଭ କରିଛନ୍ତି। ଏସ୍‌ପି ଅମୂଲ୍ୟ ଦାସ ଓ ଏସ୍‌ଡିପିଓ ସୁଶୀଲ ମିଶ୍ର ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏ ନେଇ ୪ଟି ଟିମ୍ ଗଠନ କରାଯାଇଥିବାବେଳେ ସାଇବର ସେଲ୍ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତରେ ସହଯୋଗ କରୁଥିବା ଆଇଜି ପ୍ରିୟଦର୍ଶୀ କହିଛନ୍ତି। ମିଳିଥିବା ସୂଚନାନୁସାରେ, ହତ୍ୟାକାଣ୍ଡ ପରଠାରୁ ରବିବାର ରାତି ୨ଟାରୁ ଖୋର୍ଦ୍ଧା ଆଦର୍ଶ ଥାନା ଘେରାଉ କରାଯିବା ସହ ଏହା ସମ୍ମୁଖରେ ଭାଜପା କର୍ମୀମାନେ ରାସ୍ତାରୋକୋ ଓ ଧାରଣା ଦେଇଥିଲେ। ଭାଜପା ମୁଖପାତ୍ର ସୁଦୀପ୍ତ ରାୟ ଓ ଭାଜପା ପ୍ରାର୍ଥୀ କାଳୁ ଚରଣ ଖଣ୍ଡେଇତରାୟଙ୍କ ନେତୃତ୍ୱରେ ହୋଇଥିବା ଏହି ଧାରଣା ସୋମବାର ମଧ୍ୟାହ୍ନ ପର୍ଯ୍ୟନ୍ତ ଚାଲିଥିଲା। ସେହିଭଳି ସକାଳ ୮ଟାରୁ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ


☞ପୃଷ୍ଠା-୨





## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: .............................


ଅଙ୍କିତ୍
ପରିବାରବର୍ଗ


ପିହୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନିଜକୁ ଭାଗ୍ୟବତୀ ମନେକରନ୍ତି ବିପାଶା



**ନୂଆଦିଲ୍ଲୀ**

୩ ବର୍ଷ ତଳେ ବିବାହ କରିଥିବା ଅଭିନେତ୍ରୀ ବିପାଶା ବସୁ ସ୍ୱାମୀ କରନ୍ ସିଂ ଗ୍ରୋଭରଙ୍କ ପାଇଁ ନିଜକୁ ଭାଗ୍ୟବତୀ ମନେକରନ୍ତି ବୋଲି ପ୍ରକାଶ କରିଛନ୍ତି। କାରଣ କରନ୍ ମହିଳା-ପୁରୁଷ ମଧ୍ୟରେ ପାତରଅନ୍ତରକୁ ବିଶ୍ୱାସ କରନ୍ତି ନାହିଁ। ୨୦୧୫ରେ ସେ କରନ୍‌ଙ୍କ ସହିତ ପ୍ରଥମେ ଡେଟିଂ ଆରମ୍ଭ କରିଥିଲେ। ୨୦୧୬ ଏପ୍ରିଲ ୩୦ରେ ଦୁହିଁଙ୍କର ବିବାହ ହୋଇଥିଲା। ଉକ୍ତ ବାହାଘର ନେଇ ଖୁବ୍ ଖୁସି ପ୍ରକାଶ କରନ୍ତି ବିପାଶା। ସେ କହନ୍ତି, ଜୀବନସାଥୀ ସବୁଠୁ ଭଲ ହେବା ଖୁବ୍ ଗୁରୁତ୍ୱପୂର୍ଣ୍ଣ। କାରଣ ଉଭୟ ଦୁଃଖସୁଖରେ ସମଭାଗୀ ହେଲେ ଦାମ୍ପତ୍ୟ ଜୀବନ ସୁଖମୟ ହୋଇଥାଏ। ସ୍ତ୍ରୀସ୍ୱାମୀଙ୍କ ମଧ୍ୟରୁ କେହି ଜଣେ ଘରକୁ ଫେରିବା ବେଳକୁ ଅନ୍ୟଜଣେ ତା' ବାଟକୁ ଚାହିଁ ବସିଥିଲେ ଏହା ଖୁବ୍ ଆନନ୍ଦ ଦେଇଥାଏ ବୋଲି ବିପାଶା ପ୍ରକାଶ କରିଛନ୍ତି।

୪୦ବର୍ଷ ବୟସ୍କା ବିପାଶା ତାଙ୍କ ସ୍ୱାମୀଙ୍କୁ ପ୍ରଶଂସା ନ କରି ରହିପାରନ୍ତି ନାହିଁ। କାରଣ ପ୍ରତ୍ୟେକ କାର୍ଯ୍ୟରେ କରନ୍ ତାଙ୍କୁ ସହାୟତା କରନ୍ତି ବୋଲି ବିପାଶା କହିଛନ୍ତି। ସେ ୨୦୧୫ରେ ହରର୍ ଫିଲ୍ମ 'ଆଲନ୍' ଶୁଟିଂସେଟ୍‌ରେ କରନ୍‌ଙ୍କୁ ପ୍ରଥମକରି ଭେଟିଥିଲେ। ଉଭୟ ଆଗାମୀ ଫିଲ୍ମ 'ଆଦତ'ରେ ଏକାଠି ଅଭିନୟ କରିବାକୁ ଯାଉଛନ୍ତି।

# ଝାଡ଼ଖଣ୍ଡରେ ଏନ୍‌କାଉଣ୍ଟର



ଏନ୍‌କାଉଣ୍ଟର ବେଳେ ମାଓବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନ ବିଶ୍ୱଜିତ ଚୌହାନଙ୍କୁ ବରିଷ୍ଠ ଅଧିକାରୀମାନେ ଝାଡ଼ଖଣ୍ଡର ରାଞ୍ଚିସ୍ଥିତ ୧୩୩ ସିଆର୍‌ପିଏଫ୍ ବାଟାଲିୟନ୍ ମୁଖ୍ୟାଳୟରେ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।

- ୩ ମାଓବାଦୀ ନିହତ
- ସିଆର୍‌ପିଏଫ୍ ଯବାନ ଶହୀଦ

ରାଞ୍ଚି,୧୫।୪(ପି.ଟି.)

ଝାଡ଼ଖଣ୍ଡର ଗିରିଡିହ ଜିଲାରେ ସୋମବାର ଏନ୍‌କାଉଣ୍ଟରରେ ୩ ମାଓବାଦୀ ନିହତ ହୋଇଥିବାବେଳେ ସିଆର୍‌ପିଏଫ୍‌ର ଜଣେ ଯବାନ ଶହୀଦ ହୋଇଛନ୍ତି। ସିଆର୍‌ପିଏଫ୍‌ର ସପ୍ତମ ବାଟାଲିୟନ ପକ୍ଷରୁ ମାଓବାଦୀ ଦମନ କାର୍ଯ୍ୟାନୁଷ୍ଠାନ ଚାଲିଥିବାବେଳେ ସୋମବାର ସକାଳ ୬ଟାରେ ବେଲଭା ଘାଟ ଜଙ୍ଗଲ ମଧ୍ୟରେ ଏନ୍‌କାଉଣ୍ଟର ହୋଇଥିଲା। ଏନ୍‌କାଉଣ୍ଟର ସ୍ଥଳରୁ ତିନି ମାଓବାଦୀଙ୍କ ମୃତଦେହ, ଗୋଟିଏ ଏକେ-୪୭ ରାଇଫଲ, ତିନୋଟି ମାଗାଜିନ, ୪ ପାଇପ୍ ବୋମା ଉଦ୍ଧାର ହୋଇଛି। ଶହୀଦ ହୋଇଥିବା ସିଆର୍‌ପିଏଫ୍ କନ୍‌ଷ୍ଟେବଲ ବିଶ୍ୱଜିତ ଚୌହାନଙ୍କ ଘର ଆସାମର ଉଡାଲଗୁରିରେ ବୋଲି ଜଣାପଡିଛି। ଝାଡ଼ଖଣ୍ଡରେ ଶେଷ ୪ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି।

# ସ୍ୱାଧୀନତା ସଂଗ୍ରାମୀଙ୍କ ପରଲୋକ

**ଦିଗପହଣ୍ଡି,୧୫।୪ (ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଦିଗପହଣ୍ଡି ସହରର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମୀ ନାରାୟଣ ମିଶ୍ରଙ୍କ ରବିବାର ସନ୍ଧ୍ୟାରେ ପରଲୋକ ଘଟିଛି। ଗୋଆ ମୁକ୍ତି ଆନ୍ଦୋଳନର ନେତା ଭାବେ ସେ କାରାବରଣ କରିଥିଲେ। ସୁଭାଷ ବୋଷଙ୍କ ଆଜାଦ୍ ହିନ୍ଦ୍ ଫୌଜର ସୈନିକ ଭାବେ ସେ ଭାରତର ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ । ପରବର୍ତ୍ତୀ ଅବସ୍ଥାରେ ପ୍ରଧାନ ଶିକ୍ଷକ ଭାବେ ଅବସର ଗ୍ରହଣ କରିଥିଲେ । ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଦିଗପହଣ୍ଡି ସାନ ବ୍ରାହ୍ମଣ ସାହିସ୍ଥିତ ବାସଭବନରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିବା ସହ ଶବାଧାରରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ । ବହୁ ସଂଖ୍ୟକ ପ୍ରାକ୍ତନ ଛାତ୍ର ଓ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ମାଲକାନଗିରି ଶିଶୁମୃତ୍ୟୁ ମାମଲା
# ଖର୍ଚ୍ଚର ହିସାବ ମାଗିଲେ ହାଇକୋର୍ଟ

କଟକ ଅଫିସ, ୧୫।୪- ମାଲକାନଗିରି ଜିଲାରେ ୨୦୦୭-୦୮ରୁ ୨୦୧୧-୧୨ ମଧ୍ୟରେ ପୁଷ୍ଟିହୀନତା ଓ ଅନ୍ୟାନ୍ୟ ରୋଗରେ ୭ହଜାରରୁ ଊର୍ଦ୍ଧ୍ୱ ଶିଶୁଙ୍କ ମୃତ୍ୟୁ ଘଟିଛି। ଏହି ଶିଶୁମୃତ୍ୟୁର କାରଣ ଖୋଜିବା ପାଇଁ ସରକାର ବିଶେଷଜ୍ଞ ଦଳ ନିଯୁକ୍ତି କରିବା ସହିତ ପୁଷ୍ଟିହୀନତା ଓ ରୋଗ ସଂକ୍ରମଣକୁ ରୋକିବା ପାଇଁ ଅନେକ ପଦକ୍ଷେପ ନେଇଥିବା କହିଛନ୍ତି। ଏହାକୁ ନେଇ ଆଡଭୋକେଟ ପ୍ରବୀର ଦାସଙ୍କ ପକ୍ଷରୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ଏହି ମାମଲାରେ ହାଇକୋର୍ଟ ସରକାରଙ୍କୁ ଅପପୁଷ୍ଟି ସହିତ ରୋଗ ସଂକ୍ରମଣକୁ ରୋକିବା କ୍ଷେତ୍ରରେ କେତେ ଟଙ୍କା ଖର୍ଚ୍ଚ କରାଯାଇଛି, ତାହାର ହିସାବ ମାଗିଛନ୍ତି। ଆସନ୍ତା ମେ' ୬ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ସୂଚନାଥାଉ କି, ମାଲକାନଗିରି ଜିଲାରେ ୨୦୦୭ରୁ ୨୦୧୨ ମସିହା ମଧ୍ୟରେ ୭୪୦୦ ଶିଶୁଙ୍କ ମୃତ୍ୟୁ ଘଟିଥିବା ଆର୍‌ଟିଆଇ ତଥ୍ୟରୁ ଜଣାପଡ଼ିଥିଲା। ମୃତ୍ୟୁବରଣ କରିଥିବା ଶିଶୁମାନଙ୍କ ବୟସ ଜନ୍ମରୁ ୬ ବର୍ଷ ମଧ୍ୟରେ ଥିଲା। ଅଧିକାଂଶ ଶିଶୁ ଅପପୁଷ୍ଟି ଓ ପ୍ରତିରୋଧ ନିବାରକ ରୋଗ (ପ୍ରିଭେଣ୍ଟେବୁଲ ଡିଜିଜ୍)ର ଶିକାର ହୋଇଥିଲେ। ତଥ୍ୟ ଅନୁଯାୟୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୯୬୮, କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୪୧୧, ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୧୬୬ ଓ କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦୬୮ ଜଣ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ଆବେଦନକାରୀ ଆଡଭୋକେଟ ଦାସ ନିଜେ ଏହି ମାମଲା ପରିଚାଳନା କରୁଛନ୍ତି।

# ପ୍ରଚଣ୍ଡ ଗ୍ରୀଷ୍ମ: ୪୦ ଡିଗ୍ରୀ ଉପରେ ୧୨ ସହର

**ଭୁବନେଶ୍ୱର,୧୫।୪(ବ୍ୟୁରୋ)**

ରାଜ୍ୟରେ ତାତି ଅସହ୍ୟ ହେଲାଣି । ସବୁଠି ଗ୍ରୀଷ୍ମ ପ୍ରବାହ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ତତଲା ହାୱା ସାଙ୍ଗକୁ ଗୁଳୁଗୁଳି ପରିବେଶକୁ ଉତ୍ତପ୍ତ କରି ପକାଇଛି। କେବଳ ପଶ୍ଚିମ କିମ୍ବା ଆଭ୍ୟନ୍ତରୀଣ ଓଡ଼ିଶା ନୁହେଁ ଉପକୂଳ ଓ ଦକ୍ଷିଣ ଓଡ଼ିଶା ମଧ୍ୟ ପ୍ରଚଣ୍ଡ ଗ୍ରୀଷ୍ମରେ ତ୍ରାହି ତ୍ରାହି ଡାକୁଛି। ଗତ ଦୁଇଦିନରେ ପାରଦ ୩ରୁ ୪ ଡିଗ୍ରୀ ସେଲସିୟସ ବଢିଗଲାଣି। ରାଜ୍ୟର ୧୨ଟି ସହରରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୦ରୁ ୪୩ ଡିଗ୍ରୀ ସେଲସିୟସ ମଧ୍ୟରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସୋମବାର ତାଳଚେରରେ ରାଜ୍ୟର ସର୍ବାଧିକ ତାପମାତ୍ରା ୪୩.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

## କିଛି ତଥ୍ୟ

୨୦୧୮-୧୯ ଆର୍ଥିକ ବର୍ଷରେ ଖଦି ସାମଗ୍ରୀ ବିକ୍ରି ୨୮% ବଢି ୩୨୧୫ କୋଟି ଟଙ୍କା ଛୁଇଁଛି।

– ଖଦି ଏବଂ ଗ୍ରାମଦ୍ୟୋଗ କମିଶନ

## ପ୍ରଥମ ପୃଷ୍ଠାରୁ...

# ଖୋର୍ଦ୍ଧାରେ ଉତ୍ତେଜନା...

ସମ୍ମୁଖରେ ଆନ୍ଦୋଳନକାରୀମାନେ ଟାୟାର ଜାଳିବା ସହ ରାସ୍ତା ଉପରେ ବାଇକ ରଖି ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥର ନୟାଗଡ଼ ରୋଡ୍‌ସ୍ଥିତ ଚଣ୍ଡିଚୁଆଠାରେ ରାଜପଥକୁ ମଧ୍ୟ ଦୀର୍ଘ ସମୟ ଧରି ଅବରୋଧ କରାଯାଇଥିଲା। ଫଳରେ ନୂଆ ବସ୍‌ଷ୍ଟାଣ୍ଡ ରାସ୍ତା ସମେତ ସହରର ବିଭିନ୍ନ ରାସ୍ତାରେ ଯାନବାହନ ସହ ଆମ୍ବୁଲାନ୍ସ ମଧ୍ୟ ଅଟକି ରହିଥିବା ଦେଖିବାକୁ ମିଳିଥିଲା। ରୋଗୀମାନେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ନ ପାରି ହଟହଟା ହୋଇଥିଲେ। ଭାଜପା ପ୍ରାର୍ଥୀ ଖଣ୍ଡେଇତରାୟଙ୍କ ନେତୃତ୍ୱରେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାକାରୀମାନେ ବିଜେଡି ବିରୋଧରେ ନାନା ନାରା ଦେଇ ବନ୍ଦ ଡାକରା ଦେଇଥିଲେ। ଫଳରେ ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। କୋଲକାତା-ଚେନ୍ନାଇ ୧୬ ନଂ. ଜାତୀୟ ରାଜପଥର ନିରାକାରପୁର ଥାନା ବଡ଼ପୋଖରିଆ ଅଞ୍ଚଳରେ ଅନୁରୂପ ଭାବେ ସକାଳୁ ରାସ୍ତାରୋକୋ ଚାଲୁ ରହିଥିଲା। ୪ଦିନ ଭିତରେ ହତ୍ୟାକାରୀଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ଦାସ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୪ଟା ୧୫ରେ ରାସ୍ତା ଅବରୋଧ ହଟିଥିଲା।

ଅନ୍ୟପକ୍ଷରେ ଘଟଣାକୁ ନେଇ ମୃତକଙ୍କ ଭାଇ ବିଷ୍ଣୁ ଚରଣ ଜେନା ଖୋର୍ଦ୍ଧା ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏତଲାରେ ଉଲ୍ଲେଖ ରହିଛି ଯେ, ମଙ୍ଗୁଳିଙ୍କ ସହ ବିଷ୍ଣୁ ରବିବାର ରାତିରେ ଭାଜପା ପ୍ରାର୍ଥୀ ଖଣ୍ଡେଇତରାୟଙ୍କ ନବୀନାବାଗ ଗାନ୍ଧୀପଡିଆସ୍ଥିତ ବାସଭବନରେ ପହଞ୍ଚି କଥାବାର୍ତ୍ତା ହୋଇଥିଲେ। ରାତି ପ୍ରାୟ ସାଢ଼େ ୧୧ଟାରେ ଘରକୁ ଫେରିବାକୁ ସେମାନେ ଦଳର ଜଣେ କର୍ମୀ ପ୍ରଫୁଲ୍ଲ ଖଣ୍ଡେଇତରାୟଙ୍କ ସହ ବୋଲେରୋରେ ବସିଥିଲେ। ଏହି ସମୟରେ ଆଉ ଏକ ବୋଲେରୋ ଆସି ନିକଟରେ ଅଟକିଥିଲା। ସେଥିରେ କେତେଜଣ ଲୋକ ବସିଥିବାବେଳେ ଗାଡିରୁ ସଚିନ୍ ବଳିୟାରସିଂ ଓ ସରପଞ୍ଚ ସାଗର ବଳିୟାରସିଂ ବାହାରିଥିଲେ। ଏହିସମୟରେ ଜଣେ ଯୁବକ ଏକ ବାଇକ୍‌ରେ ଆସି ସଚିନ୍ ଓ ଅନ୍ୟମାନଙ୍କ ସହ କଥା ହୋଇଥିଲେ। ସେଠାରୁ ଉକ୍ତ ଯୁବକ ଜଣକ ଆସି ଭାଜପା ପ୍ରାର୍ଥୀ ଖଣ୍ଡେଇତରାୟଙ୍କ ଉପରକୁ ଗୁଳି କରିଥିଲେ। ମାତ୍ର ସେ ଖସିଯିବା ପରେ ତାଙ୍କ ବୋଲେରୋ ଉପରକୁ ୩ରୁ ୪ରାଉଣ୍ଡ ଗୁଳିମାଡ଼ ହୋଇଥିଲା। ସେଥିରୁ ୨ଟି ଗୁଳି ମଙ୍ଗୁଳିଙ୍କ ବାମ ପିଞ୍ଜରା ଓ ବାହୁରେ ବାଜିଥିଲା। ଅନ୍ୟ ଏକ ଗୁଳି ବିଷ୍ଣୁ ବସିଥିବା ଗାଡି ସିଟ୍‌ରେ ବାଜିଥିଲା। ପରେ ଗୁଳି ଚଳାଇଥିବା ଯୁବକ ଅନ୍ୟ ବୋଲେରୋରେ ଥିବା ଲୋକଙ୍କୁ ଇସାରା ଦେଇ ଘଟଣାସ୍ଥଳରୁ ପଳାଇଥିଲେ। ସେହି ବୋଲେରୋଟି ବିଜେଡି ପ୍ରାର୍ଥୀଙ୍କ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଅଛି। ପୂର୍ବରାଗ ଓ ରାଜନୈତିକ ଶତ୍ରୁତାକୁ ନେଇ ମଙ୍ଗୁଳିଙ୍କୁ ହତ୍ୟା କରାଯାଇଥିବା ବିଷ୍ଣୁ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

ଘଟଣା ସଂକ୍ରାନ୍ତରେ ଖୋର୍ଦ୍ଧା ଭାଜପା ପ୍ରାର୍ଥୀ ଖଣ୍ଡେଇତରାୟ ଗଣମାଧ୍ୟମରେ ଭିନ୍ନ ଭିନ୍ନ ବିବୃତି ଦେଇଛନ୍ତି। ହତ୍ୟାକାରୀ ଗାମୁଛା ଘୋଡାଇ ଆସିଥିବା ସେ କହୁଥିବାବେଳେ ଅନ୍ୟ ଏକ ବିବୃତିରେ ହେଲ୍‌ମେଟ ପିନ୍ଧି ଗାଡିରେ ଆସିଥିବା କହିଛନ୍ତି। ସେ କହିଛନ୍ତି, 'ରବିବାର ରାତି ପ୍ରାୟ ୧୧ଟା ୨୦ରେ ଗାନ୍ଧୀପଡିଆସ୍ଥିତ ମୋ ଘରର ଉପର ମହଲାରେ ଆମେ ବସିଥିଲୁ। ପରେ ତଳକୁ ଆସି ମଙ୍ଗୁଳିଙ୍କ ସହ ମୁଁ କଥା ହେଉଥିଲି। ଏହି ସମୟରେ ସେଠାରେ ପ୍ରାୟ ୧୦ରୁ ୧୫ଜଣ ଲୋକ ଥିଲେ। ମଙ୍ଗୁଳିଙ୍କ ସହ ଟାଙ୍ଗୀ ଅଞ୍ଚଳର ମୋର ଜଣେ ସହଯୋଗୀ ଯାଇଥାନ୍ତେ। ଏହି ସମୟରେ ମୁହଁରେ ଗାମୁଛା ପକାଇ ଦୁଇ ଜଣ ବାଇକରେ ଆସିଲେ। ସେମାନଙ୍କ ମଧ୍ୟରୁ ଜଣେ ଗୁଳି ଚଳାଇଥିଲେ। ଗୁଳିଟା ମୋ ପାର୍ଶ୍ୱଦେଇ ପଳାଇଲା।



ମଙ୍ଗୁଳି ଜେନାଙ୍କ ହତ୍ୟା ପ୍ରତିବାଦରେ ଖୋର୍ଦ୍ଧା ଥାନା ସମ୍ମୁଖରେ ଧାରଣାରେ ବସିଥିବା ଭାଜପା କର୍ମୀ।

ମୁଁ ବୋଉଲୋ କହି ପଳାଇ ଆସିଲି। ସେହି ସମୟରେ ଗାଡି ଭିତରେ ମଙ୍ଗୁଳି ଜେନାଙ୍କୁ ୨ ରାଉଣ୍ଡ ଗୁଳି ହୋଇଥିଲା। ସେ ଗାଡି ଭିତରେ ଢଳି ପଡିଥିଲେ।'

ହତ୍ୟାକାଣ୍ଡକୁ ନେଇ ସୋମବାର ଦିନତମାମ ଉତ୍ତେଜନା ଲାଗି ରହିଥିବାବେଳେ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଖୋର୍ଦ୍ଧା ଏସ୍‌ପିଙ୍କ କାର୍ଯ୍ୟାଳୟରେ ସମୀକ୍ଷା କରିବା ସହ ଭୁବନେଶ୍ୱରରେ ଡିଜିପିଙ୍କ କ୍ୟାମ୍ପ୍ ଅଫିସ୍‌ରେ ଖବରଦାତା ସମ୍ମିଳନୀ କରି ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଅଭିଯୋଗରେ ନିର୍ଦ୍ଦିଷ୍ଟ ଲୋକଙ୍କ ନାଁ ରହିଛି। ପୋଲିସର ପ୍ରଥମ ଲକ୍ଷ୍ୟ ହତ୍ୟାକାରୀ ଓ ଆତତାୟୀଙ୍କୁ ଗିରଫ କରିବା। ଏଥପାଇଁ ଖୋର୍ଦ୍ଧା ଆଦର୍ଶ ଥାନାର ଆଇଆଇସିଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ଆଇଆଇସିଙ୍କୁ ସହାୟତା ପାଇଁ ୪ ଟିମ ଗଠନ ହୋଇଛି। କଟକ କ୍ରାଇମ୍‌ବ୍ରାଞ୍ଚର ସାଇବର ସେଲ ଟିମ୍ ଓ ସାଇଣ୍ଟିଫିକ୍ ଟିମ ତଦନ୍ତରେ ସହଯୋଗ କରୁଛି। ନିର୍ବାଚନକୁ କିପରି ଶାନ୍ତିଶୃଙ୍ଖଳାର ସହ ଶେଷ କରାଯିବ ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ତେବେ ଏହି ଘଟଣାରେ ରାଜନୈତିକ ସମ୍ପୃକ୍ତି ଥିବା ଅଭିଯୋଗ ରହିଥିବାରୁ ତାହାକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଇଛି। ଘଟଣାସ୍ଥଳରେ ଲାଗିଥିବା ୨ ସିସିଟିଭି ଫୁଟେଜକୁ ଯାଞ୍ଚ କରାଯାଉଛି। ତେବେ ଗୋଟିଏ ଫୁଟେଜ୍ କ୍ଲିଅର ନାହିଁ। ତୁରନ୍ତ ହତ୍ୟାକଣ୍ଡର ପର୍ଦ୍ଦାଫାଶ ହେବ ବୋଲି ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ। ଖୋର୍ଦ୍ଧାରେ ହୋଇଥିବା ହିଂସାକୁ ସେ ଦୃଢ଼ ନିନ୍ଦା କରି ଟୁଇଟ୍ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସକୁ ନିର୍ଦ୍ଦେଶ ଦେବାକୁ ନିର୍ବାଚନ କମିଶନରଙ୍କୁ ଅନୁରୋଧ କରିଛନ୍ତି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ଏହା ବିଜେଡିର ହତାଶାର ପରିଭାଷା। ଶାସକ ଦଳ ପରାଜୟ ଭୟରେ ଏଭଳି କରୁଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାଜପା ପାର୍ଟି ଅଫିସରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଶୋକ ପ୍ରକାଶ କରି କହିଛନ୍ତି ଯେ, ଦଳୀୟ କାର୍ଯ୍ୟକ୍ରମ ନେଇ ଆଲୋଚନା ବେଳେ ହୋଇଛି ଗୁଳିକାଣ୍ଡ। ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ। କିଛି ଲୋକ ହାରିବା ଭୟରେ ହିଂସାର ବାଟ ଆପଣାଇଛନ୍ତି। ଗଣତନ୍ତ୍ରରେ ବାଲଟ୍‌ର ଲଢେଇ ବୁଲେଟ୍‌ର ନୁହେଁ। ମୁଖ୍ୟମନ୍ତ୍ରୀ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। କାର୍ଯ୍ୟାନୁଷ୍ଠାନ ନେବା ପୋଲିସର କାମ, ନିର୍ବାଚନ କମିଶନଙ୍କ ନୁହେଁ। ଶାସକ ଦଳ ଭାଜପା କର୍ମୀଙ୍କୁ ହତ୍ୟା କରି ବିଜୟୀ ହେବାକୁ ଚେଷ୍ଟା କରୁଛି। ଲୋକେ ୧୧ରେ ଏହାର ଜବାବ ଦେଇଛନ୍ତି, ଆଗାମୀ ୧୮, ୨୩ ଓ ୨୯ ତାରିଖରେ ମଧ୍ୟ ଦେବେ ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ବିଜେଡିର ସମ୍ପୃକ୍ତି ଅଭିଯୋଗ ଆଣିଲା ଭାଜପା

ରାଜନୈତିକ ବିବାଦ ଓ ଶତ୍ରୁତାରୁ ଭାଜପା ନେତା ମଙ୍ଗୁଳି ଜେନାଙ୍କୁ ହତ୍ୟା କରାଯାଇଥିବା କୁହାଯାଉଥିବାବେଳେ ଏ ନେଇ ମଧ୍ୟ ମୃତକଙ୍କ ଭାଇ ଥାନାରେ କରିଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ହତ୍ୟାକାଣ୍ଡରେ ବିଜେଡିର ହାତ ରହିଥିବା ଭାଜପା ମୁଖପାତ୍ର ସୁଦୀପ୍ତ ରାୟ ଓ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ କାଳୁ ଖଣ୍ଡେଇତରାୟ ଅଭିଯୋଗ ଆଣିଛନ୍ତି। ମାତ୍ର ବିଜେଡି ପ୍ରାର୍ଥୀ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏହାକୁ ଖଣ୍ଡନ କରିଛନ୍ତି। ମିତ୍ରଙ୍କ କହିବାନୁସାରେ, ବିଜେଡି ଭଲ ସ୍ଥିତିରେ ଅଛି। ଭୋଟରଙ୍କୁ ବିଭ୍ରାନ୍ତ ଓ ବିଜେଡିକୁ ବଦନାମ କରିବାକୁ ଯୋଜନାବଦ୍ଧ ଭାବେ ଭାଜପା ଷଡ଼ଯନ୍ତ୍ର କରିଛି। ତେବେ ଏହା ଏକ ନିନ୍ଦନୀୟ ଘଟଣା। ସବୁ ପ୍ରକାରର ତଦନ୍ତକୁ ବିଜେଡି ସ୍ୱାଗତ କରୁଛି। ଏଥିରେ ଯେଉଁମାନେ ସଂପୃକ୍ତ ଅଛନ୍ତି ସେମାନଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ମିତ୍ର ଦାବି କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଏକାଦଶ ସ୍ଥାନକୁ ଚନ୍ଦ୍ରଙ୍କ ଦୃଷ୍ଟି ଆପଣଙ୍କୁ ଅର୍ଥପ୍ରାପ୍ତି, ବନ୍ଧୁ ସମ୍ପର୍କ, ସଭାସମିତି ଓ ଫଳପ୍ରଦ ଆଲୋଚନା ପାଇଁ ଉତ୍ତମ ପରିବେଶ ସୃଷ୍ଟି କରିବ। କିନ୍ତୁ ରବି ଅଶ୍ୱିନୀ ନକ୍ଷତ୍ରରେ ରହିଥିବାରୁ ଉଚ୍ଚବର୍ଗର ବ୍ୟକ୍ତି, ଗୁରୁଜନଙ୍କୁ କେନ୍ଦ୍ରକରି ପାରିବାରିକ କଳହର ଆଶଙ୍କା ଦେଖାଦେବ। କର୍ମଦିଗଟି ଭଲ ରହିଲେ ମଧ୍ୟ ପରିଚାଳନା ସମସ୍ୟାରେ ଚିନ୍ତିତ ହେବେ।

**ବୃଷ**
ଚନ୍ଦ୍ର କେନ୍ଦ୍ରରେ ଶୁକ୍ରଙ୍କ ନକ୍ଷତ୍ର ପୂର୍ବାଫାଲଗୁନୀରେ ରହି ଆପଣଙ୍କୁ କାର୍ଯ୍ୟସିଦ୍ଧି, ଅଭିଳଷିତ ଦ୍ରବ୍ୟ ପ୍ରାପ୍ତି, ମିତ୍ରବନ୍ଧୁଙ୍କ ସହାୟତା ପ୍ରଦାନ କରିପାରେ। ଆର୍ଥିକ ଉନ୍ନତି ସହ ବିଳାସ ଉପକରଣ,ନୂତନ କର୍ମାରମ୍ଭ ଓ ଧାର୍ମିକ ବାତାବରଣ ମଧ୍ୟ ସୃଷ୍ଟି କରିବ। ସଭାସମିତିରେ, ରାଜନୈତିକ ସ୍ତରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ପ୍ରତିଯୋଗିତା କାର୍ଯ୍ୟକ୍ରମରେ ସୁନାମ ଅର୍ଜନ କରିବେ।

**ମିଥୁନ**
ରାଶ୍ୟାଧିପତି କର୍ମସ୍ଥାନରେ ଶୁକ୍ର ଯୁକ୍ତ ହୋଇ ପରିବାର ସ୍ଥାନକୁ ଅବଲୋକନ କରୁଥିବାରୁ ପାରିବାରିକ ସୁଖ ସମୃଦ୍ଧି ଓ ବନ୍ଧୁଙ୍କ ସହ ଭ୍ରମଣ ଓ ନୂତନ ସ୍ଥାନ ପରିଦର୍ଶନର ମଉକା ପାଇବେ। ଆଜିର ଦୂରଯାତ୍ରା ସମୟରେ ଜାଣିଶୁଣି କେତେକ ଅପରିଚିତ ବ୍ୟକ୍ତି ସମସ୍ୟା ସୃଷ୍ଟିରେ ସହାୟକ ହୋଇପାରନ୍ତି। ଯାନବାହନ ଚାଳନା, ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତାରେ ସତର୍କତା ଅବଲମ୍ବନ କରିବା ଭଲ।

**କର୍କଟ**
ଚନ୍ଦ୍ର ମୁଖଭାବରେ ରହିଥିବାରୁ ଆଜି ଦିନଟି ଆପଣଙ୍କ ମନ ବହୁତ ଖୁସି ରହିବ। ଏପରି କି ବନ୍ଧୁ ଗହଣରେ ହସଖୁସିରେ ସମୟ କଟିବ। କୌଶଳ ପ୍ରୟୋଗ ପୂର୍ବକ କୂଟନୀତି ବଳରେ କାର୍ଯ୍ୟ ସାଧନ କରିପାରନ୍ତି। ସାମାଜିକ ସ୍ତରରେ କେତେକ ସନ୍ଦେହଜନକ ପରିସ୍ଥିତିକୁ ଲକ୍ଷ୍ୟ କରି ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରି ପାରିବେ ନାହିଁ।

**ସିଂହ**
ରାଶିରେ ବ୍ୟୟାଧିପତି ରହି ଆଜି ଆପଣଙ୍କୁ ବ୍ୟୟ ବହୁଳତା ମାଧ୍ୟମରେ ମନସ୍ତାପ ସୃଷ୍ଟି କରିପାରନ୍ତି। ଭାଗ୍ୟସ୍ଥାନରେ ରାଶ୍ୟାଧିପ ଆପଣଙ୍କ ସମସ୍ତ କାର୍ଯ୍ୟକୁ ସମ୍ମାନର ସହ ସମ୍ପନ୍ନ କରାଇବେ। ଏକାଦଶସ୍ଥ ରାହୁ ମନ୍ତ୍ରଣା ସ୍ଥାନକୁ ପ୍ରଭାବିତ କରୁଥିବାରୁ ଖଳ ଲୋକମାନଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟରେ ସଫଳତା ପାଇବେ।

**କନ୍ୟା**
ଧନକର୍ମାଧିପ ରାଶ୍ୟାଧିପ ସହ ରହିଥିବାରୁ ଆଜି ଯେଉଁ କାମରେ ହାତଦେବେ ସେଥିରେ ଆପଣ ନିଶ୍ଚିତ କୃତକାର୍ଯ୍ୟ ହେବେ। ପାରିବାରିକ କ୍ଷେତ୍ର, ଜମିଜମା ବ୍ୟବସାୟ, ବିଦ୍ୟୁତ୍, ଇଟାଭାଟି, ସମ୍ପର୍କୀୟ କ୍ଷେତ୍ର ମଧ୍ୟ ବିବାଦୀୟ ରହିବ। ଅଭାବ ରହିଲେ ମଧ୍ୟ ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ପାଇବାରେ କୌଣସି ଅସୁବିଧା ହେବ ନାହିଁ। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**ତୁଳା**
ଆଜିର ଚନ୍ଦ୍ର ଆପଣଙ୍କ ସକାଶେ ଅନୁକୂଳ ବାତାବରଣ ସୃଷ୍ଟି କରି ମାନସିକ ଓ ଶାରୀରିକ ସୁସ୍ଥତା ରଖିବେ। ସପ୍ତମାଧିପ ମଙ୍ଗଳ ଦୁଃସ୍ଥାନରେ ରହି ଆପଣଙ୍କ ଅର୍ଥ ଓ ପାରିବାରିକ ସମ୍ପର୍କକୁ କ୍ଷୁଣ୍ଣ କରିପାରନ୍ତି। ବନ୍ଧୁମାନଙ୍କୁ ଗଠନ ମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ବିଛା**
କର୍ମସ୍ଥାନରେ ଭାଗ୍ୟାଧିପତି ଆପଣଙ୍କ ପ୍ରତ୍ୟେକ କର୍ମକୁ ବାଧାମୁକ୍ତ କରାଇବା ସହ ଆଶା ପୂରଣରେ ସହାୟକ ହେବେ। ପ୍ରତ୍ୟେକ ସ୍ତରରେ ଆଲୋଚନା ପରିସରରେ ଯୁକ୍ତିଯୁକ୍ତ କଥା କହି ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିପାରିବେ। ସାମାଜିକ ସ୍ତରରେ ବ୍ୟକ୍ତିବିଶେଷଙ୍କୁ ପ୍ରୀତ କରାଇ ପ୍ରଶଂସିତ ହୋଇପାରନ୍ତି। ବହୁ ପ୍ରତୀକ୍ଷିତ ଖବରଟି ଆକସ୍ମିକ ଭାବରେ ପାଇ ଖୁସି ହେବେ।

**ଧନୁ**
ଅନୁକୂଳ ସ୍ଥିତିରେ ଭାଗ୍ୟାଧିପ ଆପଣଙ୍କ ଉଦ୍ୟମକୁ ସାକାର କରିବା ପାଇଁ ସୁସ୍ଥ ବାତାବରଣ ସୃଷ୍ଟି କରିବେ। ଚନ୍ଦ୍ରଙ୍କ ପ୍ରଭାବରେ ମାନସିକ ସ୍ଥିତି ଭଲ ରହିବା ସାଙ୍ଗକୁ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ପାପଯୁକ୍ତ ବୃହସ୍ପତିଙ୍କ ଯୋଗୁ ସାମାନ୍ୟ ଶାରୀରିକ ପୀଡ଼ା ଅନୁଭବ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ହୋଟେଲ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**ମକର**
ଆଜି ଅଷ୍ଟମସ୍ଥ ଚନ୍ଦ୍ର ଆପଣଙ୍କ ମାନସିକ ସ୍ଥିତିକୁ ବିଗାଡି ଦେଇପାରେ। ଯେତେ ପ୍ରକାରର ସୁବିଧା ଥିଲେ ମଧ୍ୟ ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଗତି କରିବେ। ପିଲାମାନଙ୍କ କଳହକୁ କେନ୍ଦ୍ର କରି ଓ ପ୍ରକୃତ ଘଟଣା ନ ବୁଝି ପଡୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଅବଶ୍ୟ ବୈବାହିକ କର୍ମ ସମ୍ପାଦନା ପରିପ୍ରେକ୍ଷୀରେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବାର ସୂଚନା ରହିଛି।

**କୁମ୍ଭ**
ଷଷ୍ଠାଧିପତି ସପ୍ତମ କେନ୍ଦ୍ରରେ ରହି ପରିବାର, ବନ୍ଧୁ, କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରନ୍ତି। କେତେକ କ୍ଷେତ୍ରରେ ମନ କଥାକୁ ମନରେ ରଖି କାମରେ ଅଗ୍ରସର ହେବାକୁ ବାଧ୍ୟ ହେବେ। ନିଜ ଲୋକ କେହି ଶତ୍ରୁତା କରିପାରନ୍ତି। ସାହାଯ୍ୟ କରିବା ପରିପ୍ରେକ୍ଷୀରେ ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି।

**ମୀନ**
ଚନ୍ଦ୍ରଙ୍କ ସ୍ଥିତି ଆପଣଙ୍କୁ ବିବାଦୀୟ ମନ୍ତବ୍ୟ,ସନ୍ତାନ ହେତୁକ ପୀଡା ପ୍ରଦାନ କରିପାରେ । ତଥାପି ଉତ୍ତରଭାଦ୍ରପଦ୍ ନକ୍ଷତ୍ର ପ୍ରତ୍ୟେକ ଦିଗରୁ ସହଯୋଗ ପାଇ କର୍ମକ୍ଷେତ୍ରରେ ପ୍ରତିଷ୍ଠାଲାଭ କରିବେ । ପାରିବାରିକ କ୍ଷେତ୍ର ଓ ସ୍ୱାସ୍ଥ୍ୟ ସମସ୍ୟା ପ୍ରାୟତଃ ଊଣା ହେବ ନାହିଁ। ବିବାଦୀୟ ଘଟଣାରେ କିମ୍ବା ଅର୍ଥ ପ୍ରାପ୍ତିରେ ଦୃଢ଼ ପଦକ୍ଷେପ ନେଇ କାମ ହାସଲ କରିପାରିବେ ।

ଆଜି ଚୈତ୍ର ଶୁକ୍ଳ ଦ୍ୱାଦଶୀ ମଙ୍ଗଳବାର, ବୈଷ୍ଣବ ସମ୍ମତ ଏକାଦଶୀ ଉପବାସ, ଶ୍ରୀମନ୍ଦିରରେ ଶ୍ରୀରାମ ବନବାସ ଓ କନ୍ଦର୍ପାଧିବାସ, ଚୈତ୍ର ମଙ୍ଗଳବାର ଓଷା,ଚତୁର୍ଥ ଓ ଶେଷ ପାଳି, ଏପ୍ରିଲ ୧୬ ତାରିଖ, ରାଶି ନକ୍ଷତ୍ର-ପୂର୍ବାଫାଲ୍‌ଗୁନୀ/ସିଂହ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ମକରରାଶିର ଘାତବାର, ଦିବା ଘ୮ ।୩୩ମି. ଗତେ ଘ୧୦ ।୦୭ମି. ମଧ୍ୟେ, ଘ୧୧ ।୪୧ମି. ଗତେ ଘ୧ ।୧୫ମି. ମଧ୍ୟେ ଅମୃତବେଳା। ଦିବା ଘ୧୦ ।୦୭ମି. ଗତେ ଘ୧୧ ।୪୧ମି. ମଧ୍ୟେ ଘ୨ ।୫୪ମି. ଗତେ ଘ୪ ।୧୮ମି. ମଧ୍ୟେ ମାହେନ୍ଦ୍ରବେଳା।


# classifieds

**automobile**

**SALE**

Ashok Leyland 36 seater AC bus model-II, Bolero pickup 2016 for sale. Contact: 8908213777. D- 64957

**real estate**

**SALE**

Commercial plot Prime location. Laxmisagar and Hanspal square. Contact: 7992916484. D-12156

Bhubaneswar GITA College ଠାରେ 1200 sqft. 4,50,000/-ରେ de-marcated plot ମିଳୁଅଛି। 9937823228. D-66306

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8338932027. D- 66333

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ plot 1200କୁ 1,32,000/-, BEC College ଠାରେ 1200କୁ 3,00,000/- (out-right). 9776934361, 8144706560. D-66317

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66075

ଭୁବନେଶ୍ୱର KEC, ଗୁଡ଼ିଆ ପୋଖରୀଠାରେ 30'road Boundary wall, elec-try, gharabari, temple, sqft. 650/-ରେ ଦିଆଯାଉ ଅଛି। 7008045582, 9692003948. D-12088

1600 sqft. Ghara-bari plot with Bound-ary 30'road Electric-ity- 11,52,000/- near infovalley Batab-huasuni Temple. 9438400633. D-66338

30' road, electricity, boundary ଥାଇ BDA plot Bhubaneswar Pata-palli chhakରେ ମିଳୁଅଛି। 9090963952. D-66343

Bhubaneswar AIIMS front Govt. road କୁ ଲାଗି gharabari yellow zone plot ବିକ୍ରିହେବ: 8480745797. D-66332

CV Raman College ପାଖରେ yellowzone plot 2000 sqft. ବିକ୍ରିହେବ। Contact: 9778928492. D-65638

Bhubaneswar Infocity-II boundary କୁ ଲାଗି sqft.-600/-ରେ ପାଚେରି ସହ plot ବିକ୍ରିହେବ। 8658962508, 8480864171. D-66336


Now Matrimonial ads. only on Wednesday & Sunday Book 1 Get 1 FREE

Plot sale Patia sqft.- 1,090/-, Sundarpada- 300/-, Pitapalli- 620/-. 7377735755. D-12111

**AFFIDAVIT**

By virtue of an affidavit No.47AA721728, Dt.15.04.2019. I, Sri Bibekananda Dalai states that my name as per HSCE Certificate Vivekananda Dalai change to as per my Aadhar Card and all documents Bibekananda Dalai. D-12157

**ଜନ୍ମଦିନ ଶୁଭେଚ୍ଛା**



ଅଙ୍କିତ୍ ସାମନ୍ତରାୟ
ସମ୍ବଲପୁର

ଆଜି ତୋର ତ୍ରୟୋଦଶ ଜନ୍ମଦିବସରେ "ମା' ତାରିଣୀ" ତୋର ଭବିଷ୍ୟତ ଉଜ୍ଜ୍ୱଳମୟ କରନ୍ତୁ।

ଶୁଭେଚ୍ଛା ସହ
ମା, ଅଜା, ଆଈ, ପାପା, ମାମା, ଗୁନା, ଟୁଲୁ, ଲାଡୁ, ବାବୁନି, ଡିଙ୍ଗଲା। ଧ-୧୨୧୬୦

ଓଡ଼ିଶାର ହାଉସ୍ କମିଟିକୁ କେନ୍ଦ୍ର ସରକାର MSP ସମ୍ବନ୍ଧୀୟ ଚର୍ଚ୍ଚା ପାଇଁ ସମୟ ନଦେଇ ଓଡିଶା ଏବଂ ଚାଷୀମାନଙ୍କୁ ଅପମାନ କରିଛନ୍ତି




ଶଙ୍ଖ ଚିହ୍ନରେ ଭୋଟ୍ ଦେବା । ଦୁଇ ଥର । ଥରେ ଏମ୍.ପି ପାଇଁ ଥରେ ଏମ୍.ଏଲ୍.ଏ ପାଇଁ
to be continued .. ..





# 'ନିର୍ଭୟ'ର ସଫଳ ପରୀକ୍ଷଣ

## ■ ଶତ୍ରୁପକ୍ଷର ରାଡାରକୁ ଚକ୍‌ମା ଦେବାକୁ ସମର୍ଥ

**ବାଲେଶ୍ୱର ଅଫିସ, ୧୫।୪**

ବାଲେଶ୍ୱର ଚାନ୍ଦିପୁରସ୍ଥିତ ଟେଷ୍ଟ ରେଞ୍ଜରୁ ସୋମବାର ପୂର୍ବାହ୍ନ ୧୧ଟା ୪୫ ମିନିଟ୍ ସମୟରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଦୂରଗାମୀ ସବ୍-ସୋନିକ କ୍ରୁଜ କ୍ଷେପଣାସ୍ତ୍ର 'ନିର୍ଭୟ'ର ସଫଳ ପରୀକ୍ଷଣ କରାଯାଇଛି। ବହୁ ବୈଜ୍ଞାନିକ ଓ ପ୍ରତିରକ୍ଷା ବିଶେଷଜ୍ଞଙ୍କ ଉପସ୍ଥିତିରେ ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ ରେଞ୍ଜ(ଆଇଟିଆର୍)ସ୍ଥିତ ୩ନଂ. ଉତ୍‌କ୍ଷେପଣ କେନ୍ଦ୍ରରେ ଏହାକୁ ଉତ୍‌କ୍ଷେପଣ କରାଯାଇଥିଲା। ଶତ୍ରୁପକ୍ଷର ରାଡାରକୁ ଚକ୍‌ମା ଦେଇ ଏକ ସମୟରେ ଏହା ଏକାଧିକ ଟାର୍ଗେଟକୁ ଲକ୍ଷ୍ୟଭେଦ କରିବା କ୍ଷମତା ରଖିଛି। ଭାରତର ପ୍ରତିରକ୍ଷା ଅନୁସନ୍ଧାନ ଓ ବିକାଶ ସଂସ୍ଥାନ (ଡିଆରଡିଏ) ଏବଂ ବାଙ୍ଗାଲୋରସ୍ଥିତ ଏରୋନେଟିକ ଡେଭଲପ୍‌ମେଣ୍ଟ ଏଷ୍ଟାବ୍ଲିଶମେଣ୍ଟ(ଏଡିଇ) ପକ୍ଷରୁ ଉକ୍ତ କ୍ଷେପଣାସ୍ତ୍ରକୁ ଆଧୁନିକ ଜ୍ଞାନ କୌଶଳରେ ବିକଶିତ କରାଯାଇଛି।



'ନିର୍ଭୟ'ର ସଫଳ ପରୀକ୍ଷଣ କରାଯାଉଛି।

ଖୁବ୍‌ଶୀଘ୍ର ଏହାକୁ ସେନବାହିନୀରେ ସାମିଲ କରାଯିବ ବୋଲି ସୂଚନା ମିଳିଛି।

ସବ୍-ସୋନିକ କ୍ରୁଜ କ୍ଷେପଣାସ୍ତ୍ର 'ନିର୍ଭୟ'ର ଓଜନ ପ୍ରାୟ ୧୫୦୦କି.ଗ୍ରା.। ଲକ୍ଷ୍ୟଭେଦ ଦୂରତା ୧ହଜାରରୁ ୧୫ଶହ କି.ମି.। ଲମ୍ବ ୬ମିଟର। ୦.୫୨ମି. ବ୍ୟାସ ପରିମିତି ଏହି କ୍ଷେପଣାସ୍ତ୍ର ଶବ୍ଦର ଗତିଠାରୁ ୬ଗୁଣ ଅଧିକ ବେଗରେ ଗତି କରି ଲକ୍ଷ୍ୟଭେଦ କରିପାରିବ। ସ୍ୱଳ୍ପ ଉଚ୍ଚତାରେ ଥାଇ ମଧ୍ୟ ଏହା ଅକ୍ଲେଶରେ ଲକ୍ଷ୍ୟ ଭେଦ କରିପାରିବ ବୋଲି ଡିଆରଡିଏ ପକ୍ଷରୁ କୁହାଯାଇଛି। ୨୦୧୩ ମାର୍ଚ୍ଚ ୧୨ତାରିଖରେ ଏହାର ପ୍ରଥମ ପରୀକ୍ଷଣ ହୋଇଥିଲା। ୨୦୧୪ ଅକ୍ଟୋବର ୧୭ ତାରିଖ, ୨୦୧୫ ଅକ୍ଟୋବର ୧୬ ତାରିଖରେ ଯଥାକ୍ରମେ ୨ୟ ଓ ୩ୟ ପରୀକ୍ଷା କରାଯାଇଥିଲା। ୨୦୧୬ ଡିସେମ୍ବର ୨୧ରେ ଏହାର ଚତୁର୍ଥ ପରୀକ୍ଷଣ ହୋଇଥିଲା।

ସୋମବାର ଅନୁଷ୍ଠିତ ନିର୍ଭୟର ୫ମ ପରୀକ୍ଷଣ ବେଳେ ଏଡିଇ ଏବଂ ଡିଆର୍‌ଡିଓ ପକ୍ଷରୁ ଉପସ୍ଥିତ ବୈଜ୍ଞାନିକମାନେ ଏହାର ଗତିବିଧି ନିରୀକ୍ଷଣ କରିଥିଲେ। ଏହାର ସଫଳ ପରୀକ୍ଷଣ ଦେଶର ପ୍ରତିରକ୍ଷା କ୍ଷେତ୍ରରେ ଏକ ସଫଳ ମାଇଲଖୁଣ୍ଟ ବୋଲି ବୈଜ୍ଞାନିକମାନେ ମତବ୍ୟକ୍ତ କରିଛନ୍ତି।

# ବ୍ୟବସାୟୀଙ୍କ ଗାଡ଼ିରୁ ୪୨ଲକ୍ଷ ଟଙ୍କା ଜବତ

**ଯାଞ୍ଚ ପରେ ଫେରାଇଲେ ଟଙ୍କା**

**ନିମାପଡ଼ା, ୧୫।୪(ଡି.ଏନ୍.ଏ.)**

ରାଜ୍ୟରେ ସାଧାରଣ ନିର୍ବାଚନ ପ୍ରକ୍ରିୟା ଜାରି ରହିଥିବା ବେଳେ ପୁରୀ ଜିଲା ନିମାପଡ଼ା ବିଧାନସଭା ଆସନ ଆସନ୍ତା ୨୯ ତାରିଖରେ ଭୋଟ୍ ଗ୍ରହଣ ହେବ। ଏନେଇ ନିର୍ବାଚନରେ ବେଆଇନ ଅର୍ଥ କାରବାର ରୋକିବା ପାଇଁ ପ୍ରଶାସନ ଗୁରୁତ୍ୱ ଦେଇଛି। ଯାଞ୍ଚ ପାଇଁ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଉଛି। ତେବେ ସୋମବାର ଯାଞ୍ଚ ବେଳେ ପୁରୀ ଜିଲା ନିମାପଡ଼ା ଥାନା ଅନ୍ତର୍ଗତ ଦିଘାଲୋ ନିକଟରୁ ବ୍ୟବସାୟୀ ସୁବାସ ସାହୁଙ୍କ ଗାଡ଼ିରୁ ୪୨ଲକ୍ଷ ଟଙ୍କା ଜବତ ହୋଇଥିଲା। ଯାଞ୍ଚ ପରେ ଉକ୍ତ ଟଙ୍କାକୁ ବ୍ୟବସାୟୀଙ୍କୁ ଫେରାଇ ଦିଆଯାଇଥିବା ନିମାପଡ଼ା ଥାନା ଆଇଆଇସି ଜନାର୍ଦ୍ଦନ ପାଢୀ କହିଛନ୍ତି। ସୂଚନା ଅନୁଯାୟୀ, କୋଣାର୍କ ଅଞ୍ଚଳର ବ୍ୟବସାୟୀ ସୁବାସ ଏହି ଟଙ୍କାକୁ ନିମାପଡ଼ାସ୍ଥିତ ୟୁକୋ ବ୍ୟାଙ୍କରେ ଜମା କରିବାକୁ ଯାଉଥିଲେ। ଦିଘାଲୋ ନିକଟରେ ଫ୍ଲାଇଂ ସ୍କ୍ୱାଡ୍‌ର ଏକ ଟିମ୍ ସୁବାସଙ୍କ ଗାଡିକୁ ଅଟକାଇ ଯାଞ୍ଚ କରିବା ସହ ଏହି ଟଙ୍କାକୁ ଜବତ କରିଥିଲା। ମାତ୍ର ଫ୍ଲାଇଂ ସ୍କ୍ୱାଡ୍‌ର ଏକ ଟିମ୍ ଓ ଆଇଆଇସି ପାଢୀ ଉକ୍ତ ଟଙ୍କା ସମ୍ପର୍କରେ ଯାଞ୍ଚ କରିଥିଲେ। ସୁବାସଙ୍କ ବ୍ୟାଙ୍କ ଆଇଟିଜିଏସ, ଏନ୍‌ଇଏଫଟି ଆଦି କାଗଜପତ୍ର ଦେଖିବା ପରେ ଟଙ୍କା ସହ ତାଙ୍କୁ ଛାଡିଦେଇଥିଲେ।

# ଫେସ୍‌ବୁକ୍‌ରେ ନିର୍ବାଚନୀ ପ୍ରଚାର

**ନିଲମ୍ବନ ହେଲେ ସହକାରୀ ଶିକ୍ଷକ**

**ଛତ୍ରପୁର,୧୫।୪(ଡି.ଏନ.ଏ.)**

ସୋସିଆଲ ମିଡିଆ ଫେସ୍‌ବୁକ୍‌ରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ପ୍ରଚାର କରିବା ଜଣେ ଶିକ୍ଷକଙ୍କୁ ମହଙ୍ଗା ପଡିଛି। ସମ୍ପୃକ୍ତ ଶିକ୍ଷକଙ୍କୁ ସୋମବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନିଲମ୍ବନ କରିଛନ୍ତି। ସେ ହେଲେ ହିଞ୍ଜିଳି ବ୍ଲକ ଆଲପୁର ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ କୈଳାସପତି ଦାଶ। ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିଥିବାରୁ ତାଙ୍କୁ ନିଲମ୍ବନ କରାଯାଇଛି।

ପ୍ରକାଶ ଯେ, ସୋସିଆଲ୍ ମିଡିଆରେ ସହକାରୀ ଶିକ୍ଷକ ଦାଶ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ପ୍ରଚାର କରୁଥିବା ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ କୁଲାଙ୍ଗେ ବିଶ୍ୱସ୍ତସୂତ୍ରରୁ ସୂଚନା ପାଇଥିଲେ। ତୁରନ୍ତ ଏହାର ସତ୍ୟାସତ୍ୟ ଅନୁଧ୍ୟାନ ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିକ୍ଷକଙ୍କ ଫେସ୍‌ବୁକ୍ ଆକାଉଣ୍ଟ ଅନୁସନ୍ଧାନ କରାଯିବାରୁ ଅଭିଯୋଗ ସତ୍ୟ ପ୍ରମାଣିତ ହୋଇଥିଲା। ଜିଲା ଶିକ୍ଷା ଅଧିକାରୀଙ୍କ ରିପୋର୍ଟକୁ ଆଧାର କରି ଜିଲାପାଳ କୁଲାଙ୍ଗେ ସୋମବାର ସମ୍ପୃକ୍ତ ଶିକ୍ଷକଙ୍କୁ ନିଲମ୍ବନ କରିଛନ୍ତି। ଛତ୍ରପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସେ ପ୍ରତ୍ୟହ ଉପସ୍ଥାନ ଦେବାକୁ ନିର୍ଦ୍ଦେଶ ହୋଇଛି। ଯେ କୌଣସି ବି କର୍ମଚାରୀ ନିର୍ବାଚନ ଆଚରଣ ବିଧି ବ୍ୟବସ୍ଥାକୁ ଅବମାନନା କଲେ ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସତର୍କ କରି ଦିଆଯାଇଛି।

# ନବୀନଙ୍କ ସମ୍ପତ୍ତି ୬୩ କୋଟି, ସଂଗୀତାଙ୍କ ୩୭ କୋଟି

**ଭୁବନେଶ୍ୱର,୧୫।୪(ବ୍ୟୁରୋ)**

**ଇଲେକ୍ସନ ୱାଚ୍ ରିପୋର୍ଟ**

- ■ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ
- ■୩୫ ବିଧାନସଭାର ୮୪ ପ୍ରାର୍ଥୀଙ୍କ ନାମରେ ଫୌଜଦାରି ମାମଲା
- ■୬୮ ଜଣଙ୍କ ନାମରେ ସଙ୍ଗିନ୍ ଅପରାଧ
- ■୫ ଲୋକ ସଭାର ୫ ପ୍ରାର୍ଥୀଙ୍କ ନାମରେ ଗୁରୁତର ମାମଲା

ଆସନ୍ତା ୧୮ ତାରିଖରେ ରାଜ୍ୟରେ ୫ଟି ଲୋକ ସଭା ଆସନ ଏବଂ ୩୫ଟି ବିଧାନସଭା ଆସନରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ଅନୁଷ୍ଠିତ ହେବ। ଏହି ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳ ଓ ସ୍ୱାଧୀନ ଭାବେ ୨୪୪ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ୩୫ ବିଧାନସଭା ଆସନରେ ଲଢୁଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୮୪ ଜଣ ପ୍ରାର୍ଥୀଙ୍କ ନାମରେ ଫୌଜଦାରି ମାମଲା ରହିଥିବା ବେଳେ ୬୮ ଜଣଙ୍କ ନାମରେ ରହିଛି ସଙ୍ଗିନ୍ ଅପରାଧ। ସେହିପରି ୫ଟି ଲୋକ ସଭା ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ୩୫ ଜଣଙ୍କ ମଧ୍ୟରୁ ୭ ଜଣଙ୍କ ନାମରେ ଫୌଜଦାରି ମାମଲା ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୫ଜଣଙ୍କ ନାମରେ ରହିଛି ସଙ୍ଗିନ୍ ଆପରାଧିକ ମାମଲା। ଉକ୍ତ ପ୍ରାର୍ଥୀଙ୍କ ସତ୍ୟପାଠକୁ ଅନୁଶୀଳନ କରି ଓଡ଼ିଶା ଇଲେକ୍ସନ ୱାଚ୍ ନାମକ ସଂସ୍ଥା ପକ୍ଷରୁ ଏଭଳି ତଥ୍ୟ ଦିଆଯାଇଛି।

ସୋମବାର ସଂସ୍ଥା ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି ଯେ ବିଧାନସଭା ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିବା ୮୪ ଜଣ ପ୍ରାର୍ଥୀଙ୍କ ନାମରେ ଫୌଜଦାରି ମାମଲା ରହିଥିବାବେଳେ ୬୮ ଜଣଙ୍କ ନାମରେ ସଙ୍ଗିନ୍ ଆପରାଧିକ ମାମଲା ରହିଛି । ପ୍ରମୁଖ ରାଜନୈତିକ ଦଳ ଭାଜପାରେ ସର୍ବାଧିକ ୨୧ ପ୍ରାର୍ଥୀଙ୍କ ନାମରେ ଆପରାଧିକ ମାମଲା ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୧୮ ଜଣଙ୍କ ନାମରେ ଗୁରୁତର ଆପରାଧିକ ମାମଲା ରହିଛି। ସେହିପରି କଂଗ୍ରେସର ୧୭ ଜଣଙ୍କ ନାମରେ ଆପରାଧିକ ମାମଲା ରହିଥିବାବେଳେ ୧୦ ଜଣଙ୍କ ନାମରେ ସଙ୍ଗିନ୍ ଆପରାଧିକ ମାମଲା, ବିଜେଡିର ୧୩ ଜଣଙ୍କ ମଧ୍ୟରୁ ୧୧ ଜଣଙ୍କ ନାମରେ ଏବଂ ବହୁଜନ ସମାଜ ପାର୍ଟି(ବିଏସପି)ର ୪ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୪ ଜଣଙ୍କ ନାମରେ ରହିଛି ସାଂଘାତିକ ଆପରାଧିକ ମାମଲା। ସେହିପରି ୫ଟି ଲୋକ ସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୩୫ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୭ ଜଣଙ୍କ ନାମରେ ଫୌଜଦାରି ମାମଲା ଥିବା ସେମାନେ ସତ୍ୟପାଠରେ ଘୋଷଣା କରିଥିବାବେଳେ ୫ ଜଣଙ୍କ ନାମରେ ସଙ୍ଗିନ୍ ଆପରାଧିକ ମାମଲା ରହିଛି।

ଏପରିକି ଅନେକ ନେତା ଧନ ସମ୍ପତ୍ତି ଆହରଣ କରିବାରେ ମଧ୍ୟ ପଛରେ ନାହାନ୍ତି। ବିଧାନସଭା ଆସନ ପାଇଁ ହୋଇଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୭୦ ଜଣଙ୍କ ସମ୍ପତ୍ତି ଏକାଧିକ କୋଟି ଟଙ୍କା ହୋଇଥିବା ବେଳେ ଅନ୍ୟମାନଙ୍କର ସମ୍ପତ୍ତିର ହାରାହାରି ମୂଲ୍ୟ ୧.୯୩ କୋଟି ଟଙ୍କା ରହିଛି। ସତ୍ୟପାଠ ଦାଖଲ କରିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୧୩ ଜଣ ପ୍ରାର୍ଥୀ ୫ କୋଟି ଟଙ୍କା ସମ୍ପତ୍ତିର ମାଲିକ ହୋଇଥିବା ବେଳେ ୨୪ ଜଣ ୨ରୁ ୫ କୋଟି, ୬୧ ଜଣ ୫୦ ଲକ୍ଷରୁ ୨ କୋଟି, ୬୧ ଜଣ ୧୦ ଲକ୍ଷରୁ ୫୦ ଲକ୍ଷ ଏବଂ ୮୨ ଜଣ ୧୦ ଲକ୍ଷରୁ କମ୍ ଟଙ୍କାର ମାଲିକ ଅଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭା ପ୍ରାର୍ଥୀମାନଙ୍କ ମଧ୍ୟରେ ସବୁଠାରୁ ଧନୀ ହୋଇଥିବା ବେଳେ ଏମ୍‌ପି ପ୍ରାର୍ଥୀମାନଙ୍କ ମଧ୍ୟରେ ବଲାଙ୍ଗୀରର ଭାଜପା ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂଦେଓ ସବୁଠୁ ଧନୀ ପ୍ରାର୍ଥୀ। ନବୀନଙ୍କର ମୋଟ ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ୬୩ କୋଟି ଟଙ୍କା ହୋଇଥିବା ବେଳେ ସଂଗୀତାଙ୍କର ସମ୍ପତ୍ତି ମୂଲ୍ୟ ୩୭ କୋଟି। ସେହିପରି ବିଧାନସଭା ପ୍ରାର୍ଥୀ ଭାବେ ଭାଜପା ପ୍ରାର୍ଥୀ କନକ ବର୍ଦ୍ଧନ ସିଂଦେଓଙ୍କ ସମ୍ପତ୍ତିର ମୂଲ୍ୟ ୩୭ କୋଟି ଟଙ୍କା ହୋଇଥିବା ବେଳେ କଂଗ୍ରେସ ଛାଡି ବିଜେଡିରେ ଯୋଗଦେଇ ଝାରସୁଗୁଡ଼ା ବିଧାନସଭା ଆସନରୁ ବିଜେଡି ଟିକେଟରେ ଲଢୁଥିବା ନବ କିଶୋର ଦାସଙ୍କ ସମ୍ପତ୍ତିର ମୂଲ୍ୟ ୩୩ କୋଟି ବୋଲି ସତ୍ୟପାଠରୁ ଜଣାପଡ଼ିଛି। ରାଜନୈତିକ ଦଳଗୁଡିକୁ ହିସାବକୁ ନେଲେ ବିଜେଡିରେ ସର୍ବାଧିକ ୬୦ ପ୍ରତିଶତ ପ୍ରାର୍ଥୀ କୋଟିପତି ହୋଇଥିବା ବେଳେ ଭାଜପା ୫୭ ପ୍ରତିଶତ ଏବଂ କଂଗ୍ରେସର ୪୧ ପ୍ରତିଶତ ପ୍ରାର୍ଥୀ କୋଟିପତି।

ବିଧାନସଭା ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ପ୍ରାର୍ଥୀଙ୍କ ମଧ୍ୟରୁ ଜଣେ ନିଜର ଶିକ୍ଷାଗତ ଯୋଗ୍ୟତା ଦର୍ଶାଇ ନ ଥିବା ବେଳେ ୪ ଜଣ ଖାଲି ନା ଦସ୍ତଖତ ଶିଖିଛନ୍ତି। ୧୧୧ ଜଣ ପଞ୍ଚମରୁ ଦ୍ୱାଦଶ ଶ୍ରେଣୀ ଯାଏ ପାଠ ପଢିଥିବା ବେଳେ ୧୨୧ ଜଣ ଗ୍ରାଜୁଏଟ ଓ ତା'ଠାରୁ ଅଧିକ ପାଠ ପଢିଛନ୍ତି। ସେହିପରି ପ୍ରାର୍ଥୀମାନଙ୍କର ବୟସକୁ ଯଦି ଦେଖାଯାଏ ତେବେ ଜଣେ ପ୍ରାର୍ଥୀ ତାଙ୍କର କେତେ ବୟସ ଦର୍ଶାଇ ନ ଥିବା ବେଳେ ୩୬ ଜଣଙ୍କର ବୟସ ୬୧ରୁ ୮୦, ୧୪୭ ଜଣଙ୍କର ୪୧ରୁ ୬୦ ଏବଂ ୫୭ ଜଣଙ୍କର ୨୫ରୁ ୪୦ ବର୍ଷ ଦର୍ଶାଇଛନ୍ତି। ସମୁଦାୟ ପ୍ରାର୍ଥୀଙ୍କ ମଧ୍ୟରୁ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ୨୫ ଜଣ ମହିଳା ପ୍ରାର୍ଥୀ ନିର୍ବାଚନକୁ ଓହ୍ଲାଇଛନ୍ତି। ସେହିପରି ଲୋକ ସଭା ଆସନ ପାଇଁ ନିର୍ବାଚନ ଲଢୁଥିବା ୧୧ ଜଣ ପ୍ରାର୍ଥୀଙ୍କର ସମ୍ପତ୍ତିର ମୂଲ୍ୟ ୧ କୋଟିରୁ ଅଧିକ। ବଲାଙ୍ଗୀର ଲୋକ ସଭା ଆସନରୁ ନିର୍ବାଚନ ଲଢୁଥିବା ରାଜ ପରିବାରର ଦୁଇ ପ୍ରାର୍ଥୀ ସଂଗୀତା କୁମାରୀ ସିଂଦେଓଙ୍କ ସମ୍ପତ୍ତି ମୂଲ୍ୟ ୩୭ କୋଟି ଟଙ୍କା ହୋଇଥିବା ବେଳେ କଳିକେଶ ନାରାୟଣ ସିଂଦେଓଙ୍କ ସମ୍ପତ୍ତିର ମୂଲ୍ୟ ୨୦ କୋଟି ଏବଂ ବରଗଡ଼ ଲୋକ ସଭା ଆସନରୁ ବିଜେଡି ପ୍ରାର୍ଥୀ ହୋଇଥିବା ପ୍ରସନ୍ନ ଆଚାର୍ଯ୍ୟଙ୍କ ସମ୍ପତ୍ତିର ମୂଲ୍ୟ ୯କୋଟି ଟଙ୍କା ରହିଛି।




ଧରିତ୍ରୀ
DHARITRI
ମଙ୍ଗଳବାର, ୧୬ ଏପ୍ରିଲ, ୨୦୧୯

ମଧ୍ୟଯୁଗ ଏକ ରାତ୍ରି ଥିଲା। ତାହା ଥିଲା ଅଜ୍ଞାନୀ ଲୋକଙ୍କ ପାଇଁ ବିଜୟର ସମୟ। ଏହି ଆଧୁନିକ ଯୁଗ କିନ୍ତୁ ଜ୍ଞାନୀ ଲୋକଙ୍କର ବିଜୟର ସମୟ। ଯେଉଁ ଲୋକ ଅଧିକ ବୁଝିପାରିବ ଅଧିକ ଚିନ୍ତା କରିବା ଦ୍ୱାରା ସତ୍ୟକୁ ଶିକ୍ଷା କରିପାରିବ-ଅଧିକ ଖୋଜି ପାରିବ-ଅଧିକ ଶ୍ରମ କରିପାରିବ- ସେ ହିଁ ଅଧିକ ଶକ୍ତି ଲାଭ କରିବ।
-ଶ୍ରୀଅରବିନ୍ଦ



# ସମାଧାନକାରୀ ନୁହେଁ, ସୃଷ୍ଟିକର୍ତ୍ତା

ସାଧାରଣ ନିର୍ବାଚନ ୨୦୧୯ର ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ଏପ୍ରିଲ ୧୮ରେ ଅନୁଷ୍ଠିତ ହେବାକୁ ଯାଉଛି। ସମଗ୍ର ଦେଶରେ ଦିନକୁ ଦିନ ପ୍ରଚାର ଅଭିଯାନ ଜୋରଦାର ହେବାରେ ଲାଗିଛି। ନିଜ ସପକ୍ଷରେ ଭୋଟ ହାତେଇବା ସକାଶେ ରାଜନୈତିକ ଦଳଗୁଡ଼ିକ ପରସ୍ପର ଉପରେ ବିଭିନ୍ନ ପ୍ରକାର ଦୋଷାରୋପ ଓ ଅକଥନୀୟ ଭାଷା ପ୍ରୟୋଗ କରୁଛନ୍ତି। ନିକଟରେ ଉତ୍ତରପ୍ରଦେଶର ରାମପୁର ଲୋକ ସଭା ଆସନ ଲାଗି ପ୍ରାର୍ଥୀ ହୋଇଥିବା ସମାଜବାଦୀ ପାର୍ଟି ନେତା ଆଜମ୍ ଖାନ୍ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାରତୀୟ ଜନତା ପାର୍ଟି (ଭାଜପା)ର ଜୟ ପ୍ରଦାଙ୍କ ଉପରେ ଯେଭଳି ନୀଚ ଧରଣର ଟିପ୍ପଣୀ ଦେଇଛନ୍ତି, ତାହା ସାଧାରଣରେ ଆଦୌ ଗ୍ରହଣୀୟ ହୋଇନାହିଁ। ଏ ନେଇ ଆଜମ୍‌ଙ୍କ ବିରୋଧରେ ଏତଲା ଦାଏର କରାଯାଇଛି। ଏପରି କି ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଆଜମ୍‌ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ବାଚନ କମିଶନ (ଇସି)ଙ୍କୁ ଚିଠି ଲେଖିଛନ୍ତି। ଲୋକ ସଭା ପ୍ରାର୍ଥୀ ହୋଇଥିବା ବ୍ୟକ୍ତି ଯଦି ଅଭଦ୍ର ଶବ୍ଦ ବ୍ୟବହାର କରିବେ, ତେବେ ଗଣତାନ୍ତ୍ରିକ ମୂଲ୍ୟବୋଧ ବଡ଼ଧରଣର ବିପଦରେ ପଡ଼ିଛି ବୋଲି କୁହାଯାଇପାରେ। ସେମିତି କୁହାଯାଉଛି, ଯାହାର ଭିଡିଓ ମଧ୍ୟ ଦେଖିବାକୁ ମିଳିଛି ଯେ, ହିମାଚଳ ପ୍ରଦେଶର ରାଜ୍ୟ ଭାଜପା ସଭାପତି ସତ୍‌ପାଲ ସିଂ ସତ୍ତୀ ଏକ ସାଧାରଣ ସଭାରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସମ୍ପର୍କରେ ଅତ୍ୟନ୍ତ ଅଶାଳୀନ ଭାଷା ବ୍ୟବହାର କରିଛନ୍ତି। ଏହାର ଅନ୍ତର୍ଜାତୀୟ ଉଦାହରଣ ଦେଖିଲେ ୨୦୧୬ ଆମେରିକା ରାଷ୍ଟ୍ରପତି ନିର୍ବାଚନ ସମୟରେ ରିପବ୍ଲିକାନ୍ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ୍ ତାଙ୍କର ନିର୍ବାଚନୀ ବିରୋଧୀମାନଙ୍କୁ ଅତି ଅଶାଳୀନ ଭାଷାରେ ଶୋଧୁଥିବାର ଦେଖାଯାଇଥିଲା। ଏବେ ପ୍ରଚାର ସମୟରେ ଭାରତରେ ଯେଉଁ ପ୍ରକାରର ଭାଷା ବ୍ୟବହାର କରାଯାଉଛି, ତାହା ପୂର୍ବରୁ ଶୁଣିବାକୁ ମିଳୁ ନ ଥିଲା। ତେଣୁ ନିର୍ବାଚନ କମିଶନ ଏଭଳି ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରୁଥିବା ବ୍ୟକ୍ତି, ଯେକୌଣସି ଦଳର ହୋଇଥାଆନ୍ତୁ ନା କାହିଁକି, ତାଙ୍କୁ ପ୍ରତିଦ୍ୱନ୍ଦ୍ୱିତାରୁ ଦୂରେଇ ରଖିବା ସକାଶେ କଠୋର କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ ହୋଇପଡ଼ିଲାଣି।

ଅନ୍ୟ ଏକ ଘଟଣାରେ ନିର୍ବାଚନ କମିଶନ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ନେତ୍ରୀ ମାୟାବତୀଙ୍କ ବିରୋଧରେ ଆଦର୍ଶ ଆଚରଣବିଧି ଉଲ୍ଲଂଘନ କରିଥିବାରୁ ଉଭୟଙ୍କୁ ଦଣ୍ଡିତ କରିଛନ୍ତି। ଯୋଗୀଙ୍କୁ ଆଗାମୀ ୩ ଦିନ ଓ ମାୟାବତୀଙ୍କୁ ୨ ଦିନ ପ୍ରଚାରର ପ୍ରତ୍ୟେକ ମଞ୍ଚରୁ ଦୂରେଇ ଦେଇଛନ୍ତି। ଅର୍ଥାତ୍ ଉଭୟେ ଏହି ସମୟ ମଧ୍ୟରେ କୌଣସି ରାଜନୈତିକ ସଭା, ଶୋଭାଯାତ୍ରା କରିପାରିବେ ନାହିଁ। ସେହିପରି ଗଣମାଧ୍ୟମରେ ସାକ୍ଷାତ୍‌କାର ଉପରେ ନିଷେଧାଜ୍ଞା ଲଗାଯାଇଛି। ଏପରି କି ସୋସିଆଲ ମିଡିଆରେ ପ୍ରଚାର ଉପରେ ମଧ୍ୟ ଇସି ରୋକେ ଲଗାଇଛନ୍ତି। ଉଲ୍ଲେଖଯୋଗ୍ୟ, ନିକଟରେ ଦେଓବନ୍ଦଠାରେ ମାୟାବତୀ ମୁସଲମାନମାନଙ୍କୁ ନିବେଦନ କରିଥିଲେ ଯେ, ସେମାନେ ଭୋଟକୁ ଭାଗ ନ କରି ତାଙ୍କ ମେଣ୍ଟକୁ ସମର୍ଥନ ଦିଅନ୍ତୁ। ଅନ୍ୟପକ୍ଷରେ ଯୋଗୀ ଆଦିତ୍ୟନାଥ ଏହାକୁ ତାଚ୍ଛଲ୍ୟ କରି 'ଅଲି ବନାମ ବଜରଙ୍ଗବଲୀ' ମନ୍ତବ୍ୟ ଦେଇଥିଲେ। ଏଭଳି କହିବାର ଉଦ୍ଦେଶ୍ୟ ଥିଲା ଯଦି ମୁସଲମାନମାନେ ମାୟାବତୀଙ୍କୁ ସମର୍ଥନ କରିବେ, ତାହାହେଲେ ତାଙ୍କ ପାଇଁ ବଜରଙ୍ଗବଲୀ ଅଛନ୍ତି। ଦେଖିବାକୁ ଗଲେ ଧର୍ମ ଓ ଜାତି ନାମରେ ରାଜନୈତିକ ନେତାମାନେ ଯେଭଳି ଭୋଟ ନେବାକୁ ପ୍ରୟାସ କରୁଛନ୍ତି, ତଦ୍ୱାରା ଦେଶରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ। ସେହି ଅପ୍ରୀତିକର ପରିସ୍ଥିତି ଯଦି ସାମାଜିକ ବିଭେଦକୁ ବୃଦ୍ଧି କରିବାରେ ପ୍ରୟୋଗ କରାଯାଉଛି, ତେବେ ତାହା ଭାରତ ପାଇଁ ଅତ୍ୟନ୍ତ ବିପଜ୍ଜନକ ହୋଇପଡୁଛି। ଏମିତି ଦେଖିଲେ ଅଯୋଧ୍ୟାରେ ବାବ୍ରୀ ମସ୍‌ଜିଦ ଭଙ୍ଗାଯିବା ଓ ପରବର୍ତ୍ତୀ ସମୟରେ ସେଠାରେ ରାମ ମନ୍ଦିର ନିର୍ମାଣ ନେଇ ଉଠିଥିବା ବିବାଦ ଦୀର୍ଘବର୍ଷ ଧରି ଚାଲିଥିଲେ ମଧ୍ୟ ସମାଧାନ ହୋଇପାରୁ ନାହିଁ। ଏଭଳି ସ୍ଥିତିରେ ଏକତ୍ର କରିବା ପରିବର୍ତ୍ତେ ନେତାମାନେ ଧର୍ମ ଓ ଜାତି ନାମରେ ଲୋକଙ୍କୁ ଉତ୍ତ୍ୟକ୍ତ କରାଇଲେ ଦେଶ ଭାଗ ଭାଗ କଲା ଭଳି ଉଦ୍ୟମ କରୁଥିବାର ମନେହେଉଛି।

ଦେଖାଯାଉଛି, ବିଗତ କିଛି ବର୍ଷ ହେବ ପାର୍ଲାମେଣ୍ଟ ଓ ରାଜ୍ୟ ବିଧାନସଭାଗୁଡ଼ିକରେ ଲୋକ ପ୍ରତିନିଧିମାନେ ପ୍ରସଙ୍ଗଭିତ୍ତିକ ଯୁକ୍ତିରୁ ଦୂରେଇ ଯାଇ ହୋହଲ୍ଲା କରିବାରେ ବ୍ୟସ୍ତ ରହୁଛନ୍ତି। କରଦାତାଙ୍କ ଅର୍ଥରେ ପରିଚାଳିତ ହେଉଥିବା ପାର୍ଲାମେଣ୍ଟ ଓ ବିଧାନସଭାର ମୂଲ୍ୟବାନ୍ ସମୟକୁ ସେମାନେ ନଷ୍ଟ କରୁଛନ୍ତି। ଗଣତନ୍ତ୍ରର ମୁଖ୍ୟସ୍ଥଳକୁ ଯାଉଥିବା ନେତାମାନେ ଯଦି ବିପଥଗାମୀ ହେବେ, ତେବେ ଦେଶର ଗଣତନ୍ତ୍ର ଭୁଶୁଡ଼ିପଡ଼ିବାର ଆଶଙ୍କା ସୃଷ୍ଟି ହେବା ସହିତ ଗୁଣ୍ଡାରାଜ୍ ପ୍ରତିଷ୍ଠିତ ହେବାର ଲକ୍ଷଣ ମୁଣ୍ଡ ଟେକୁଛି। ବାସ୍ତବରେ ସାଧାରଣ ଜୀବନରେ ରାଜନେତାମାନେ ରହୁଥିବାରୁ ସେମାନେ ପ୍ରତ୍ୟେକ ସ୍ତରରେ ମାର୍ଜିତ ବ୍ୟବହାର ପ୍ରଦର୍ଶନ କରିବା କଥା। ଏହା ମଧ୍ୟ ସ୍ୱୀକାରଯୋଗ୍ୟ ଯେ, ସାଧାରଣ ନାଗରିକଙ୍କ ଚରିତ୍ର ଯେଉଁଭଳି କ୍ରମଶଃ ଉଗ୍ରରୂପ ଧାରଣ କରୁଛି, ନେତାମାନେ ମଧ୍ୟ ତାହାର ଆଇନା ସାଜୁଛନ୍ତି। ଗଣତାନ୍ତ୍ରିକ ଦେଶରେ ବିଶ୍ୱାସ କରାଯାଉଛି ଯେ, ରାଜନୈତିକ ବ୍ୟକ୍ତିମାନେ ସବୁ ସମସ୍ୟାର ସମାଧାନ ଆଣିପାରିବେ। ଆମେରିକାର ରାଜନେତା ବେନ୍ କାର୍‌ସନ୍‌ଙ୍କ କହିବା ଅନୁଯାୟୀ, ଆମେ ସମସ୍ତେ ଆଶା କରି ବସିଥାଉ ଯେ ରାଜନୈତିକ ବ୍ୟକ୍ତିମାନେ ଆମ ସମସ୍ୟାର ସମାଧାନ କରିବେ। କିନ୍ତୁ ଅଧିକାଂଶ ସମସ୍ୟାର ସୃଷ୍ଟି ସେହି ରାଜନେତାବୃନ୍ଦ ବୋଲି କାର୍‌ସନ୍‌ଙ୍କ ମନ୍ତବ୍ୟ ଆଜି ଭାରତ ପାଇଁ ପ୍ରଯୁଜ୍ୟ।

## ଚିରନ୍ତନୀ

''ହାତେ ତବ ନାହିଁ ବନ୍ଧୁ!
ପାରିବାକୁ ବୁଝି ଏଥି ତିଳେ
''କିଏ ସ୍ୱପ୍ନ ଜାଗରଣ
ସତ୍ୟ ମିଥ୍ୟା ଏ ଧରଣୀ–ନୀଡ଼େ।
(ମହାଦୀପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ବଡ଼ ଲୋକଙ୍କୁ ଉତ୍ତର ନାହିଁ



ବୈକୁଣ୍ଠନାଥ ମିଶ୍ର

ଘଞ୍ଚ ଜଙ୍ଗଲ ମଧ୍ୟରେ ସୁଉଚ୍ଚ ପାହାଡ଼। ପାହାଡ଼ରୁ କଳକଳ ନାଦ କରି ବହିଆସୁଛି ଚିର ଚଞ୍ଚଳ ଝରଣା। ବନ୍ୟଜନ୍ତୁଙ୍କ ତୃଷା ନିବାରଣର ଏକ ଉତ୍କୃଷ୍ଟ ଉତ୍ସ। ଏକଦା ମୃଗ ଶାବକଟିଏ ପାହାଡ଼ର ପାଦଦେଶରେ ଥିବା ଝରଣାରୁ ପରମତୃପ୍ତିରେ ଜଳ ପାନ କରୁଥିବା ସମୟରେ ପାହାଡ଼ର ଶିଖର ଦେଶରୁ ମହାବଳ ବାଘର ଦୃଷ୍ଟି ତା' ଉପରେ ପଡିଲା ଓ ଆଖି ପିଛୁଳାକେ ଆସି ମୃଗଶାବକ ସମ୍ମୁଖରେ ଉଭାହେଲା। ବାଘ ତାକୁ ଖାଇବାକୁ ଉଦ୍ୟତ ହେବାରୁ ସେ ଭୟର ସହ କହିଲା, ମୋତେ ଖାଇବା ପୂର୍ବରୁ ଦୟାକରି ମୋ କଥା ଟିକେ ଶୁଣ– ତୁମ ଉଦର ତୁଳନାରେ ମୋ ଶରୀର ଏତେ କ୍ଷୁଦ୍ର ଯେ ମୋ ମାଂସରେ ତୁମ କ୍ଷୁଧା ମେଣ୍ଟିବ ନାହିଁ। ଦ୍ୱିତୀୟତଃ ମୋର କେଉଁ ଅପରାଧ ଯୋଗୁ ତୁମେ ମୋତେ ମାରିବାକୁ ଚାହୁଁଛ? ବାଘ କହିଲା, ତୁ ଏ ଝରଣା ଜଳ ଗୋଳିଆ କଲୁ, ଯେଉଁଥିପାଇଁ ନିର୍ମଳ ଜଳପାନରୁ ମୁଁ ବଞ୍ଚିତ ହେଲି। ମୃଗ ଶାବକ କହିଲା, ତୁମେ କ'ଣ ବୁଦ୍ଧିଭ୍ରଷ୍ଟ ହୋଇଛ? ପାହାଡର ନିମ୍ନଦେଶରେ ମୁଁ ଜଳପାନ କରୁଥିଲି, ତୁମେ ଶୀର୍ଷ ଭାଗରେ ଥିଲ। ମୁଁ ଯଦି ପାଣି ଗୋଳି କରିଥାଏ ତାହା ସ୍ରୋତର ପ୍ରତିକୂଳରେ ଯାଇ ତୁମ ପାଖରେ ପହଞ୍ଚିଲା କିପରି? ବାଘ ଘାବରେଇଯାଇ କହିଲା ତୁ ନ କରିଥିଲେ ତୋ ମା' କରିଥିବ; ତେଣୁ ମୁଁ ତୋତେ ଖାଇବି। ବିଚରା ମୃଗଶାବକ ଶାନ୍ତ ଭାବରେ ଉତ୍ତର ଦେଲା, ତୁମେ ଯେତେବେଳେ ମୋତେ ଖାଇବା ପାଇଁ ସିଦ୍ଧାନ୍ତ ନେଇସାରିଛ, ମୋ କଥାରେ ତ ତୁମେ ବିରତ ହେବନାହିଁ। ତେବେ ଏତେ ବାହାନା କାହିଁକି? ମୋତେ ଖାଇପାର। ବଡ଼ଲୋକଙ୍କୁ କ'ଣ ଉତ୍ତର ଅଛି?

ଆମ ଦେଶରେ ସମ୍ପ୍ରତି ଏପରି ନ୍ୟାୟ ସର୍ବତ୍ର ପରିଦୃଷ୍ଟ। କମ୍ପାନୀଗୁଡ଼ିକ ଉପରେ କୋଟି କୋଟି ଟଙ୍କାର ବିଦ୍ୟୁତ୍ ଶୁଳ୍କ ଅନାଦାୟ ପଡିଥିବା ବେଳେ ମହାବଳମାନେ ପ୍ରତିଦିନ କ୍ଷୁଦ୍ର ଉପଭୋକ୍ତାଙ୍କୁ ମାରି ଚାଲିଛନ୍ତି। ବିଦ୍ୟୁତ୍ ଯୋଗାଣକୁ ନିଶ୍ଚିତ ନ କରି ବ୍ୟାପକ ବିଦ୍ୟୁତୀକରଣ ଓ ଶୁଳ୍କ ଆଦାୟର କଠୋରତା ସାଧାରଣ ଉପଭୋକ୍ତାଙ୍କୁ ନୈରାଶ୍ୟ ମଧ୍ୟକୁ ଠେଲି ଦେଇଛି। ବର୍ତ୍ତମାନ ସୁଦ୍ଧା ଭାରତର ୧୫୪୩୧ଟି ଗ୍ରାମ ବିଦ୍ୟୁତୀକରଣରୁ ବଞ୍ଚିତ। ସେଗୁଡିକ ମଧ୍ୟରୁ ଓଡ଼ିଶାର ୩୨୮୨ଟି ଗ୍ରାମ ଅନ୍ତର୍ଭୁକ୍ତ। ବିଦ୍ୟୁତ୍ ଉତ୍ପାଦନ ବୃଦ୍ଧି ନ କରି ଉପଭୋକ୍ତା ସଂଖ୍ୟା ବୃଦ୍ଧିପାଇଲେ ବିଦ୍ୟୁତ୍ ଯୋଗାଣ କ୍ଷେତ୍ରରେ ସଙ୍କଟ ଉପୁଜିବା ସୁନିଶ୍ଚିତ। ଅଘୋଷିତ ବିଦ୍ୟୁତ୍‌କାଟ ସହ କ୍ଷୀଣ ଶକ୍ତି ସରବରାହ କ୍ଷୁଦ୍ର ଉପଭୋକ୍ତା ଓ ଚାଷୀକୁଳକୁ ଉଚ୍ଛନ୍ନ କରୁଥିବା ସତ୍ତ୍ୱେ ବିଦ୍ୟୁତ୍ ଦେୟ ପୈଠର ଜୁଲମ୍ ତାକୁ ପୀଡା ଦେଉଛି। ବିଦ୍ୟୁତ୍ ସେବାରୁ ବଞ୍ଚିତ ଗ୍ରାମଗୁଡିକୁ ବିଦ୍ୟୁତ୍ ଯୋଗାଣ ସରକାରଙ୍କର ସକ୍ରିୟ ବିଚାରାଧୀନ ଅଛି। ତେଣୁ ଉତ୍ପାଦନ ବୃଦ୍ଧି ଓ ନିରନ୍ତର ସେବାର ଆବଶ୍ୟକତା ରହିଛି। ଏ ଦେଶର ଜନସାଧାରଣଙ୍କ ଅର୍ଥ ତୋଷରପାତ ସ୍ୱରୂପ ହଜାର ହଜାର କୋଟି ଠକିନେଇ ବିଜୟ ମାଲ୍ୟା, ନୀରବ ମୋଦିମାନେ ବିଦେଶକୁ ପଳାୟନ କରୁଛନ୍ତି। ବଡ଼ବଡ଼ ରାଜନେତା ଓ ବ୍ୟାଙ୍କ ଉଚ୍ଚ ପଦାଧିକାରୀଙ୍କ ସହ ଶୀତଳ ମଧୁଚନ୍ଦ୍ରିକାରେ ଏହା ସମ୍ଭବ ହୋଇଥିବା ବେଳେ ଏହାର ଉତ୍କଟ ପରିଣତି ସମଗ୍ର ଦେଶବାସୀଙ୍କୁ ଭୋଗିବାକୁ ହେଉଛି। ବ୍ୟାଙ୍କଗୁଡ଼ିକର ସାଧାରଣ କର୍ମଚାରୀ ଏ ବିଷଜ୍ୱାଳାରୁ ମୁକ୍ତ ନୁହନ୍ତି। ପ୍ରତି ୫ ବର୍ଷରେ ବ୍ୟାଙ୍କ କର୍ମଚାରୀଙ୍କର ବେତନ ସମୀକରଣ ହୁଏ। ୨୦୧୨ରେ ମୂଳ ବେତନର ୧୫% ବର୍ଦ୍ଧିତ ହୋଇଥିବା ବେଳେ ୨୦୧୭ରେ ମାତ୍ର ଦୁଇ ପ୍ରତିଶତ ବୃଦ୍ଧି ଘୋଷଣା ବ୍ୟାଙ୍କ କର୍ମଚାରୀଙ୍କୁ ହତୋତ୍ସାହ କରିଛି। ପୁଣି ବ୍ୟାଙ୍କଗୁଡ଼ିକରେ ଆବଶ୍ୟକ କର୍ମଚାରୀ ନାହାନ୍ତି। ଏହାର କୁଫଳର ଶିକାର ହେଉଛି ବିଚରା ଗ୍ରାହକ। ବ୍ୟାଙ୍କଗୁଡ଼ିକର ଅନାଦାୟ ଋଣ ଏଥିପାଇଁ ଦାୟୀ।

ଏହା ଦିବାଲୋକ ପରି ସ୍ପଷ୍ଟ ଯେ, ଏ ଦେଶରେ ସଂଘଟିତ ହେଉଥିବା ସମସ୍ତ ଦୁର୍ନୀତି ମୂଳରେ ରାଜନେତା ଓ ଉଚ୍ଚ ପଦାଧିକାରୀଙ୍କର ପରୋକ୍ଷ ସମ୍ପୃକ୍ତି ନିହିତ। କୌଣସି ଘଟଣାରେ ଜନମତ ପ୍ରବଳ ହେଲେ ତାକୁ ପ୍ରଶମିତ କରିବା ପାଇଁ କିଛି ନିମ୍ନ ପାହ୍ୟାର କର୍ମଚାରୀଙ୍କୁ ଲୋକଦେଖାଣିଆଭାବେ ସାମୟିକ ନିଲମ୍ବନ କରିଦେଲେ କାର୍ଯ୍ୟ ଶେଷ। ନିର୍ମାଣରେ ମାନରକ୍ଷା କରାଯାଇ ନ ଥିବାରୁ ଅଧିକାଂଶ ନଦୀ ପୋଲ, ଫ୍ଲାଏଓଭର ଲୋକାର୍ପଣ ପୂର୍ବରୁ ଅଚଳ ହୋଇ ପଡୁଥିବା ଖବରକାଗଜ ପୃଷ୍ଠାରୁ ଜ୍ଞାତ ହେଉଛି। ଏ କ୍ଷେତ୍ରରେ କୌଣସି ବରିଷ୍ଠ ଅଧିକାରୀଙ୍କୁ ପ୍ରଶ୍ନ ମଧ୍ୟ କରାଯାଉ ନାହିଁ। ବରଂ ପ୍ରବଳ ଜନମତକୁ ପ୍ରଶମିତ କରିବା ପାଇଁ କିଛି କନିଷ୍ଠ ଯନ୍ତ୍ରୀଙ୍କୁ ନିଲମ୍ବନ କରାଯାଉଛି। ଏହା ଅତ୍ୟନ୍ତ ବାସ୍ତବ ଓ ଅନସ୍ୱୀକାର୍ଯ୍ୟ ଯେ ସେହି ଅଧସ୍ତନମାନଙ୍କର ସମ୍ପୃକ୍ତି ଗୁରୁତ୍ୱପୂର୍ଣ୍ଣ ନୁହେଁ। ଯଦିବା କିଛି ସମ୍ପୃକ୍ତି ଥାଏ, ତାହା କେବଳ ଉପରିସ୍ଥ ହାକିମଙ୍କର ଅଲିଖିତ ଆଦେଶର ପ୍ରତିଫଳନ ମାତ୍ର। ପ୍ରଥମେ ଯେତେବେଳେ ଛତିଶଗଡ଼ ମହାନଦୀ ଉପରେ ବ୍ୟାରେଜ ନିର୍ମାଣ କଥା ଜଣାପଡିଲା, ଓଡ଼ିଶାର ତଦାନୀନ୍ତନ ଜଳସମ୍ପଦ ସଚିବ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ଯେ ଆମ ମହାନଦୀର ଏକବୁନ୍ଦା ଜଳ ଛତିଶଗଡ଼ ନେବାର ପ୍ରଶ୍ନ ଉଠୁନାହିଁ। ତେଣୁ ଓଡ଼ିଶାବାସୀ ଭୟଭୀତ ହେବାର କାରଣ ନାହିଁ। କିନ୍ତୁ ବାସ୍ତବ ସ୍ଥିତି ଆଜି ଆମେ ପ୍ରତ୍ୟକ୍ଷ କରୁଛୁ।

ଶିକ୍ଷାବର୍ଷର ଚାରିମାସ ଅତିକ୍ରାନ୍ତ ହେଲା ପରେ ମଧ୍ୟ ଛାତ୍ରୀଛାତ୍ରଙ୍କୁ ପାଠ୍ୟପୁସ୍ତକ ଯୋଗାଇ ନ ଦିଆଯିବା ଏକ ସାଧାରଣ ଘଟଣା। ଅଥଚ ପାଠପଢା ନ ହେବା ପାଇଁ ଶିକ୍ଷକଙ୍କୁ ଦାୟୀ କରାଯାଏ। ବିଦ୍ୟାଳୟ ଗୃହନିର୍ମାଣ ନିମ୍ନମାନର ହେବା ଶିକ୍ଷା କମିଟି, ଠିକାଦାର ଓ ବ୍ଲକ କନିଷ୍ଠଯନ୍ତ୍ରୀଙ୍କ ଅସାଧୁମେଣ୍ଟର ଫଳ ହେଲେ ମଧ୍ୟ ଛାତ ଭୁଶୁଡି କିଛି ଦୁର୍ଘଟଣା ଘଟିଲେ ବିଚରା ପ୍ରଧାନଶିକ୍ଷକଟି ବଳିପଡ଼େ। ମାଟ୍ରିକ ପରୀକ୍ଷାରେ ପ୍ରଶ୍ନପତ୍ର ଭାଇରାଲ ହେବା ମୂଳରେ କିଛି ଅସାଧୁ ଅଭିଭାବକ ଓ ତାଙ୍କୁ ପ୍ରୋତ୍ସାହିତ କରୁଥିବା ଦାୟିତ୍ୱରେ ଥିବା କିଛି ପୋଲିସ ଅଧିକାରୀ ଓ ପରୀକ୍ଷାକେନ୍ଦ୍ରର କିଛି ଲାଞ୍ଚଖୋର ଶିକ୍ଷକଙ୍କ ମିଳିତ ମହାମେଣ୍ଟ ଦାୟୀ ହେଲେ ମଧ୍ୟ ବିଚରା କୋମଳମତି ପିଲାମାନଙ୍କର ପରୀକ୍ଷା ଫଳ ବାତିଲ କରାଯାଉଛି, ଯେଉଁମାନଙ୍କ ମଧ୍ୟରେ କିଛି ମେଧାବୀ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାର ମଧ୍ୟକୁ ଠେଲି ହୋଇଯାଉଛି। ଚିଟ୍‌ଫଣ୍ଡ ଠକେଇ ଆମ ରାଜ୍ୟର ଏକ କଳଙ୍କ। ଚିଟ୍‌ଫଣ୍ଡ କମ୍ପାନୀଗୁଡ଼ିକ ରାଜନେତା ଓ ବରିଷ୍ଠ ଅଧିକାରୀଙ୍କ ଅନୁଗ୍ରହରେ ସାଧାରଣ ଜନତାର କଷ୍ଟଲବ୍ଧ ଧନକୁ ଆତ୍ମସାତ୍ କରି ମୁକ୍ତ ବିଚରଣ କରୁଥିବା ବେଳେ କମ୍ପାନୀମାଲିକ କିମ୍ବା ତାଙ୍କୁ ପ୍ରୋତ୍ସାହନ ଦେଉଥିବା ନେତା, ମନ୍ତ୍ରୀ କିମ୍ବା ସରକାରୀ ବାବୁମାନେ କେହି ବି ସାମାନ୍ୟ ଅନୁକମ୍ପା ପ୍ରଦର୍ଶନ କରୁନାହାନ୍ତି। ଫଳତଃ ନିବେଶକଟି ଅସୀମ ମାନସିକ ଯନ୍ତ୍ରଣାରେ ଦଗ୍ଧ ହେଉଛି।

ମଦ ଉତ୍ପାଦନ, ଆମଦାନି ଓ ବିକ୍ରିକୁ ନିଷିଦ୍ଧ ନ କରି ମଦ୍ୟପଙ୍କ ଦୌରାତ୍ମ୍ୟ ଯୋଗୁ ଦୁର୍ଘଟଣା ଓ ସାମାଜିକ ନିରାପତ୍ତା ବିପନ୍ନ ହେଉଛି ବୋଲି ଚିତ୍କାର କରିବା ନିହାତି ହାସ୍ୟାସ୍ପଦ। ସେହିପରି ପ୍ଲାଷ୍ଟିକ ଉତ୍ପାଦନକୁ ନିଷେଧ ନ କରି ତା'ର ବିକ୍ରି ଓ ବ୍ୟବହାର ଉପରେ ଅଙ୍କୁଶ ଲଗାଇଲେ କିଛି ଲାଭ ନାହିଁ। କମ୍ପାନୀ ବନ୍ଦ ହେଲେ ଉତ୍ପାଦ ବଜାରରେ ଉପଲବ୍ଧ ହେବନାହିଁ କି ଲୋକେ ତା' ପ୍ରତି ଆକୃଷ୍ଟ ହେବେ ନାହିଁ। ଗୁଟ୍‌ଖା ଉତ୍ପାଦନ ନିଷିଦ୍ଧ ନ କରି ଏହାର ଖୋଳ ଉପରେ ବୈଧାନିକ ସତର୍କତା ଆଳରେ ଯେତେ ଭୟଙ୍କର ଚିତ୍ର ଆଙ୍କିଲେ ମଧ୍ୟ ଏହା ବ୍ୟବହାରକାରୀଙ୍କୁ ଆଦୌ ପ୍ରଭାବିତ କରୁନାହିଁ। ପରୋକ୍ଷରେ ସରକାରୀ ପ୍ରୋତ୍ସାହନପ୍ରାପ୍ତ କମ୍ପାନୀଗୁଡ଼ିକ ସମାଜକୁ ବିଷଜ୍ୱାଳାରେ ଭରପୂର କରିସାରିଲେଣି। କମ୍ପାନୀଗୁଡ଼ିକର ଧନ ଲାଳସା ଓ ସେଥିପାଇଁ ସରକାରୀ ବାବୁମାନଙ୍କର ପ୍ରୋତ୍ସାହନ ସାଧାରଣଙ୍କ ବିନାଶ ମାର୍ଗକୁ ସୁଗମ କରୁଛି। ଗରିବୀ ଶୋଷଣ ମାଧ୍ୟମରେ ଅର୍ଥ କ୍ଷମତାର ଶୀର୍ଷରେ ଉପନୀତ ହେବା ପାଇଁ ଚାଲିଥିବା ଅପ୍ରକାଶ୍ୟ ପ୍ରତିଯୋଗିତା ଏ ଦେଶର ସାଧାରଣ ଜନତାଙ୍କୁ ହତଚକିତ କରିଛି। ଓଡ଼ିଶାରେ ଅବସ୍ଥାପିତ ଜଣେ ତାମିଲ ଅଧିକାରୀଙ୍କ ସମ୍ପତ୍ତିର ମୂଲ୍ୟ ପ୍ରାୟ ସାଢେ ସାତହଜାର କୋଟି ଏବଂ ସେ ତାମିଲନାଡୁର ଶ୍ରେଷ୍ଠ ନବମ ଧନୀବ୍ୟକ୍ତି ବୋଲି ନିକଟରେ ସୋସିଆଲ ମିଡିଆରେ ପ୍ରକାଶ ପାଇଛି। ଏହା ସତ୍ୟ ହୋଇଥିଲେ ସାଂଘାତିକ। କାରଣ ଏ ବିପୁଳ ସମ୍ପତ୍ତିର ସିଂହଭାଗ ଓଡ଼ିଶାର, ଯାହାକୁ ସେ ଅତି ଚତୁରତାର ସହ ଲୁଟିଛନ୍ତି। ଏ ଦେଶର ମନ୍ତ୍ରୀ, ବିଧାୟକ ଓ ପାର୍ଲାମେଣ୍ଟ ସଦସ୍ୟଙ୍କ ସମ୍ପତ୍ତି ଆହରଣର ପୌନଃପୁନିକତା ସମସ୍ତ ଗାଣିତିକ ସୂତ୍ରର ଊର୍ଦ୍ଧ୍ୱରେ। ଦୁର୍ନୀତି ନିବାରଣ ସଂସ୍ଥା କ୍ଷୁଦ୍ର ଅଧିକାରୀମାନଙ୍କୁ କୌଶଳରେ ଜାଲ ବିଛାଇ କାବୁ କରୁଥିବା ବେଳେ କୌଣସି ସଂସ୍ଥା ଉଚ୍ଚ ପଦାଧିକାରୀ ଓ ସେମାନଙ୍କ ଶାସନ ମୁଖ୍ୟଙ୍କ ନିକଟରେ ପହଞ୍ଚି ପାରୁନାହିଁ। ଗରିବ ଜୀବନଧାରଣ ପାଇଁ ସଂଗ୍ରାମ କରୁଥିବା ବେଳେ ଏମାନଙ୍କ ଧନରାଶି ସୀମାତୀତ ଭାବେ ବୃଦ୍ଧି ପାଇଚାଲିଛି।

ସବୁ ଧର୍ମଶାସ୍ତ୍ରରେ ଧନ ଉପାର୍ଜନ ପାଇଁ ସୀମାଧାର୍ଯ୍ୟ କରାଯାଇଛି। ଯେପରି ବେଦ କହେ– ଧନ ଉପାର୍ଜନ ସମୟରେ ପରଦୁଃଖ ପ୍ରତି ଉଦାସୀନ ହେବା ଉଚିତ ନୁହେଁ। ସ୍ୱଭାବ କବି ଗଙ୍ଗାଧର ମେହେର କହନ୍ତି– ''ଧନ ନୀରବେ ଆସିବୁରେ ଗରବ ନ ଦେବୁ ମନେ, ବିରତ ନ କରି ଅବିରତ ଥିବୁ ବିବେକ ଅନୁମୋଦନେ। ପଡିଲେ ତୋ ପାଦ ଦେବି ଧନ୍ୟବାଦ ତୋଷିବି ମୁଁ ସମାଜରେ, କିନ୍ତୁ ଏ ଜଗତେ ଅନ୍ୟକୁ ବା ମୋତେ ନ ପେଲିବୁ ପ୍ରମାଦରେ।''

ନିଜ ପାଇଁ ଓ ଅନ୍ୟ ଲାଗି ବିପଦ ସୃଷ୍ଟି କରି ଧନ ଅର୍ଜନ କରିବାକୁ କବି ବାରଣ କରିଛନ୍ତି। ସବଳ ବିରୋଧରେ କେହି ତୁଣ୍ଡ ଖୋଲନ୍ତି ନାହିଁ। ମହାବଳମାନେ ପ୍ରତ୍ୟହ ନିରୀହ ମୃଗଶାବକମାନଙ୍କୁ ଶିକାର କରିବାରେ ଲାଗିଛନ୍ତି। ହେଲେ ବଡ଼ ଲୋକଙ୍କୁ ଉତ୍ତର ନାହିଁ।

ସିଦ୍ଧଳ, ଜଗତ୍‌ସିଂହପୁର, ମୋ–୯୯୩୭୪୫୦୫୪୦

# ଭୋଟର ମାଫିଆ



ଦ୍ୱିତୀ ଚନ୍ଦ୍ର ସାହୁ

ନାଁ ତା'ର ନୃପତି। ନିର୍ବାଚନ ଘୋଷଣା ହେଲେ ତା'ର ମନ ଖାଲି ଛନଛନ। ସେ କେବେ ନେତା ହୋଇନି। ନେତା ହେବାକୁ ତା'ର ଇଚ୍ଛା ବି ନାହିଁ। କୌଣସି ନିର୍ବାଚନରେ ବି ଲଢିନି। ତଥାପି ନିର୍ବାଚନରେ ବେଶି ରୁଚି। ନିର୍ବାଚନ ମଇଦାନରେ ଯେତେ ଅଧିକା ଦଳର ପ୍ରାର୍ଥୀ ଠିଆ ହେବେ ସେ ସେତେ ଉତ୍‌ଫୁଲ୍ଲ। ନିର୍ଦ୍ଦିଷ୍ଟ ଦଳ କିମ୍ବା ନେତାଙ୍କ ବଶମ୍ବଦ ହୋଇ ରହିନି କେବେ! ତେଣୁ ହାରଜିତରେ ବି ତା'ର କିଛି ଫରକ ପଡେନି। କୌରବ ଜିତିଲେ ଯାହା ପାଣ୍ଡବ ଜିତିଲେ ବି ସେୟା।

ନୃପତିର ମତ ହେଲା ପ୍ରତିବର୍ଷ ନିର୍ବାଚନ ହେବା ଦରକାର। ପାଞ୍ଚ ବର୍ଷ ଧରି ଗୋଟେ ସରକାର କ'ଣ! ପ୍ରତିବର୍ଷ ନିର୍ବାଚନ ହେଲେ ହିଁ ତା' ଭଳି ଜୀବମାନେ ବଞ୍ଚିବେ। ନୃପତିର କିଛି ବେଉସା ନାହିଁ। ନେତା ନ ହୋଇକି ବି ସେ ସବୁବେଳେ ଖଦଡ ପାଇଜାମା ପିନ୍ଧେ। ମୁଣ୍ଡରେ ନେହେରୁ ଟୋପି। ଆଉ କାମ ହେଲା ଲୋକ ଯୋଗାଡ କରିବା। ନିର୍ବାଚନ ଆସିଲେ ସେ ବିଭିନ୍ନ ଦଳ ଲାଗି ଲୋକ ଯୋଗାଡ କରେ। ନିର୍ବାଚନୀ ସଭାକୁ, ନାମାଙ୍କନ ଦାଖଲ ପାଇଁ, କେବେକେବେ ସଭାସମିତି, ରାଲି ଆଦି ଲାଗି ନୃପତି ସହଜରେ ଲୋକ ଯୋଗାଡ କରେ। ଏଇ କାରଣରୁ ସବୁ ଦଳ ପାଇଁ ସେ ଦରକାରୀ। କିନ୍ତୁ ପକ୍କା ବେପାରୀ। ମୁଣ୍ଡ ପିଛା ଠନଠନ କରି ପଇସା ନେବ। ପ୍ରଚାର ଗାଡିରେ ଯିବା, ପୋଷ୍ଟର ମାରିବା, ବାନା ବାନ୍ଧିବା, ପଦଯାତ୍ରା, ବିକ୍ଷୋଭ, ଶାନ୍ତି ଆନ୍ଦୋଳନ, ଆଇନ ଅମାନ୍ୟ ଆନ୍ଦୋଳନ ଏମିତି ଅଲଗା ଅଲଗା କାମ ପାଇଁ ସେ ସହଜରେ ସେଇ ଅନୁଯାୟୀ ଲୋକ ଯୋଗାଡ କରିଦେଇପାରେ। ଏସବୁରୁ ସେ ବର୍ଷ ତମାମ ବଞ୍ଚିବା ଲାଗି ଅର୍ଥ ଯୋଗାଡ କରେ। ତା' ବାଦେ ତା'ର ଚିହ୍ନା ଥିବା ଅଞ୍ଚଳରେ ଅଦୃଶ୍ୟରେ ହେଉଥିବା ଭୋଟ କିଣାବିକା ଲାଗି ବି ଭୋଟରଙ୍କ ମୁଣ୍ଡ ପିଛା ବିଭିନ୍ନ ଦଳରୁ ଟଙ୍କା ଆଣି ତା'ର ଅଧା ଅର୍ଥ ଲୋକଙ୍କ ଭିତରେ ବାଣ୍ଟେ। ଏମିତିରେ କାହାରି ଅଭାବ ଅସୁବିଧା ବେଳେ ଗାଁ ଲୋକଙ୍କ ନିକଟରେ ଠିଆ ହୁଏ ଠିକ୍ ନେତା ଭଳି। କେବଳ ବିଶ୍ୱସନୀୟତା ନ ହରାଇବା ଲାଗି। ଏମିତି କି ନିର୍ବାଚନ ଋତୁ ପରେ ବି ଛୋଟମୋଟିଆ ଚାକିରିଆଙ୍କ ବଦଳି ଲାଗି ରାଜଧାନୀ ଯାଇ ଯେନତେନ କାମ କରେ। କେବେ କେବେ ସଫଳ ହୁଏ। ପୁଣି କେବେ କେବେ ଅସଫଳ ହେଲେ ଗାଳିମାଡ଼ ଖାଏ। ତଥାପି ତା'ର ବୃତ୍ତି ପ୍ରତି ଆନୁଗତ୍ୟ ସବୁବେଳେ ରହିଆସିଛି।

କେବଳ ନୃପତି ନୁହଁ, ଏବେ ସବୁ ଗାଁ ଗହଳିରେ ଏମିତି ଭୋଟର ମାଫିଆ ହାଉଯାଉ। ସେମାନେ ଭୋଟରଙ୍କୁ ପ୍ରଭାବିତ କରିବା ଲାଗି ତଳସ୍ତରରେ କାମ କରନ୍ତି। ନେତା ସିନା ଫୁଲମାଳ ପିନ୍ଧି ଗାଁକୁ ଗାଁ, ସାହିକୁ ସାହି ବୁଲି ଭୋଟ ଭିକ୍ଷା କରିଚାଲନ୍ତି। କିନ୍ତୁ ଅସଲ ଖେଳ ଏଇ ଜାତୀୟ ଜୀବମାନେ କରନ୍ତି। କାହାକୁ କ'ଣ ଦେଇ ତୁଷ୍ଟ କରିବେ ସେଥିନେଇ ମୁଣ୍ଡ ଖଟାନ୍ତି। ସବୁ ଉଦ୍ୟମ ସତ୍ତ୍ୱେ ଲୋକଙ୍କ ମୋହ ନ ତୁଟିଲେ ନିଜ ସପକ୍ଷରେ ମତ ବୁଲାଇବା ଲାଗି ରାତି ଅଧିଆ କାମରେ ଲାଗିଯାନ୍ତି। ପୋଲିସ ପ୍ରଶାସନର କଡା ନଜର ସତ୍ତ୍ୱେ ସମସ୍ତଙ୍କୁ ଚକ୍‌ମା ଦେଇ ଟଙ୍କାଠାରୁ ଆରମ୍ଭ କରି ଲୁଗା, ଜିନିଷ, ଖେଳ ସାମଗ୍ରୀ ଭଳି ବହୁ ପ୍ରକାର ପ୍ରଲୋଭନରେ ବଶୀଭୂତ କରିବାକୁ ଚେଷ୍ଟା କରନ୍ତି। ଏମିତିକି ଭାବାବେଗକୁ ନେଇ ଠାକୁରଙ୍କ ନିକଟରେ ବି ଶପଥ କରାଇ ଭୋଟ ଦେବାକୁ ବିବଶ କରାଇପାରନ୍ତି। ଏଇକ୍ରମରେ ସେମାନେ ନିଜେ ମାଲାମାଲ ହୋଇଯାନ୍ତି। ନିଜର ଖର୍ଚ୍ଚପାଣି ଉଠାଇ ଦିଅନ୍ତି।

ଖଣି ମାଫିଆ, ଜାଗା ମାଫିଆ, ଦେହ ମାଫିଆ, ସାଂସ୍କୃତିକ ମାଫିଆଙ୍କ ଭଳି ଭୋଟର ମାଫିଆମାନେ ନିର୍ବାଚନ ଋତୁରେ ପୂରା ସକ୍ରିୟ। ଏମାନଙ୍କୁ ଛାଡି ନେତାମାନେ ରାଜନୀତି କରି ପାରିବେନି। ଏମାନଙ୍କ ତୁଷ୍ଟୀକରଣ ନେତାଙ୍କ ପ୍ରଥମ କାମ। ନେତା ଓ ଭୋଟର ମଧ୍ୟରେ ଏମାନେ ସେତୁ ଭଳି କାମ କରନ୍ତି। ଜିତିଲା ପରେ ନିର୍ବାଚନ ମଣ୍ଡଳୀକୁ କେବେ ଯିବାକୁ ହେଲେ ଏମାନେ ମୁଖ୍ୟତଃ କାର୍ପେଟଦାର ସାଜିଥାନ୍ତି। ଲୋକଙ୍କୁ ଯୋଗାଡ କରି ଏକାଠି କରିବା। ନେତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦେବା। ର୍‌ୟାଲି କରାଇ ବୁଲେଇବା କାମ ପାଇଁ ତ ପୁଣି ନେତାଙ୍କୁ ଲୋକ ଦରକାର। ଅନ୍ତତଃ ଏଇ ସବୁ କାମ ଲାଗି ନେତାମାନେ ଏଇ ଭୋଟର ମାଫିଆମାନଙ୍କ ସୁବିଧା ଅସୁବିଧା ବୁଝି ପାଖରେ ରଖିଥାନ୍ତି। ଅବଶ୍ୟ ଅର୍ଥ ଅଧିକ ମିଳିଲେ ବହୁରୂପୀ ଭଳି ରଙ୍ଗ ବଦଳେଇ ପାରନ୍ତି ଏମାନେ ସହଜରେ। ନୃପତି ଅବଶ୍ୟ ସଚ୍ଚୋଟ ଭୋଟର ମାଫିଆ। କାରଣ ସେ ଯାହାର ଖାଏ ତା'ର ଗାଏ। ସେଇ ଅନୁରୂପ କାମ କରେ। କିନ୍ତୁ ଏବେ ଆପଣଙ୍କ ଚାରିପାଖରେ ନୃପତି ଭଳି ଗୁଡାଏ ଭୋଟର ମାଫିଆ ସକ୍ରିୟ ହୋଇସାରିଥିବେ। ସୁତରାଂ ସାବଧାନ! ପ୍ରଭାବିତ ନ ହୋଇ ନିଜ ବିବେକାନୁମୋଦିତ ଭୋଟ ଦିଅନ୍ତୁ। ଭଲ ଲୋକଙ୍କୁ ବାଛନ୍ତୁ। ଗଣତନ୍ତ୍ରକୁ ସୁଦୃଢ଼ କରନ୍ତୁ।

ଇନ୍ଦିରା ନଗର, ରାୟଗଡ଼ା, ମୋ–୯୫୫୬୨୮୭୭୭୫,
dwitisahu@gmail.com

## ଏଇ ଭାରତରେ

ଗୁଜରାଟରେ ଏପ୍ରିଲ ୨୨ରେ ଏକ ବିବାହ ଉତ୍ସବ ଆୟୋଜନ ହେବାକୁ ଯାଉଛି। ଏଥିପାଇଁ ନିମନ୍ତ୍ରଣପତ୍ର ମଧ୍ୟ ବଣ୍ଟା ସରିଛି। ତେବେ ଏହା ସାଧାରଣ ବିବାହ ନୁହେଁ। ଏଥିରେ ଗୋଟିଏ ବେଦିରେ ୨ କନ୍ୟାଙ୍କୁ ବିବାହ କରିବେ ଜଣେ ବର ଏବଂ ବରଯାତ୍ରୀ ହେବେ ତାଙ୍କର ଜନ୍ମିତ ୩ ସନ୍ତାନ। ସେ ହେଉଛନ୍ତି ପାଲଘର ବାସିନ୍ଦା ସଞ୍ଜୟ ଧାଗଡ଼ା। ସେ ରିକ୍ସା ଚଳାନ୍ତି। ୧୦ ବର୍ଷ ତଳେ ବେବିଙ୍କ ସହିତ ତାଙ୍କର ଦେଖାହୋଇଥିଲା। ଚିହ୍ନା ପରିଚୟରୁ ପ୍ରେମସମ୍ପର୍କ। ପରେ ସେମାନେ ପଇସାପତ୍ର ଅଭାବରୁ ବିବାହ ନ କରି ଦୁହେଁ ଏକତ୍ର ରହିଲେ। ଉକ୍ତ ଦମ୍ପତିଙ୍କର ବର୍ତ୍ତମାନ ୩ ସନ୍ତାନ। ଏହାପରେ ୨୦୧୧ରେ ସଞ୍ଜୟ ଏକ କମ୍ପାନୀରେ ଚାକିରି କରୁଥିବାବେଳେ ସାଥୀ ରୀନାଙ୍କ ସହିତ ତାଙ୍କର କିଛିଦିନ ତଳେ ଦେଖା ହୋଇଥିଲା। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଲା। ଏବେ ସଞ୍ଜୟ, ବେବି ଏବଂ ରିନା ବିବାହ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣପତ୍ର ଦିଆସରିଛି। ଏହି ବିବାହକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜାରି ରହିଛି।

## ୨୫ ବର୍ଷ ତଳର ଧରିତ୍ରୀ

### ୧୬ ଏପ୍ରିଲ ୧୯୯୪

- ଦୀର୍ଘ ୮ବର୍ଷ ଧରି ଚାଲି ଆସିଥିବା ଉରୁଗୁଏ ପର୍ଯ୍ୟାୟ ବାଣିଜ୍ୟ କଥାବାର୍ତ୍ତାର ପରିସମାପ୍ତି ଘଟାଇବାକୁ ଯାଇ ବିଶ୍ୱ ବାଣିଜ୍ୟ ସଂକ୍ରାନ୍ତ ବହୁଚର୍ଚ୍ଚିତ 'ଗାଟ୍' ରାଜିନାମା ସ୍ୱାକ୍ଷରିତ ହୋଇଛି।
- ଉଚ୍ଚ ପର୍ଯ୍ୟାୟର ବାଣିଜ୍ୟ ଏବଂ ପ୍ରଯୁକ୍ତି ସହଯୋଗ ପ୍ରତିଷ୍ଠା ପାଇଁ ଭାରତ ଏବଂ ପଶ୍ଚିମ ଅଷ୍ଟ୍ରେଲିଆ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।
- ରୁଆଣ୍ଡାର ସରକାରୀ ସୈନ୍ୟ ଓ ବିଦ୍ରୋହୀ ରୁଆଣ୍ଡା ପାଟ୍ରିଓଟିକ ଫ୍ରଣ୍ଟର ସୈନ୍ୟମାନଙ୍କ ମଧ୍ୟରେ ରାଜଧାନୀ କିଗାଲିଠାରେ ଭୟାବହ ସଂଘର୍ଷରେ ୧ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ପ୍ରାଣହାନି।

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | | | 2 | 6 | | | 3 | B |
| | | | | C | A | | | | | 7 | 5 | | | |
| 0 | | | | 7 | | | 6 | 9 | B | | 8 | E | C | |
| 2 | | E | 1 | | 6 | | | | | 4 | | | 0 | |
| 9 | | | | | | A | 2 | | | | 1 | D | | 7 |
| 3 | | | | | 0 | | | | | | | 8 | | 6 |
| B | | | 7 | | | 2 | | C | 6 | | | 4 | E | |
| | E | 9 | | 8 | 1 | | | 0 | | 3 | | | | |
| 1 | 7 | 8 | | | | | | | | | | 3 | 2 | |
| 4 | | D | 2 | | | | 9 | | E | | | | 7 | |
| | | 0 | | | | | | | | 9 | A | | | E |
| C | | | 0 | | | | 1 | | 7 | | | | | |
| | | 5 | 6 | 2 | | C | D | | 1 | | | 7 | | |
| 7 | 2 | | | | 5 | | | | | | E | | 8 | 4 |
| D | | B | 8 | | | | | 6 | | 5 | 4 | | 9 | C |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | D | 8 | A | 0 | 9 | 6 | 3 | 7 | 5 | B | 1 | C | 4 | 2 |
| 4 | 1 | 3 | 6 | B | E | 5 | D | C | 7 | 2 | A | 8 | 0 | 9 |
| C | B | 6 | 2 | 1 | 5 | E | A | 0 | 4 | 9 | 8 | 3 | 7 | D |
| 0 | 5 | 2 | 7 | 3 | 4 | 9 | B | 8 | C | D | E | 6 | A | 1 |
| 9 | 7 | A | D | C | 8 | 2 | 1 | 4 | 0 | 6 | 3 | B | 5 | E |
| A | 9 | 4 | 5 | 6 | 0 | D | 8 | 2 | 3 | C | 7 | E | 1 | B |
| 3 | C | 0 | B | 2 | D | 7 | 9 | 1 | E | A | 5 | 4 | 8 | 6 |
| 7 | 6 | 5 | 4 | 8 | A | C | E | 3 | B | 1 | 2 | 9 | D | 0 |
| B | 8 | D | C | E | 1 | A | 0 | 5 | 9 | 4 | 6 | 7 | 2 | 3 |
| 2 | E | 1 | 3 | 9 | 7 | 4 | 6 | B | D | 8 | 0 | 5 | C | A |
| 5 | 3 | C | 9 | A | 6 | 1 | 7 | E | 8 | 0 | D | 2 | B | 4 |
| D | 2 | E | 0 | 4 | C | 8 | 5 | 9 | 1 | 3 | B | A | 6 | 7 |
| 1 | 4 | B | 8 | D | 2 | 3 | C | 6 | A | 7 | 9 | 0 | E | 5 |
| 8 | 0 | 7 | 1 | 5 | 3 | B | 2 | A | 6 | E | 4 | D | 9 | C |
| 6 | A | 9 | E | 7 | B | 0 | 4 | D | 2 | 5 | C | 1 | 3 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସମସ୍ତେ ଭୋଟ ଦିଅନ୍ତୁ

ମହାଶୟ,

ଏବେ ସାଧାରଣ ନିର୍ବାଚନ ଚାଲିଛି। ତେବେ ଦୁଃଖର ବିଷୟ। ଯୁବବର୍ଗଙ୍କ ମଧ୍ୟରୁ ଅନେକେ ଭୋଟ ଦେବାକୁ ଅନିଚ୍ଛୁକ। ଏକ ରିପୋର୍ଟ ଅନୁଯାୟୀ, ଗତ ସାଧାରଣ ନିର୍ବାଚନରେ ଭାରତରେ ୬୮ ପ୍ରତିଶତ ମତଦାନ ହୋଇଥିବା ବେଳେ ଓଡ଼ିଶାରେ ଏହା ୭୩ ପ୍ରତଶତ ଥିଲା। ମତଦାନ କରି ନ ଥିବା ଜନସାଧାରଣଙ୍କ ମଧ୍ୟରୁ ଅଧାରୁ ଅଧିକ ହେଉଛନ୍ତି ଯୁବବର୍ଗ। ଆଶାକରେ, ଚଳିତ ସାଧାରଣ ନିର୍ବାଚନର ଅବଶିଷ୍ଟ ପର୍ଯ୍ୟାୟଗୁଡ଼ିକରେ ଯୁବବର୍ଗ ତଥା ସମସ୍ତ ଭୋଟର ବିପୁଳ ପରିମାଣରେ ମତଦାନ କରିବେ।

ସୌମ୍ୟା ମହାରଣା, ଛାତ୍ର, ଆଦିମାତା କଲୋନୀ, ଭୁବନେଶ୍ୱର

### ପ୍ରତିଶ୍ରୁତି ପାଳନ ହିଁ ସଫଳତାର ମାପକାଠି

ନିର୍ବାଚନ ପରିପ୍ରେକ୍ଷୀରେ ବିଭିନ୍ନ ଦଳର ଝଡ଼ ପ୍ରଚାରକମାନେ ନିଜ ଦଳ ବା ସରକାରଙ୍କ ସଫଳତା ଓ ପ୍ରତିପକ୍ଷଙ୍କ ବିଫଳତା ବଖାଣିବାରେ ଲାଗିଛନ୍ତି। କିନ୍ତୁ ନିଜ ଦଳ ବା ସରକାର ପାଞ୍ଚବର୍ଷ ପୂର୍ବେ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତିରୁ କେତେ ପାଳନ କରିଛନ୍ତି, ସେ ସମ୍ପର୍କରେ କିଛି କହୁନାହାନ୍ତି। ପୂର୍ବ ପ୍ରତିଶ୍ରୁତି ପାଳନ ହିଁ ସଫଳତାର ମାପକାଠି। ଏଣୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ଶାସକ ଦଳ ନିଜର ନିର୍ବାଚନୀ ପ୍ରତିଶ୍ରୁତିରୁ କେତେ ପ୍ରତିଶତ ପାଳନ କରିଛନ୍ତି ସେ ସମ୍ପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ଭୋଟରଙ୍କ ନିକଟରେ ଉପସ୍ଥାପନ କରନ୍ତୁ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ରାଜନେତା ଓ ଚିଟ୍‌ଫଣ୍ଡ

ଏବେ ରାଜ୍ୟରେ ଏକ ସମୟରେ ଲୋକସଭା ଓ ବିଧାନସଭା ନିର୍ବାଚନ ଚାଲିଛି। ନେତାମାନେ ଭୋଟରମାନଙ୍କୁ ପ୍ରଭାବିତ କରିବା ପାଇଁ ଅନେକ ତୁଷ୍ଟୀକରଣ ଯୋଜନା ଘୋଷଣା କରିଛନ୍ତି। ନିର୍ବାଚନ ପୂର୍ବରୁ ରାଜ୍ୟରେ ଏକ ଅଦିନିଆ ଝଡ ପରି ଚିଟ୍‌ଫଣ୍ଡ ଠକାମିକୁ ନେଇ ଆନ୍ଦୋଳନ ଦାନା ବାନ୍ଧିଥିଲା। ଏ ଠକ ସଂସ୍ଥାଗୁଡ଼ିକ ସହ କିଛି ନେତା ହାତ ମିଳାଇ ଏବଂ ତାଙ୍କ ସହ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବରେ ସଂଶ୍ଳିଷ୍ଟ ହୋଇ ସଂସ୍ଥାର ଗ୍ରହଣୀୟତା ବଢାଇଥିଲେ। ଚିଟ୍‌ଫଣ୍ଡ ଓ ରାଜନୈତିକ ଦଳର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଏକ ଏବଂ ଅଭିନ୍ନ ପରି ମନେହୁଏ। ତେଣୁ ଜନସାଧାରଣ ଏପରି ଠକ ସଂସ୍ଥାଗୁଡ଼ିକଠାରୁ ଦୂରରେ ଥିବା ସଚ୍ଚୋଟ ନେତାଙ୍କୁ ଭୋଟ ଦିଅନ୍ତୁ।

ରାମଚନ୍ଦ୍ର ପାଲଟାସିଂହ, କୁମାରବସ୍ତ, ଘୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବୋଲେରୋ-ବାଇକ୍ ମୁହାଁମୁହିଁ, ୨ ମୃତ

#### ଉତ୍ତ୍ୟକ୍ତ ଲୋକେ ପୋଡ଼ିଦେଲେ ଗାଡ଼ି

**ମାଲକାନଗିରି,୧୫।୪(ଡି.ଏନ.ଏ):** ମାଲକାନଗିରି ଜିଲା ପୋଟେରୁ କଲେଜ ଛକ ନିକଟରେ ସୋମବାର ଅପରାହ୍ନ ପ୍ରାୟ ୫ଟାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ବୋଲେରୋ-ବାଇକକୁ ମୁହାଁମୁହିଁ ଧକ୍କା ହେବା ଯୋଗୁ ଘଟଣା ସ୍ଥଳରେ ୨ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ବୋଲେରୋ ଡ୍ରାଇଭର ଆହତ ହୋଇଛନ୍ତି। ଉଭୟ ବାଇକ ଆରୋହୀଙ୍କ ମୃତ୍ୟୁ ପରେ ଘଟଣା ସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତେଜିତ ଲୋକେ ଦୁର୍ଘଟଣା ଘଟାଇଥିବା ବୋଲେରୋକୁ ନିଆଁ ଲଗାଇ ଜାଳି ଦେଇଛନ୍ତି। ଦୁଇ ମୃତକ ହେଲେ ଗୁମୁକା ପଞ୍ଚାୟତର ଏମଭି-୬୫ ଗ୍ରାମର ଯୋଗେଶ ଗାଇନଙ୍କ ପୁଅ ଶ୍ୟାମଲ ଗାଇନ ଓ ଏମପିଭି-୧୩ ଗ୍ରାମର ମଣିନ୍ଦ୍ର ଦାସଙ୍କ ପୁଅ ମେଘନାଦ ଦାସ ବୋଲି ଜଣାପଡ଼ିଛି। ପୋଟେରୁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାକୁ ଚେଷ୍ଟା ଜାରି ରଖିଛି। ଖବର ଲେଖା ହେବାଯାଏ ସେଠାରେ ପରିସ୍ଥିତି ଅଣାୟତ ରହିଛି ।

### ବିଚାରାଧୀନ କଏଦୀଙ୍କ ମୃତ୍ୟୁ

**ଜୟପୁର,୧୫।୪(ଡି.ଏନ.ଏ/ନି.ପ୍ର):** କୋରାପୁଟ ଜିଲା ଜୟପୁର ଉପ-କାରାଗାରର ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ହୋଇଛି । ସେ ହେଲେ ଆନ୍ଧ୍ରପ୍ରଦେଶ ରାଜ୍ୟର ବିଶାଖାପାଟଣା ଜିଲା ସିଲେରୁ ଥାନା ଅନ୍ତର୍ଗତ ଦୋରକଣ୍ଡା ଗ୍ରାମର କିମିଡ୍ଡୁ ରାମା (୨୦)। ଗତ ମାର୍ଚ୍ଚ ୧୫ ତାରିଖରେ ଗଞ୍ଜେଇ ଚୋରା ଚାଲାଣ ମାମଲାରେ ବୈପାରୀଗୁଡ଼ା ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସେହି ଦିନଠାରୁ ସେ ଜୟପୁର ଜେଲରେ ବିଚାରାଧୀନ କଏଦୀ ଭାବେ ରହୁଥିଲେ । ଏନେଇ ଚିକିତ୍ସାଳୟ କର୍ତ୍ତୃପକ୍ଷ କୌଣସ ସୂଚନା ଦେଇ ନାହାନ୍ତି । ଜେଲ କର୍ତ୍ତୃପକ୍ଷ କହିବା ଅନୁଯାୟୀ, ରବିବାର ସନ୍ଧ୍ୟାରେ ରାମାଙ୍କ ବାନ୍ତିହେବାରୁ ସେ ଗୁରୁତର ହୋଇ ପଡ଼ିଥିଲେ । ସଙ୍ଗେ ସଙ୍ଗେ ତାଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସୋମବାର ଭୋରରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ଏ ନେଇ ପୋଲିସ ଏକ ମାମଲା ରୁଜୁ କରିବା ସହିତ ତଦନ୍ତ ଚଳାଇଛି ।

### ୩ କୋଇଲା ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

#### ପାରତାପୁର ଘାଟି ଦୁର୍ଘଟଣାରେ ଟ୍ରକ ଡ୍ରାଇଭର, ହେଲ୍‌ପର ମୃତ

**ରାୟଗଡା ଅଫିସ୍, ୧୫।୪:** ରାୟଗଡ଼ା ଓ ଶେଷଖାଲ ଥାନା ଅଞ୍ଚଳରେ ସୋମବାର ପୃଥକ ସ୍ଥାନରେ ୩ଟି ଟ୍ରକ୍ ଦୁର୍ଘଟଣା ଘଟିଛି। ଏଥିରେ ୨ଜଣ ପ୍ରାଣ ହରାଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକମାନେ ପଡୋଶୀ ରାଜସ୍ଥାନ ରାଜ୍ୟ ବିଲବାଡା ଜିଲା ମନୋହରଗଡ ଗ୍ରାମର ଭବର ସିଂ ମୀନା(୫୦) ଓ ସୁରେଶ ମୀନା(୩୦) । ଆହତ ଜଣକ ହେଲେ ହରିଶ ଲାଲ। ପ୍ରକାଶ ଯେ, ବିଶାଖାପାଟଣା ବନ୍ଦରରୁ କୋଇଲା ବୋଝେଇକରି ୭ଟି ଟ୍ରକ୍ ରାୟଗଡ଼ାକୁ ଆସୁଥିଲା। ସୋମବାର ଭୋରରୁ ୩ଟି ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ପ୍ରଥମେ ରାୟଗଡା ସହରର ଝଞ୍ଜାବତୀ ନଦୀ ଉପରେ ଥିବା ପୋଲରେ ଗୋଟିଏ ଟ୍ରକ୍ (ଓଡି-୨୩ସି-୮୮୪୧) ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଟ୍ରକ୍‌ଟି ନିୟନ୍ତ୍ରଣ ହରାଇ ପୋଲ ନିକଟରେ ଥିବା ସୁରକ୍ଷା ପାଚେରିରେ ବାଡେଇ ହୋଇଥିଲା। ଏଥିରେ ଟ୍ରକ୍ ଡ୍ରାଇଭର ହରିଶ ଲାଲ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପୋଲିସ ଉଦ୍ଧାରକରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ସେହିପରି ଶେଷଖାଲ ଥାନା ପାରତାପୁର ଘାଟିରେ ସୋମବାର ଭୋର ପ୍ରାୟ ୫ଟାରେ ଏକ କୋଇଲା ବୋଝେଇ ଟ୍ରକ୍ (ଆର୍‌ଜେ-୦୬ଜିଏ-୭୬୮୧) ଭାରସାମ୍ୟ ହରାଇ ଓଲଟି ପଡି ଏକ ଗଛରେ ପିଟି ହୋଇ ଯାଇଥିଲା। ଏଥିରେ ଟ୍ରକ୍ ଡ୍ରାଇଭର ଭବର ସିଂ ମୀନା ଓ ହେଲ୍‌ପର ସୁରେଶ ମୀନା ପ୍ରାଣ ହରାଇଛନ୍ତି। ପଛରେ ଆସୁଥିବା ଅନ୍ୟ ଏକ ଟ୍ରକ୍ କର୍ମଚାରୀମାନେ ସେମାନଙ୍କୁ ଉଦ୍ଧାର କରି ପୋଲିସକୁ ସୂଚନା ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ମୃତକଙ୍କ ପରିବାରକୁ ସୂଚନା ଦେଇଛି। ସେହିଭଳି ଅତଡା ଗାଁ ନିକଟରେ ଆଉ ଏକ ଟ୍ରକ୍(ଏପି-୦୭-ଟିଏମ୍-୮୧୮୯) ନିୟନ୍ତ୍ରଣ ହରାଇ ଏକ ଚାଷ ଜମିରେ ଓଲଟି ପଡିଛି। ଏହି ଦୁର୍ଘଟଣାରେ କେହି ମୃତାହତ ହୋଇନାହାନ୍ତି। ଏନେଇ ରାୟଗଡା ଥାନା ଓ ଶେଷଖାଲ ଥାନାରେ ଗୋଟିଏ ଲେଖାଏ ମାମଲା ରୁଜୁ ହୋଇଥିବା ଏସ୍‌ଡିପିଓ ତପନ କୁମାର ରଥ କହିଛନ୍ତି।

# ଡବଲ ଇଞ୍ଜିନ ରାଜ୍ୟରେ ଆଣିବ ବିକାଶ

**ରାଉରକେଲା ଅଫିସ/ଫୁଲବାଣୀ ଅଫିସ/ଅନୁଗୋଳ ଅଫିସ, ୧୫।୪**



ରାଉରକେଲା ସମାବେଶରେ ଉପସ୍ଥିତ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ ଓ ଅନ୍ୟ ନେତୃମଣ୍ଡଳୀ।

## ନିର୍ବାଚନୀ ସଭାରେ ଯୋଗୀ ଆଦିତ୍ୟନାଥ

- ରାଉରକେଲା, ଅନୁଗୋଳ, ଫୁଲବାଣୀରେ ସାଧାରଣ ସଭାରେ ଯୋଗ ଦେଲେ
- ଭାଜପା ଆସିଲେ ବିକାଶର ନୂଆ ଓଡିଶା ନିର୍ମାଣ ସଫଳ ହେବ
- ଚିଟଫଣ୍ଡରେ ସମ୍ପୃକ୍ତ ନେତାଙ୍କୁ ପ୍ରୋତ୍ସାହିତ କରୁଛନ୍ତି ରାଜ୍ୟ ସରକାର

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୧୮ତାରିଖରେ ହେବ। ଏହି ପର୍ଯ୍ୟାୟରେ ହେଉଥିବା ଲୋକ ସଭା ଓ ବିଧାନସଭା ନିର୍ବାଚନମଣ୍ଡଳୀରେ ସବୁଦଳ ପକ୍ଷରୁ ପ୍ରଚାର ଜୋରଦାର ଚାଲିଛି। ଏହିକ୍ରମରେ ଭାଜପା ପ୍ରାର୍ଥୀଙ୍କ ନିମନ୍ତେ ଭୋଟ ଭିକ୍ଷା କରିବାକୁ ସୋମବାର ଓଡ଼ିଶା ଗସ୍ତରେ ଆସିଥିଲେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ। ପ୍ରଥମେ ରାଉରକେଲା ପରେ ଅନୁଗୋଳ ଓ ଶେଷରେ ଫୁଲବାଣୀ ଠାରେ ଆୟୋଜିତ ଦଳର ବିଜୟ ସଂକଳ୍ପ ସମାବେଶରେ ଯୋଗ ଦେଇ ଯୋଗୀ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିବା ସହ କେନ୍ଦ୍ର ଓ ରାଜ୍ୟରେ ଭାଜପାର ଡବଲ ଇଞ୍ଜିନ୍ ସରକାର ଆସିଲେ ବିକାଶର ଶୀର୍ଷରେ ପହଞ୍ଚିବ ବୋଲି କହିଥିଲେ।

ଯୋଗୀ ପ୍ରଥମେ ରାଉରକେଲା ଏୟାର ଷ୍ଟ୍ରିପ ନିକଟ ପଡ଼ିଆରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ। ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଓଡ଼ିଶାର ବାସ୍ତବ ବିକାଶ ପାଇଁ ଏଠିକାର ରାଜ୍ୟ ସରକାର ଆନ୍ତରିକତା ପ୍ରକାଶ କରୁନାହାନ୍ତି। ସମ୍ପଦର ସଦୁପଯୋଗ କଲେ ଜନତାଙ୍କ ସାମୂହିକ ମଙ୍ଗଳ ହେବ। ଏଥିପ୍ରତି ଆଗ୍ରହ ପ୍ରକାଶ କରୁ ନ ଥିବା ରାଜ୍ୟ ସରକାର କେନ୍ଦ୍ରୀୟ ଯୋଜନା ଅର୍ଥକୁ ମଧ୍ୟ ଖର୍ଚ୍ଚ କରିପାରୁନାହାନ୍ତି। ଏଣୁ ଉଭୟ କେନ୍ଦ୍ର ଓ ରାଜ୍ୟରେ ଭାଜପାର ଡବଲ ଇଞ୍ଜିନ ସରକାର ଗଠନ ହେଲେ ପ୍ରତ୍ୟେକ ସମସ୍ୟାର ସମାଧାନ ସମ୍ଭବ ହେବ ବୋଲି ଯୋଗୀ କହିଥିଲେ। ଏହି ଅବସରରେ ସେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ କରିଥିଲେ। ରାହୁଲ ଓ ନବୀନ ନିଜ ଆସନରୁ ଜିତିବେ ନା ନାହିଁ ସେ ନେଇ ଆଶଙ୍କାରେ ପଡ଼ିଛନ୍ତି। ସେଥିପାଇଁ ରାହୁଲ ତାଙ୍କ ପାରମ୍ପରିକ ଆସନ ଅମେଠି ସହ ୱାୟନାଡ୍‌ରେ ମଧ୍ୟ ନିର୍ବାଚନ ଲଢୁଛନ୍ତି। ନବୀନ ମଧ୍ୟ ତାଙ୍କ ଆସନ ହିଞ୍ଜିଳି ସହ ବିଜେପୁରରୁ ପ୍ରାର୍ଥୀ ହୋଇଛନ୍ତି। ଏମାନଙ୍କ ଉପରୁ ଲୋକେ ଆସ୍ଥା ହରାଇଛନ୍ତି। ଏପରି ଅବସ୍ଥାରେ ନରେନ୍ଦ୍ର ମୋଦିଙ୍କୁ ଆଉ ଥରେ କ୍ଷମତାକୁ ଆଣିବାକୁ ଯୋଗୀ ନିବେଦନ କରିଥିଲେ। ଏକ ସମୃଦ୍ଧ ଭାରତ ପାଇଁ ଭାଜପା ପ୍ରାର୍ଥୀଙ୍କୁ ଜିତାଇବାକୁ ସେ ଆହ୍ୱାନ ଦେଇଥିଲେ।

ପରେ ଅନୁଗୋଳସ୍ଥିତ ବିଜୁମଇଦାନରେ ଆୟୋଜିତ ସମାବେଶରେ ଯୋଗୀ ପହଞ୍ଚି ଜୟ ଜଗନ୍ନାଥରୁ ତାଙ୍କ ଭାଷଣ ଆରମ୍ଭ କରିଥିଲେ। ଓଡ଼ିଆରେ ଜନତାଙ୍କୁ ନମସ୍କାର କରିବା ସହ ସଭାସ୍ଥଳରେ ଥିବା ମା' ଓ ବରିଷ୍ଠଙ୍କୁ ପ୍ରଣାମ ବୋଲି କହିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ମା' ହିଙ୍ଗୁଳାଙ୍କ କ୍ଷେତ୍ରରେ ବହୁତ ମୂଲ୍ୟବାନ ସମ୍ପତ୍ତି ରହିଛି। ଖାଲି ଏଠାରେ ନୁହେଁ, ସମଗ୍ର ଓଡ଼ିଶା ପ୍ରାକୃତିକ ସମ୍ପଦ ଓ ଯୁବଶକ୍ତିରେ ପରିପୂର୍ଣ୍ଣ। କିନ୍ତୁ ରାଜ୍ୟରେ ଯୋଗ୍ୟ ସରକାର ନ ଥିବା କାରଣରୁ ଓଡ଼ିଶାର ବିକାଶ ହୋଇପାରୁନାହିଁ। ଏହି ଅବସରରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସିଧା ଟାର୍ଗେଟ କରି ଗରିବଙ୍କ ଝାଳବୁହା ଧନ ଚିଟ୍‌ଫଣ୍ଡ କମ୍ପାନୀକୁ ଟେକି ଦେଇଥିବା ଅଭିଯୋଗ କରିଥିଲେ। ଏପରି କି ଚିଟଫଣ୍ଡ ଦୁର୍ନୀତିରେ ସମ୍ପୃକ୍ତ ନେତା ଓ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ସେମାନଙ୍କୁ ଦଳୀୟ ଟିକେଟ ପ୍ରଦାନ କରି ନବୀନ ପ୍ରୋତ୍ସାହିତ କରୁଛନ୍ତି ବୋଲି ଯୋଗୀ କହିଥିଲେ। ଏହାପରେ ଯୋଗୀ କେନ୍ଦ୍ର ସରକାରଙ୍କ ସଫଳତା ବଖାଣିଥିଲେ। ଅନୁଗୋଳ ମାଟିର ପୁଅ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୭ କୋଟି ଗରିବ ମହିଳାଙ୍କୁ ବିନା ଦେୟରେ ଉଜ୍ଜ୍ୱଳା ଯୋଜନାରେ ସାମିଲ କରିଥିବାରୁ ମହିଳାମାନଙ୍କ ଓଠରେ ହସ ଖେଳିଛି ବୋଲି କହିଥିଲେ। ଭାଜପା କେନ୍ଦ୍ରରେ ସରକାର ଗଢ଼ିବା ପରେ କୌଣସି ଦୁର୍ନୀତି ହୋଇନାହିଁ ବରଂ ଦେଶର ବିକାଶରେ କାର୍ଯ୍ୟ କରିଛି। ଓଡ଼ିଶାରେ ରେଲୱେ, ପେଟ୍ରୋଲ, ହାଇୱେ, ବିମାନବନ୍ଦର ଭଳି ଅନେକ କ୍ଷେତ୍ରରେ ଉନ୍ନୟନ କାର୍ଯ୍ୟ କରାଯାଇଛି। ଆତଙ୍କବାଦୀ, ମାଓବାଦୀଙ୍କୁ ମୋଦି ସରକାର କଡ଼ା ଜବାବ ଦେଇଛନ୍ତି। ଭାଜପା ଦେଶକୁ ସୁରକ୍ଷା ଦେବା ସହ ସମୃଦ୍ଧି ଓ ବିକାଶ କରୁଛି। ଗରିବ, ଚାଷୀ, ଯୁବକ ଓ ମହିଳାଙ୍କ ପାଇଁ ବଡ଼ ବଡ଼ କାର୍ଯ୍ୟ କରୁଛି। ତେଣୁ ଓଡ଼ିଶାରେ ଭାଜପା ସରକାର ହେବା ଆବଶ୍ୟକ ବୋଲି ଯୋଗୀ କହିଥିଲେ।

ଶେଷରେ ଫୁଲବାଣୀ କରୋନେଶନ ପଡ଼ିଆରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଯୋଗଦେଇ ଯୋଗୀ କହିଥିଲେ, ଓଡିଶାରେ ପ୍ରାକୃତିକ ସମ୍ପଦ ଭରି ରହିଛି। ଏଠାର ଯୁବକ ପ୍ରତିଭାବାନ । ସେମାନେ ନିଜ ପ୍ରତିଭା ଗୁଜରାଟ, ମହାରାଷ୍ଟ୍ର, ଦିଲ୍ଲୀର ବିକାଶରେ ଲଗାଉଛନ୍ତି। ହେଲେ ନିଜ ଅଞ୍ଚଳରେ ପ୍ରତିଭାର ସମ୍ମାନ ନାହିଁ। ଓଡ଼ିଶାରେ ଭାଜପା ସରକାର ଥିଲେ କନ୍ଧମାଳର ଯୁବକ ରାଜ୍ୟ ବାହାରକୁ ଖଟିବାକୁ ଯାଇ ନ ଥାନ୍ତେ। ଦିନେ ମହାନ ଓଡିଶା ସ୍ୱପ୍ନ ଦେଖିଥିବା ବିଜୁ ବାବୁଙ୍କୁ ଏହା ବେଶି କଷ୍ଟ ଦେଉଥିବ। ତାଙ୍କ ସ୍ୱପ୍ନକୁ ଧୂଳିସାତ କରିଛି ବିଜେଡି ସରକାର । ଏବେ ସମସ୍ତଙ୍କ ମୁହଁରେ ଗୋଟିଏ କଥା କେନ୍ଦ୍ରରେ ମୋଦି ପ୍ରଧାନମନ୍ତ୍ରୀ ହୁଅନ୍ତୁ। ଗତ ୫ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଦେଶର ଦେଢ଼ କୋଟି ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ, ୪ କୋଟି ପରିବାରକୁ ନିଶୁଳ୍କ ବିଦ୍ୟୁତ୍ ସେବା, ୭ କୋଟି ପରିବାରକୁ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ, ସାଢ଼େ ୧୨ କୋଟି ପରିବାରକୁ ପ୍ରଧାନମନ୍ତ୍ରୀ କିଷାନ ନିଧି ଯୋଜନାରେ ୬ ହଜାର ଟଙ୍କା ସହାୟତା ଦେବାର ବ୍ୟବସ୍ଥା, ୩୭ କୋଟି ଗରିବଙ୍କ ପାଇଁ ଜନଧନ ଯୋଜନାରେ ବ୍ୟାଙ୍କ ଖାତା ଖୋଲିବା, ୧୫କୋଟି ଯୁବକଙ୍କୁ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାରେ ଆର୍ଥିକ ସ୍ୱାବଲମ୍ବୀ ପାଇଁ ପଦକ୍ଷେପ, ୫୦ କୋଟି ଗରିବଙ୍କୁ ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ ଭଳି ଅନେକ ଜନହିତକର ଯୋଜନା କରିଛନ୍ତି। ଏହା କିଛି ଜାତିକୁ ଦେଖି କରାଯାଇନାହିଁ। ଦେଶର ପ୍ରତ୍ୟେକଙ୍କ ହିତଙ୍କ ପାଇଁ ହୋଇଛି। ତୁଷ୍ଟିକରଣ ନୀତିରେ ଭାଜପା ବିଶ୍ୱାସ କରେନାହିଁ ବୋଲି ଯୋଗୀ କହିଥିଲେ। ଏଥିସହ ଓଡିଶାରେ ଏବେ ସମସ୍ତେ ପରିବର୍ତ୍ତନ ଚାହୁଁଛନ୍ତି ବୋଲି ଯୋଗୀ କହିଥିଲେ । ୩ଟି ଯାକ ସଭାରେ ଯୋଗୀ ଦଳୀୟ ସାଂସଦ ପ୍ରାର୍ଥୀ ଏବଂ ବିଧାୟକ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ କହିଥିଲେ।

# ପୂର୍ବତନ ମନ୍ତ୍ରୀ, ବିଧାୟକ, ଅସନ୍ତୁଷ୍ଟ ନେତାଙ୍କୁ ଥଇଥାନ

**ଭୁବନେଶ୍ୱର,୧୫।୪(ବ୍ୟୁରୋ)**

## ପ୍ରଫୁଲ୍ଲ ଘଡ଼େଇ ବିଜେଡି ଉପସଭାପତି ନିଯୁକ୍ତ

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ସରିଛି। ବାକି ୩ଟି ପର୍ଯ୍ୟାୟ ନିର୍ବାଚନ ପାଖେଇ ଆସୁଥିବାରୁ ଅସନ୍ତୁଷ୍ଟ ନେତାମାନଙ୍କୁ ବିଭିନ୍ନ ସାଙ୍ଗଠନିକ ଦାୟିତ୍ୱରେ ଥଇଥାନ କରି ସନ୍ତୁଷ୍ଟ କରିବା ପାଇଁ ବିଜେଡି ଉଦ୍ୟମ ଜାରି ରଖିଛି। ଏହି କ୍ରମରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବତନ ମନ୍ତ୍ରୀ, ଏମ୍‌ପି, ବିଧାୟକ ଓ ଟିକେଟ ଆଶାୟୀ ପ୍ରାର୍ଥୀମାନଙ୍କୁ ବିଭିନ୍ନ ସାଂଗଠନିକ ଦାୟିତ୍ୱ ପ୍ରଦାନ କରିଛନ୍ତି। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇଙ୍କୁ ରାଜ୍ୟ ଉପସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ଦଳ ବିରୋଧୀ କାର୍ଯ୍ୟ ପାଇଁ ଘଡ଼େଇଙ୍କୁ ବିଜେଡିରୁ ନିଲମ୍ବନ କରାଯାଇଥିଲା। ନିକଟରେ ତାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଥିଲା। ଏଥିସହିତ ଘଡ଼େଇଙ୍କୁ ଖୋର୍ଦ୍ଧା, ରଣପୁର ଏବଂ ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀର ବରିଷ୍ଠ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କୁ ହିନ୍ଦୋଳ ବିଧାନସଭା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ, ନିରଞ୍ଜନ ପୂଜାରୀ, ଅର୍କକେଶରୀ ସିଂଦେଓଙ୍କୁ ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ମନ୍ତ୍ରୀ ସୁଶାନ୍ତ ସିଂହଙ୍କୁ କୁଚିଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ସିଦ୍ଧେଶ୍ୱରୀ ପ୍ରସାଦ ମିଶ୍ରଙ୍କୁ ଭୁବନେଶ୍ୱର ଉତ୍ତର ବିଧାନସଭା ନିର୍ବାଚନମଣ୍ଡଳୀର ସହ ପର୍ଯ୍ୟବେକ୍ଷକ, ମନୋଜ ନାୟକଙ୍କୁ କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ସହ ପର୍ଯ୍ୟବେକ୍ଷକ, ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକଙ୍କୁ ବିଜେଡି ସାଧାରଣ ସମ୍ପାଦକ, ପ୍ରକାଶ ଦାଶଙ୍କୁ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଏବଂ ଯୁଗଳ ନାୟକଙ୍କୁ କଟକ ସଂସଦୀୟ କ୍ଷେତ୍ରର ସହ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି।

ସେହିପରି ଦିଲ୍ଲୀପ ଦୁରିଆଙ୍କୁ ସମ୍ବଲପୁର ଓ ରାଉରକେଲା ବିଧାନସଭା ନିର୍ବାଚନମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ରେଢାଖୋଲ ଓ ରାଜନଗର ନିର୍ବାଚନମଣ୍ଡଳୀ ସହ ପର୍ଯ୍ୟବେକ୍ଷକ ଭାବେ ଏମଡି ମୋବିନ, ଝାରସୁଗୁଡ଼ା ଓ ରେଙ୍ଗାଲି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଶୈଳେଶ ଦାନି, ବଣାଇ ଓ ବଡ଼ସାହି ସହ ପର୍ଯ୍ୟବେକ୍ଷକ ଭାବେ ଏମଡି ସହିଦ, ତଳସରା ଓ ଆଳି ସହ ପର୍ଯ୍ୟବେକ୍ଷକ ଭାବେ ପଲ୍ଲବ ଲିମା, ସୁନ୍ଦରଗଡ଼ ଓ ଛେଣ୍ଡିପଦା ସହ ପର୍ଯ୍ୟବେକ୍ଷକ ଭାବେ ଭୀମସେନ ମୁଦୁଲିଙ୍କୁ ନିଯୁକ୍ତି ଦିଆଯାଇଛି। ବୀରମହାରାଜପୁର ଓ ବାଙ୍ଗିରୀପୋଷି ନିର୍ବାଚନ ମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ଭାବେ ଦେବୀ ପ୍ରସାଦ ପଟ୍ଟନାୟକଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଲୋଇସିଂହା ଓ ଉଦଳା ସହ ପର୍ଯ୍ୟବେକ୍ଷକ ଭାବେ ଅନୁସୂୟା ମାଝି, ଆନନ୍ଦପୁର ଓ ବାରିପଦା ସହ ପର୍ଯ୍ୟବେକ୍ଷକ ଭାବେ ସନ୍ତୋଷ ବେଜ, କେନ୍ଦ୍ରାପଡ଼ା ସହ ପର୍ଯ୍ୟବେକ୍ଷକ ଭାବେ ଅଂଶୁମାନ ରଶ୍ମି ସାଗର ଏବଂ ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀ ସହ ପର୍ଯ୍ୟବେକ୍ଷକ ଭାବେ ଶୁଭ୍ରାଂଶୁ ମିଶ୍ରଙ୍କୁ ନିଯୁକ୍ତି ଦିଆଯାଇଛି। ମହେନ୍ଦ୍ର ମିଶ୍ର, ପ୍ରସନ୍ନଜିତ ସିଂହ, କମଳାକାନ୍ତ ମହାପାତ୍ରଙ୍କୁ ବିଜେଡି ସାଂଗଠନିକ ସମ୍ପାଦକ ଏବଂ ସରୋଜିନୀ ଦାସଙ୍କୁ ମହିଳା ବିଜେଡି ସାଙ୍ଗଠନିକ ସମ୍ପାଦିକା ଭାବେ ନିଯୁକ୍ତି କରାଯାଇଥିବାବେଳେ ବିଜେଡି ସଂଖ୍ୟାଲଘୁ ସେଲ ଉପସଭାପତି ଭାବେ ମୀର୍‌ଖାଦିମ ବକ୍ସ ଓ ବିଜେଡି ଯୁବ ସଂଖ୍ୟା ଲଘୁ ସେଲ କଟକ ଜିଲା ଉପସଭାପତି ଭାବେ ଜାକିର ଖାଁଙ୍କୁ ନିଯୁକ୍ତି ଦିଆଯାଇଛି।

ସେହିପରି ରତିକାନ୍ତ ସାହାଣୀ ଓ ସରୋଜକାନ୍ତ ସାହୁଙ୍କୁ କେନ୍ଦ୍ରାପଡ଼ା ଜିଲା ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି, ସୂର୍ଯ୍ୟ ମହାନ୍ତିଙ୍କୁ ସମ୍ପାଦକ, ଅକ୍ଷୟ କୁମାର ମେକାପଙ୍କୁ କାର୍ଯ୍ୟକାରୀ ସଭାପତି, ଚିତ୍ତରଞ୍ଜନ ବେହେରାଙ୍କୁ କେନ୍ଦ୍ରାପଡ଼ା ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି, ଗୌତମ ସ୍ୱାଇଁଙ୍କୁ କେନ୍ଦ୍ରାପଡ଼ା ଜିଲା ଯୁବ ବିଜେଡି ସମ୍ପାଦକ, ଦୁର୍ଗା ପ୍ରସାଦ ପତିଙ୍କୁ କେନ୍ଦ୍ରାପଡ଼ା ଜିଲା ବିଜେଡି ଉପସଭାପତି, ଶୁଭ୍ରାଂଶୁ ଭୂଷଣ କରଙ୍କୁ ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ଏବଂ ଦେବାଶିଷ ପଣ୍ଡାଙ୍କୁ ଜିଲା ଯୁବ ବିଜେଡି ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି।

ଅନୁରୂପ ଭାବେ କେନ୍ଦ୍ରାପଡ଼ା ଜିଲା ମହିଳା ବିଜେଡି ସାଂଗଠନିକ ସମ୍ପାଦକ ଭାବେ ସବିତା ସାହୁ ଓ ମନୋରମା ଭୂୟାଁଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ରତିକାନ୍ତ ସାମନ୍ତରାୟଙ୍କୁ ଜିଲା ଯୁବ ବିଜେଡି ସାଂଗଠନିକ ସମ୍ପାଦକ, କେନ୍ଦ୍ରାପଡ଼ା ଜିଲା ବିଜେଡି ଏସସି ସେଲ ସମ୍ପାଦକ ଭାବେ ସୁଦାମ ମଲ୍ଲିକ ଏବଂ ସଞ୍ଜୟ ମଲ୍ଲିକ, କେନ୍ଦ୍ରାପଡ଼ା ଜିଲା ବିଜେଡି ଯୁବ ସଂଖ୍ୟାଲଘୁ ସେଲ ସଭାପତି ଭାବେ ମହମ୍ମଦ ଅମୀରଙ୍କୁ ନିଯୁକ୍ତି ଦିଆଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏହି ନିଯୁକ୍ତି ଦିଆଯାଇଛି ବୋଲି ବିଜେଡି ସାଧାରଣ ସମ୍ପାଦକ ବିଜୟ ନାୟକ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

# ସତ୍ୟପାଠ ଦାଖଲ କଲେ ଆବେଦନକାରୀ

**କଟକ ଅଫିସ, ୧୫।୪**

- କଅଁଳ କାନ୍ଧରେ ବସ୍ତାନି ବୋଝ
- ଗାଇଡ୍‌ଲାଇନ ମାନୁନି ସ୍କୁଲ

ସ୍କୁଲକୁ ଯାଉଥିବା କୋମଳମତି ପିଲାଙ୍କ କାନ୍ଧରୁ ବସ୍ତାନିର ବୋଝ ହାଲୁକା କରିବା ପାଇଁ ସରକାର ଯେଉଁ ଗାଇଡ୍‌ଲାଇନ ପ୍ରସ୍ତୁତ କରିଛନ୍ତି ତାହାକୁ ସ୍କୁଲଗୁଡ଼ିକ ମାନୁନାହାନ୍ତି। ପୂର୍ବବତଃ ବହି ବିକ୍ରି ଚାଲିଛି। ତେଣୁ ଏଥିପ୍ରତି ସ୍କୁଲଗୁଡ଼ିକ ସଚେତନ ନ ହେବା ଆଇନର ଉଲ୍ଲଂଘନ ବୋଲି ଆବେଦନକାରୀ ଆଡଭୋକେଟ କହ୍ନେୟାଲାଲ ଶର୍ମା ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ସୂଚନାଥାଉ କି, ପିଲାମାନଙ୍କର ବୟସ ଓ ଶରୀରର ଓଜନ ଅନୁଯାୟୀ ସେମାନଙ୍କ କାନ୍ଧରେ ଯାଉଥିବା ବସ୍ତାନିର ଓଜନ ଅଧିକ ହେଉଥିବା ନେଇ ଆବେଦନକାରୀ ଶର୍ମା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଶର୍ମା ଦର୍ଶାଇଥିଲେ ଯେ, ବୟସ ଅନୁଯାୟୀ ପାଠ୍ୟକ୍ରମ ପ୍ରସ୍ତୁତ କରାଯାଉନାହିଁ। ଫଳରେ ଓଜନିଆ ବ୍ୟାଗ କାନ୍ଧରେ ନେବା ଦ୍ୱାରା ପିଲାମାନେ ବିଭିନ୍ନ ପ୍ରକାର ରୋଗର ଶିକାର ହେଉଛନ୍ତି। ଏପରି କି କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୧୮ ଅକ୍ଟୋବର ମାସରେ ଏ ନେଇ ଏକ ଗାଇଡ୍‌ଲାଇନ ପ୍ରସ୍ତୁତ କରାଯାଇଥିଲେ ମଧ୍ୟ ଏହାକୁ ରାଜ୍ୟରେ ଅନୁପାଳନ କରାଯାଉ ନ ଥିବା ଶର୍ମା ଦର୍ଶାଇଥିଲେ। ଫଳରେ ହାଇକୋର୍ଟ ସରକାରଙ୍କଠାରୁ ଏ ସମ୍ପର୍କରେ ରିପୋର୍ଟ ମାଗିଥିଲେ। ପିଲାଙ୍କ କାନ୍ଧରୁ ବସ୍ତାନି ବୋଝ ହାଲୁକା କରିବା ପାଇଁ ଫେବୃୟାରୀ ୨ ତାରିଖରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଚିବଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ଏଥିରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ଗାଇଡ୍‌ଲାଇନ ଉପରେ ଆଲୋଚନା ମଧ୍ୟ ହୋଇଥିଲା। ଏହି ଗାଇଡ୍‌ଲାଇନକୁ ଆଧାର କରି ରାଜ୍ୟ ସରକାର ଏକ ଗାଇଡ୍‌ଲାଇନ ପ୍ରସ୍ତୁତ କରିଥିବା ନେଇ ହାଇକୋର୍ଟଙ୍କୁ ସତ୍ୟପାଠ ମାଧ୍ୟମରେ ଗତ ମାର୍ଚ୍ଚ ୧୧ ତାରିଖରେ ଅବଗତ କରାଇଥିଲେ। ସରକାରଙ୍କ ଜବାବ ଦାଖଲ ପରେ ଆବେଦନକାରୀ ଆଡଭୋକେଟ ଶର୍ମା ପ୍ରତିଜବାବ ଦାଖଲ ନିମନ୍ତେ ହାଇକୋର୍ଟଙ୍କୁ ସମୟ ମାଗିଥିଲେ। ତଦନୁଯାୟୀ ସୋମବାର ଆବେଦନକାରୀ ଶର୍ମା ସତ୍ୟପାଠ ଆକାରରେ ନିଜ ପ୍ରତି ଜବାବ ଦାଖଲ କରିଛନ୍ତି। ଆବେଦନକାରୀ ଶର୍ମା ନିଜେ ଏହି ମାମଲା ପରିଚାଳନା କରୁଛନ୍ତି। ଆସନ୍ତା ମେ' ୧୩ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ।

#### ଓଏଚ୍‌ଆର୍‌ସି ଅଧ୍ୟକ୍ଷ ପଦବୀ ମାମଲା

# ସମୟ ଲୋଡ଼ିଲେ ସରକାର

**କଟକ ଅଫିସ, ୧୫।୪**

ଓଡ଼ିଶା ମାନବାଧିକାର କମିଶନ (ଓଏଚ୍‌ଆରସି) ଅଧ୍ୟକ୍ଷ ପଦବୀ ଖାଲି ପଡ଼ିବା ନେଇ ରୁଜୁ ହୋଇଥିବା ମାମଲାରେ ହାଇକୋର୍ଟଙ୍କୁ ସରକାର ସମୟ ମାଗିଛନ୍ତି। ଗ୍ରୀଷ୍ମ ଅବକାଶ ପରେ ଅର୍ଥାତ୍ ଜୁନ୍ ୧୭ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ସୂଚନାଥାଉ କି, ଓଏଚ୍‌ଆରସି ଅଧ୍ୟକ୍ଷ ପଦବୀ ଦୀର୍ଘ ୬ ବର୍ଷ ହେବ ଫାଙ୍କା ପଡ଼ିଛି। ଏହାକୁ ନେଇ ଆଡଭୋକେଟ୍ ପ୍ରବୀର ଦାସ ଏବଂ ଶିବ ଶଙ୍କର ମହାନ୍ତି ଦୁଇଟି ପୃଥକ୍ ମାମଲା ରୁଜୁ କରିଥିଲେ। ଏହାର ଏକତ୍ର ଶୁଣାଣି ହାଇକୋର୍ଟରେ ଜାରି ରହିଛି। ସରକାରଙ୍କ ପକ୍ଷରୁ ସୋମବାର ଏ ନେଇ ଏକ ସତ୍ୟପାଠ ଦାଖଲ କରାଯାଇଛି। ସତ୍ୟପାଠରେ ଦର୍ଶାଯାଇଛି ଯେ, ଗତ ଡିସେମ୍ବର ୨୨ ତାରିଖରେ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ରଘୁବୀର ଦାସଙ୍କୁ କମିଶନ ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ଜଷ୍ଟିସ ଦାସଙ୍କୁ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ସ୍ୱୀକୃତି ଦେବା ନିମନ୍ତେ କମିଶନ ସଚିବ ସରକାରଙ୍କୁ ଅନୁରୋଧ କରିଛନ୍ତି। ଆଇନ ବିଭାଗ ନିକଟରେ ଏହା ବିଚାରାଧୀନ ଅଛି। ଅନ୍ୟପକ୍ଷରେ ସ୍ଥାୟୀ ଅଧ୍ୟକ୍ଷ ପଦବୀ ପୂରଣ ନିମନ୍ତେ ସରକାର କି ପଦକ୍ଷେପ ନେଇଛନ୍ତି ସେ ନେଇ ହାଇକୋର୍ଟ ଉତ୍ତର ମାଗିଥିଲେ। ତେବେ ବର୍ତ୍ତମାନ ନିର୍ବାଚନ ଚାଲିଥିବାରୁ ଏହାର ଉତ୍ତର ରଖିବାକୁ ସରକାରଙ୍କ ପକ୍ଷରୁ ସମୟ ଲୋଡାଯାଇଥିଲା। ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ କେ.ଆର୍. ମହାପାତ୍ରଙ୍କ ଖଣ୍ଡପୀଠରେ ମାମଲାର ଶୁଣାଣି କରାଯାଉଛି। ଆବେଦନକାରୀ ଆଡଭୋକେଟ ପ୍ରବୀର ଦାସ ନିଜେ ଏହି ମାମଲା ପରିଚାଳନା କରୁଛନ୍ତି।

# 'ଚାଷୀ, କୋଶଳୀ ଭାଷା ପ୍ରତି କେନ୍ଦ୍ର ଅଣଦେଖା କରିଛି'

**ଅତାବିରା/ଭେଡ଼େନ,୧୫।୪(ଡି.ଏନ.ଏ.)**



ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ଓ ଦଳୀୟ ପ୍ରାର୍ଥୀ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ବରଗଡ଼ ଜିଲା ଗସ୍ତରେ ଆସି ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି। ସେ ବରଗଡ଼ ଜିଲାର ଅତାବିରା ନିର୍ବାଚନମଣ୍ଡଳୀରୁ ପ୍ରଚାର ଆରମ୍ଭ କରିଥିଲେ । ଭେଡ଼େନ ବ୍ଲକର ବାନିପାଲି ପଡ଼ିଆରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଯୋଗଦେଇ ଭାଜପା ନେତୃତ୍ୱାଧୀନ କେନ୍ଦ୍ରର ଏନ୍‌ଡିଏ ସରକାରକୁ ଟାର୍ଗେଟ୍ କରିଥିଲେ। ଚାଷୀ ଓ କୋଶଳୀ ଭାଷା ପ୍ରସଙ୍ଗ ଉଠାଇ ସେଥିପ୍ରତି କେନ୍ଦ୍ର ଅଣଦେଖା କରି ଚାଲିଛି ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ, କାଳିଆ ଯୋଜନାରେ ଏପର୍ଯ୍ୟନ୍ତ ରାଜ୍ୟର ୪୦ଲକ୍ଷ ଚାଷୀ ଉପକୃତ ହୋଇ ସାରିଲେଣି। ମାତ୍ର କେନ୍ଦ୍ର ସରକାର ଏହି ଯୋଜନାକୁ ବନ୍ଦ କରିବା ପାଇଁ ଚକ୍ରାନ୍ତ ଚଳାଇଛି। ସେ ଥିବା ପର୍ଯ୍ୟନ୍ତ କାଳିଆ ଯୋଜନାକୁ କେହି ବନ୍ଦ କରି ପାରିବେନି। ବିଜେଡି ସରକାର ଗଢ଼ିବାର ପ୍ରଥମ ଦିନରେ ହିଁ ୨ଟି କିସ୍ତିର ୧୦ହଜାର ଟଙ୍କା ଚାଷୀଙ୍କ ଆକାଉଣ୍ଟରେ ଜମା ହେବ। ସେହିପରି ୨୦୧୪ ନିର୍ବାଚନୀ ଇସ୍ତାହାରରେ ଭାଜପା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଦୁଇଗୁଣା କରିବାକୁ କହିଥିଲା। କିନ୍ତୁ ଏପର୍ଯ୍ୟନ୍ତ ତାହା ହୋଇ ପାରିଲାନାହିଁ। ଏପରିକି ଧାନର ସହାୟକ ମୂଲ୍ୟ ବୃଦ୍ଧି ପାଇଁ ସେ ଦାବି କରିଥିଲେ। ବିଧାନସଭା ଗୃହ କମିଟି ମଧ୍ୟ ଏ ନେଇ କେନ୍ଦ୍ରକୁ ଫେରାଦ ହୋଇଥିଲା। ମାତ୍ର ୨ବର୍ଷ ବିତିଗଲା ପଛେ ଧାନର ସହାୟକ ମୂଲ୍ୟ ଦୁଇଗୁଣା ହେଲାନାହିଁ। ଓଡ଼ିଶାର ଦୁଇ କେନ୍ଦ୍ରମନ୍ତ୍ରୀ ଥିଲେ ମଧ୍ୟ ସେଥିପାଇଁ ମୁହଁ ଖୋଲି ନ ଥିବା ମୁଖ୍ୟମନ୍ତ୍ରୀ କହିଥିଲେ । କେନ୍ଦ୍ର ସରକାର ହସ୍ତତନ୍ତ ସାମଗ୍ରୀ ଉପରେ ଜିଏସ୍‌ଟି ଲଗାଇଥିଲେ। ବୁଣାକାରମାନେ ହଇରାଣ ହେଲେ। ବେପାର କମିଲା। ରାଜ୍ୟ ସରକାର ଜିଏସ୍‌ଟି ହ୍ରାସ ପାଇଁ ଦାବି କଲେ। ଶେଷରେ ବୁଣାକାରଙ୍କ ଉପରୁ ଜିଏସ୍‌ଟି ହ୍ରାସ କରାଗଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି କୋଶଳୀ ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସ୍ଥାନିତ କରିବା ପାଇଁ ସେ କେନ୍ଦ୍ର ନିକଟରେ ଦାବି କରିଥିଲେ। ମାତ୍ର ତାହା ମଧ୍ୟ କେନ୍ଦ୍ର ସରକାର କଲା ନାହିଁ। କେବଳ ନିର୍ବାଚନ ସମୟରେ ଭାଜପା ନେତା ଓ ମନ୍ତ୍ରୀମାନେ ଏଠାକୁ ଆସି ବଡ଼ ବଡ଼ କଥା କହୁଛନ୍ତି ଏବଂ ରାଜ୍ୟବାସୀଙ୍କ ସୁଖଦୁଃଖରେ ଭାଗୀଦାର ହେଉ ନାହାନ୍ତି। ସେ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସାଢ଼େ ୪କୋଟି ଓଡ଼ିଆଙ୍କ ସେବା କରି ଚାଲିଥିବେ ବୋଲି ପ୍ରକାଶ କରି ବିଜେଡିର ବରଗଡ଼ ଲୋକସଭା ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ ଏବଂ ଅତାବିରା ବିଧାନସଭା ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସପକ୍ଷରେ ମତଦାନ କରିବାକୁ ଭୋଟରଙ୍କୁ ନିବେଦନ କରିଥିଲେ।

ଉକ୍ତ ସଭାରେ ଲୋକ ସଭା ପ୍ରାର୍ଥୀ ଆଚାର୍ଯ୍ୟ ଦଳର ମହାନଦୀ ଲଢ଼େଇ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ଦେଶ ସ୍ୱାଧୀନତା ପରେ କାଳିଆ ଯୋଜନା ଚାଷୀଙ୍କ ପାଇଁ ଏକ ବଡ଼ ଯୋଜନା। ଯେତେ ଚକ୍ରାନ୍ତ କଲେ ମଧ୍ୟ କେହି ଏହାକୁ ରୋକି ପାରିବେ ନାହିଁ କିମ୍ବା ଅତାବିରା ଓ ଭେଡ଼େନ ବ୍ଲକ ସମେତ ସାରା ଜିଲା, ରାଜ୍ୟର ବିକାଶଧାରାକୁ ବନ୍ଦ କରିପାରିବେ ନାହିଁ ବୋଲି ସେ କହିଥିଲେ। ସେହିପରି ଦଳର ବିଧାନସଭା ପ୍ରାର୍ଥିନୀ ଛୁରିଆ ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱାରୋପ କରିବା ସହିତ ନବୀନଙ୍କ ଯୋଜନା ରାଜ୍ୟକୁ ଏକ ବିକଶିତ ରାଜ୍ୟରେ ପରିଣତ କରିପାରିଛି ବୋଲି କହିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଦ୍ମପୁର ଯାଇ ସେଠାରେ ଆୟୋଜିତ ଏକ ନିର୍ବାଚନୀ ସଭାରେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ପୋଲିସର ଯାନବାହନ ଯାଞ୍ଚ

ସୋରଡା,୧୫।୪(ଡି.ଏନ.ଏ.): ଦ୍ୱିତୀୟ ପର୍ଯ୍ୟାୟ ନିର୍ବଚାନ ଗୁରୁବାର ହେବାକୁ ଥିବା ବେଳେ ସୋରଡା ବଡ଼ଗଡ ଅଞ୍ଚଳରେ ପୋଲିସର ଯାନବାହନ ଯାଞ୍ଚ କଡ଼ାକଡି କରାଯାଇଛି। ବଡଗଡ ଥାନା ଅଞ୍ଚଳ ଏବଂ ସୋରଡାର ରଷିକୂଲ୍ୟାଛକ, ଜରଉଛକ, ପୋଡ଼ାଖାରୀଗୁଡ଼ିକରେ ତନଖି ଚାଲିଥିବା ବେଳେ ସମସ୍ତ ଗାଡିକୁ ଚେକ୍ କରାଯାଇଛି। ଏହାଛଡା ବିଭିନ୍ନ ଅଞ୍ଚଳରେ ୨୪ ଘଣ୍ଟିଆ ପାଟ୍ରୋଲିଂ ଜାରି ରହିଛି। ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ କରାଇବାକୁ ପୋଲିସର ଉଦ୍ୟମ ଜାରି ରହିଛି।

### ନେହେରୁ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ଟିକରପଡ଼ା ଚାମ୍ପିୟନ

ପାତ୍ରପୁର,୧୫।୪(ଡି.ଏନ୍.ଏ.): ପାତ୍ରପୁର ବ୍ଲକ ଖାରିଆଗୁଡ଼ା ପଞ୍ଚାୟତ ତାଳପଡ଼ା ଗାଁରେ ୨୦ ଦିନ ହେଲା ଅନୁଷ୍ଠିତ ହେଉଥିବା ନେହେରୁ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୩୨ଟି ଆଞ୍ଚଳିକ ଦଳ ଭାଗ ନେଇଥିବା ବେଳେ ଚୂଡ଼ାନ୍ତ ପର୍ଯ୍ୟାୟକୁ ତିନିଘରିଆ ଓ ଟିକରପଡ଼ା ଦଳ ଯୋଗ୍ୟତା ଅର୍ଜନ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ତିନିଘରିଆ ଟସ୍ ହାରି ୧୯.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୭୪ ରନ୍ କରିଥିଲା। ଏହାର ଜବାବରେ ଟିକରପଡ଼ା ୧୬.୩ ଓଭର ୭ ଉଇକେଟ ହରାଇ ୧୭୫ ରନ୍ କରି ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଭବାନୀ ଶଙ୍କର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜୟୀ ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ଓ ପରାଜିତ ଦଳକୁ ୬ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। କ୍ରିଷ୍ଣା ରେଡ୍ଡୀ ମ୍ୟାନ୍ ଅଫ୍ ଦି ସିରିଜ୍ ହୋଇଥିବା ବେଳେ ଖେଳକୁ କାଳିଆ ଓ ଟୁକୁନା ପରିଚାଳନା କରିଥିଲେ।

### ପୋଲିସର ଫ୍ଲାଗ୍ ମାର୍ଚ୍ଚ



ଆସିକା,୧୫।୪(ଡି.ଏନ୍.ଏ.): ଆସିକା ପୋଲିସ ପକ୍ଷରୁ ସୋମବାର ଆସିକା ଥାନା ଅନ୍ତର୍ଗତ ଉତ୍ତେଜନା ପ୍ରବଣ ଭାବେ ଚିହ୍ନଟ କେତେକ ଗ୍ରାମରେ ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। ନଳବଣ୍ଟା, କାଳଷଣ୍ଡପୁର, ନୂଆଗାଁ, ପାଣ୍ଡିଆପଥର, ବଡଖୋଲି ଆଦି ଗାଁରେ ପୋଲିସ ଫ୍ଲାଗ୍ ମାର୍ଚ୍ଚ କରି ଅଞ୍ଚଳର ଆଇନ ଶୃଙ୍ଖଳା ସ୍ଥିତି ବଜାୟ ରଖିବା ଦିଗରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଆସିକା ଥାନାଧିକାରୀ ପୀତବାସ ଧାରୁଆଙ୍କ ନେତୃତ୍ୱରେ ଦେଢ଼ ପ୍ଲାଟୁନ ପୋଲିସ ଫ୍ଲାଗ୍ ମାର୍ଚ୍ଚରେ ସାମିଲ ଥିଲେ। ସ୍ଥାନୀୟ ଇଲାକାରେ ୧୦ଟି ଗ୍ରାମକୁ ଅତି ଉତ୍ତେଜନା ପ୍ରବଣ ଗ୍ରାମ ଭାବେ ଚିହ୍ନଟ କରାଯାଇଛି। ସେହି ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତିର ନିୟନ୍ତ୍ରଣ ଦିଗରେ ପୋଲିସ ପକ୍ଷରୁ ସଜାଗ ଦୃଷ୍ଟି ରଖାଯାଇଥିବା ଥାନା ଅଧିକାରୀ ଧାରୁଆ ସୂଚନା ଦେଇଛନ୍ତି। ସେହିଭଳି ଗାଙ୍ଗପୁର ପୋଲିସ ପକ୍ଷରୁ ସୋମବାର ପାଇଲିପଡା, କେ.ନୂଆଗଡ, ଲୁଣିପଡାଶାସନରେ ଫ୍ଲାଗ ମାର୍ଚ୍ଚ କରାଯିବା ସହ ବିଭିନ୍ନ ବୁଥ୍ ମଧ ପରିଦର୍ଶନ କରାଯାଇଥିଲା। କୌଣସି ପ୍ରକାର ବିଶୃଙ୍ଖଳିତ ପରିସ୍ଥିତିକୁ ଦମନ କରିବା ଲାଗି ପୋଲିସ ସଜାଗ ରହିଥିବା ଥାନା ଅଧିକାରୀ ସତ୍ୟରଞ୍ଜନ ପ୍ରଧାନ କହିଛନ୍ତି।

### ଖଲ୍ଲିକୋଟ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ଖଲିକୋଟ,୧୫।୪(ଡି.ଏନ.ଏ.): ନିର୍ବାଚନକୁ ଦୃଷ୍ଟିରେ ରଖି ସୋମବାର ଖଲ୍ଲିକୋଟ ପୋଲିସ ପକ୍ଷରୁ ବିକ୍ରମପୁର, ଖୋଜାପଲ୍ଲୀ ଏବଂ ଓଡ଼ିଆ ଆଲପୁର ଗ୍ରାମରେ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ଆଇଆଇସି ସୁନୀଲ କୁମାର ବେହେରାଙ୍କ ନେତୃତ୍ୱରେ ଏସ୍ଆଇ ସିଲୁ ଧଳ, ହାବିଲଦାର ପି.କେ. ବିଶ୍ୱାଳଙ୍କ ସମେତ ସମସ୍ତ ପୋଲିସ କର୍ମଚାରୀ ଗ୍ରାମର ମୁଖ୍ୟରାସ୍ତା ଗୁଡ଼ିକରେ ମାର୍ଚ୍ଚିଂ କରିଥିଲେ। ଉତ୍ତେଜନା ପ୍ରବଣ ବୁଥ୍‌ଗୁଡ଼ିକରେ ଫ୍ଲାଗମାର୍ଚ୍ଚ କରାଯାଉଛି। ଆଦର୍ଶ ଆଚରଣ ବିଧି ସମ୍ପର୍କରେ ସଚେତନ କରାଇବା ଓ ଭୟମୁକ୍ତ ହୋଇ ନିର୍ଭୀକ ଭାବେ ମତଦାନ କରିବା ଉଦ୍ଦେଶ୍ୟରେ ପୋଲିସ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ କରାଯାଉଛି।



# ଶାଲୁଆପଲ୍ଲୀ ନର୍ସରିରେ ନିଆଁ

■ଭିଏସ୍ଏସ୍- ବନ କର୍ମଚାରୀ ସମନ୍ୱୟ ଅଭାବ
■ବିପଦରେ ବନ୍ୟଜନ୍ତୁ

ଭଞ୍ଜନଗର,୧୫।୪(ଡି.ଏନ.ଏ)

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ କେନ୍ଦ୍ରୀୟ ବନାଞ୍ଚଳର ବିଭିନ୍ନ ଜଙ୍ଗଲରେ ଗତ କିଛିଦିନ ହେବ ବାରମ୍ବାର ନିଆଁ ଲାଗୁଛି । ନିଆଁ ରୋକିବାକୁ କେନ୍ଦ୍ରୀୟ ବନାଞ୍ଚଳ କର୍ମଚାରୀ ସେଭଳି ଆଗ୍ରହ ଦେଖାଉନାହାନ୍ତି। କର୍ମଚାରୀମାନେ ଅଧିକାଂଶ ସମୟ କର୍ମସ୍ଥଳରେ ଅନୁପସ୍ଥିତ ରହୁଛନ୍ତି । ଫଳରେ କାଠ ଚୋରି ସହ ଜଙ୍ଗଲ ପୋଡ଼ି ବୃଦ୍ଧିପାଉଛି । କିଛିଦିନ ପୂର୍ବେ କଣ୍ଟେଇପଲ୍ଲୀ ଜଙ୍ଗଲ ପୋଡ଼ିଛି। ଛୋଟ ଗଛ ଗୁଡ଼ିକ ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଥିବା ବେଳେ ବଡ଼ ଗଛ ମଧ୍ୟ କେତେକ ସ୍ଥାନରେ ପୋଡ଼ିଯାଉଛି । ବନ ସୁରକ୍ଷା ସମିତି ଓ ବନ ବିଭାଗ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁ ନିଆଁକୁ ତୁରନ୍ତ ନିୟନ୍ତ୍ରଣ କରାଯାଇପାରୁନାହିଁ। ରବିବାର କେନ୍ଦ୍ରୀୟ ବନାଞ୍ଚଳ ଅଧିନରେ ଥିବା ଶାଲୁଆପଲ୍ଲୀ ନର୍ସରିରେ ନିଆଁ ଲାଗିଯାଇଥିଲା । ନର୍ସରୀରେ ୨୪ ଘଣ୍ଟା କର୍ମଚାରୀ ରହିବା ବ୍ୟବସ୍ଥା ଥିଲେ ମଧ୍ୟ ନିଆଁ ଲାଗିବା ସମୟରେ କେହି ସେଠାରେ ନ ଥିଲେ। କିଛି ସମୟ ପରେ ଜଣେ ତଳିଆ କର୍ମଚାରୀ ସେଠାରେ ପହଞ୍ଚି ନିଆଁ ଲାଗିଥିବା ଦେଖିବା ପରେ ଅନ୍ୟ କର୍ମଚାରୀଙ୍କୁ ଡ଼ାକି ନିଆଁକୁ ନିୟନ୍ତ୍ରଣ କରିଥିବା ଜଣାପଡ଼ିଛି । ଅଗ୍ନିକାଣ୍ଡ ଯୋଗୁ କିଛି ଚାରା ମଧ୍ୟ ନଷ୍ଟ ହୋଇଛି। କୌଣସି ଦୁର୍ବୁର୍ତ୍ତ ନିଆଁ ଲଗାଇ ଦେଇଥିବା ବନ ବିଭାଗ କର୍ମଚାରୀ ସନ୍ଦେହ କରୁଛନ୍ତି । ଏନେଇ ଏସିଏଫ୍ ସୁଦର୍ଶନ ବାଦୀ କହିଛନ୍ତି, ନିଆଁ ଲାଗିବା ମାତ୍ରେ ତୁରନ୍ତ ଆୟତ୍ତ କରାଯାଇଛି। କୌଣସି ଦୁର୍ବୁର୍ତ୍ତ ନିଆଁ ଲଗାଇ ଦେଇଥିବା ଅନୁମାନ କରାଯାଉଛି । ନିଆଁ ଦମନ ପାଇଁ ସ୍ୱତନ୍ତ୍ର ଟିମ୍ ଅଛି । ଏଥିସହ ଗ୍ରାମବାସୀଙ୍କୁ ପ୍ରଚାରପତ୍ର, ସଭା ମାଧ୍ୟମରେ ସଚେତନ କରାଯାଉଛି। କଣ୍ଟେଇପଲ୍ଲୀ ବନ ସୁରକ୍ଷା ସମିତି (ଭିଏସ୍ଏସ୍) ସଭାପତି ଶରତ କୁମାର ସ୍ୱାଇଁ କହିଛନ୍ତି, ରେଞ୍ଜ କର୍ମଚାରୀ ଆମ୍ଭମାନଙ୍କ ସହ ଆଦୌ ଆଲୋଚନା କରୁନାହାନ୍ତି । ଡ଼ିଏଫଓଙ୍କୁ ଏନେଇ ଅବଗତ କରାଯାଇଛି । ଭିଏସ୍ଏସ୍ ଓ ବନ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟରକ୍ଷା ହେଲେ ଜଙ୍ଗଲ ସୁରକ୍ଷା ବଢ଼ିବ । ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାପାଇଁ ସ୍ୱାଇଁ ଦାବି କରିଛନ୍ତି ।



ଶାଲୁଆପଲ୍ଲୀ ନର୍ସରିରେ ନିଆଁ ଲାଗିଛି ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନିତି ମାଗନ୍ତାକୁ ଦିଅନ୍ତି ନାହିଁ,**
**ନିତି ମଲୁକୁ ଚାହାନ୍ତି ନାହିଁ ।**

ଯିଏ ସବୁଦିନେ ଭଲ ନାହିଁ ମନ୍ଦ ନାହିଁ ମାଗିବାକୁ ଚାଲି ଆସୁଥାଏ ତା'ପ୍ରତି ସଭିଙ୍କ ମନରେ ଏକପ୍ରକାର ବିତୃଷ୍ଣା ଭାବ ଆସିଯାଇଥାଏ । ଏପରି ମାଗିଖିଆ ବ୍ୟକ୍ତିଙ୍କୁ ଦେବା ଲାଗି କେହି ବି ଇଚ୍ଛାପ୍ରକାଶ କରି ନ ଥାନ୍ତି। ସେହିପରି ରୋଗ ବଇରାଗରେ ପଡ଼ିଲେ ସାଇପଡ଼ିଶା, ବନ୍ଧୁବାନ୍ଧବ ଥରେ ଅଧେ ଦେଖା କରିବାକୁ ଆସିଥାନ୍ତି। କିନ୍ତୁ ବହୁତ ଦିନ ଧରି ବେମାରରେ ପଡ଼ିଲେ ଆଉ କେହି ଦେଖାଶୁଣା କରିବାକୁ ସେତେଟା ଆଗ୍ରହ ଦେଖାଇ ନ ଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

**ନଈ ଦିଏ ଥଳ,**
**ବନ୍ଧୁ ଦିଏ ବଳ ।**

ନଈ ଥିଲେ ଚାଷବାସ ପାଇଁ ପାଣିର ଅଭାବ ରହି ନ ଥାଏ । ଜୀବନ ଜୀବିକା ପାଇଁ ନଈ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ସେହିପରି ବନ୍ଧୁ ହିଁ ସୁବିଧା ଅସୁବିଧାରେ ସହାୟତାର ହାତ ବଢ଼ାଇ ଦେଇଥାଏ। ବିପଦ ଆପଦ ବେଳେ ପାଖରେ ରହି ସାହାଭରସା ଯୋଗାଇ ଦେଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଠାକୁରାଣୀ ଯାତ୍ରା: ପଦ୍ମନାଭପୁର ଉତ୍ସବମୁଖର

ଦିଗପହଣ୍ଡି,୧୫।୪(ଡି.ଏନ.ଏ.)

ମା' ଅନ୍ନପୂର୍ଣ୍ଣେଶ୍ୱରୀ ଠାକୁରାଣୀ ଯାତ୍ରା ପାଇଁ ପଦ୍ମନାଭପୁର ଗାଁ ଉତ୍ସବମୁଖର ହୋଇଛି। ପ୍ରତି ୫ ବର୍ଷ ବ୍ୟବଧାନରେ ଏହି ଯାତ୍ରା ଅନୁଷ୍ଠିତ ହେଉଥିବାରୁ ଗାଁ ସାରା ଆଧାତ୍ମିକ ମାହୋଲ ସୃଷ୍ଟି ହୋଇଛି। ଦୂରଦୂରାନ୍ତରେ ରହୁଥିବା ବହୁ ଗ୍ରାମବାସୀ ପରିବାର ସହ ଗାଁରେ ପହଞ୍ଚିଛନ୍ତି। ପ୍ରତିଦିନ ସନ୍ଧ୍ୟାରେ ମା'ଙ୍କ ଘଟ ଶୋଭାଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହୁଛି। ଗତ ଗୁରୁବାରଠାରୁ ୫ ଦିନ ବ୍ୟାପୀ ଏହି ଯାତ୍ରା ମଙ୍ଗଳବାର ଭୋରରେ ଉଦ୍‌ଯାପିତ ହେବ। ଗ୍ରାମର ସାନଡ଼େରା ସାହିସ୍ଥିତ ଅସ୍ଥାୟୀ ଯାତ୍ରା ପୀଠରେ ମାନସିକଧାରୀ ଶ୍ରଦ୍ଧାଳୁମାନେ ପହଞ୍ଚି ମନସ୍କାମନା ପୂରଣ ପାଇଁ ପୂଜାର୍ଚ୍ଚନା କରୁଛନ୍ତି। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଛି। ବିଳମ୍ବିତ ରାତି ଯାଏ ମିନାବଜାର ଓ ରାମଦୋଳିରେ ଭିଡ଼ ଲାଗି ରହୁଛି। ରବିବାର ସନ୍ଧ୍ୟାରେ ଆନ୍ଧ୍ରପ୍ରଦେଶ ବିଶାଖାପାଟଣାର ରୋଶନ ଲାଲ ଆର୍କେଷ୍ଟ୍ରା ପକ୍ଷରୁ ସଙ୍ଗୀତ ପରିବେଷଣ ଓ ଟଲିଉଡ୍ ତାରକାଙ୍କୁ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ବହୁ ଦର୍ଶକଙ୍କ ଭିଡ଼ ହୋଇଥିଲା। ଯାତ୍ରା ମହୋତ୍ସବ ପରିଚାଳନା କମିଟି ସଭାପତି ଏମ୍. କେଶବ ରାଓ, ସମ୍ପାଦକ ୟୁ. ଲିଙ୍ଗମୂର୍ତ୍ତି, କାର୍ଯ୍ୟକାରୀ କମିଟି ସଭ୍ୟ ୟୁ. ସୂର୍ଯ୍ୟ ନାରାୟଣ, ୟୁ. ମାଲା, ଜଗଦୀଶ ରଥ, ମନୋଜ ଚୌଧୁରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।



ଅସ୍ଥାୟୀ ଯାତ୍ରାପୀଠରେ ମା' ଠାକୁରାଣୀ।

## ସୋସିଆଲ ମିଡିଆର ପ୍ରଭାବ
### ଚୋରି ମୋବାଇଲ ପାଇଲେ କର୍ମଚାରୀ

ସୋରଡା,୧୫।୪(ଡି.ଏନ.ଏ.)

ସୋରଡ଼ାରେ ଶନିବାର ଗଣିଛକ ନିକଟ ମହମ୍ମଦ ସାକିରଙ୍କ ଚପଲ ଦୋକାନରେ ମଧ୍ୟାହ୍ନରେ ଜଣେ ଗ୍ରାହକ ଦୋକାନର ସେଲଫରେ ଥିବା ଦୋକାନ କର୍ମଚାରୀ ମହମ୍ମଦ ଆଲାରଖଙ୍କ ମୋବାଇଲ ଚୋରି କରିଥିଲେ। କିଛି ସମୟ ପରେ ସିସିଟିଭିରେ ମୋବାଇଲ ଚୋରି କରିଥିବା ଦେଖାଯାଇଥିଲା। ସାକିର ଉକ୍ତ ଭିଡିଓକୁ ସୋସିଆଲ ମିଡିଆରେ ପକାଇବା ପରେ ଚୋରିକରିଥିବା ସମ୍ପୃକ୍ତ ଯୁବକଟି ସୋମବାର ଅପରାହ୍ନରେ ଜଣେ ସମ୍ପର୍କୀୟଙ୍କ ହାତରେ ମୋବାଇଲକୁ ଫେରାଇ ଦେଇଛନ୍ତି।

### ଦୁଇଦିନ ହେଲା ଜଳୁଛି ଜଙ୍ଗଲ

ବାଲିଗୁଡା,୧୫।୪(ଡି.ଏନ୍.ଏ.):

ବାଲିଗୁଡା ବନଖଣ୍ଡ ଅନ୍ତର୍ଗତ ଖମନଖୋଲ ପଞ୍ଚାୟତ ସାରଗି ଡଙ୍ଗର କୁଜିବେନ୍ଦୁ ଜଙ୍ଗଲରେ ଦୁଇଦିନ ହେଲା ନିଆଁ ଜଳୁଛି । ଫଳରେ ବହୁ ମୁଲ୍ୟବାନ ଗଛ ଓ ଛୋଟ ଛୋଟ ଔଷଧିୟ ଗଛ ନଷ୍ଟ ହୋଇଯାଉଛି । ନିଆଁକୁ ଆୟତ୍ତ କରିବା କଷ୍ଟସାଧ୍ୟ ହୋଇପଡିଛି । ନିଆଁରେ ପୋଡିହୋଇ କିଛି ବନ୍ୟଜନ୍ତୁଙ୍କ ମୃତ୍ୟୁ ଘଟିଥିବା ଅଞ୍ଚଳବାସୀ କହୁଥିବା ବେଳେ କିଛି ଗାଁ ମୁହାଁ ହେଉଛନ୍ତି। ଏ ନେଇ ବାଲିଗୁଡା ରେଞ୍ଜର ବିମ୍ବାଧର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଜଙ୍ଗଲରେ ନିଆଁ ଲାଗିଥିବା ଖବର ଅଛି । କର୍ମଚାରୀଙ୍କ ସହ ସେଠାକୁ ଯାଇଥିଲି। ଉକ୍ତ ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିବାକୁ ଆବଶ୍ୟକ କର୍ମଚାରୀ ନାହାନ୍ତି। ତଥାପି ନିଆଁକୁ ଲିଭାଇବାକୁ ଉଦ୍ୟମ ଚାଲିଛି। ବାରମ୍ବାର ସଚେତନ କରାଇଲେ ବି ଲୋକେ ସଚେତନ ହେଉନାହାନ୍ତି।

# ସରିଲା ଦଣ୍ଡଯାତ୍ରା, ମନ୍ଦିର ଫେରିଲେ ଠାକୁର

ଖଜୁରିପଡ଼ା,୧୫।୪(ଡି.ଏନ୍.ଏ.)

ଖଜୁରିପଡ଼ା ବ୍ଲକର କେତେକ ଅଞ୍ଚଳରେ ଶନିବାର ମାସନ୍ତ ମେରୁ ଯାତ୍ରା ହୋଇଥିଲା। ରବିବାର ମହାବିଷୁବ ସଂକ୍ରାନ୍ତିରେସମସ୍ତ ଶୈବପୀଠରେ ମେରୁପର୍ବ ବା ଝାମୁଯାତ୍ରା ସମ୍ପନ୍ନ ହୋଇଛି। ଗତ ୨୧, ୧୭ ଓ ୧୩ ଦିନ ହେଲା ମନ୍ଦିରରୁ ବାହାରି ଦଣ୍ଡୁଆଙ୍କ ସହ ବିଭିନ୍ନ ଗ୍ରାମରେ ପରିକ୍ରମା କରୁଥିବା ମହାଦେବ ଓ ମା' ପାର୍ବତୀ ରବିବାର ରାତିରେ ସ୍ୱମନ୍ଦିରରେ ପ୍ରବେଶ କରିଛନ୍ତି। ବ୍ଲକର ସୁଡୁକୁମ୍ପା ଓ ଖଜୁରିପଡ଼ାରେ ଶନିବାର ମାସନ୍ତ ଝାମୁ ହୋଇଥିବା ବେଳେ ରବିବାର ବସଲକୁମ୍ପା, ମା' ବରାଳଦେବୀ ପୀଠ, ଅରାପାଜୁ, ସୁଡ୍ରେଜୁ, ଆର୍. ନୂଆଗାଁ, ଖଲିବେରେଣା, ବାଲିସୁଗ୍ରି ଆଦି ଅଞ୍ଚଳରେ ଝାମୁଯାତ୍ରା ହୋଇଛି। ରାତିରେ ମେରୁଖୁଣ୍ଟରେ ପାଟଭୋକ୍ତାଙ୍କୁ ଝୁଲାଇ ପରେ ଓହ୍ଲାଇ ଦିଆଯାଇଥିଲା। ସେହିପରି ବିଭିନ୍ନ ସ୍ଥାନରେ ମହାବୀର ଜୟନ୍ତୀ ମଧ ପାଳିତ ହୋଇଛି। ମୁଖ୍ୟତଃ ମା' ବରାଳଦେବୀ ପୀଠ, ଗୁପ୍ତେଶ୍ୱର ଶୈବପୀଠ ଓ ମା' ରୁଦ୍ରକାଳୀଙ୍କ ମନ୍ଦିର ନିକଟରେ ପ୍ରବଳ ଭିଡ଼ ଦେଖାଦେଇଥିଲା। ଲୋକଙ୍କୁ ବିଭିନ୍ନ ସ୍ଥାନରେ ପଣା ବଣ୍ଟାଯାଇଥିବା ଦେଖାଯାଇଥିଲା।



ମେରୁଖୁଣ୍ଟ ନିକଟରେ ଦଣ୍ଡୁଆମାନେ।

# ବିଜେଡି ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର

ବୁଗୁଡ଼ା,୧୫।୪(ଡି.ଏନ.ଏ.)

ପୋଲସରା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବୁଗୁଡ଼ା ବ୍ଲକର ବିଭିନ୍ନ ଗ୍ରାମରେ ବିଜେଡି ବିଧାୟକ ପ୍ରାର୍ଥୀ ଶ୍ରୀକାନ୍ତ ସାହୁ ଓ ଏମ୍‌ପି ପ୍ରାର୍ଥିନୀ ପ୍ରମିଳା ବିଷୋୟୀ ନିର୍ବାଚନ ପ୍ରଚାର କରିଛନ୍ତି । ସେମାନେ ନିଜର ଦଳୀୟ କର୍ମକର୍ତ୍ତା ଓ କର୍ମୀଙ୍କୁ ସାଙ୍ଗରେ ନେଇ ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଖୋଲଖାଳି, ତାଳଶାକର, ବେଠିଆ ବୋରଦା, ଲକ୍ଷ୍ମୀପୁର, ଚକରାପଲ୍ଲୀ, ମାଣିତରା, ଭୋଗଡ଼ା ଓ ନଗୁଡୁ ଆଦି ବିଭିନ୍ନ ଗ୍ରାମ ବୁଲି ତାଙ୍କୁ ଭୋଟ ଦେବାକୁ ଭୋଟରମାନଙ୍କୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ଭୁବନେଶ୍ୱରୀ ଖଟାଇ, ମୁକୁନ୍ଦ ନାୟକ, ଖଦାଳ ଖଟାଇ, ବିବେକାନନ୍ଦ ବାରିକ, ବ୍ଲକ ବିଜେଡି ସଭାପତି ଇ. ମଦନ ଗୋପାଳ ଦୋରା, ବ୍ଲକ ଅଧକ୍ଷା ପ୍ରତିନିଧି ବରୁଣ ସେନାପତି, ଜିଲା ବିଜେଡି ସମ୍ପାଦକ ସୁଧାଂଶୁ ଶେଖର ପାଢ଼ୀଙ୍କ ସମେତ ବହୁ ଦଳୀୟ କର୍ମୀ ସାମିଲ ଥିଲେ ।



ବିଜେଡିର ନିର୍ବାଚନ ପ୍ରଚାର।

# ମାଗଣା ଚକ୍ଷୁ ଚିକିତ୍ସା ଶିବିର

ଜି.ଉଦୟଗିରି,୧୫।୪(ଡି.ଏନ.ଏ.)

ଜି.ଉଦୟଗିରି ଦିବ୍ୟ ଜୀବନ ସଂଘ ଏବଂ ଶଙ୍କର ଚକ୍ଷୁ ଚିକିତ୍ସାଳୟ ସମରଝୋଲଙ୍କ ମିଳିତ ଆନୁକୂଲ୍ୟରେ ରବିବାର ସଂଘ ପରିସରରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୪୬ ଜଣ ଗୋଷ୍ଠୀ ପଞ୍ଜୀକୃତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୧ଙ୍କୁ ଚଷମା ପ୍ରଦାନ କରାଯାଇଥିଲା। ୫୦ ଜଣଙ୍କୁ ଚକ୍ଷୁ ଅସ୍ତ୍ରୋପଚାର ପାଇଁ ସ୍ଥିର କରାଯାଇଥିଲା। ଶଙ୍କର ଚକ୍ଷୁ ଚିକିତ୍ସାଳୟ ପକ୍ଷରରୁ କ୍ୟାମ୍ପ ମ୍ୟାନେଜର ନଳିନୀକାନ୍ତ ରାଉତ, ଅପରେସନ ମ୍ୟାନେଜର ବିଶ୍ୱଜିତ ଦେଉରିଙ୍କ ସମେତ ଭାଗ୍ୟଲତା ରାଉତ ପ୍ରମୁଖ ଚକ୍ଷୁ ପରୀକ୍ଷା କରିଥିଲେ। ଦିବ୍ୟ ଜୀବନ ସଂଘ ତରଫରୁ ଆୟୋଜିତି ଶିବିରରେ ଡ. ପ୍ରସନ୍ନ କୁମାର ତ୍ରିପାଠୀ, ଭୀମସେନ ପାତ୍ର, ଗାନ୍ଧି ପ୍ରଧାନ ସହଯୋଗ କରିଥିଲେ।




ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଉଛି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE
ACB ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Saharaganj Mall, Shahnajaf Rd, Lucknow, Uttar Pradesh 226001
9058692160
7467886694

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

FINANCE

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

FINANCE
ସ୍ୱୀକୃତୀପ୍ରାପ୍ତ ମୁଦ୍ରା ଯୋଜନା ଦ୍ୱାରା ମାର୍କସିଟ, କୃଷି, ଆଧାରକାର୍ଡ, ସମ୍ପତି, ଗୃହ ଓ ବ୍ୟକ୍ତିଗତ, BPL ଋଣ ମାତ୍ର ୪୫୦/- ଟଙ୍କାରେ ଘରେ ବସି ପାଆନ୍ତୁ।
ବାର୍ଷିକ 1% ସୁଧ 50% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
8698663544
8956667461

INDUS FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, home, ମାର୍କଶିଟ, ଶିକ୍ଷା, କୃଷି, ପ୍ରୋପାର୍ଟୀ ଓ ପଶୁପାଳନ। ସହଜ କିସ୍ତିରେ, INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address: Narsingpur, Bhogarai, Balasore
Mob: 8860754194, 7835948917

BUSINESS

ଭାରତର ନଂ.୧
INDUS NETWORK COMPANY
(Govt. Regd.) ଦ୍ୱାରା ନିଜର ଖାଲି ପଡ଼ିଥିବା ଜମିରେ ଡିଜିଟାଲ୍ ନେଟ୍‌ୱର୍କ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ୭୦ ଲକ୍ଷ ଆଡ୍‌ଭାନ୍ସ + ୭୦,୦୦୦ ଭଡ଼ା + ଏଗ୍ରିମେଣ୍ଟ + ୧ ବାଇକ୍।
Helpline Numbers
9430834074
8709556494
House No.267, Friends Colony, New Delhi-6

SMS JOB
Send SMS. Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧରେ ମିଳିବା ସୁଧ 1%
ADDRESS: C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ଲକ୍ଷ୍ମୀ ଫାଇନାନ୍ସ (ରେଜି.)
କମ୍ପାନୀ ସବୁ ସରକାରୀ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗାଡ଼ି ଏବଂ ସମସ୍ତ ଋଣ ମାତ୍ର ୧୮ ଘଣ୍ଟାରେ, ୨% ସୁଧ, ୫୦% ରିହାତି।
(ମହିଳାଙ୍କୁ ବିଶେଷ ରିହାତି)
9511074590
9511074774
H.No. 249, Vill- SISWALA, Teh.- DADRI, Dist.- BHIWANI

See Color Display Classified on every Tuesday & Friday


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ବ୍ରହ୍ମପୁର, ମଙ୍ଗଳବାର, ୧୬ ଏପ୍ରିଲ, ୨୦୧୯


## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ

ଖଜୁରିପଡ଼ା,୧୫।୪(ଡି.ଏନ୍.ଏ.): ଖଜୁରିପଡ଼ା ବ୍ଲକ ସୁଦ୍ରୁକୁମ୍ପା ପୋଲିସ ଫାଣ୍ଡି ଅନ୍ତର୍ଗତ ସୁଦ୍ରେଜୁ ପଞ୍ଚାୟତର ଶିତିକାପଙ୍ଗାରେ ରବିବାର ରାତି ୯ଟାରେ ଏକ ଟ୍ରକ ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ସୁଦ୍ରୁକୁମ୍ପା ଗ୍ରାମର ରାଘବ ସାହୁ (୫୭)। ପୋଲିସ ଟ୍ରକ ଓ ମୃତଦେହ ଜବତ କରିବା ସହ ନଂ. ୩୯/୧୯ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ରାଘବ ସୁଦ୍ରୁକୁମ୍ପାରୁ ବାଇକ୍ ଯୋଗେ ସୁଦ୍ରେଜୁକୁ ଯାମୁଯାତ୍ରା ଦେଖିବାକୁ ଆସୁଥିଲେ। ଫୁଲବାଣୀରୁ ବୌଦ୍ଧ ସଂଯୋଗ କରୁଥିବା ୧୫୭ ନଂ. ଜାତୀୟ ରାଜପଥ ଶିତିକପଙ୍ଗା ଏକ ବୁଲାଣି ରାସ୍ତାରେ ଟ୍ରକ ସହ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ରାଘବଙ୍କ ମୃତ୍ୟୁ ହୋଇଛି। ଏ ଘଟଣା ନେଇ ଆଖପାଖ ଅଞ୍ଚଳର ଲୋକମାନେ ଉତ୍ତେଜିତ ହୋଇ କ୍ଷତି ପୂରଣ ଦାବିରେ ରାସ୍ତାରୋକ କରିଥିଲେ। ଫଳରେ ୨ଘଣ୍ଟା ଯାଏ ଯାନବାହନ ଚଳାଚଳ ବନ୍ଦ ହୋଇଥିଲା। ସୁଦ୍ରୁକୁମ୍ପା ଫାଣ୍ଡି ଅଧିକାରୀ ବସନ୍ତ କୁମାର ବେହେରା ଓ ବିସିପଡ଼ା ସଦର ଥାନାଧିକାରୀ ରାଧାକାନ୍ତ ସାହୁ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରି ଟ୍ରକ ମାଲିକଙ୍କୁ ଡକାଇ କ୍ଷତି ପୂରଣ ଦେବାକୁ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା।

### ଡାକ୍ତରଖାନାରୁ ଚୋରି ମାମଲା
### ଅଭିଯୁକ୍ତଙ୍କୁ ୬ ମାସ ଜେଲ

ବାଲିଗୁଡା,୧୫।୪(ଡି.ଏନ୍.ଏ.): ବାଲିଗୁଡା ଏସଡିଜେଏମ ସୌମ୍ୟରୁପ ସାହୁ ଏକ ଚୋରି ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୬ ମାସ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ହେଲେ କୃଷ୍ଣଚନ୍ଦ୍ର ଶତପଥୀ। ସାରଙ୍ଗଡ଼ ଡାକ୍ତରଖାନାରୁ ଗତବର୍ଷ ଚୋରି କରିଥିବା ନେଇ ଥାନାରେ ଏତଲା ହୋଇଥିଲା। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସମସ୍ତ ସାକ୍ଷୀଙ୍କ ବୟାନ ଏବଂ ସିସିଟିଭି ଫୁଟେଜକୁ ଆଧାର କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ମାମଲାଟିକୁ ଏପିପି ବିକ୍ରମ ସେଠୀ ପରିଚାଳନା କରିଥିଲେ ।

### ଗାଡ଼ି ଧକ୍କାରେ ଜଣେ ମୃତ

ପାତ୍ରପୁର,୧୫।୪(ଡି.ଏନ୍.ଏ.): ଖାରିଆଗୁଡ଼ା ଫାଣ୍ଡି ସୁରଙ୍ଗି ଓ ଖାରିଆଗୁଡ଼ା ରାସ୍ତାରେ ସୋମବାର ଏକ ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିର ମୃତ୍ୟୁ ଘଟିଛି। ସେ ହେଲେ ସୁରଙ୍ଗି ଗ୍ରାମର ସତ୍ୟ ସେଠୀ (୭୦)। ସତ୍ୟ ଗ୍ରାମ ନିକଟରେ ଥିବା ବଗୀ ନଦୀରୁ ନିତ୍ୟକର୍ମ ସାରି ସନ୍ଧ୍ୟାରେ ଘରକୁ ଫେରୁଥିବା ବେଳେ ପଛପଟରୁ ଗୋଟିଏ ଗାଡ଼ି ଧକ୍କା ଦେଇ ଚାଲିଯାଇଥିଲା। ଗୁରୁତର ଭାବେ ପଡ଼ିଥିବା ସତ୍ୟଙ୍କୁ ଗ୍ରାମବାସୀ ଉଦ୍ଧାର କରି ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା।

## ବିଜେଡି ମହିଳା ସମାବେଶକୁ ଭାଜପାର ବିରୋଧ
# ବେଲଗୁଣ୍ଠା-ଭୁବନେଶ୍ୱର ରାସ୍ତା ଅବରୋଧ

ଭଞ୍ଜନଗର,୧୫।୪(ଡି.ଏନ.ଏ)

ବେଲଗୁଣ୍ଠା ବ୍ଲକ ମହିଳା ବିଜେଡ଼ି ପକ୍ଷରୁ ସୋମବାର ବ୍ଲକ ପଡ଼ିଆରେ ମହିଳା ସମ୍ମିଳନୀ ହୋଇଥିଲା । ଏଥିରେ ବ୍ଲକ ବିଜେଡ଼ି ସଭାପତି ପ୍ରଶାନ୍ତ ନାୟକ ଅଧ୍ୟକ୍ଷତା କରିଥିଲେ । ପୂର୍ବତନ ମନ୍ତ୍ରୀ ପ୍ରଦୀପ କୁମାର ପାଣିଗ୍ରାହୀ, ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା, ଆସିକା ଲୋକ ସଭା ବିଜେଡ଼ି ପ୍ରାର୍ଥିନୀ ପ୍ରମିଳା ବିଷୋୟୀ, ସୋରଡ଼ା ବିଧାୟକ ତଥା ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଜେଡ଼ି ଶାସନ ସମୟରେ ହୋଇଥିବା ମହିଳାଙ୍କ ଉନ୍ନତି ସମ୍ପର୍କରେ କହିଥିଲେ। ବିଜେଡ଼ି ପୁଣି କ୍ଷମତାକୁ ଫେରିବ । ମହିଳାଙ୍କ ବିକାଶ ହେବ। ତେଣୁ ବିଜେଡ଼ିକୁ ଭୋଟ ଦେବାପାଇଁ ନେତାମାନେ ନିବେଦନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏନଏସି ଅଧ୍ୟକ୍ଷ ଚନ୍ଦ୍ରମଣି ସାମଲ, ପୂର୍ବତନ ଉପାଧ୍ୟକ୍ଷ ପ୍ରଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ



ଭାଜପାର ରାସ୍ତା ଅବରୋଧ ଯୋଗୁ ଅଟକି ରହିଥିବା ଯାନବାହନ ।

ଅନୁମତି ନ ଆଣି ବ୍ଲକ ପଡ଼ିଆରେ ଏପରି ସମାବେଶ କରାଯାଇଥିବା ଦର୍ଶାଇ ଭାଜପା ପକ୍ଷରୁ ବ୍ଲକ ଛକରେ ରାସ୍ତା ଅବରୋଧ କରିଥିଲା। ଫଳରେ ବେଲଗୁଣ୍ଠା-ଭୁବନେଶ୍ୱର ମୁଖ୍ୟ ରାସ୍ତା ଅପରାହ୍ନ ୧ଟାରୁ ୨ଟା୧୫ ପର୍ଯ୍ୟନ୍ତ ବନ୍ଦ ରହିଥିଲା। ଉଭୟ ଦଳର କର୍ମୀମାନଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେବା ପୂର୍ବରୁ ପୋଲିସ ଓ ପ୍ରଶାସନିକ ଅଧିକାରୀ ପହଞ୍ଚିଥିଲେ। ଯାହା ଅଭିଯୋଗ ଅଛି ଲିଖିତ ଭାବେ ଅବଗତ କର ବୋଲି ଅଧିକାରୀମାନେ କହିବା ପରେ ରାସ୍ତା ଅବରୋଧ ହଟିଥିଲା। ଭାଜପାର ସୋରଡ଼ା ବିଧାୟକ ପ୍ରାର୍ଥୀ ନୀଳମଣି ବିଷୋୟୀ ଅଭିଯୋଗ କରିଥିଲେ ଯେ, ଯେଉଁ ପଡ଼ିଆରେ ବିଜେଡ଼ି ସଭା କରୁଛି ତାହା ପ୍ରଶାସନର ଅନୁମତି ନିଆଯାଇନାହିଁ। ମହିଳା ଗ୍ରୁପ୍‌କୁ ପ୍ରଭାବିତ କରିବା ପାଇଁ ବିଭିନ୍ନ ପ୍ରକାର ସହାୟତା ବିଜେଡ଼ି ପକ୍ଷରୁ ବଣ୍ଟାଯାଉଛି । ଏଥିରେ ସରକାରୀ କର୍ମଚାରୀ ସହଯୋଗ କରୁଛନ୍ତି। ଏଥିରେ ଆଚରଣ ବିଧି ଉଲ୍ଲଂଘନ ହୋଇଛି। ଅନ୍ୟପକ୍ଷରେ ସୋରଡ଼ା ବିଜେଡ଼ି ବିଧାୟକ ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ କହିଛନ୍ତି, କୌଣସି ବେଆଇନ କାର୍ଯ୍ୟ କରାଯାଇନାହିଁ। ସରକାରୀ କର୍ମଚାରୀଙ୍କ ସହଯୋଗକୁ ସେ ଖଣ୍ଡନ କରିଥିଲେ। ବିଜେଡ଼ି ମହିଳା ସମ୍ମିଳନୀ ଓ ମୁଖ୍ୟମନ୍ତ୍ରୀଙ୍କ ରୋଡ଼ସୋ କାର୍ଯ୍ୟକ୍ରମରେ ବିରୋଧୀ ଦଳ ନେତାମାନେ ହତୋତ୍ସାହିତ ହୋଇପଡ଼ିଛନ୍ତି। ତେଣୁ ଏପରି ଭିତ୍ତିହୀନ ଅଭିଯୋଗ ଆଣୁଛନ୍ତି ବୋଲି ସେ କହିଥିଲେ ।

## ସେଲ୍ଫି କର୍ଣ୍ଣର


ବିଶ୍ୱରଞ୍ଜନ


ତପନ

ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

## ଶ୍ରେଣୀଗୃହ ତାଲାରେ ଅଠା ଲଗାଇଲେ ଦୁର୍ବୃତ୍ତ
# ୩ ଘଣ୍ଟା ବାହାରେ ଅପେକ୍ଷା କଲେ ଛାତ୍ରୀଛାତ୍ର


ସ୍କୁଲ ବାହାରେ ଅପେକ୍ଷା କରିଛନ୍ତି ଛାତ୍ରୀଛାତ୍ର ।

କନିଷି,୧୫।୪(ଡି.ଏନ.ଏ.)

ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ପଞ୍ଚମା ସରକାରୀ ଉନ୍ନୀତ ମାଧ୍ୟମିକ ବିଦ୍ୟାଳୟ ଅଫିସ ରୁମ ସମେତ ୩ ଶ୍ରେଣୀ ଗୃହରେ ପଡିଥିବା ତାଲାରେ ରବିବାର ଦୁର୍ବୃତ୍ତମାନେ ଅଠା ଲଗାଇ ଦେଇଥିଲେ। ଫଳରେ ତାଲା ଖୋଲିବାରେ ଅସୁବିଧା ହେବାରୁ ଶତାଧିକ ଛାତ୍ରୀଛାତ୍ର ୩ ଘଣ୍ଟା ଧରି ଖରାରେ ବିତାଇଥିଲେ। ଘଟଣାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେବା ସହ ଉତ୍ତେଜନା ସୃଷ୍ଟି ହୋଇଛି। ସୋମବାର ସକାଳ ୬ଟାରେ ବିଦ୍ୟାଳୟକୁ ଆସିଥିଲେ ଶିକ୍ଷୟିତ୍ରୀ ଶିକ୍ଷକମାନେ। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅଫିସ ଚାବି ଧରି ରୁମ ଖୋଲିଲା ବେଳକୁ ତାଲାରେ ଏମସିଲ ଅଠା ବୋଳାଯାଇଥିବା ଦେଖିଥିଲେ। ଏନେଇ ଶିକ୍ଷୟିତ୍ରୀ

### ତାଲା କଟାଯାଇ ଖୋଲାଗଲା ସ୍କୁଲ

ସ୍କୁଲ କମିଟି ସଭାପତିଙ୍କୁ ଅବଗତ କରାଇଥିଲେ। ଏହି ଘଟଣା ପ୍ରଚାର ହେବା ପରେ ବହୁ ଅଭିଭାବକ ଏବଂ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୀର୍ଘ ସମୟ ଧରି ତାଲା ଖୋଲା ହୋଇ ନ ପାରିବାରୁ ଛାତ୍ରୀଛାତ୍ରମାନେ ବାହାରେ ଅପେକ୍ଷା କରିଥିଲେ। ଏନେଇ ସ୍ଥାନୀୟ ସରପଞ୍ଚ ଏବଂ ସ୍କୁଲ କମିଟି ସଭାପତି ଗୋଳନ୍ଥରା ଥାନାକୁ ଖବର ଦେଇଥିଲେ। ଗୋଳନ୍ଥରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ପୋଲିସ ଉପସ୍ଥିତିରେ ସମସ୍ତ ତାଲା କଟରରେ କଟାଯାଇ ଶ୍ରେଣୀ ଗୃହଗୁଡିକୁ ଖୋଲା ଯାଇଥିଲା। ଫଳରେ ଖରାରେ ଅପେକ୍ଷା କରିଥିବା ଛାତ୍ରୀଛାତ୍ରମାନେ ଶ୍ରେଣୀରେ ପ୍ରବେଶ କରିଥିଲେ ।

# ପୂର୍ବତନ କିରାଣିଙ୍କୁ ୨ ବର୍ଷ ଜେଲ

ଫୁଲବାଣୀ ଅଫିସ, ୧୫।୪

ଘରବାରି ପଟ୍ଟା କରାଇବାକୁ ଲାଞ୍ଚ ନେବା ମାମଲାର ବିଚାର କରି ସୋମବାର ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଭଗବାନ ପ୍ରଧାନ ଅଭିଯୁକ୍ତ ପୂର୍ବତନ କିରାଣି ବିରୂପାକ୍ଷ ମିଶ୍ରଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଏହା ଅନାଦେୟ ଅଧିକ ୬ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ବୌଦ୍ଧ ଜିଲ୍ଲା ନୂଆପଡା ବୀରନରସିଂହପୁର ଗ୍ରାମର ଉମେଶ ପାତ୍ର ହରଭଙ୍ଗା ତହସିଲରେ ଘରବାରି ପଟ୍ଟା ପାଇଁ ଆବେଦନ କରିଥିଲେ । ଏଥିପାଇଁ ୧୦୦୦ ଟଙ୍କା ଲାଞ୍ଚ ଦେବାକୁ ପଡ଼ିବ ବୋଲି କିରାଣି (ଡିଲିଂ କ୍ଲର୍କ) ମିଶ୍ର ଦାବି କରିଥିଲେ । ୨୦୧୬ ଜୁନ୍ ୨୭ରେ ଉମେଶ ଏନେଇ ବ୍ରହ୍ମପୁର ଭିଜିଲାନ୍ସ ଅଫିସରେ ଅଭିଯୋଗ କରିଥିଲେ। ଅଭିଯୋଗ ପରଦିନ ଅର୍ଥାତ୍ ୨୮ରେ ଯୋଜନା ମୁତାବକ ସେ ଟଙ୍କା ଦେବା ବେଳେ ଭିଜିଲାନ୍ସ କର୍ମଚାରୀ ବିରୂପାକ୍ଷଙ୍କୁ ଗିରଫ କରିଥିଲେ। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେଶ ମହାପାତ୍ର ମାମଲା ପରିଚାଳନା କରୁଥିଲେ ।

## ଅପେରା ଚାଲିଥିବା ବେଳେ
# ହ୍ୱିସିଲ୍ ବଜାଇବାକୁ ନେଇ ଗଣ୍ଡଗୋଳ, ୪ ଆହତ

ଗୋପାଳପୁର,୧୫।୪

ଅପେରା ଚାଲିଥିବା ସମୟରେ ହ୍ୱିସିଲ୍ ବଜାଇବାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟି ୪ ଜଣ ଆହତ ହୋଇଥିବା ଜଣାପଡ଼ିଛି। ରବିବାର ମଧ୍ୟରାତ୍ର ପ୍ରାୟ ୧ ଘଟିକା ସମୟରେ ଗୋପାଳପୁର ଥାନା ଅନ୍ତର୍ଗତ ବଡ଼ଗୁମୁଳା ଦଲୁଆ ସାହିରେ ଦଣ୍ଡନାଚ ଉପଲକ୍ଷେ ଅପେରା ଚାଲିଥିଲା। ଏହି ସମୟରେ ଦାସ ସାହିର କେତେକ ଯୁବକ ହ୍ୱିସିଲ ବଜାଇଥିଲେ। ଏହାକୁ ନେଇ ଦଲୁଆ ସାହିର କେତେକ ଯୁବକ ଓ ଦାସ ସାହି ଗୋଷ୍ଠୀର ଯୁବକଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇ ଘଟଣା ଉଗ୍ରରୂପ ଧାରଣ କରିଥିଲା। ପରେ ଉଭୟଙ୍କ ମଧ୍ୟରେ ପଥର ଫିଙ୍ଗା ଓ ମାରପିଟ ହୋଇଥିଲା। ଏଥିଯୋଗୁ କିଛି ସମୟ ଅଞ୍ଚଳ ରଣକ୍ଷେତ୍ର ପାଲଟି ଯାଇଥିଲା। ଏଥିରେ ପ୍ରାୟ ୪ ଜଣ ଆହତ ହୋଇଥିଲେ। ଗୋପାଳପୁର ଥାନାଧିକାରୀ ବିବେକାନନ୍ଦ ମହନ୍ତ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଖବର ଲେଖା ହେବା ସୁଦ୍ଧା ଥାନାରେ ଅଭିଯୋଗ ପହଞ୍ଚି ନ ଥିବା ପୋଲିସ କହିଛି। ଉଭୟ ଗୋଷ୍ଠୀର ଯୁବକଙ୍କୁ ଥାନାକୁ ଡକାଯାଇଛି। ଅଭିଯୋଗ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ମହନ୍ତ ସୂଚନା ଦେଇଛନ୍ତି।

## ଗୋପାଳପୁର ନିର୍ବାଚନମଣ୍ଡଳୀ
# ବଢୁଛି ହିଂସା, ରିଗିଂ, ଏଜେଣ୍ଟ ହେବାରୁ ନିଆଁପାଣି ବାସନ୍ଦ

କନିଷି,୧୫।୪(ଡି.ଏନ.ଏ.)

ଗୋପାଳପୁର ନିର୍ବାଚନ ମଣ୍ଡଳୀର ବହୁ ପଞ୍ଚାୟତରେ ରାଜନୈତିକ ହିଂସା, ବୁଥ୍ ରିଗିଂ ଦେଖା ଦେଇଥିବା ବେଳେ ବର୍ତ୍ତମାନ ଭାଜପା ଏଜେଣ୍ଟ ହେବାରୁ ନିଆଁପାଣି ବାସନ୍ଦ କରାଯାଇଥିବା ଅଭିଯୋଗ ହୋଇଛି। ଏହି ନିର୍ବାଚନମଣ୍ଡଳୀର ମାର୍କଣ୍ଡି ଗ୍ରାମରେ ଏଭଳି ହୋଇଥିବା ବ୍ରହ୍ମପୁର ଉପଜିଲାପାଳ, ଗୋଳନ୍ଥରା ଥାନାଧିକାରୀ, ବ୍ରହ୍ମପୁର ଏସ୍‌ପିଙ୍କ ନିକଟରେ ଅଭିଯୋଗ ହୋଇଛି । ଭାଜପା ଏଜେଣ୍ଟ ହେବାରୁ ନିଆଁପାଣି ବାସନ୍ଦ ପରେ ଆକ୍ରମଣ ଧମକ ଦିଆଯାଇଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଗୋଳନ୍ଥରା ଥାନାରେ ଅଭିଯୋଗ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଏ ନେଇ ଅଭିଯୋଗକାରୀ ମାର୍କଣ୍ଡି ଗ୍ରାମର ଏମ୍ ପୀତାମ୍ବର ରାଓ ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ ରାଉତରାୟଙ୍କ ନିକଟରେ ସୋମବାର ଅଭିଯୋଗ କରିଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି, ଏହି ନିର୍ବାଚନ ମଣ୍ଡଳୀ ୨୦୬ନଂ. ବୁଥ୍‌ରେ ଭାଜପା ଏମ୍‌ପି ପ୍ରାର୍ଥୀ ଭୃଗୁ ବକ୍ସିପାତ୍ରଙ୍କ ପାଇଁ ଏଜେଣ୍ଟ ହୋଇଥିଲେ। ସେହିଦିନ ବିଜେଡିର କେତେକ କର୍ମୀ ବୁଥ୍‌ରେ ରିଗିଂ କରିଥିଲେ। ସେମାନଙ୍କ କାର୍ଯ୍ୟକୁ ବିରୋଧ କରିବାରୁ ବିଜେଡି ସମର୍ଥକମାନେ ଧମକ ଚମକ ଦେଇଥିଲେ। ଏପ୍ରିଲ ୧୨ ତାରିଖ ଅପରାହ୍ନରେ ଗାଁ ମନ୍ଦିରରେ ବୈଠକ କରି କମିଟି ସଦସ୍ୟମାନେ ପୀତାମ୍ବରଙ୍କୁ ଦୁର୍ବ୍ୟବହାର କରିବା ସହ ନିଆଁପାଣି ବାସନ୍ଦ କରିଥିଲେ। ଗତ ୧୩ରେ ପୀତାମ୍ବର ଏ ସମ୍ପର୍କରେ ଗୋଳନ୍ଥରା ଥାନାରେ ଏତଲା ଦେଇଥିଲେ। ଅଭିଯୋଗ ସତ୍ତ୍ୱେ ଗୋଳନ୍ଥରା ଥାନା କିମ୍ବା ଉଚ୍ଚସ୍ତରୀୟ ଅଧିକାରୀମାନେ ଏହାର ତଦନ୍ତ କରୁନାହାନ୍ତି। ଏହାର ବିଚାର କରି ଶୀଘ୍ର ନ୍ୟାୟ ପ୍ରଦାନ କରିବାକୁ ସେ ବ୍ରହ୍ମପୁର ଉପଜିଲାପାଳ, ବ୍ରହ୍ମପୁର ଏସ୍‌ପିଙ୍କ ନିକଟରେ ଗୁହାରି କରିଛନ୍ତି। ଏନେଇ ଗୋଳନ୍ଥରା ଥାନାଧିକାରୀ ବାବୁଲି ନାୟକଙ୍କ ସହ ଯୋଗାଯୋଗ କରିବାରେ ସେ କହିଥିଲେ, ସେମାନଙ୍କୁ ଥାନାକୁ ଡକାଯାଇଛି । କୌଣସି ସମାଧାନ ନ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

ପୋଲସରା ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ପାଇଁ
ଶଙ୍ଖ
ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ
ଶ୍ରୀକାନ୍ତ ସାହୁଙ୍କୁ
ଶଙ୍ଖ ଚିହ୍ନରେ
ଭୋଟ୍ ଦେଇ ଜୟଯୁକ୍ତ କରାନ୍ତୁ।

ଆସନ୍ତା ଏପ୍ରିଲ ମାସ ୧୮ ତାରିଖରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ଆସିକା ଲୋକସଭା ନିର୍ବାଚନ ମଣ୍ଡଳୀର ବିଜେଡି ସାଂସଦ ପ୍ରାର୍ଥିନୀ ପ୍ରମିଳା ବିଷୋୟୀ ଓ ପୋଲସରା ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଶ୍ରୀକାନ୍ତ ସାହୁଙ୍କୁ 'ଶଙ୍ଖ' ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ଅନୁରୋଧ।
ନିବେଦକ
ଶ୍ରୀ ସୁଧାଂଶୁ ଶେଖର ପାଢ଼ୀ
ଜିଲ୍ଲା ବିଜେଡି ସମ୍ପାଦକ
ଶ୍ରୀ ଚିତ୍ରସେନ ପ୍ରଧାନ
ପୂର୍ବତନ ଉପନଗରପାଳ, ବୁଗୁଡ଼ା

## ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପ୍ରସ୍ତୁତି
# ବୁଥ୍‌ରେ ପୋଲିଂ ଦଳ ପହଞ୍ଚିବେ ଆଜି

ଛତ୍ରପୁର,୧୫।୪(ଡି.ଏନ.ଏ)

ଗଞ୍ଜାମ ଜିଲାରେ ୧୮ ତାରିଖରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ନିର୍ବାଚନ ହେବାକୁ ଥିବା ନିର୍ବାଚନମଣ୍ଡଳୀ ଅଧୀନ ବୁଥ୍ ଗୁଡିକରେ ପୋଲିଂ ଦଳ ଇଭିଏମ୍ ଓ ଭିଭିପିଏଟି ଆଦି ନେଇ ପହଞ୍ଚିବେ ବୋଲି ସୂଚନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଛତ୍ରପୁରସ୍ଥିତ ଅନ୍‌ସ୍ଲୋ ସରକାରୀ ହାଇସ୍କୁଲ, ବ୍ରହ୍ମପୁରର ଆଇଟିଆଇ ଓ ଭଞ୍ଜନଗରର କେଏସ୍‌ୟୁବି କଲେଜରେ ପୋଲିଂ ଦଳକୁ ଏସବୁ ମଙ୍ଗଳବାର ବଣ୍ଟନ କରାଯିବ । ଏନେଇ ପ୍ରସ୍ତୁତି ଚାଲିଛି । ଗଞ୍ଜାମ ଜିଲା ଆସିକା ଲୋକ ସଭା ଆସନ ଓ ୭ ବିଧାନସଭା ଆସନ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ୧୮ ତାରିଖରେ ଅନୁଷ୍ଠିତ ହେବ। ଆସିକା ଲୋକ


ଅନ୍‌ସ୍ଲୋ ହାଇସ୍କୁଲରେ ପ୍ରସ୍ତୁତି ଚାଲିଛି ।

ସଭା କ୍ଷେତ୍ର ମଧ୍ୟରେ ଆସିକା, ସୋରଡା, ହିଞ୍ଜିଳି, କବିସୂର୍ଯ୍ୟନଗର, ସାନଖେମୁଣ୍ଡି, ଖଲ୍ଲିକୋଟ ଓ ପୋଲସରା ବିଧାନସଭା ଆସନ ରହିଛି । କନ୍ଧମାଳ ଲୋକ ସଭା ଆସନ ଅଧୀନରେ ଭଞ୍ଜନଗର ବିଧାନସଭା ଆସନ ଅଛି। ଆସିକା ଲୋକ ସଭା ଆସନ ଏବଂ କନ୍ଧମାଳ ଲୋକ ସଭା ଆସନ ଅଧୀନ ଭଞ୍ଜନଗର ବିଧାନସଭା କ୍ଷେତ୍ରକୁ ମିଶାଇ ଜିଲାରେ ୮ ବିଧାନସଭା ଆସନ ପାଇଁ ୧୯୪୬ ବୁଥ୍‌ରେ ଭୋଟ ଗ୍ରହଣ ହେବ । ଛତ୍ରପୁରସ୍ଥିତ ଅନ୍‌ସ୍ଲୋ ହାଇସ୍କୁଲରୁ ହିଞ୍ଜିଳି, ଖଲ୍ଲିକୋଟ, ପୋଲସରା ଓ କବିସୂର୍ଯ୍ୟନଗର ବିଧାନସଭା କ୍ଷେତ୍ର ପାଇଁ ନିଯୁକ୍ତ ପୋଲିଂ ଦଳ ଓ ପୋଲିସ କର୍ମଚାରୀ ମଙ୍ଗଳବାର ସକାଳ ସୁଦ୍ଧା ପହଞ୍ଚିବେ। ଏଠାରୁ ଇଭିଏମ୍ ଆଦି ନେଇ ବୁଥ୍‌କୁ ଯିବେ। ସେହିପରି ବ୍ରହ୍ମପୁର ଆଇଟିଆଇରୁ ସାନଖେମୁଣ୍ଡି ପାଇଁ ଏବଂ ଭଞ୍ଜନଗର କେଏସ୍‌ୟୁବି କଲେଜରୁ ଆସିକା, ଭଞ୍ଜନଗର ଓ ସୋରଡା କ୍ଷେତ୍ର ପାଇଁ ଇଭିଏମ୍ ନେଇ ପୋଲିଂ ଦଳ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ପହଞ୍ଚିବେ ବୋଲି ଜଣାପଡିଛି । ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଆବଶ୍ୟକ ଗାଡି ଛତ୍ରପୁରସ୍ଥିତ ଅନ୍‌ସ୍ଲୋ ହାଇସ୍କୁଲ ଖେଳପଡିଆ, ଛତ୍ରପୁର ଷ୍ଟାଡିୟମ ଓ ପୋଲିସ ପଡିଆରେ ସୋମବାର ପହଞ୍ଚିସାରିଛି। ନିର୍ବାଚନ କମିଶନଙ୍କ ଦ୍ୱାରା ପର୍ଯ୍ୟବେକ୍ଷକମାନେ ସୋମବାର ଏହାର ମନିଟରିଂ କରିଛନ୍ତି ।

## ପସନ୍ଦ ମୁତାବକ ଭୋଟ ଦେବାରୁ
# ସ୍ତ୍ରୀଙ୍କୁ ଆକ୍ରମଣ କଲେ ସ୍ୱାମୀ

ଗୋପାଳପୁର,୧୫।୪

ଗଣତନ୍ତ୍ରରେ ନିଜ ପସନ୍ଦ ମୁତାବକ ଭୋଟ ଦେବାର ଅଧିକାର ସମସ୍ତଙ୍କର ରହିଛି। ଦଳୀୟ ବ୍ୟକ୍ତିବିଶେଷଙ୍କ ଚାପରେ ନ ପଡ଼ି ନିଜ ଇଚ୍ଛା ମୁତାବକ ଭୋଟ ଦେବା ପାଇଁ ସଚେତନତା ମଧ୍ୟ କରାଯାଉଛି। ତେବେ ଏଥିରେ ବାଧା ଉପୁଜାଇବା ଗଣତନ୍ତ୍ର ରାଷ୍ଟ୍ରରେ ଶୁଭଙ୍କର ନୁହେଁ। ଏଭଳି ଏକ ଘଟଣା ଘଟିଛି ଗୋଳନ୍ଥରା ଥାନା ଅନ୍ତର୍ଗତ କୋଠାରସିଂ ଗ୍ରାମରେ। ସ୍ୱାମୀଙ୍କ ନିର୍ଦ୍ଦେଶକୁ ନ ମାନି ଶୁଣି ସ୍ତ୍ରୀ ନିଜ ଇଚ୍ଛାରେ ଅନ୍ୟ ଦଳକୁ ଭୋଟ ଦେବାରୁ ତାଙ୍କୁ ନିଘୁକ ମାଡ଼ ମାରିବା ସହ କିରୋସିନ ଢ଼ାଳି ହତ୍ୟା ଉଦ୍ୟମ କରାଯାଇଥିବା ସଂଗିନ ଅଭିଯୋଗ ହୋଇଛି। ଏନେଇ ଗୋଳନ୍ଥରା ଥାନାରେ ଅଭିଯୋଗ ପହଞ୍ଚିଥିବା ଜଣାପଡ଼ିଛି। ଅଭିଯୋଗକାରୀଙ୍କ କହିବାନୁସାରେ, ଚଳିତ ବର୍ଷ ସାଧାରଣ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ୧୧ ତାରିଖରେ କୋଠାରସିଂ ଗ୍ରାମର ଜଣେ ମହିଳା ନିଜ ଇଚ୍ଛା ମୁତାବକ ନିର୍ଦ୍ଦିଷ୍ଟ ଦଳକୁ ଭୋଟ ଦେଇଥିଲେ । ସେହିଦିନ ସନ୍ଧ୍ୟା ପ୍ରାୟ ୭ଟାରେ ତାଙ୍କ ସ୍ୱାମୀ ଘରକୁ ଆସି ସ୍ତ୍ରୀଙ୍କୁ କେଉଁ ଦଳକୁ ଭୋଟ ଦେଇଛ ବୋଲି ପଚାରିଥିଲେ। ସ୍ତ୍ରୀ ଏହାର କୌଣସି ଉତ୍ତର ନ ଦେବାରୁ ସ୍ୱାମୀ ଉତ୍ୟକ୍ତ ହୋଇ ସ୍ତ୍ରୀଙ୍କୁ ନିଘୁକ ମାଡ଼ ମାରି ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କ ଦେହରେ କିରୋସିନ ଢ଼ାଳି ଦେଇଥିଲେ। ପରବର୍ତ୍ତୀ ସମୟରେ ସ୍ତ୍ରୀଙ୍କ ନିର୍ଯାତନା ଦେଇଥିଲେ। ସୋମବାର ସକାଳ ୮ଟାରେ ସ୍ତ୍ରୀ ଘରେ କାମ କରୁଥିବା ସମୟରେ ପୁଣି ସ୍ୱାମୀ ସେହି କଥା ଉଠାଇ ମାରପିଟ୍ କରିବା ସହ ତାଙ୍କ ଦେହରେ କିରୋସିନ ଢ଼ାଳିବାକୁ ଉଦ୍ୟମ କରିଥିଲେ। ଏଥିସହ ନିଜର ଦୁଇ ଛୁଆଙ୍କୁ ମଧ୍ୟ ସେ ମାଡ଼ ମାରିଥିଲେ। ଜୀବନ ଭୟରେ ସ୍ତ୍ରୀ ଦୁଇ ପୁଅଙ୍କୁ ଧରି କୌଶଳକ୍ରମେ ଘରୁ କେଉଁଆଡ଼େ ଚାଲି ଯାଇଥିଲେ। ଖବର ପାଇ ମହିଳାଙ୍କ ବଡ଼ ଭଉଣୀ ବହୁ ଖୋଜାଖୋଜି କରିବା ପରେ ତାଙ୍କୁ ଏବଂ ୨ ପିଲାଙ୍କୁ ପାଇଥିଲେ। ଏନେଇ ମହିଳା ଜଣକ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖବର ଲେଖା ହେବା ସୁଦ୍ଧା ପୋଲିସ ମାମଲା ରୁଜୁ କରି ନ ଥିବା ବେଳେ ଘଟଣାସ୍ଥଳରେ ପହଞ୍ଚି ନ ଥିବା ଜଣାପଡ଼ିଛି।

ପୂର୍ବ ତଟ ରେଳପଥ
ନିର୍ମାଣ କାର୍ଯ୍ୟ
ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONHQBBS2019015, ତା: 11.04.2019
କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ୍ - ବଲାଙ୍ଗୀର ନୂତନ B.G. ରେଳ ଲିଙ୍କ ପ୍ରକଳ୍ପର କି.ମି. 237.200 ରୁ କି.ମି. 238.400 ମଧ୍ୟରେ ଥିବା ତେଲ୍ ନଦୀ ଉପରେ ବ୍ରିଜ୍ ସଂ. 677 (17 x 45.70 m ଓପନ୍ ୱେବ୍ ଥ୍ରୁ ଗର୍ଡ଼ର) ଏବଂ SH-41 ଉପରେ ବଡ଼ ବ୍ରିଜ୍ ସଂ. 675 (1x30.50 m ଓପନ୍ ୱେବ୍ ଥ୍ରୁ ଗର୍ଡ଼ର)ର ନିର୍ମାଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 2326.09ଲକ୍ଷ, EMD : ₹ 13,13,100.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 11,800.00, କାର୍ଯ୍ୟ ସମାପ୍ତିର ଅବଧି: 24(ଚବିଶ)ମାସ।
ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ : ତା 03.05.2019ର 1200 ଘ. ରେ
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଇଅଛି ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ଭୁବନେଶ୍ୱର
PR-08/CC/19-20

CLASSIFIED DISPLAY

ORANE INTERNATIONAL SCHOOL OF BEAUTY & WELLNESS
ଭୁବନେଶ୍ୱରରେ ବିଶ୍ୱସ୍ତରୀୟ ବିୟୁଟି ସ୍କୁଲର ଶିକ୍ଷାରମ୍ଭ
ଆଡଭାନ୍ସ ଡିପ୍ଲୋମା
ହେୟାର • ବିୟୁଟି • ମେକ୍‌ଅପ୍
କମ୍ପାନୀ ଦ୍ୱାରା ୪୦% ପର୍ଯ୍ୟନ୍ତ ରିହାତି (For limited seats only)
UK ର ସବୁଠାରୁ ବଡ ବିୟୁଟି ସଂସ୍ଥା CIBTAC ତଥା CIDESCO, ସ୍ୱିଜରଲାଣ୍ଡରୁ ମାନ୍ୟତାପ୍ରାପ୍ତ
Awarded WORLD's GREATEST BRANDS & LEADERS in Skill Training
*Conditions apply
Call: 73288-24255 / 73288-24260
Santosh Plaza, 3rd Floor, Plot No.5, Janapath, Satya Nagar, Bhubaneswar

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଝାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9810599425 9971793786

ଆସନ୍ତା ଏପ୍ରିଲ ମାସ ୧୮ ତାରିଖ ଦିନ ହେଉଥିବା ସାଧାରଣ ନିର୍ବାଚନରେ ଆସିକା ଲୋକସଭା ନିର୍ବାଚନ ମଣ୍ଡଳୀର ଭାଜପା ସାଂସଦ ପ୍ରାର୍ଥିନୀ ଅନିତା ଶୁଭଦର୍ଶିନୀ ଏବଂ ପୋଲସରା ବିଧାନସଭା ନିର୍ବାଚନ ମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ଗୋକୁଳାନନ୍ଦ ମଳିକଙ୍କୁ 'ପଦ୍ମଫୁଲ' ଚିହ୍ନରେ ବଟନ୍ ଦବାଇ ଭୋଟ ପ୍ରଦାନ କରି ବିଜୟୀ କରିବାକୁ ଭୋଟରମାନଙ୍କୁ ବିନମ୍ର ନିବେଦନ।
ଆପଣଙ୍କ ଆଶୀର୍ବାଦ ଆମର କାମ୍ୟ।
ନିବେଦକ
ଶ୍ରୀ ପ୍ରଭାକର ପଣ୍ଡା
ସମାଜସେବୀ ତଥା ଭାଜପାର ଯୁବନେତା, ପୋଲସରା

‘ଘରେ ଘରେ ଶଙ୍ଖ’

# ବିଜୁ ଜନତା ଦଳର ଜନଇସ୍ତାହାର

ରାଜ୍ୟ ବ୍ୟାପୀ ‘ଘରେ ଘରେ ଶଙ୍ଖ’ କାର୍ଯ୍ୟକ୍ରମରୁ ମିଳିଥିବା ଜନାଦେଶକୁ ସମ୍ମାନ ଦେଇ ବିଜୁ ଜନତା ଦଳ ଆଗାମୀ ୫ବର୍ଷ ପାଇଁ ‘ମମତା’, ‘ଆହାର’, ‘କାଳିଆ’, ‘ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା’, ‘ମିଶନ ଶକ୍ତି’, ‘ଆମ ଗାଁ ଆମ ବିକାଶ’, ‘ପିଠା’, ‘ଟଙ୍କିକିଆ ଚାଉଳ’ ଭଳି ସମସ୍ତ ଲୋକାଭିମୁଖୀ ଯୋଜନା ଚାଲୁ ରଖିବ । ଏଥି ସହିତ ୨୦୧୪ ଇସ୍ତାହାରରେ ରହିଥିବା ସମସ୍ତ ପ୍ରସ୍ତାବ ଗୁଡିକ ହେବ ୨୦୧୯ ଇସ୍ତାହାରର ମୂଳଭିତ୍ତି ଯାହାଦ୍ୱାରା ରାଜ୍ୟରେ ଚାଲିଥିବା ବିକାଶ ପ୍ରକ୍ରିୟା ଅବ୍ୟାହତ ରହିବ ।

## କୃଷକ

- ଚାଷୀଙ୍କୁ ମିଳିବ ବର୍ଷକୁ ୧୦ ହଜାର ଏବଂ ଭୂମିହୀନ ଶ୍ରମିକଙ୍କୁ ୧୨ ହଜାର ଟଙ୍କା । ବିନା ସୁଧରେ ମିଳିବ ୧ଲକ୍ଷ ଟଙ୍କାର ଋଣ ।
- ବିଜୁ ଜନତା ଦଳ ସରକାର ଗଠନର ପ୍ରଥମ ଦିନରେ ହିଁ **‘କାଳିଆ’** ଯୋଜନାରେ ବାକି ଥିବା ୨୫ ଲକ୍ଷ ଚାଷୀଙ୍କୁ ଏକାଥରକେ ମିଳିବ ୨ଟି କିସ୍ତିର ୧୦ ହଜାର ଟଙ୍କା ।
- **‘କାଳିଆ କମିଶନ’** ଗଠନ କରାଯାଇ ୩ ବର୍ଷରେ ଥରେ ସହାୟତା ରାଶି ସଂଶୋଧନ, କୃଷକ କଲ୍ୟାଣ, ଅଭାବୀ ଚାଷୀଙ୍କୁ ସହାୟତା ଏବଂ ଅନ୍ୟାନ୍ୟ ପ୍ରୋତ୍ସାହନ ପାଇଁ ସୁପାରିଶ । ଜଣେ କୃଷକ ସଦସ୍ୟ ହେବେ ଏହାର ଉପାଧ୍ୟକ୍ଷ, ପାଇବେ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟା
- କୃଷକ ଏବଂ ଭୂମିହୀନ କୃଷି ଶ୍ରମିକ ପରିବାରର ପିଲାଙ୍କ ଉଚ୍ଚ ଶିକ୍ଷା ଏବଂ ବୈଷୟିକ ଶିକ୍ଷା ପାଇଁ **‘କାଳିଆ ଛାତ୍ରବୃତ୍ତି’** ।
- ଅଧିକ ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବାର ଧାରା ଅବ୍ୟାହତ ରହିବ । ଚାଲୁ ରହିଥିବା ଜଳସେଚନ ପ୍ରକଳ୍ପ ସମେତ ରାଜ୍ୟରେ ଜଳ ସେଚନର ବିକାଶ ପାଇଁ ୫୦ ହଜାର କୋଟି ଟଙ୍କା ବ୍ୟୟ କରାଯିବ ।
- **‘ଆମ ଝିଅ’** ଯୋଜନାରେ ଝିଅ ବାହାଘର ପାଇଁ ୨୫ ହଜାର ଟଙ୍କା ।
- ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କାକୁ ବୃଦ୍ଧି ସମ୍ପର୍କରେ ଚୂଡାନ୍ତ ନିଷ୍ପତ୍ତି ଗ୍ରହଣକରିବା ପାଇଁ କେନ୍ଦ୍ର ସରକାରଙ୍କର ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯିବ ।
- ମରୁଡି, ବନ୍ୟା ଇତ୍ୟାଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ କୃଷକମାନଙ୍କୁ ସହାୟକ ମୂଲ୍ୟ ଉପରେ ସ୍ୱତନ୍ତ୍ର ସହାୟତା ଦିଆଯିବ ।

## ମହିଳା

- ବିଜେଡି ସରକାର ଗଢା ହେଲା ପରେ ମିଶନ ଶକ୍ତିର ମହିଳାଙ୍କୁ ମିଳିବ ବର୍ଷକୁ ୫ ହଜାର କୋଟି ଟଙ୍କାର ସରକାରୀ ବ୍ୟବସାୟ ଏବଂ ୫୦୦ କୋଟି ଟଙ୍କାର ଲାଭ । ବିନା ସୁଧରେ ମିଳିବ ୫ଲକ୍ଷ ଟଙ୍କାର ଋଣ ।
- ଲୋକସଭାରେ ଏକ ତୃତୀୟାଂଶ ମହିଳାଙ୍କୁ ପ୍ରାର୍ଥୀ କରିଥିବା ବିଜେଡି ବିଧାନ ସଭାରେ ଏବଂ ଲୋକସଭାରେ ଏକ ତୃତୀୟାଂଶ ସ୍ଥାନ ସଂରକ୍ଷଣ ପାଇଁ ନିରନ୍ତର ଉଦ୍ୟମ କରିବ ।
- ମିଶନ ଶକ୍ତି ପାଇଁ ଖୋଲାଯିବ ସ୍ୱତନ୍ତ୍ର ବିଭାଗ, ପଞ୍ଚାୟତ, ପଞ୍ଚାୟତ ସମିତି, ଜିଲ୍ଲା ଏବଂ ରାଜ୍ୟସ୍ତରରେ ଗଢାହେବ **‘ମିଶନ ଶକ୍ତି ଫେଡେରେସନ’** । ରାଜ୍ୟସ୍ତରୀୟ ମିଶନ ଶକ୍ତି ଫେଡେରେସନର ମୁଖ୍ୟ ରହିବେ ଜଣେ ମହିଳା ପାଇବେ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟା ।
- ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ୦%ସୁଧରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ।
- କେ.ଜି.ରୁ ପି.ଜି. ପର୍ଯ୍ୟନ୍ତ ବାଳିକା ଶିକ୍ଷା ମାଗଣା ।
- **‘ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା’**ରେ ମିଳୁଥିବା ୭ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବ ।
- ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି, ରାଜ୍ୟ ବିପର୍ଯ୍ୟୟ ପାଣ୍ଠି ଭଳି ମିଶନ ଶକ୍ତି ମହିଳାଙ୍କ ଆର୍ଥିକ ସହାୟତା ପାଇଁ **ମିଶନ ଶକ୍ତି କର୍ପସ ପାଣ୍ଠି** ।
- ଝିଅ ବାହାଘର ପାଇଁ ୨୫ ହଜାର ଟଙ୍କାର ସହାୟତା ।

## ଯୁବଶକ୍ତି

- ଯୁବକଯୁବତୀଙ୍କ ପାଇଁ ଶିଳ୍ପାନୁଷ୍ଠାନରେ ୭୫% ଚାକିରୀ ସୁବିଧା । ୧୫ଲକ୍ଷ ଯୁବକଯୁବତୀ ହାସଲ କରିବେ **‘ସ୍କିଲ୍ଡ ଇନ୍ ଓଡ଼ିଶା’**ରେ ଦକ୍ଷତା । **‘ୱାର୍ଲ୍ଡ ସ୍କିଲ୍ ସେଣ୍ଟର’** ଦ୍ୱାରା ବିଶ୍ୱସ୍ତରୀୟ ଦକ୍ଷତା ହାସଲ କରିବେ ୧.୫ ଲକ୍ଷ ଯୁବକଯୁବତୀ ।
- ସବୁ ରାଜ୍ୟସ୍ତରୀୟ ନିଯୁକ୍ତି ପରୀକ୍ଷା ଫିସ୍ ଛାଡ ।
- ଛାତ୍ରବୃତ୍ତି ପରିଷଦ ଗଠନ କରାଯାଇ ମେଧା ଏବଂ ସାମାଜିକ-ଆର୍ଥିକ ଭିତ୍ତିରେ ଛାତ୍ରବୃତ୍ତି ସୁବିଧା
- ଭୁବନେଶ୍ୱରଠାରେ ଅତ୍ୟାଧୁନିକ ମାନର ଯୁବ ଭବନ ନିର୍ମାଣ

## ଛାତ୍ରଛାତ୍ରୀ

- ରାଜ୍ୟର ଅବଶିଷ୍ଟ ୧୨୪ଟି ବ୍ଲକ୍ ଓ ୧୧୪ଟି ପୌରାଞ୍ଚଳରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ।
- ସମସ୍ତ ଆଦର୍ଶ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା, ଆବାସିକ ସୁବିଧା, ଯାତାୟତ ବ୍ୟବସ୍ଥା ଏବଂ ଆବଶ୍ୟକୀୟ ଭିତ୍ତିଭୂମି ସୁବିଧା ।
- ରାଜ୍ୟରେ ସାମଗ୍ରିକ ସ୍କୁଲ ଶିକ୍ଷା ବ୍ୟବସ୍ଥାକୁ ନିଶ୍ଚିତ କରିବା ପାଇଁ ‘ମୋ ସ୍କୁଲ’ ଅଭିଯାନକୁ କରାଯିବ ବ୍ୟାପକ ।
- ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ସଂଖ୍ୟା ଲଘୁ ପଛୁଆ ବର୍ଗ ଓ ଅନ୍ୟ ବର୍ଗର ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷା ।
- ସମସ୍ତ ଉଚ୍ଚ ବିଦ୍ୟାଳୟରେ ଆଇ.ଟି.ଲାବ୍ ସୁବିଧା ।
- କଲେଜ, ୟୁନିଭରସିଟି ସବୁଠି ମାଗଣା ୱାଇ ଫାଇ, କଲେଜ ଛାତ୍ରଛାତ୍ରୀଙ୍କ ପାଇଁ ୧ଜିବି ମାଗଣା ଡାଟା ।
- ବିନା ସୁଧରେ ୧୦ ଲକ୍ଷ ଟଙ୍କାର ଶିକ୍ଷାଋଣ ।
- ଉଚ୍ଚଶିକ୍ଷା କ୍ଷେତ୍ରରେ ନିଯୁକ୍ତି ସୁଯୋଗକୁ ନିଶ୍ଚିତ କରିବା ପାଇଁ ଏକ ବିସ୍ତୃତ ନୀତି ପ୍ରଣୟନ ।

## ଆଶ୍ରୟ ସୁରକ୍ଷା

- ବାକି ରହିଥିବା ସମସ୍ତ କଚ୍ଚାଘରକୁ ପକ୍କାଘରରେ ପରିଣତ କରିବା ପ୍ରକ୍ରିୟା ସରକାରଙ୍କ ଦ୍ୱାରା ଅଗ୍ରାଧିକାର ଭିତ୍ତିରେ ଜାରି ରହିବ ।
- **ଜାଗା ମିଶନରେ** ଜମି ଅଧିକାର ପ୍ରଦାନ ପ୍ରକ୍ରିୟା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ ହେବ ।
- ୫ ବର୍ଷ ମଧ୍ୟରେ ମ୍ୟୁନିସିପାଲ କର୍ପୋରେସନ୍ ଅଞ୍ଚଳରେ ରହୁଥିବା ବସ୍ତିବାସିନ୍ଦାଙ୍କୁ ଅଗ୍ରାଧିକାର ଭିତ୍ତିରେ ସମ୍ପତ୍ତି ଅଧିକାର ।
- ନିମ୍ନ ଆୟ ବର୍ଗର ପରିବାର ଗୁଡିକୁ ଅଗ୍ରାଧିକାର ଭିତ୍ତିରେ ସେମାନଙ୍କ କଚ୍ଚା କିମ୍ବା ଟିଣ/ ଆଜବେସଟସ୍ ଛପର ଘରକୁ ପକ୍କାଘରରେ ପରିଣତ କରିବା ପାଇଁ ସ୍ୱତନ୍ତ୍ର ଆର୍ଥିକ ସହାୟତା ।

## ଖାଦ୍ୟ ସୁରକ୍ଷା

- ୧ଟଙ୍କିଆ ଚାଉଳ ଯୋଗାଣ ଯୋଜନା ଚାଲୁ ରହିବ ।
- ଅଧିକ ସ୍ଥାନରେ ନୂତନ ଆହାର କେନ୍ଦ୍ର ଏବଂ ପର୍ଯ୍ୟାୟ କ୍ରମେ ରାତ୍ରି ଆହାର ବ୍ୟବସ୍ଥା ।
- ଅଧିକ ସଂଖ୍ୟକ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ସରକାରୀ ଧାନ ସଂଗ୍ରହଣ ପ୍ରକ୍ରିୟାରେ ସାମିଲ କରାଯାଇ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ ।
- କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଦୃଷ୍ଟିରୁ ବଞ୍ଚିତ ଗରିବ, ଅସହାୟ ଏବଂ ଯୋଗ୍ୟ ହିତାଧିକାରୀଙ୍କ ପାଇଁ ଚାଲୁ ରହିବ ‘ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା’ ।

## ସ୍ୱାସ୍ଥ୍ୟ ସୁରକ୍ଷା

- ଆଗାମୀ ୩ ବର୍ଷ ମଧ୍ୟରେ ୫ଟି ନୂତନ ସରକାରୀ ମେଡିକାଲ କଲେଜର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ।
- ଖାଲି ରହିଥିବା ସମସ୍ତ ପାରାମେଡିକାଲ ଷ୍ଟାଫ୍ ପଦବୀଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ପୂରଣ କରାଯିବା ସହିତ ଆବଶ୍ୟକତା ଅନୁଯାୟୀ ନୂତନ ପଦବୀ ସୃଷ୍ଟି ।
- ପାରାମେଡିକ୍ସ କ୍ୟାଡରରେ ସମସ୍ତ ନୂତନ ନିଯୁକ୍ତିଗୁଡିକ ସ୍ଥାୟୀ ଭାବେ ହେବ ।
- ନୂତନ ସ୍ମାର୍ଟ ସାର୍ବଜନୀନ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ୱାସ୍ଥ୍ୟ କାର୍ଡ ରାଜ୍ୟର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଦାନ କରାଯିବ
- ଏସ୍.ସି.ବି ମେଡିକାଲ କଲେଜ ହସ୍ପିଟାଲ, ଏମ୍.କେ.ସି.ଜି ମେଡିକାଲ କଲେଜ ହସ୍ପିଟାଲ ଏବଂ ଭିମସାର, ବୁର୍ଲାଠାରେ ସର୍ବୋତ୍କୃଷ୍ଟ ମାନର ୩ଟି ସୁପର ସ୍ପେସିଆଲିଟି ହସ୍ପିଟାଲ ପ୍ରତିଷ୍ଠା ।
- ଓଡିଶା ହେବ ଏକ ଡାକ୍ତର ବଳକା ରାଜ୍ୟ
- ୩୧୪ ବ୍ଲକ୍‌ରେ ନର୍ସିଂ ଏବଂ ଏ.ଏନ୍.ଏମ୍. ତାଲିମ୍ ସ୍କୁଲ ।

## ସାମାଜିକ ସୁରକ୍ଷା

- ହିତାଧିକାରୀଙ୍କୁ ପେନ୍‌ସନ ଯୋଜନାରେ ସାମିଲ ପାଇଁ କୌଣସି ଧାର୍ଯ୍ୟ ଲକ୍ଷ୍ୟ ନ ରଖି ସାମିଲ ପ୍ରକ୍ରିୟା ଜାରି ରହିବ ।
- ଭିନ୍ନକ୍ଷମ, ଅସହାୟ, କିନ୍ନର, ସ୍ୱତନ୍ତ୍ର ସହାୟତା ଆବଶ୍ୟକତା କରୁଥିବା ବ୍ୟକ୍ତି, ଅନାଥ, ବୌଦ୍ଧିକ ଓ ମାନସିକ ଅନଗ୍ରସର ଏବଂ ବରିଷ୍ଠ ନାଗରିକମାନଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ଯୋଜନା ଓ କାର୍ଯ୍ୟକ୍ରମର ପୁନର୍ବିଲୋକନ କରାଯାଇ ଏହାକୁ ଉପଯୋଗୀ ଜୀବିକା ନିର୍ବାହ ବ୍ୟବସ୍ଥା ସହିତ ସମୟୋପଯୋଗୀ କରାଯିବ ।
- ପେନ୍‌ସନ୍ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ୩୦ ବର୍ଷରୁ ଊର୍ଦ୍ଧ୍ୱ ଅସହାୟ ଅବିବାହିତା ମହିଳା ଏବଂ ୪୫ ବର୍ଷ ବୟସ ପର୍ଯ୍ୟନ୍ତ ବିଧବାମାନଙ୍କ ପାଇଁ ଦକ୍ଷତା ବୃଦ୍ଧି ତାଲିମ ସହିତ ସମ୍ମାନର ସହ ଜୀବିକା ନିର୍ବାହ କାର୍ଯ୍ୟ ପାଇଁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ।
- ଜାତୀୟ ନିରାପତ୍ତା ଆଇନ୍ ବଳରେ ଗିରଫ ହୋଇଥିବା ‘ମିଶା ବନ୍ଦୀ’ ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ପେନ୍‌ସନ୍ ଏବଂ ଅନ୍ୟାନ୍ୟ ସୁବିଧା ଘୋଷଣା ।

## ନିର୍ମାଣ ଶ୍ରମିକ

- ସାମିଲ ହୋଇନଥିବା ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ବୋର୍ଡ ଏବଂ ଜନକଲ୍ୟାଣ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯିବ ।
- ପ୍ରବାସୀ ନିର୍ମାଣ ଶ୍ରମିକଙ୍କୁ ସେମାନଙ୍କର ମୂଳ ଏବଂ ଗନ୍ତବ୍ୟସ୍ଥଳ ରାଜ୍ୟ ଅନୁସାରେ ପଞ୍ଜୀକରଣ ।
- ଆଗାମୀ ୫ ବର୍ଷ ମଧ୍ୟରେ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମସ୍ତ ଶ୍ରମିକମାନଙ୍କୁ ପର୍ଯ୍ୟାୟକ୍ରମେ ‘ଓଡ଼ିଶା ଅସଂଗଠିତ କ୍ଷେତ୍ର ଶ୍ରମିକ ସାମାଜିକ ନିରାପତ୍ତା ବୋର୍ଡ’ରେ ହିତାଧିକାରୀ ଭାବେ ପଞ୍ଜୀକରଣ ଏବଂ ସାମାଜିକ ସହାୟତା ପ୍ରଦାନ ।

## ଜୁହାର

❑ ଆଂଚଳିକ ବୈଷମ୍ୟ ହ୍ରାସ ଓ ଦ୍ରୁତ ବିକାଶ ଲକ୍ଷ୍ୟରେ ବରଗଡ, ବଲାଙ୍ଗୀର, ବୌଦ୍ଧ, ଦେବଗଡ, ଝାରସୁଗୁଡା, କଳାହାଣ୍ଡି, ସମ୍ବଲପୁର, ସୁବର୍ଣ୍ଣପୁର ଜିଲ୍ଲା ସମେତ ଆଠମଲ୍ଲିକ, କୁଚିଣ୍ଡା ଓ ନୀଳଗିରି ଉପଖଣ୍ଡ ପାଇଁ **'ସ୍ୱତନ୍ତ୍ର ଉନ୍ନୟନ ପରିଷଦ'** ।

❑ **'ନବୀନ ଓଡିଶା, ସଶକ୍ତ ଓଡିଶା'** ହେବ 'ସମସ୍ତଙ୍କ **ଓଡିଶା'** ।

❑ ପ୍ରତିନିଧିତ୍ୱ ନଥିବା କୁଡୁମୀ ସମ୍ପ୍ରଦାୟ, ଅନୁସୂଚିତ ଜାତି ଓ ଅର୍ଥନୈତିକ ଅନଗ୍ରସର ବର୍ଗଙ୍କ କଲ୍ୟାଣ, ସେମାନଙ୍କର ଅନନ୍ୟ ଦକ୍ଷତା, କଳା ଓ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ପାଇଁ **'ସ୍ୱତନ୍ତ୍ର ପରିଷଦ'** ଗଠନ କରାଯିବ ।

❑ ସଂଖ୍ୟାଲଘୁ ବହୁଳ ଅଂଚଳରେ ଚିହ୍ନିତ କ୍ଲଷ୍ଟର୍‌ରେ ବିଶ୍ୱସ୍ତରୀୟ ଗୋଷ୍ଠୀ କେନ୍ଦ୍ର ସ୍ଥାପନ ।

❑ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ କ୍ଷେତ୍ରର ନିରନ୍ତର ବିକାଶ, ସ୍ୱାର୍ଥରକ୍ଷା ଏବଂ କାର୍ଯ୍ୟ ପ୍ରଣାଳୀକୁ ସୁଗମ କରିବା ପାଇଁ **'ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ କଲ୍ୟାଣ ପରିଷଦ'** ।

❑ ପୂଜକ, ବାରିକ, ରଜକମାନଙ୍କ ଭଳି ପାରମ୍ପରିକ ବୃତ୍ତିଧାରୀମାନଙ୍କ ପାଇଁ **'କଲ୍ୟାଣ ପରିଷଦ'** ।

## ଶିଳ୍ପ ସମୃଦ୍ଧି

❑ ନିଯୁକ୍ତି ସୁଯୋଗ ସୃଷ୍ଟିକୁ ଗୁରୁତ୍ୱ ଦିଆଯାଇ ଏକ ଦୂରଦୃଷ୍ଟି ସମ୍ପନ୍ନ ନୂତନ ଶିଳ୍ପ ନୀତି ।

❑ ମହିଳା ଉଦ୍ୟୋଗୀଙ୍କ ପାଇଁ ସ୍ୱତନ୍ତ୍ର ନୀତି ।

❑ ରାଜ୍ୟରେ ପ୍ରମୁଖ କ୍ଷେତ୍ରଗୁଡିକରେ ସର୍ବୋତ୍କୃଷ୍ଟ ମାନର ଶିଳ୍ପ ପାର୍କ ପ୍ରତିଷ୍ଠା ସହ ଫିଲ୍ମ ସିଟି, ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ଓ ଔଷଧ ଉତ୍ପାଦନ କ୍ଲଷ୍ଟର ବିକଶିତ କରାଯିବ ।

❑ ସମ୍ବଲପୁର, ରାଉରକେଲା, କଟକ ଏବଂ କୋରାପୁଟଠାରେ ୪ଟି ଶିଳ୍ପ ପାର୍କ ।

❑ ରାୟଗଡାଠାରେ ପ୍ରତିରକ୍ଷା ସାମଗ୍ରୀ ପ୍ରସ୍ତୁତି ପାର୍କ ଏବଂ ବରଗଡଠାରେ ଔଷଧ ଉତ୍ପାଦନ କ୍ଲଷ୍ଟର ସ୍ଥାପନ ।

❑ ସହସ୍ର ବର୍ଷର ସହର କଟକରେ ଏକ ବିଶ୍ୱସ୍ତରୀୟ ଫିଲ୍ମ ସିଟି ଏବଂ ଅତ୍ୟାଧୁନିକମାନର ଚଳଚିତ୍ର ସୁଟିଂ ଓ ପ୍ରସ୍ତୁତି କେନ୍ଦ୍ର ସ୍ଥାପନ ହେବ ।

❑ ପୁଞ୍ଜିନିବେଶ ଅନୁଗାମୀ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ରାଜ୍ୟରେ ୪ ଟି ଶିଳ୍ପ କରିଡର ସ୍ଥାପନ ।

❑ ଚଳଚିତ୍ର ଓ ଟେଲିଭିଜନ, ସମସ୍ତ ଅଡିଓ-ଭିଜୁଆଲ ମାଧ୍ୟମ, ଆନିମେସନ, ଡିଜିଟାଲ ଚଳଚିତ୍ର, ଓ୍ୱେବ୍ ମିଡିଆ ପାଇଁ ଏକ ନୂତନ ବିଭାଗ ।

## ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶ

❑ ସମସ୍ତ ଜିଲ୍ଲା ଏବଂ ଗୁରୁତ୍ୱପୂର୍ଣ୍ଣ ସବ୍-ଡିଭିଜନ ଗୁଡିକରେ ନୂତନ ଏମ.ଏସ୍.ଏମ୍.ଇ. ପାର୍କ ନିର୍ମାଣ ।

❑ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗର ଅଭିବୃଦ୍ଧି ଲକ୍ଷ୍ୟରେ ୫ଟି ରାଜ୍ୟସ୍ତରୀୟ ଫୁଡ୍ ପାର୍କ ।

❑ ରାଜ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରର ଉନ୍ନତି ସାଧନ ନିମନ୍ତେ ଏକ ନୂତନ ଖାଦ୍ୟ ପ୍ରକ୍ରିୟାକରଣ ନିର୍ଦ୍ଦେଶାଳୟ।

❑ ରିହାତି ଦରରେ ଋଣ ପ୍ରଦାନ କରିବା ଉଦ୍ଦେଶ୍ୟରେ ଅଣୁ,କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ଏକ ଅନୁକୂଳ ସୁଧ ରିହାତି ଯୋଜନା।

❑ ଅଣୁ ଉଦ୍ୟୋଗ ଗୁଡିକର ବିକାଶ ଲକ୍ଷ୍ୟରେ ଏକ ଉପଯୁକ୍ତ ରାଜ୍ୟ ପ୍ରାୟୋଜିତ ଆତ୍ମ ନିଯୁକ୍ତି ଯୋଜନା ।

❑ ଯୁବକଯୁବତୀଙ୍କ ମଧ୍ୟରେ ଔଦ୍ୟୋଗିକ ମନୋଭାବ ବୃଦ୍ଧି ପାଇଁ ୫ ବର୍ଷରେ ୫୦୦୦ ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ।

## ଆମ ଗାଁ ଆମ ବିକାଶ

❑ ପ୍ରଶାସନର **୩ 'ଟି'** ମାର୍ଗରେ **'ପିଠା'** ସହିତ **'ଆମ ଗାଁ ଆମ ବିକାଶ'** କାର୍ଯ୍ୟକ୍ରମ ଜାରି ରହିବ ।

❑ ବ୍ଲକ ଅଂଚଳରେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର **'ଆମ ଗାଁ ଆମ ବିକାଶ'** କାର୍ଯ୍ୟକ୍ରମ ଆୟୋଜନ କରାଯିବ ।

## ଆମ ସହର ଆମ ଉନ୍ନତି

❑ ରାଜ୍ୟର ସମସ୍ତ ମହାନଗର ନିଗମ ଅଂଚଳ, ପୌରାଂଚଳ ଓ ବିଜ୍ଞାପିତ ଅଂଚଳ ପରିଷଦରେ ଶତ ପ୍ରତିଶତ ଡ୍ରେନେଜ୍, ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା ଉପଲବ୍ଧ ହେବ ।

❑ ସବୁ ମହାନଗର ନିଗମ ଅଂଚଳଗୁଡିକରେ ୨୪ ଘଣ୍ଟିଆ ଜଳ ଯୋଗାଣ ବ୍ୟବସ୍ଥା ।

❑ ବିଜେଡି ସରକାର ଆଶ୍ରୟ ସୁରକ୍ଷା ଓ ବସ୍ତି ଉନ୍ନତିକରଣ କାର୍ଯ୍ୟକୁ ସାର୍ବଜନୀନ କରିବା ପାଇଁ **'ଜାଗା ମିଶନ'** ଓ **'ଆବାସ ମିଶନ'** କାର୍ଯ୍ୟକ୍ରମକୁ ପରିବର୍ଦ୍ଧିତ କରିବ ।

❑ **'ଓଡିଶା ସ୍ମାର୍ଟ ସିଟି ମିଶନ'** ଜରିଆରେ ରାଜ୍ୟର ୫ଟି ମହାନଗର ନିଗମକୁ ସ୍ମାର୍ଟ ସିଟି ଭାବେ ବିକଶିତ କରାଯିବ ।

## କ୍ରୀଡା ଭିତ୍ତିଭୂମିର ବିକାଶ

❑ ବିଦ୍ୟାଳୟରେ କ୍ରୀଡା ଶିକ୍ଷା ଓ ସଂସ୍କୃତିର ବିକାଶ

❑ ମହିଳା ଏବଂ ସ୍ୱତନ୍ତ୍ର ସମସ୍ୟା ଥିବା କ୍ରୀଡାବିତ୍‌ଙ୍କ ଅଂଶ ଗ୍ରହଣକୁ ପ୍ରୋତ୍ସାହିତ କରାଯିବ ।

❑ ରାଜ୍ୟରେ କ୍ରୀଡା କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦେଉଥିବା ଯୁବକ ସଂଘଗୁଡିକୁ ପ୍ରୋତ୍ସାହନ ଦିଆଯିବ ।

❑ ଜନଜାତିଙ୍କ ମଧ୍ୟରେ କ୍ରୀଡାର ବିକାଶ ।

❑ କଳିଙ୍ଗ ଅନ୍ତର୍ଜାତୀୟ ସ୍ପୋର୍ଟସ୍ ସିଟି ସ୍ଥାପନ କରାଯିବ ।

❑ ଭୁବନେଶ୍ୱରକୁ ଦେଶର କ୍ରୀଡା ରାଜଧାନୀ ଭାବେ ପ୍ରତିଷ୍ଠା କରାଯିବ । ରାଜ୍ୟର ପ୍ରମୁଖ ସହର ଓ ଜିଲ୍ଲା ମୁଖ୍ୟାଳୟରେ ସମନ୍ୱିତ କ୍ରୀଡା କମ୍ପ୍ଲେକ୍ସ ନିର୍ମାଣ ।

❑ ସୁନ୍ଦରଗଡ ଜିଲ୍ଲାର ୧୭ଟି ବ୍ଲକରେ ଆଷ୍ଟ୍ରୋ ଟର୍ଫ ହକି ବ୍ୟବସ୍ଥା ।

❑ ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ଓ କୋଚିଂ ସୁବିଧା ପାଇଁ ହାଇ ପରଫରମାନ୍ସ ଏକାଡେମୀ ସ୍ଥାପନ ।

## ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ କଲ୍ୟାଣ

❑ ପଛୁଆ ବର୍ଗଙ୍କ ପାଇଁ **'ରାଜ୍ୟ ପଛୁଆ ବର୍ଗ କମିଶନ'** ପୁନର୍ଗଠନ କରାଯିବ।

❑ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ କିମ୍ବା ସହାୟତା ପ୍ରାପ୍ତ ଶିକ୍ଷାନୁଷ୍ଠାନଗୁଡିକରେ ସାମାଜିକ ଓ ଅର୍ଥନୈତିକ ପଛୁଆବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ କରାଯିବ ।

❑ ଉଚ୍ଚଶିକ୍ଷା ଓ ନିଯୁକ୍ତିଭିତ୍ତିକ ଶିକ୍ଷା ସୁବିଧା ଯୋଗାଇଦେବା ଲକ୍ଷ୍ୟରେ ରାଜ୍ୟର ୧୧୪ଟି ସ୍ଥାନରେ ସବୁବର୍ଗର ଛାତ୍ରଛାତ୍ରୀମାନେ ରହିପାରିବା ଭଳି ଆଧୁନିକ ସୁବିଧା ସହିତ ଛାତ୍ରାବାସ ନିର୍ମାଣ କରାଯିବ।

❑ ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ ବର୍ଗର ଯୁବକଯୁବତୀମାନଙ୍କର ଦକ୍ଷତା ବିକାଶ ସହିତ ସେମାନଙ୍କୁ ଦକ୍ଷତା ଭିତ୍ତିକ ନିଯୁକ୍ତି ପାଇଁ ବାର୍ଷିକ ୨୫ ହଜାର ଟଙ୍କା ପ୍ରୋତ୍ସାହନ ଦିଆଯିବ । ନିଜସ୍ୱ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ସେମାନଙ୍କୁ ମଧ୍ୟ ମୂଳ ପୁଞ୍ଜି ଏବଂ ସ୍ୱଳ୍ପ ସୁଧରେ ଋଣ ସହାୟତା ପ୍ରଦାନ କରାଯିବ।

❑ ଗରିବ ସଂଖ୍ୟାଲଘୁ ପରିବାରର ୨ଟି ଝିଅଙ୍କ ବିବାହ ପାଇଁ ସହାୟତା ଦିଆଯିବ।

❑ ସବୁ ସ୍ତରରେ ସଂଖ୍ୟାଲଘୁ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ଦିଆଯିବ ।

❑ ପ୍ରି-ମାର୍ଟିକ୍ ଓ ପୋଷ୍ଟ-ମାର୍ଟିକ ପାଠ ପଢୁଥିବା ସାମାଜିକ ଓ ଅର୍ଥନୈତିକ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ହଷ୍ଟେଲରେ ଦେୟମୁକ୍ତ ରହିବା ଓ ଖାଇବା ସୁବିଧା ପାଇଁ ଛାତ୍ରବୃତ୍ତି ଓ ଷ୍ଟାଇପେଣ୍ଡ ପ୍ରଦାନ କରାଯିବ।

❑ ସମସ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ନିମନ୍ତେ ପ୍ରସ୍ତୁତି ପାଇଁ ମାଗଣା କୋଚିଂ ସୁବିଧା କରାଯିବ।

❑ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ବିକାଶ ନିମନ୍ତେ ଏକ ସ୍ୱତନ୍ତ୍ର **'ଏସ୍.ଟି.ଏସ୍.ସି ଡେଭେଲପମେଣ୍ଟ ଆକ୍ଟ'** ଅଣାଯାଇ ରାଜ୍ୟରେ ଏହି ବର୍ଗର ଜନସଂଖ୍ୟା ଅନୁଯାୟୀ ବାର୍ଷିକ ବଜେଟ୍‌ରେ ଅର୍ଥ ବରାଦ କରାଯିବ।

❑ କୁଚିଣ୍ଡା, ବାମରା, ଜମନକିରା, ଥୁଆମୂଳ-ରାମପୁର, ଲାଞ୍ଜିଗଡ, ନୀଳଗିରି, ସୋରଡା ଏବଂ ତିଲେଇବଣି ପାଇଁ ଅଧକ୍ଷ ଏବଂ ସଦସ୍ୟମାନଙ୍କୁ ନେଇ **'ବିକାଶ ପରିଷଦ'** ଗଠନ କରାଯିବ ।

## ପର୍ଯ୍ୟଟନର ବିକାଶ

❑ ୩୦ଟି ଜିଲ୍ଲାରେ **'ଜିଲ୍ଲା ପର୍ଯ୍ୟଟନ ପରିଷଦ'** ଗଠନ କରାଯିବ ।

❑ ସମସ୍ତ ପର୍ଯ୍ୟଟନ କ୍ଷେତ୍ରରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମାଧ୍ୟମରେ ସାମଗ୍ରୀ ଯୋଗାଣ ଏବଂ ବ୍ୟବସାୟ ପାଇଁ ବୁଝାମଣା ପତ୍ର ।

## ନବୀନ ଓଡିଶା

❑ ବିଜୁ ଏକ୍ସପ୍ରେସ୍ ଓ୍ୱେ ରାଜ୍ୟର ଉତ୍ତରରୁ ଦକ୍ଷିଣ ଏବଂ ପୂର୍ବରୁ ପଶ୍ଚିମକୁ ସଂଯୋଗ କରିବ।

❑ ଐତିହ୍ୟସଂପନ୍ନ ରୌପ୍ୟ ନଗରୀ କଟକ ସହିତ ସ୍ମାର୍ଟ ସିଟି ଭୁବନେଶ୍ୱରକୁ ମେଟ୍ରୋ ରେଳପଥ ଦ୍ୱାରା ସଂଯୋଗୀକରଣ କରାଯିବ ।

❑ ଆଗାମୀ ୫ ବର୍ଷରେ ବିଜୁ ସେତୁ ଯୋଜନାରେ ୭୫୦ ଟି ସେତୁ, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୨୦୦୦ କିଲୋମିଟର ରୁ ଉର୍ଦ୍ଧ୍ୱ ଗ୍ରାମ୍ୟ ରାସ୍ତା ।

❑ ରାଜ୍ୟ ଯୋଜନାରେ ୧୦୦୦ କିଲୋମିଟର ରାସ୍ତା ଉନ୍ନତିକରଣ ।

❑ ଆଗାମୀ ୫ ବର୍ଷରେ ପି.ଏମ୍.ଜି.ଏସ୍.ଓ୍ୱାଇ. ଯୋଜନାରେ ୪୦ ହଜାର କି.ମି, ରାସ୍ତା ନିର୍ମାଣ/ରାସ୍ତା ଉନ୍ନତିକରଣ, ତନ୍ମଧ୍ୟରୁ ୧୦ ହଜାର କି.ମି. ରାସ୍ତା ସବୁଜ ଜ୍ଞାନ କୌଶଳର ଉପଯୋଗ କରି ନିର୍ମାଣ କରାଯିବ ।

❑ ଓଡିଶା ଆଦର୍ଶ ବିଦ୍ୟାଳୟ, ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳ ନିର୍ମାଣ ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ରାଜସ୍ୱ ଭିତ୍ତିଭୂମିର ବିକାଶ ସାଧନ ।

❑ ସମସ୍ତ ବ୍ଲକ ମୁଖ୍ୟାଳୟ, ପୌରାଞ୍ଚଳ ଓ ପ୍ରମୁଖ ଶିଳ୍ପ ସଂସ୍ଥାଗୁଡିକୁ ଅତି କମ୍‌ରେ ୨-ଲେନ୍ ବିଶିଷ୍ଟ ରାଜ୍ୟ ରାଜପଥ ବ୍ୟବସ୍ଥା ।

❑ ପର୍ଯ୍ୟଟନ ଗୁରୁତ୍ୱ ବହନ କରୁଥିବା ସମସ୍ତ ସ୍ଥାନଗୁଡିକୁ ରାଜ୍ୟ ରାଜପଥ ସଂଯୋଗୀକରଣ ।

❑ ସମସ୍ତ ପ୍ରମୁଖ ରାସ୍ତାଗୁଡିକରେ ପଥପ୍ରାନ୍ତ ସୁବିଧା କେନ୍ଦ୍ର।

❑ ଏକ ଲକ୍ଷରୁ ଅଧିକ ଜନସଂଖ୍ୟା ଥିବା ସହରଗୁଡିକରେ ନୂଆ ରିଂ ରୋଡ ।

## ହକ୍ ମାଗୁଛି ଓଡିଶା

❑ ବିଭିନ୍ନ ସମୟରେ କେନ୍ଦ୍ରରେ ଶାସନରେ ଥିବା ସରକାର ସବୁବେଳେ ଓଡିଶାର ଅଧିକାରକୁ ଅବହେଳା କରିଆସିଛନ୍ତି । ଏହି ଅବହେଳା ଐତିହାସିକ ଏବଂ ଏଥିଯୋଗୁଁ ଓଡିଶା ଟେଲି ଯୋଗାଯୋଗ, ରେଲଓ୍ୱେ ନେଟୱାର୍କ, ବ୍ୟାଙ୍କି, ଜାତୀୟ ରାଜପଥ ଉନ୍ନତିକରଣ ଆଦି କ୍ଷେତ୍ରଗୁଡିକରେ ପଛରେ ପଡିଛି ।

❑ ୟୁ.ପି.ଏ ସରକାର ପୋଲାଭରମ ଡ୍ୟାମ୍‌କୁ ଜାତୀୟ ମାନ୍ୟତା ଦେଇଥିଲେ ଏବଂ ବର୍ତ୍ତମାନର ଏନ୍.ଡି.ଏ ସରକାର ଏ ପ୍ରସଙ୍ଗରେ ଓଡିଶାର ସ୍ୱାର୍ଥ ବିରୁଦ୍ଧରେ ଯାଇ ଛତିଶଗଡର ତତ୍କାଳୀନ ବିଜେପି ସରକାରଙ୍କୁ ସମର୍ଥନ କଲେ । ଉଭୟ କ୍ଷେତ୍ରରେ ନ୍ୟାୟ ପାଇବା ପାଇଁ ପନ୍ଥା ନିର୍ଦ୍ଧାରଣ ପ୍ରକ୍ରିୟା ଜାରି ରଖିବ।

❑ ବିଜେପିର ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନର ପ୍ରତିଶ୍ରୁତି ଓଡିଶା ପ୍ରତି ସବୁଠାରୁ ନିଷ୍ଠୁର ପରିହାସ ନଥିଲା ତ ଆଉ କଣ ?

❑ ୨୦୧୪ ରେ ବିଜେପି ଇସ୍ତାହାରରେ ୧ ନଂରେ ଥିବା ଏହି ପ୍ରତିଶ୍ରୁତି ୫ ବର୍ଷ ପାଇଁ ଭୁଲିଗଲା ଏବଂ ଏବେର ଇସ୍ତାହାରରେ ସେ ବାବଦରେ ପଦୁଟିଏ ବି ଲେଖିଲା ନାହିଁ।

❑ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ହେଉଛି ଐତିହାସିକ ଅବହେଳାର ଶିକାର ହୋଇଆସୁଥିବା ଓଡିଶା ପାଇଁ ପ୍ରତିକାରର ଏକମାତ୍ର ବାଟ ।

❑ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ଅର୍ଥ ହେଉଛି ରାଜ୍ୟର ବିକାଶ ଏବଂ ଲକ୍ଷ ଲକ୍ଷ ଯୁବକଯୁବତୀଙ୍କୁ କର୍ମ ନିଯୁକ୍ତି ପାଇଁ ଅଧିକ ପୁଂଜି ନିବେଶ ନିମନ୍ତେ ଅଧିକ ଅର୍ଥ ବ୍ୟବସ୍ଥା।

❑ ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନକୁ ଅସ୍ୱୀକାର କରି ବିଜେପି ଓଡିଶାର ଯୁବକଯୁବତୀମାନଙ୍କର ଆଶା ଓ ଆକାଂକ୍ଷାକୁ ଧୂଳିସାତ୍ କରିଛି।

❑ ନିର୍ଦ୍ଧାରିତ ସମୟ ସରିଯାଇଥିଲେ ମଧ କେନ୍ଦ୍ର ଦ୍ୱାରା କୋଇଲା ରୟାଲିଟି ସଂଶୋଧନ କରାଯାଇନାହିଁ।

❑ ଖଣିଜ ସଂପଦର ବିକାଶ କ୍ଷେତ୍ରରେ କେନ୍ଦ୍ର ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି।

❑ ଉପରୋକ୍ତ ପ୍ରସଙ୍ଗ ଆମର କେନ୍ଦ୍ର ସରକାରଙ୍କ ପ୍ରତି ପ୍ରମୁଖ ଦାବୀ ରହିବ।

❑ ଏଥର କୌଣସି ଜାତୀୟ ଦଳ ସଂଖ୍ୟାଧିକ ଗରିଷ୍ଠତା ପାଇବେ ନାହିଁ । ଏଣୁ କେନ୍ଦ୍ର ସରକାର ଗଠନରେ ଓଡିଶାର ପ୍ରମୁଖ ଭୂମିକା ରହିବ । ଯିଏ ବି ଓଡିଶାର ନ୍ୟାଯ୍ୟ ଅଧିକାରକୁ ଗୁରୁତ୍ୱ ଦେବ, ବିଜେଡି ସେହି ସରକାରକୁ ସମର୍ଥନ ଦେବ।

## ଓଡିଆ ସ୍ୱାଭିମାନ

❑ ଓଡିଆ ଭାଷାକୁ ଦେଶର ୬ଷ୍ଠ ଶାସ୍ତ୍ରୀୟ ଭାଷାର ମାନ୍ୟତା ମିଳିବା ସହିତ ସତ୍ୟବାଦୀଠାରେ ଓଡିଆ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା କରାଯାଉଛି । ଏହି ପରିପ୍ରେକ୍ଷୀରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର ଓଡିଆ ଭାଷା ଓ ସାହିତ୍ୟର ବିକାଶ, ଓଡିଆ ସଂସ୍କୃତି ଓ ଐତିହ୍ୟର ସଂରକ୍ଷଣ, ଓଡିଆ ସ୍ୱାଭିମାନର ସୁରକ୍ଷା ସହିତ ଓଡିଶାର ନିଜସ୍ୱ ନୃତ୍ୟଶୈଳୀ, କଳା ଭାସ୍କର୍ଯ୍ୟ ଓ ଐତିହ୍ୟକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ କାର୍ଯ୍ୟ କରିବ ।

❑ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ସମସ୍ତ ଅନୁଷ୍ଠାନ ଏବଂ ସଂସ୍ଥାଗୁଡିକର ପୁନର୍ବିଲୋକନ ଏବଂ ପୁନର୍ବିନ୍ୟାସ କରାଯାଇ ଏଗୁଡିକୁ ଅଧିକ କ୍ରିୟାଶୀଳ କରାଯିବ ।

❑ ଭାଷା, ସାହିତ୍ୟ, ସଂସ୍କୃତି ଏବଂ ଐତିହ୍ୟ କ୍ଷେତ୍ରରେ ଦିଆଯାଉଥିବା ସମସ୍ତ ସମ୍ମାନଗୁଡିର ପୁନଃସମୀକ୍ଷା ପୂର୍ବକ ଏହାର ପରିସର ବ୍ୟାପକ କରାଯାଇ ଏହାକୁ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ କରାଯିବ ।

❑ ଐତିହ୍ୟ କ୍ୟାବିନେଟ୍‌ରେ ନିଆଯାଇଥିବା ନିଷ୍ପତ୍ତିଗୁଡିକୁ ଅବିଳମ୍ବେ କାର୍ଯ୍ୟକାରୀ କରାଯିବ ।

**ନବୀନ ଓଡ଼ିଶା**
**ସଶକ୍ତ ଓଡ଼ିଶା**

## ସଂକ୍ଷେପରେ

### କିନ୍ନରଙ୍କ ଗଳାକାଟି ହତ୍ୟା ଉଦ୍ୟମ, ଯୁବକ ଗିରଫ

**ବ୍ରହ୍ମପୁର ଅଫିସ,୧୫।୪:** ଜଣେ କିନ୍ନର ଅନ୍ୟ ପୁଅଙ୍କ ସହ ସମ୍ପର୍କ ରଖିଥିବା ସନ୍ଦେହରେ ଆଙ୍କୁଶପୁରର ଗଣେଶ ଉକ୍ତ କିନ୍ନରଙ୍କ ଗଳାକାଟି ହତ୍ୟା ଉଦ୍ୟମ କରିଛନ୍ତି। ସଦର ଥାନା ପୋଲିସ ଅଭିଯୁକ୍ତ ଆଙ୍କୁଶପୁର ଗ୍ରାମର ଗଣେଶ ସାହୁ (୩୫)ଙ୍କୁ ଗିରଫ କରିଛି। ଘଟଣାରେ ବ୍ୟବହୃତ ରକ୍ତଭିଜା ବ୍ଲେଡ ପୋଲିସ ଜବତ କରିଛି। ନଂ. ୧୦୧/୧୯ ଅନୁସାରେ ଗଣେଶଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି ବୋଲି ଥାନାଧିକାରୀ ଭାବନାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଜଣେ କିନ୍ନରଙ୍କୁ ଆଙ୍କୁଶପୁରର ଗଣେଶ ଭଲ ପାଉଥିଲେ। ହେଲେ କିନ୍ନର ଜଣଙ୍କ ଅନ୍ୟ ପୁଅମାନଙ୍କ ସହ ସମ୍ପର୍କ ରଖିଥିବା ଗଣେଶ ସନ୍ଦେହ କରୁଥିଲେ । ରବିବାର ରାତି ପ୍ରାୟ ୮ଟା ବେଳେ ରାଇଝୋଳ ଗାଁ ଦାଣ୍ଡରେ କିନ୍ନର ଜଣଙ୍କ ଠିଆ ହୋଇ ଅନ୍ୟ ଜଣେ ଯୁବକଙ୍କ ସହ କଥା ହେଉଥିଲେ। ଗଣେଶ ସେଠାରେ ପହଞ୍ଚି କିନ୍ନରଙ୍କ ସହ ଝଗଡ଼ା କରିଥିଲେ। ସେ ଧରିଥିବା ଏକ ଧାରୁଆ ବ୍ଲେଡରେ ତାଙ୍କ ଗଳା କାଟି ଦେଇଥିଲେ । ସ୍ଥାନୀୟ ଲୋକ କିନ୍ନରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ ।

### ଅର୍ଦ୍ଧଦଗ୍ଧ ମହିଳାଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୧୫।୪:** ଘରେ ରୋଷେଇ କରୁଥିବା ବେଳେ ଗ୍ୟାସ ନିଆଁରେ ପୋଡ଼ି ହୋଇ ଗୁରୁତର ହୋଇଥିବା ଜଣେ ମହିଳାଙ୍କର ବ୍ରହ୍ମପୁର ବଡ଼ ମେଡିକାଲରେ ରବିବାର ରାତି ପ୍ରାୟ ୧୦ଟାରେ ମୃତ୍ୟୁ ଘଟିଛି । ସେ ହେଲେ ସେବତୀ ନାଇକ (୨୪)। ତାଙ୍କ ଘର ଗଞ୍ଜାମ ବୋଲି ମେଡିକାଲ ଫାଣ୍ଡି ପୋଲିସ ସୂଚନା ଦେଇଛି। ସେବତୀଙ୍କ ଶରୀରର ପ୍ରାୟ ୯୦ ଭାଗ ପୋଡ଼ି ହୋଇଛି। ଗୁରୁତର ଅବସ୍ଥାରେ ସେ ଗତ ୮ ତାରିଖରେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି ହୋଇଥିଲେ। ପୋଲିସ ସୋମବାର ମୃତଦେହ ଜବତ କରି ନଂ. ୧୭୪/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା କହିଛି ।

### ଚିକିତ୍ସାଧୀନ ମହିଳା ମୃତ

**ବ୍ରହ୍ମପୁର ଅଫିସ,୧୫।୪:** ମେରୁ ଯାତ୍ରା ଦେଖି ଘରକୁ ଫେରୁଥିବା ବେଳେ ବାଇକ୍‌ରୁ ଖସି ଗୁରୁତର ଥିବା ଜଣେ ମହିଳାଙ୍କର ଏମ୍‌କେସିଜିରେ ମୃତ୍ୟୁ ଘଟିଛି। ତାଙ୍କ କଡ଼ାଲୁଣି ରାଉତ (୫୫) ଓ ତାଙ୍କ ଘର ବୁଗୁଡ଼ା ଥାନା ନାଗୁରୁ ଗ୍ରାମ। ରବିବାର ସନ୍ଧ୍ୟାରେ ମହିଳା ଜଣକ ମେରୁ ଯାତ୍ରା ଦେଖି ତାଙ୍କ ପୁତୁରା ରବିଙ୍କ ଗାଡ଼ିରେ ଫେରୁଥିଲେ। ଗାଁ ନିକଟ ଭୋଗଡ଼ା ଛକରେ ମହିଳା ଜଣଙ୍କ ହଠାତ୍ ଗାଡ଼ିରୁ ଖସି ପଡ଼ିଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ମହିଳାଙ୍କୁ ଏମ୍‌କେସିଜିରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତି ୧୦ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ଫାଣ୍ଡି ପୋଲିସ ସୋମବାର ମହିଳାଙ୍କ ମୃତଦେହ ଜବତ କରି ନଂ. ୧୭୫/୧୯ରେ ଏକ ମାମଲା ରୁଜୁ କରିଥିବା କହିଛି ।



ଶ୍ରଦ୍ଧାଳୁମାନେ ମା'ଙ୍କ ଟାହିଆକୁ ପୂଜା ପାଇଁ ନେଉଛନ୍ତି ।



ମା'ଙ୍କ ସହ ମାନସିକ ବେଶଧାରୀ ।



ମାନସିକଧାରୀଙ୍କ ରାକ୍ଷାସୀ ବେଶ।

### ଦ୍ୱିତୀୟ ପର୍ଯ୍ୟାୟ ଘଟ ପରିକ୍ରମାର ପ୍ରଥମ ଦିନ

# ମା'ଙ୍କ ୪ ସାହି ପରିକ୍ରମା

**ବ୍ରହ୍ମପୁର ଅଫିସ,୧୫।୪**

ବ୍ରହ୍ମପୁର ପ୍ରସିଦ୍ଧ ବୁଢ଼ୀଠାକୁରାଣୀ ଯାତ୍ରା ସୋମବାର ୧୭ ଦିନରେ ପହଞ୍ଚିଛି। ଏହି ଅବସରରେ ମା'ଙ୍କ ଦ୍ୱିତୀୟ ପର୍ଯ୍ୟାୟ ଘଟ ପରିକ୍ରମା ଶୁଭାରମ୍ଭ ହୋଇଛି । ଯାତ୍ରା ବିଧି ଅନୁଯାୟୀ, ଏହି ପର୍ଯ୍ୟାୟରେ ମା'ଙ୍କ ଘଟ ବିଭିନ୍ନ ସାହି ପରିକ୍ରମା କରି ପୂର୍ବରୁ ଆମନ୍ତ୍ରିତ ରଥ ଓ କଳାକୁଞ୍ଜ ଉନ୍ମୋଚନ କରିବେ। ମଙ୍ଗଳବାରରୁ ଏହି ପର୍ବ ଶୁଭାରମ୍ଭ ହେବା ନେଇ ଯାତ୍ରା ମୁଖ୍ୟ ପରିଚାଳକ ପି. ଦୁର୍ଗା ପ୍ରସାଦ ଦେଶୀବେହେରାଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି । ବିଭିନ୍ନ ସାହିରେ ରଥ ଓ କଳାକୁଞ୍ଜ ନିର୍ମାଣ କାର୍ଯ୍ୟ ଜୋରଦାର ଆଗେଇ ଚାଲିଛି । ଅନ୍ୟପକ୍ଷରେ ଯାତ୍ରା ସମୟସୀମା ଶେଷ ହୋଇ ଆସୁଥିବାରୁ ଅସ୍ଥାୟୀ ମଣ୍ଡପ ତଥା ମା'ଙ୍କ ବାପ ଘରକୁ ଏବେ ଶ୍ରଦ୍ଧାଳୁଙ୍କ ସୁଅ ଛୁଟୁଛି। ପ୍ରତ୍ୟେକ ଦିନ ହଜାର ହଜାର ଶ୍ରଦ୍ଧାଳୁ ଓ ମାନସିକଧାରୀଙ୍କ ଭିଡ ଜମୁଛି । ସୋମବାର ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ଅପରାହ୍ନରୁ ମଧ୍ୟରାତ୍ରି ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ଓ ମାନସିକ ଧାରୀଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ଯାତ୍ରାର ୧୭ ଦିନ ଅତିକ୍ରମ କରିଥିବାରୁ ବିଭିନ୍ନ ନୂଆ ନୂଆ ବେଶଧାରୀଙ୍କୁ ଯାତ୍ରା ଦାଣ୍ଡରେ ବୁଲୁଥିବା ଦେଖିବାକୁ ମିଳୁଛି। କୃଷ୍ଣ, ବଳରାମ, ହନୁମାନ ଓ ରାଧା ଭଳି ପୌରାଣିକ ବେଶ ସହ ପୋଲିସ, କଟୁଆଳ, ରାଜାବେଶ, ଝାଡୁଦାର, ପାଗଳ ଏବଂ ମୁନିରଷି ଭଳି ବିଭିନ୍ନ ବେଶଧାରୀ ଯାତ୍ରାସ୍ଥଳରେ ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ କରୁଥିବା ଦେଖିବାକୁ ମିଳୁଛି।





## ଆଜିଠୁ ରଥ ଉନ୍ମୋଚନ ପର୍ବ ଆରମ୍ଭ

ସୋମବାରରୁ ମା'ଙ୍କ ଘଟ ପରିକ୍ରମାର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟ ଘଟ ପରିକ୍ରମାର ପ୍ରଥମ ଦିବସରେ ଘଟ ଶୋଭାଯାତ୍ରା ୪ ସାହି ପରିକ୍ରମା କରିଥିଲା। ସନ୍ଧ୍ୟା ଆଳତି ପରେ ମା'ଙ୍କ ଘଟ ଶୋଭାଯାତ୍ରା ଅସ୍ଥାୟୀ ପୀଠରୁ ବାହାରି ରାଜବାଟିକୁ ଯାଇଥିଲା । ମା' ଦେବକୀ ମୁଖ୍ୟ ଘଟକୁ ମୁଣ୍ଡାଇଥିବା ବେଳେ ଡେରା ସମ୍ପ୍ରଦାୟର ସେନାପତିଙ୍କ ସ୍ତ୍ରୀମାନେ ଅନ୍ୟ ୮ ଘଟକୁ ମୁଣ୍ଡାଇଥିଲେ । ଘଣ୍ଟ, ବାଦ୍ୟ, ବାଜଣା, ଚାଙ୍ଗୁବାଦ୍ୟ, ହୁଳହୁଳି ନାଦରେ ଘଟ ଶୋଭାଯାତ୍ରା ରାଜବାଟିରେ ପହଞ୍ଚିବା ପରେ ରାଜା ଅଶୋକ କୁମାର ନରେନ୍ଦ୍ରଦେବ ମା'ଙ୍କ ଆଳତି ସହ ପୂଜାର୍ଚ୍ଚନା କରିଥିଲେ । ଏହାପରେ ରାଜାଗୁର୍ଜି, ବଡବଜାର ଦେଇ ଶୋଭାଯାତ୍ରା ପାଟରାସାହି, ଜେମି ସାହି, ମଙ୍ଗଳବାରମପେଟା ଓ ଇଲୁୱାରି ସାହି ପରିକ୍ରମା କରି ନଡିଆ ବଜାର ଦେଇ ଅସ୍ଥାୟୀ ପୀଠକୁ ବାହୁଡିଥିଲେ । ମା' ଘଟ ଉପରୋକ୍ତ ସାହି ପରିକ୍ରମା ବେଳେ ମହିଳାମାନେ ଦୁଆରେ ପୂର୍ଣ୍ଣକୁମ୍ଭ ରଖିବା ସହ ମୁଖ୍ୟଘଟଧାରୀଙ୍କ ପାଦରେ ହଳଦୀ କର୍ପୂର ମିଶା ପାଣି ଢାଳି ପୂଜାର୍ଚ୍ଚନା କରିଥିଲେ ।

ମଙ୍ଗଳବାରଠାରୁ ଗୋଟିଏ ପରେ ଗୋଟିଏ ରଥ ଓ କଳାକୁଞ୍ଜ ଯାତ୍ରା ଦାଣ୍ଡକୁ ଆସିବା ଆରମ୍ଭ ହେବାକୁ ଥିବାରୁ ଯାତ୍ରା ଅନୁଷ୍ଠିତ ହେଉଥିବା ଅଞ୍ଚଳ ବଡବଜାର, ସାନବଜାର ଓ ପୁରୁଣାବ୍ରହ୍ମପୁରର ପ୍ରତ୍ୟେକ ସାହି ଏବେ ଉତ୍ସବ ମୁଖର ହୋଇଉଠିଛି । ପ୍ରତ୍ୟେକ ସାହି ଏବେ ସୁସଜ୍ଜିତ ହେବାକୁ ଆରମ୍ଭ କରିଥିବା ବେଳେ ଯାତ୍ରାକୁ ଅଧିକ ଆକର୍ଷଣୀୟ କରିବାକୁ ରଥ ସମେତ ଆକର୍ଷଣୀୟ କଳାକୁଞ୍ଜ ନିର୍ମାଣ ଉପରେ ଏବେ ସାହିବାସିନ୍ଦା ଗୁରୁତ୍ୱ ଦେଉଥିବା ଜଣାପଡିଛି ।



କୁନି ଶିଶୁଙ୍କ କୃଷ୍ଣବେଶ।





ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

# କାର୍ଯ୍ୟକାରୀ ହେଉନି ଶିକ୍ଷା ଅଧିକାର ଆଇନ

**ବ୍ରହ୍ମପୁର ଅଫିସ, ୧୫।୪**

ଗଞ୍ଜାମ ଜିଲାରେ ଥିବା ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକରେ ଶିକ୍ଷା ଅଧିକାର ଆଇନ-୨୦୦୯ କାର୍ଯ୍ୟକାରୀ ହେଉନି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛି ମାନବ ଅଧିକାର ସୁରକ୍ଷା ମଞ୍ଚ । ସୋମବାର ମଞ୍ଚ ତରଫରୁ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଘଣ୍ଟପିଟି ପ୍ରତିବାଦ କରାଯାଇଛି। ସଂଗଠନର ଏହା ହେଉଛି ୮୭ତମ ଘଣ୍ଟଯାତ୍ରା। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିବା ସ୍ମାରକପତ୍ରରେ କୁହାଯାଇଛି ଯେ, ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକରେ ଆର୍ଥିକ ଅନଗ୍ରସର ଶ୍ରେଣୀର ଶିଶୁମାନଙ୍କ ପାଇଁ ୨୫ପ୍ରତିଶତ ସିଟ୍ ସଂରକ୍ଷିତ ରହିବା କଥା । ଶିଶୁମାନଙ୍କ ନାମ ଲେଖାଇବାକୁ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ବାଧ୍ୟ କିନ୍ତୁ ଅତ୍ୟଧିକ ବ୍ୟବସାୟୀକରଣ ଭିତରେ ଏହାକୁ କାର୍ଯ୍ୟକାରୀ କରାଯାଉନି। ବଜାରର ଅନ୍ୟାନ୍ୟ ପଣ୍ୟଦ୍ରବ୍ୟ ଭଳି ଶିକ୍ଷାକୁ ମଧ୍ୟ କିଣାବିକା କରାଯାଉଛି। ସରକାରଙ୍କ ଶିକ୍ଷାପ୍ରତି ଦାୟିତ୍ୱହୀନତା ମୁଖ୍ୟ କାରଣ । ପ୍ରତିବର୍ଷ ସରକାରୀ ସ୍କୁଲଗୁଡ଼ିକୁ ବନ୍ଦ କରିଦିଆଯାଉଛି। ଅନ୍ୟପଟେ ଗରିବ ଶ୍ରେଣୀର ପିଲାମାନେ ଘରୋଇ ସ୍କୁଲକୁ ଯିବାକୁ ବାଧ୍ୟ ହେଉଛନ୍ତି । ହେଲେ ଘରୋଇ ସ୍କୁଲରେ ଶିକ୍ଷା ଅଧିକାର ଆଇନ କାର୍ଯ୍ୟକାରୀ ହେଉ ନ ଥିବା ଯୋଗୁ ଅତ୍ୟଧିକ ଫି ଆଦାୟ କରାଯାଉଛି। ଗରିବ ପିଲାମାନେ ପାଠ ପଢ଼ାରୁ ବଞ୍ଚିତ ହେଉଛନ୍ତି। ଏଣୁ ଶିକ୍ଷା ଅଧିକାର ଆଇନ୍ ଲାଗୁ ହେଲେ ଗରିବ ପିଲାମାନେ ମଧ୍ୟ ବଡ଼ ବଡ଼ ଘରୋଇ ସ୍କୁଲରେ ମାଗଣାରେ ପାଠ ପଢ଼ିପାରିବେ। ଅପରପକ୍ଷେ ଅନେକ ଘରୋଇ ସ୍କୁଲରେ ଆବଶ୍ୟକ ଭିତ୍ତିଭୂମି ନ ଥିଲେ ମଧ୍ୟ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ଏହାର ପ୍ରତିବାଦରେ ସଂଗଠନର ସଂଯୋଜକ ଅବନୀ କୁମାର ଗୟା, ଦିବ୍ୟ ସାମଲ, ମମତା ମୁନି, କିଶୋର ପାତ୍ର, ଶୁବାଶିଷ ସାହୁ, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ମାଗୁଣି ନାହାକ, ସୁବାସ ଚନ୍ଦ୍ର ମିଶ୍ର ଏବଂ ମହେଶ୍ୱର ବାଡ଼ତ୍ୟା ପ୍ରମୁଖ ସାମିଲ ହୋଇଥିଲେ ।

# କ୍ଷେତ୍ରପ୍ରଚାର ବିଭାଗର ଭୋଟର ସଚେତନତା କାର୍ଯ୍ୟକ୍ରମ

**ବ୍ରହ୍ମପୁର ଅଫିସ,୧୫।୪**

ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୧୮ରେ ଅନୁଷ୍ଠିତ ହେବ । ଏଥିପାଇଁ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କ୍ଷେତ୍ରପ୍ରଚାର କାର୍ଯ୍ୟାଳୟ ବ୍ରହ୍ମପୁର ଶାଖା ପକ୍ଷରୁ ଗଞ୍ଜାମ ଜିଲା ହିଞ୍ଜିଳି ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଶେରଗଡ ବ୍ଲକ ଡେଙ୍ଗାପଦର ଗ୍ରାମ ଓ ହିଞ୍ଜିଳି ପୌରପାଳିକାରେ ଭୋଟର ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । 'ମୋର ଭୋଟ ମୋର ଅଧିକାର' ଶୀର୍ଷକ ଆୟୋଜିତ କାର୍ଯ୍ୟକ୍ରମକୁ କ୍ଷେତ୍ରପ୍ରଚାର ଅଧିକାରୀ ମନମୋହନ ପାଢୀ ଅଧ୍ୟକ୍ଷତା କରି ଆସନ୍ତା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ମତଦାନ କରିବାକୁ ଆହ୍ୱାନ ଦେଇଥିଲେ। ମତଦାନର ଗୁରୁତ୍ୱ, ଗଣତନ୍ତ୍ର ରାଷ୍ଟ୍ରରେ ନାଗରିକଙ୍କର ରହିଥିବା ଗୁରୁଦାୟିତ୍ୱ ଉପରେ ସଚେତନ କରାଯାଇଥିଲା । ଚଳିତ ନିର୍ବାଚନରେ ବ୍ୟବହାର ହୋଇଥିବା ଭିଭିପିଏଟିର ଉପଯୋଗିତା ସମ୍ପର୍କରେ ବୁଝାଯାଇଥିଲା। ଡେଙ୍ଗାପଦରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡେଙ୍ଗାପଦର ଗ୍ରାମ ଜନକଲ୍ୟାଣ ସଂସ୍ଥା ଅଧ୍ୟକ୍ଷ ଶରତ ଚନ୍ଦ୍ର ସାହୁ ଯୋଗଦେଇ ନିର୍ବାଚନରେ ନାଗରିକଙ୍କ ମତଦାନର ମୂଲ୍ୟବୋଧ ଉପରେ ବୁଝିବା ସହ ମତଦାନ କେନ୍ଦ୍ରରେ ବରିଷ୍ଠ ନାଗରିକ, ଦୃଷ୍ଟିବାଧିତ ଓ ଦିବ୍ୟାଙ୍ଗଙ୍କ ପାଇଁ ରହିଥିବା ବିଭିନ୍ନ ବ୍ୟବସ୍ଥା ଉପରେ କୁହାଯାଇଥିଲା । ରବୀନ୍ଦ୍ର ଶତପଥୀ ଓ ତାଙ୍କ ସାଥୀ ଦାସକାଠିଆ ମାଧ୍ୟମରେ ଭୋଟରଙ୍କ ଦାୟିତ୍ୱ ଓ ମତଦାନର ଆବଶ୍ୟକତା, ଗୁରୁତ୍ୱ ଉପରେ ସଚେତନ କରାଇଥିଲେ । ହିଞ୍ଜିଳିକାଟୁର ନୃସିଂହନାଥ ମନ୍ଦିର ବଡ ସାହିରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ରାଜେନ୍ଦ୍ର ପଣ୍ଡା ସହଯୋଗ କରିଥିଲେ । କ୍ଷେତ୍ରପ୍ରଚାର କାର୍ଯ୍ୟାଳୟ ଭିଏସ୍ ଫନୀକୁମାର, ପ୍ରମୋଦ କୁମାର ସାବତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।





ଦାସକାଠିଆ ମାଧ୍ୟମରେ ଭୋଟରଙ୍କୁ ସଚେତନ କରାଯାଉଛି।

# ବିଜୁ ଯୁବ ବାହିନୀକୁ ଅର୍ଥପ୍ରଦାନ ବେଆଇନ ଅଭିଯୋଗ

**ବ୍ରହ୍ମପୁର ଅଫିସ୍,୧୫।୪**

ବିଜୁ ଯୁବ ବାହିନୀକୁ ସରକାରୀ ରାଜକୋଷରୁ ଅର୍ଥ ପ୍ରଦାନ ବେଆଇନ ଏବଂ ଏହି କାର୍ଯ୍ୟରେ ସମ୍ପୃକ୍ତ ସରକାରୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଖଲ କରାଯାଇଛି ବୋଲି ଭାରତୀୟ ବିକାଶ ପରିଷଦ ତରଫରୁ କୁହାଯାଇଛି। ପରିଷଦ ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ହାଇକୋର୍ଟରେ ପିଆଇଏଲ୍ ୭୮୩୬/୦୯ ଦାଖଲ କରିଛନ୍ତି ବୋଲି ସୋମବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ତାଙ୍କ କହିବାନୁଯାୟୀ, ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ତରଫରୁ ବର୍ତ୍ତମାନ ସୁଦ୍ଧା ୭୫୦୮ ବିଜୁ ଯୁବ ବାହିନୀକୁ ଓଡ଼ିଶା ରାଜକୋଷରୁ ବେନିୟମ ଭାବେ ପ୍ରାୟ ବହୁ ଶହ କୋଟି ଟଙ୍କା ପ୍ରଦାନ କରାଯାଇଛି। ତେବେ କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗର ଗାଇଡ୍‌ଲାଇନ ଅନୁଯାୟୀ, ଯେକୌଣସି ସ୍ୱୟଂଶାସିତ ସଂଗଠନ, ଯୁବ ସଂଗଠନ, କ୍ରୀଡ଼ା ସଂଗଠନ, ସାମାଜିକ ଅନୁଷ୍ଠାନ ଏବଂ ବେସରକାରୀ ଅନୁଷ୍ଠାନ ଯଦି ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କଠାରୁ ଆର୍ଥିକ ଅନୁଦାନ ପ୍ରାପ୍ତ ଯୋଗ୍ୟତା ହାସଲ କରିବେ, ତେବେ ସେହି ଅନୁଷ୍ଠାନଗୁଡ଼ିକ ଭାରତୀୟ ଆଇନ୍ ସୋସାଇଟି ରେଜିଷ୍ଟ୍ରେସନ୍ ଆକ୍ଟ-୧୮୬୦, ଟ୍ରଷ୍ଟ ଆକ୍ଟ-୧୮୮୨, ଚାରିଟେବୁଲ୍ ଓ ଧାର୍ମିକ ଏଣ୍ଡାମେଣ୍ଟ ଆଇନ-୧୯୨୦ ଏବଂ କମ୍ପାନୀ ଆକ୍ଟ ଧାରା(୮) ପ୍ରକାରେ ରେଜିଷ୍ଟ୍ରୀକରଣ ହୋଇଥିବା ବାଧ୍ୟତାମୂଳକ। ଏପରିକି ସମ୍ପୃକ୍ତ ଅନୁଷ୍ଠାନର ଗତ ୩ ବର୍ଷର ବାର୍ଷିକ ଆୟ ବ୍ୟୟ ଅଡିଟ୍ ରିପୋର୍ଟ ମଧ୍ୟ ଜରୁରୀ। କିନ୍ତୁ ରାଜ୍ୟ ସରକାର ଗଠନ କରିଥିବା ୭୫୦୮ଟି ବିଜୁ ଯୁବ ବାହିନୀ ମଧ୍ୟରୁ ଗୋଟିଏ ହେଲେ ଉପରୋକ୍ତ ଗାଇଡ୍‌ଲାଇନ୍ ଅନୁଯାୟୀ ପଞ୍ଜୀକୃତ ନୁହେଁ। ରାଜ୍ୟ ସରକାର ୨୦୧୭-୧୮ ଏବଂ ୨୦୧୮-୧୯ରେ ମୋଟ ୫୫୫କୋଟି ଟଙ୍କାର ବଜେଟ୍ ଅନୁମୋଦନ କରିଛନ୍ତି। ସରକାର ପ୍ରଦାନ କରିଥିବା ତଥ୍ୟ ଅନୁଯାୟୀ, ୨୦୧୯ ଜାନୁୟାରୀ ୧୭ତାରିଖ ପର୍ଯ୍ୟନ୍ତ ମୋଟ, ୨୧୬କୋଟି ୨୪ଲକ୍ଷ ୮୩ହଜାର ଟଙ୍କା ବେନିୟମ୍ ଭାବେ ବିଜୁ ଯୁବ ବାହିନୀକୁ ପ୍ରଦାନ କରିଛନ୍ତି। ବହୁଥର ଭାରତୀୟ ବିକାଶ ପରିଷଦ ତରଫରୁ ଏନେଇ ରାଜ୍ୟ ସରକାରଙ୍କ ନିକଟରେ ଅଭିଯୋଗ ହୋଇଛି। ତଥାପି ସରକାର ଅନୁଦାନ ପ୍ରଦାନ କରୁଛନ୍ତି। ଏପରିକି ୧ କୋଟି ଟଙ୍କାରେ ବାହିନୀର ସଦସ୍ୟଙ୍କୁ ସିଙ୍ଗାପୁର ଏବଂ ମାଲଏସିଆ ପଠାଯାଇଛି। ଏହା ବିରୋଧରେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଗତ ୧୨ତାରିଖରେ ଦାଖଲ କରାଯାଇଛି। ବେନିୟମ୍ ଭାବେ ଖର୍ଚ୍ଚ ହୋଇଥିବା ଟଙ୍କା ମୁଖ୍ୟ ଶାସନ ସଚିବ, ଅର୍ଥ ସଚିବ, ପଞ୍ଚାୟତିରାଜ ବିଭାଗ ସଚିବ, କ୍ରୀଡ଼ା ଓ ଯୁବ ବ୍ୟାପାର ସଚିବ, ସହରାଞ୍ଚଳ ଉନ୍ନୟନ ସଚିବ ଏବଂ ଉପସଚିବଙ୍କଠାରୁ ଟଙ୍କା ଆଦାୟ କରିବାକୁ ପ୍ରାର୍ଥନା କରାଯାଇଛି। ଯୁବ ବାହିନୀକୁ ଟଙ୍କା ପ୍ରଦାନ କରିବା ବଦଳରେ ସେଇ ଟଙ୍କା ଶିକ୍ଷିତ ବେକାର ଯୁବତୀ ଯୁବକଙ୍କୁ ଭତ୍ତା ଆକାରରେ ପ୍ରଦାନ କରାଯାଉ ବୋଲି ସଭାପତି ପାଣିଗ୍ରାହୀ ଦାବି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଲଳିତ ମୋହନ ପାଢୀ, ଜୟକୃଷ୍ଣ ପଲାଇ ଏବଂ ଅରୁଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।





ଖବରଦାତା ସମ୍ମିଳନୀରେ ସଂଗଠନ କର୍ମକର୍ତ୍ତାମାନେ ।

## ସଂକ୍ଷେପରେ

### ବିଜେଡିର ପ୍ରଚାର ଜୋର୍‌ଦାର
### ସାମିଲ ହେଲେ ଓଡ଼ିଆ ସିନେ ତାରକା



ଫୁଲବାଣୀ ଅଫିସ, ୧୫।୪-ନିର୍ବାଚନ ପାଖେଇ ଆସୁଥିବାରୁ ସବୁ ଦଳ ପ୍ରଚାର କାର୍ଯ୍ୟକୁ ଜୋରଦାର କରିଛନ୍ତି। ଫୁଲବାଣୀର ଗଞ୍ଜୁଗୁଡାଠାରେ ବିଜେଡି ପକ୍ଷରୁ ସଭା ଓ ରୋଡ ଶୋ କରାଯାଇଛି। ଏଥିରେ ଓଡ଼ିଆ ସିନେ ତାରକା ସବ୍ୟସାଚୀ ଏବଂ ମୁନା ଖାଁ ସାମିଲ ହୋଇଛନ୍ତି। ଏମ୍‌ପି ପ୍ରାର୍ଥୀ ଅଚ୍ୟୁତ୍ ସାମନ୍ତ ଏବଂ ଫୁଲବାଣୀ ବିଧାୟକ ପ୍ରାର୍ଥୀ ଅଙ୍ଗଦ କହଁରଙ୍କୁ ନିର୍ବାଚନରେ ଜିତାଇବା ପାଇଁ ସେମାନେ ଭୋଟରଙ୍କୁ ଅନୁରୋଧ କରିଛନ୍ତି। ଗଞ୍ଜୁଗୁଡାଠାରେ ୬ ପଞ୍ଚାୟତର ଲୋକଙ୍କୁ ନେଇ ସଭା ହୋଇଥିଲା। ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା। ବିଜେଡି ପୁଣି ସରକାରକୁ ଆସିଲେ ବାକି ରହିଥିବା କାର୍ଯ୍ୟ ପୂରଣ ହେବ। ଶିକ୍ଷା, ପାନୀୟ ଜଳ ସମସ୍ୟା, ଗମନାଗମନ ବ୍ୟବସ୍ଥାକୁ ପ୍ରାଥମିକତା ଦିଆଯିବ ବୋଲି ପ୍ରାର୍ଥୀମାନେ ପ୍ରକାଶ କରିଥିଲେ।

### ରାଇକିଆରେ ବିଜେଡିର ରୋଡ୍ ଶୋ

ରାଇକିଆ,୧୫।୪(ଡି.ଏନ.ଏ)-ରାଇକିଆରେ ସୋମବାର ବିଜେଡି ପକ୍ଷରୁ ଜୋରଦାର ପ୍ରଚାର କରାଯାଇଛି। ବିଧାନସଭା ପ୍ରାର୍ଥୀ ସାଲୁଗା ପ୍ରଧାନ ଏବଂ ଏମ୍‌ପି ପ୍ରାର୍ଥୀ ଅଚ୍ୟୁତ ସାମନ୍ତଙ୍କ ପ୍ରଚାର ପାଇଁ ଚୂନପଲ୍ଲୀ ଛକଠାରୁ ବେରେଡାକିଆ ପର୍ଯ୍ୟନ୍ତ ଏକ ରୋଡ୍ ଶୋ କରାଯାଇଥିଲା। ଏଥିରେ ଓଡ଼ିଆ ସିନେ ତାରକା ସବ୍ୟସାଚୀ ଏବଂ ଅର୍ଚ୍ଚିତା ଯୋଗଦେଇ ଦୁଇ ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ଟେଲିଭିଜନ କଳାକାରମାନେ ଏହି ରୋଡ଼ ଶୋରେ ସାମିଲ ହୋଇଥିଲେ। ଶୋଭାଯାତ୍ରାରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଭୋଟରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଉଦ୍ୟମ କରାଯାଇଥିଲା। ଅନ୍ୟାମାନଙ୍କ ମଧରେ ଜିଲା ପରିଷଦ ଅଧକ୍ଷା ଆକାଂକ୍ଷା ପ୍ରଧାନ, ଜିଲା ବିଜେଡି ସଭାପତି ସରୋଜ କର୍ଣ୍ଣ, ସ୍ୱତନ୍ତ୍ର ବିକାଶ ପରିଷଦ ଅଧକ୍ଷ ରୋଦନ ମଲିକଙ୍କ ସମେତ ଦଳୀୟ କର୍ମୀ ସାମିଲ ହୋଇଥିଲେ।

### ଶେରଗଡ ବ୍ଲକ: ୧୧୦ ବୁଥ୍‌ରେ ହେବ ମତଦାନ

ଶେରଗଡ଼,୧୫।୪(ଡି.ଏନ.ଏ.)-ଶେରଗଡ଼ ବ୍ଲକରେ ୧୮ ତାରିଖରେ ନିର୍ବାଚନ ହେବ। ରଣାଙ୍ଗନରେ ୬ଜଣ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଛନ୍ତି। ୩ ଜଣଙ୍କ ମଧରେ ଲଢ଼େଇ ହେବାକୁ ଯାଉଛି। ଏ ନେଇ ପ୍ରଶାସନ ପକ୍ଷରୁ ୧୦ଜଣ ସେକ୍ଟର ଅଧିକାରୀଙ୍କୁ ସୋମବାର ଅପରାହ୍ଣରେ ଏକ ପ୍ରସ୍ତୁତି ବୈଠକରେ ବିଡିଓ ସୁରଞ୍ଜନ କୁମାର ସାହୁ ଘଣ୍ଟାକୁ ଘଣ୍ଟା ଭୋଟ ପୋଲିଂର ବିବରଣୀ ପ୍ରଦାନ କରିବା ସହ ଉପଜୁଥିବା ସମସ୍ୟା ତୁରନ୍ତ ଜଣାଇବାକୁ କହିଥିଲେ। ବୈଠକ ପରେ ସମସ୍ତ ସେକ୍ଟର ଅଧିକାରୀଙ୍କ ଜରିଆରେ ଦିବ୍ୟାଙ୍ଗ ବ୍ୟକ୍ତି ମାନଙ୍କ ଭୋଟର ଉପକରଣ ସମସ୍ତ ବୁଥ୍‌କୁ ପଠାଯାଇଥିଲା। ଶେରଗଡ଼ ବ୍ଲକ ଭୋଟ ପାଇଁ କ୍ଷେତ୍ର ପ୍ରସ୍ତୁତ ବୋଲି ଜିପିଓ ବିନାୟକ ପଣ୍ଡା କହିଛନ୍ତି।

ବଣିକ ସଂଘ ପକ୍ଷରୁ ନିର୍ବାଚନୀ ଖୋଲାମଞ୍ଚ

### ଯୋଗଦେଲେ ବିଭିନ୍ନ ଦଳର ପ୍ରାର୍ଥୀ

ଆସିକା,୧୫।୪(ଡି.ଏନ୍.ଏ.): ଆସିକା ବଣିକ ସଂଘ ପକ୍ଷରୁ ରବିବାର ସନ୍ଧ୍ୟାରେ ସ୍ଥାନୀୟ ଅଶୋକା ସିନେମା ହଲଠାରେ ଏକ ନିର୍ବାଚନୀ ଖୋଲାମଞ୍ଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଆସିକା ଲୋକ ସଭା ଆସନର କଂଗ୍ରେସ ସମର୍ଥିତ କମ୍ୟୁନିଷ୍ଟ ପ୍ରାର୍ଥୀ ରାମକୃଷ୍ଣ ପଣ୍ଡା, ଭାଜପା ପ୍ରାର୍ଥିନୀ ଅନିତା ପ୍ରିୟଦର୍ଶିନୀ ଓ ଭାଜପା ବିଧାୟକ ପ୍ରାର୍ଥୀ ଦେବରାଜ ମହାନ୍ତି, କଂଗ୍ରେସ ପ୍ରାର୍ଥୀ ମନୋଜ କୁମାର ଜେନା, ବିଜେଡି ପ୍ରାର୍ଥିନୀ ମଞ୍ଜୁଳା ସ୍ୱାଇଁ ଯୋଗଦେଇ ଅଞ୍ଚଳର ସାମଗ୍ରୀକ ବିକାଶ ନିମନ୍ତେ ଭବିଷ୍ୟତରେ କ'ଣ ସବୁ କରିବେ ସେ ସମ୍ପର୍କରେ ନିଜ ନିଜ ମତ ପ୍ରଦାନ କରିଥିଲେ। ସହରକୁ ରୀତିମତ ବନ୍ୟା ପ୍ରକୋପରୁ ରକ୍ଷା କରିବା, ଆସିକା ରାଜସ୍ୱ ସବଡିଭିଜନ ପ୍ରତିଷ୍ଠା, ଆସିକା ଡାକ୍ତରଖାନାକୁ ସବଡିଭିଜନାଲ ହସ୍ପିଟାଲର ମାନ୍ୟତା, ଆସିକା ମ୍ୟୁନିସିପାଲିଟି ଗଠନ ଏବଂ ବ୍ୟବସାୟୀଙ୍କ ସାମଗ୍ରୀକ ସୁରକ୍ଷା ନିମନ୍ତେ ପ୍ରାର୍ଥୀମାନଙ୍କ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ମଞ୍ଚରେ ବିସ୍ତୃତ ଆଲୋଚନା ହୋଇଥିଲା। ବଣିକ ସଂଘ ସଭାପତି ଅରୁଣ କୁମାର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ରାମରଞ୍ଜନ ଶର୍ମା, ଉପସଭାପତି ଅରୁଣ କୁମାର ଗୁପ୍ତା ମଞ୍ଚାସୀନ ଥିବା ବେଳେ ସହରର ବହୁ ବ୍ୟବସାୟୀ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ।

■୧୮ରେ ମତଦାନ, ଆଜି ସରିବ ପ୍ରଚାର

# କଡ଼ା ସୁରକ୍ଷାରେ ୭୨୨ ବୁଥ୍‌କୁ ଯିବ ଭିଭିପିଏଟି

ଭଞ୍ଜନଗର,୧୫।୪(ଡି.ଏନ.ଏ)

■ଭଞ୍ଜନଗରରେ ସକାଳ ୭ରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମତଦାନ

■ସୋରଡ଼ା, ଆସିକାରେ ସକାଳ ୭ରୁ ଅପରାହ୍ଣ ୬ଟା

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୧୮ରେ ହେବ। ଭଞ୍ଜନଗର, ଆସିକା ଓ ସୋରଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ଉକ୍ତ ଦିନ ମତଦାନ ହେବ। ମଙ୍ଗଳବାର ଅପରାହ୍ଣ ୪ଟାରୁ ପ୍ରାର୍ଥୀଙ୍କ ପ୍ରଚାର ବନ୍ଦ ହୋଇଯିବ। ସକାଳୁ ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜରୁ ପୋଲିଂ କର୍ମଚାରୀମାନେ ନିଜ ନିଜ ବୁଥ୍‌କୁ କଡ଼ାସୁରକ୍ଷା ମଧ୍ୟରେ ବାହାରିବେ। ୩ଟି ଯାକ ନିର୍ବାଚନମଣ୍ଡଳୀର ୭୨୨ ବୁଥ୍‌ରେ ସନ୍ଧ୍ୟା ସୁଦ୍ଧା ପୋଲିଂ କର୍ମଚାରୀଙ୍କୁ ପଠାଇବା ଯୋଜନା କରାଯାଇଛି। କଡ଼ା ସୁରକ୍ଷା ମଧ୍ୟରେ ଭିଭିପିଏଟି ମେଶିନ ଭଞ୍ଜନଗର କଲେଜ ଷ୍ଟ୍ରଙ୍ଗରୁମରେ ରଖାଯାଇଛି। ସନ୍ଧ୍ୟାରେ ଏସ୍‌ପି ବ୍ରିଜେଶ କୁମାର ରୟ ଏଠାକୁ ଆସି ନିର୍ବାଚନ କାର୍ଯ୍ୟରେ ନିୟୋଜିତ ପୋଲିସ କର୍ମଚାରୀଙ୍କୁ ବିଭିନ୍ନ ପରାମର୍ଶ ଦେଇଛନ୍ତି। ଏହା ପୂର୍ବରୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମଧ ଷ୍ଟ୍ରଙ୍ଗରୁମ ପରିଦର୍ଶନ କରିଥିଲେ। ଏଡିଏମ୍ (ରାଜସ୍ୱ) ଲକ୍ଷ୍ମୀକାନ୍ତ ସେଠୀ କଲେଜରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରୁଛନ୍ତି।



ଏଡିଏମ ଲକ୍ଷ୍ମୀକାନ୍ତ ସେଠୀ ଓ ଅନ୍ୟମାନେ ଭଞ୍ଜନଗର କଲେଜରେ ନିର୍ବାଚନ କାର୍ଯ୍ୟ ତଦାରଖ କରୁଛନ୍ତି।

ଭଞ୍ଜନଗର ନିର୍ବାଚନମଣ୍ଡଳୀରେ ୧୮ ତାରିଖ ସକାଳ ୭ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମତଦାନ ହେବ। ସେହିପରି ସୋରଡ଼ା ଓ ଆସିକା ନିର୍ବାଚନମଣ୍ଡଳୀରେ ସକାଳ ୭ଟାରୁ ଅପରାହ୍ଣ ୬ଟା ପର୍ଯ୍ୟନ୍ତ ମତଦାନ ହେବ। ୧୨୩ ନଂ. ଭଞ୍ଜନଗର ନିର୍ବାଚନମଣ୍ଡଳୀରେ ୨୫୯ ବୁଥ୍ ହୋଇଛି। ଏଠାରେ ପୁରୁଷ ଭୋଟର ୧୧୯୮୨୬ ଓ ମହିଳା ଭୋଟର ୧୧୦୧୧୪ ଏବଂ ତୃତୀୟ ଲିଙ୍ଗ ଭୋଟର ୧୧। ମୋଟ ୨୨୯୯୫୧ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିବେ। ସେହିପରି ୧୨୯ନଂ. ସୋରଡ଼ା ନିର୍ବାଚନମଣ୍ଡଳୀରେ ୨୫୪ଟି ବୁଥ୍ ହୋଇଛି। ଏହି ନିର୍ବାଚନ ମଣ୍ଡଳୀରେ ପୁରୁଷ ଭୋଟର ୧୧୮୫୬୦, ମହିଳା ଭୋଟର ୧୦୫୨୦୫ ଓ ତୃତୀୟ ଲିଙ୍ଗ ଭୋଟର ସଂଖ୍ୟା ୧୬। ଏହିଭଳି ସର୍ବମୋଟ ୨୨୩୭୮୧ ଭୋଟର ଅଛନ୍ତି। ୧୨୮ନଂ. ଆସିକା ନିର୍ବାଚନମଣ୍ଡଳୀରେ ୨୦୯ଟି ବୁଥ୍ ଅଛି। ପୁରୁଷ ଭୋଟର ୧୦୪୮୦୨ ଓ ମହିଳା ଭୋଟର ୯୨୦୫୫ ଅଛନ୍ତି। ଏଥିସହ ତୃତୀୟ ଲିଙ୍ଗ ୧୧ ଭୋଟର ଥିବାବେଳେ ସର୍ବମୋଟ ୧୯୬୮୬୮ ଭୋଟର ଅଛନ୍ତି। ଭଞ୍ଜନଗର ନିର୍ବାଚନମଣ୍ଡଳୀରେ ୪୦, ଆସିକାରେ ୪୨ ଓ ସୋରଡ଼ାରେ ୩୯ଟି ସମ୍ବେଦନଶୀଳ ବୁଥ୍ ବୁଥ୍ ଅଛି। ଉକ୍ତ ବୁଥ୍ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ଭଞ୍ଜନଗର ଯୁବି ହାଇସ୍କୁଲରେ ଗୋଟିଏ ପିଙ୍କ୍ ବୁଥ୍ ହୋଇଥିବା ବେଳେ ଆସିକା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବୁଥ୍ ନଂ.୧୫୬ ଓ ସୋରଡ଼ା ନିର୍ବାଚନମଣ୍ଡଳୀ ବେଲଗୁଣ୍ଠା ପଟେଲରୋଡ଼ ପ୍ରାଥମିକ ବିଦ୍ୟାଳୟ ବୁଥ୍ ନଂ. ୮୪ରେ ପିଙ୍କ୍ ବୁଥ୍ ହୋଇଛି। ନିର୍ବାଚନକୁ ପରିଚାଳନା କରିବାରେ ୫ ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଏଥିସହ ୭ଶହରୁ ଉର୍ଦ୍ଧ୍ୱ ଯାନବାହନ ବ୍ୟବହାର ହେବ। ସୋମବାର ସନ୍ଧ୍ୟା ସୁଦ୍ଧା ବୁଥ୍‌କୁ ଯିବାପାଇଁ ଆବଶ୍ୟକ ଜିନିଷ ଓ କାଗଜପତ୍ର ପ୍ରସ୍ତୁତ କରାଯାଇଛି।

## ଭାଜପାର ବାଇକ୍ ଶୋଭାଯାତ୍ରା

ବୁଗୁଡ଼ା,୧୫।୪(ଡି.ଏନ.ଏ.)

ବୁଗୁଡ଼ା ଏନ୍‌ଏସିରେ ସୋମବାର ଅପରାହ୍ଣରେ ନଗର ଭାଜପା ପକ୍ଷରୁ ଏକ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭାଜପା ଆସିକା ଏମ୍‌ପି ପ୍ରାର୍ଥିନୀ ଅନିତା ଶୁଭଦର୍ଶିନୀ ଓ ପୋଲସରା ବିଧାନସଭା ବିଧାୟକ ପ୍ରାର୍ଥୀ ଗୋକୁଳାନନ୍ଦ ମଲିକଙ୍କ ନେତୃତ୍ୱରେ ଜନସାଧାରଣଙ୍କୁ ଭୋଟ ଭିକ୍ଷା କରିବା ପାଇଁ ୫୦୦ରୁ ଉର୍ଦ୍ଧ୍ୱ ବାଇକ୍ ଶୋଭଯାତ୍ରାରେ ସାମିଲ ହୋଇଥିଲା। ଉକ୍ତ ଶୋଭାଯାତ୍ରା ବୁଗୁଡ଼ା ସହର ସୀମାନ୍ତ ମା' ସନ୍ତୋଷୀ ମନ୍ଦିରରୁ ବାହାରି ବୁଗୁଡ଼ା ଏନ୍‌ଏସିର ୧୩ଟି ଯାକ ୱାର୍ଡର ବିଭିନ୍ନ ସାହି ପରିକ୍ରମା କରିଥିଲା। ଭାଜପା ଏମ୍‌ପି ଓ ବିଧାୟକ ପ୍ରାର୍ଥୀ ଭୋଟ ଭିକ୍ଷା କରିଥିଲେ। ଉକ୍ତ ଶୋଭାଯାତ୍ରାରେ ବୁଗୁଡ଼ା ଏନ୍‌ଏସିର ପୂର୍ବତନ ଉପନଗରପାଳ ଇଂ. ସୁବ୍ରତ କୁମାର ପଟ୍ଟନାୟକ, ଭାଜପାର ଯୁବ ନେତା ପ୍ରଭାକର ପଣ୍ଡା, ପୂର୍ବତନ କାଉନ୍‌ସିଲର ସୂର୍ଯ୍ୟ ନାରାୟଣ ମହାନ୍ତି ଓ ଗୌରଚନ୍ଦ୍ର ପ୍ରଧାନ, ଆଡଭୋକେଟ ବନବାସୀ ମହାରଣା, ନଗର ଭାଜପା ସଭାପତି ହର ପ୍ରସାଦ ଦାଶ, ଜିଲା ଯୁବ ଭାଜପା ସମ୍ପାଦକ କେଦାର ନାଥ ମହାରଣା, କୃଷ୍ଣଚନ୍ଦ୍ର ପାତ୍ର ଓ ବ୍ରଜ କିଶୋର ପ୍ରଧାନଙ୍କ ସମେତ ବହୁ ଭାଜପା କର୍ମୀ ସାମିଲ ହୋଇଥିଲେ।

■ଛତ୍ରପୁର ଉପଖଣ୍ଡରେ ନିର୍ବାଚନ ପ୍ରସ୍ତୁତି ବୈଠକ

## ଶୃଙ୍ଖଳିତ କାର୍ଯ୍ୟ ପାଇଁ ନୋଡାଲ ଅଫିସରଙ୍କୁ ନିର୍ଦ୍ଦେଶ

ଛତ୍ରପୁର,୧୫।୪(ଡି.ଏନ.ଏ)

ଛତ୍ରପୁର ଉପଖଣ୍ଡ ଅନ୍ତର୍ଗତ ହିଞ୍ଜିଳି, ଖଲ୍ଲିକୋଟ, ପୋଲସରା ଓ କବିସୂର୍ଯ୍ୟନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ୧୮ରେ ନିର୍ବାଚନ ହେବ। ଏହି ପରିପ୍ରେକ୍ଷୀରେ ନିର୍ବାଚନରେ ଇଭିଏମ୍ ବିତରଣ ଦାୟିତ୍ୱରେ ଥିବା ନୋଡାଲ୍ ଅଫିସର ମାନଙ୍କର ତାଲିମ୍ ସୋମବାର ଅପରାହ୍ଣରେ ଛତ୍ରପୁରସ୍ଥିତ ଜିଲାପରିଷଦ ଭବନ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଶୃଙ୍ଖଳିତ ଭାବେ ସମସ୍ତ ନିର୍ବାଚନ କାର୍ଯ୍ୟ କରିବା ପାଇଁ ବୈଠକରେ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ପୂର୍ବାହ୍ଣରେ ଛତ୍ରପୁରସ୍ଥିତ ଅନ୍‌ସ୍ଲୋ ହାଇସ୍କୁଲ ପଡିଆରେ ଇଭିଏମ୍ ପ୍ରଦାନ କରାଯିବ। ଉକ୍ତ ୪ ନିର୍ବାଚନମଣ୍ଡଳୀର ୯୭୧ ବୁଥ୍‌କୁ ପୋଲିଂ ଦଳ ଯିବେ। ପ୍ରତ୍ୟେକ ଦଳରେ ଜଣେ ପ୍ରିଜାଇଡିଂ ଅଫିସର, ୫ ପୋଲିଂ ଅଫିସର ଓ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀ ରହିବେ। ପ୍ରିଜାଇଡିଂ ଅଫିସରମାନେ ଇଭିଏମ୍ ପାଇଁ ଆବଶ୍ୟକ ସମସ୍ତ ସାମଗ୍ରୀ ନେବା ପାଇଁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଭୋଟର ତାଲିକା ନିର୍ଦ୍ଦିଷ୍ଟ ଭାବରେ ଗ୍ରହଣ କରିବା ପାଇଁ ମଧ ନିର୍ଦ୍ଦେଶ ଦିଆଯାଇଛି। ପିଙ୍କ୍ ବୁଥ୍ ଗୁଡିକରେ ମହିଳା ପ୍ରିଜାଇଡିଂ ଓ ପୋଲିଂ ଅଫିସର ରହିବେ। ଯେଉଁଠାରେ ଇଭିଏମ୍ ବ୍ୟାଟେରିରେ ସାମାନ୍ୟ ତ୍ରୁଟି ଦୃଷ୍ଟିଗୋଚର ହେବ ତାହାକୁ ଅବିଳମ୍ବେ ବଦଳାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କୌଣସି କର୍ମଚାରୀ ଅନୁପସ୍ଥିତ ରହିଲେ ତାଙ୍କ ବିରୋଧରେ ତତ୍‌କ୍ଷଣାତ୍ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରାଯିବ ବୋଲି ଅତିରିକ୍ତ ଜିଲପାଳ ପ୍ରକାଶ କରିଛନ୍ତି। ବୈଠକରେ ଛତ୍ରପୁର ଉପଜିଲପାଳ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଉପଜିଲାପାଳ ସଚ୍ଚିଦାନନ୍ଦ ନାୟକ, ବିଏମ୍‌ସି ଡେପୁଟି କମିଶନର ସୌରୀନ୍ଦ୍ର କୁମାର ରାଉତରାୟଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ।





ବୈଠକରେ ଉପସ୍ଥିତ ଉପଜିଲାପାଳ ଏବଂ ଅନ୍ୟମାନେ।

## ଶେରଗଡ଼ରେ ବିଜେଡିର ଦମ୍‌ଦାର ପ୍ରଚାର

ଶେରଗଡ଼,୧୫।୪(ଡି.ଏନ. ଏ.)

ଶେରଗଡ଼ ବ୍ଲକର ୨୨ ପଞ୍ଚାୟତରେ ବିଜେଡିର ସ୍ଥାନୀୟ ନେତାମାନଙ୍କ ଦ୍ୱାରା ଦମଦାର ପ୍ରଚାର କରାଯାଇଛି। ନେତାଙ୍କ ମଧ୍ୟରେ ସରପଞ୍ଚ ଓ ସମିତିସଭ୍ୟମାନେ ସମସ୍ତ ସାହି ଓ ଗ୍ରାମଙ୍କୁ ଯାଇ ପ୍ରଚାର କରିଥିଲେ। ନବୀନ ପଟ୍ଟନାୟକଙ୍କୁ ବିଧାୟକ ଓ ପ୍ରମିଳା ବିଷୋୟୀଙ୍କୁ ଏମ୍‌ପି ଭାବେ ଶଙ୍ଖ ଚିହ୍ନରେ ଭୋଟ ଦେଇ ବିଜୟୀ କରିବାକୁ ଅନୁରୋଧ କରିଥିଲେ। ନେତା ମାନେ ଘରକୁ ଘର ବୁଲି ରାଜ୍ୟ ସରକାରଙ୍କ ବିଭିନ୍ନ ସଫଳ କାହାଣୀ ଶୁଣାଇଛନ୍ତି। କାର୍ଯ୍ୟକ୍ରମରେ ବିଜେଡିର ୨୧ ଜଣିଆ ପ୍ରତିନିଧି ସହ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟଙ୍କ ସମେତ ବହୁ କର୍ମୀମାନେ ଯୋଗଦେଇଥିଲେ।

## ଜି.ଉଦୟଗିରି ବ୍ଲକ, ଏନ୍‌ଏସିରେ ଜୋର୍ ଧରିନି ପ୍ରଚାର

ଜି.ଉଦୟଗିରି,୧୫।୪(ଡି.ଏନ.ଏ.)

ଜି.ଉଦୟଗିରି ବିଧାନସଭା ନିର୍ବାଚନ ମଣ୍ଡଳୀର ଜି.ଉଦୟଗିରି ବ୍ଲକ ଓ ଏନ୍‌ଏସିରେ ସୋମବାର ସୁଦ୍ଧା ବିଭିନ୍ନ ଦଳର ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର ଜୋର୍ ଧରିନାହିଁ। ସହରରେ କୌଣସି ଦଳର ପୋଷ୍ଟର ବ୍ୟାନର ଦେଖିବାକୁ ମିଳୁନାହିଁ। ଭାଜପା, ବିଜେଡି ଓ କଂଗ୍ରେସର ଷ୍ଟାର ପ୍ରଚାରକ ମଧ ଜି.ଉଦୟଗିରି ବ୍ଲକ କିମ୍ବା ଏନ୍‌ଏସିକୁ ଆସିନାହାନ୍ତି। କେବଳ ଦଳୀୟ ଓ ସ୍ୱାଧୀନ ପ୍ରାର୍ଥୀଙ୍କ ପ୍ରଚାର ଗାଡ଼ି ନିର୍ବାଚନ ପ୍ରଚାର କରୁଛନ୍ତି। ବିଜେଡିର ବିଧାୟକ ପ୍ରାର୍ଥୀ ସାଲୁଗା ପ୍ରଧାନଙ୍କ କର୍ମୀ ସମ୍ମିଳନୀ ପରେ ଶନିବାରରୁ ଦଳୀୟ କର୍ମୀମାନେ ଘର ଘର ବୁଲି ଭୋଟ ପ୍ରଚାର ଆରମ୍ଭ କରିଛନ୍ତି। ନଗର ସଭାପତି କ୍ରିଷ୍ଣା କୁମାର ପଣ୍ଡା, ଜିଲା ସମ୍ପାଦକ କାଲୁ ଚରଣ ପଣ୍ଡା, ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ଜାଲିନା ପ୍ରିୟଦର୍ଶିନୀ ଓ ପୂର୍ବତନ ଏନ୍‌ଏସି ଅଧକ୍ଷ ସହରର ବିଭିନ୍ନ ୱାର୍ଡରେ ବୁଲି ବିଜେଡି ପାଇଁ ପ୍ରଚାର କରୁଛନ୍ତି। ଭାଜପା ନଗର ସଭାପତି ଅନିଲ କୁମାର ପଟ୍ଟନାୟକ, ଉପସଭାପତି ମନୋଜ ମହାପାତ୍ର, ଭାଜପା ନେତା ବିଭୂତି ଆଚାର୍ଯ୍ୟ ପ୍ରମୁଖ ଘର ଘର ବୁଲି ପ୍ରଚାର ଜାରି ରଖିଛନ୍ତି। ସେହିପରି କଂଗ୍ରେସ ପକ୍ଷରୁ ନଗର ସଭାପତି ପ୍ରତାପ ପ୍ରଧାନ, କଂଗ୍ରେସ ନେତା ବିଜୟ ପ୍ରଧାନ ଦଳ ପାଇଁ ନିର୍ବାଚନ ପ୍ରଚାର କରୁଛନ୍ତି। ସ୍ୱାଧୀନ ପ୍ରାର୍ଥୀ ପ୍ରତାପ ପ୍ରଧାନ ବାଇକ୍ ରାଲି କରି ପ୍ରଚାର କରିଛନ୍ତି। କିନ୍ତୁ କୌଣସି ଦଳ ବର୍ତ୍ତମାନ ସୁଦ୍ଧା ବଡ଼ଧରଣର ନିର୍ବାଚନ ସଭା କରିନାହାନ୍ତି।

## ଭାଜପା ଏମ୍‌ପିଙ୍କ ମାରାଥନ ପ୍ରଚାର




ଭାଜପା ପ୍ରାର୍ଥୀଙ୍କ ନିର୍ବାଚନୀ ସଭାରେ ମଞ୍ଚାସୀନ ଅତିଥି।

ଆସିକା,୧୫।୪(ଡି.ଏନ୍.ଏ.)

ଆସିକା ବିଧାନସଭା ନିର୍ବାଚନମଣ୍ଡଳୀର କବିସୂର୍ଯ୍ୟନଗର ବ୍ଲକ ବରିଡା, କନିଆରୀ ଓ ସୁବଳୟା ପଞ୍ଚାୟତରେ ସୋମବାର ଗୁଜରାଟର ସୁରଟ ଏମ୍‌ପି ଚନ୍ଦ୍ରକାନ୍ତ ରଘୁନାଥ ପାଟିଲ ଭାଜପା ଆସିକା ଏମ୍‌ପି ପ୍ରାର୍ଥିନୀ ଅନିତା ଶୁଭଦର୍ଶିନୀ ଓ ବିଧାୟକ ପ୍ରାର୍ଥି ଦେବରାଜ ମହାନ୍ତିଙ୍କ ପାଇଁ ମାରାଥନ ପ୍ରଚାର କରିଛନ୍ତି। ହେଲିକପ୍ଟରରେ ଆସି କନିଆରୀ ମିନିଷ୍ଟାଡିୟମ୍‌ରେ ଓହ୍ଲାଇବା ପରେ ଦଳୀୟ ପ୍ରାର୍ଥୀ କର୍ମୀଙ୍କ ଗହଣରେ ପାଟିଲ ସମ୍ପୃକ୍ତ ପଞ୍ଚାୟତ ବୁଲି ସାଧାରଣ ସଭାରେ ଉଦ୍‌ବୋଧନ ଦେଇଥିଲେ। ୧୯ ବର୍ଷ ଧରି ବିଜେଡି ସରକାର ଅମଳରେ ରାଜ୍ୟର ଜନସାଧାରଣଙ୍କ ସର୍ବନିମ୍ନ ଆବଶ୍ୟକତା ଶିକ୍ଷା, ସ୍ୱାସ୍ଥ୍ୟ ଓ ରୋଜଗାର ସମସ୍ୟା ଉତ୍କଟ ହୋଇଛି। ଏହି ସମସ୍ୟାର ସମାଧାନ ଲାଗି ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଏଭଳି ପରିସ୍ଥିତିରେ ଓଡ଼ିଶା ସରକାର ବଦଳିବା ଦରକାର ବୋଲି ନାରା ଦେଇ ଜନସାଧାରଣ ଏଥିପ୍ରତି ସଂକଳ୍ପବଦ୍ଧ ହେବା ଲାଗି ନିବେଦନ କରିଥିଲେ। ଓଡ଼ିଆ ସିନେ ତାରକା ପିଣ୍ଟୁ ନନ୍ଦ ଓ ଏଲିନା ମଧ ଏହି ପ୍ରଚାରରେ ସାମିଲ ଥିଲେ। ଘୁମୁସର ଜିଲା ଭାଜପା ସଭାପତି ସୂର୍ଯ୍ୟନାରାୟଣ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ନିର୍ବାଚନୀ ସଭା ଗୁଡ଼ିକରେ ଏମ୍‌ପି ପ୍ରାର୍ଥୀ ଓ ବିଧାୟକ ପ୍ରାର୍ଥୀଙ୍କ ସମେତ ଭାଜପା ନେତା ନାରାୟଣ ବେହେରା, ବ୍ରିଗେଡିୟର ଅଭିମନ୍ୟୁ ରାଉତ, ଜିଲା ସାଧାରଣ ସମ୍ପାଦକ ପ୍ରତାପ ନାୟକ, ପୂର୍ବତନ ଜିଲା ସଭାପତି ଉମା ପ୍ରଧାନଙ୍କ ସମେତ ବହୁ କର୍ମୀ ସାମିଲ ଥିଲେ। ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ଭାଜପାର ନିର୍ବାଚନୀ ସଭାରେ ସମ୍ପୃକ୍ତ ଅଞ୍ଚଳର ସୁରଟରେ କର୍ମସଂସ୍ଥାନ କରି ଗୁଜରାଣ ମେଣ୍ଟାଉଥିବା ଯୁବ ଗୋଷ୍ଠୀ ସାମିଲ ହୋଇଥିବା ଲକ୍ଷ୍ୟ କରାଯାଇଥିଲା।

# ଦାରିଙ୍ଗବାଡ଼ିରେ ପ୍ରଚାର ଜୋର୍‌ଦାର

■ବ୍ରାହ୍ମଣୀଗାଁରେ କଂଗ୍ରେସର ଷ୍ଟାର ପ୍ରଚାରକ ପ୍ରଦୀପ ■ସାଲୁଗା, ଅଚ୍ୟୁତଙ୍କ ପାଇଁ ପ୍ରଚାର କଲେ ସାଧନା



ସ୍ୱାଧୀନ ପ୍ରାର୍ଥୀ ଜାକବ ପ୍ରଧାନ ନିଜ ପାଇଁ ପ୍ରଚାର କରୁଛନ୍ତି।



ବିଜେଡି ପାଇଁ ସାଧନା ମିଶ୍ର ପ୍ରଚାର କରୁଛନ୍ତି।

ଦାରିଙ୍ଗବାଡ଼ି,୧୫।୪(ଡି.ଏନ.ଏ)

ଆସନ୍ତା ୧୮ରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ। ଉକ୍ତ କନ୍ଧମାଳ ଲୋକ ସଭା ଓ ଏହା ଅଧୀନ ସମସ୍ତ ବିଧାନସଭା ଆସନ ଲାଗି ଭୋଟ ହେବ। ମଙ୍ଗଳବାର ପ୍ରାର୍ଥୀମାନଙ୍କ ପ୍ରଚାର ସରିବ। ତେଣୁ ୩ ପ୍ରମୁଖ ଦଳ ଓ ସ୍ୱାଧୀନ ପ୍ରାର୍ଥୀଙ୍କ ପକ୍ଷରୁ ପ୍ରଚାରକୁ ଜୋରଦାର କରାଯାଇଛି। ସୋମବାର ବ୍ରାହ୍ମଣୀଗାଁ ଏବଂ ରାଇକିଆରେ ସାପ୍ତାହିକ ହାଟ ରହିଥିବାରୁ ବ୍ରାହ୍ମଣୀଗାଁରେ କଂଗ୍ରେସ ପକ୍ଷରୁ ଷ୍ଟାର ପ୍ରଚାରକ ତଥା ଜନଜାତି ସେଲ୍ ରାଜ୍ୟ ସଭାପତି ପ୍ରଦୀପ ମାଝି ଏବଂ ଅନିଲ ଚୌଧୁରୀ ପ୍ରମୁଖ ଦଳୀୟ ପ୍ରାର୍ଥୀଙ୍କ ନିମନ୍ତେ ପ୍ରଚାର କରିଛନ୍ତି। ଷ୍ଟାର ପ୍ରଚାରକ ରୋଡ଼ ଶୋରେ ସାମିଲ ହୋଇ ଜି.ଉଦୟଗିରି ବିଧାୟକ ପ୍ରାର୍ଥୀ ଶ୍ୟାମଘନ ପ୍ରଧାନ ଏବଂ କନ୍ଧମାଳ ଏମ୍‌ପି ପ୍ରାର୍ଥୀ ମନୋଜ ଆଚାର୍ଯ୍ୟଙ୍କ ପାଇଁ ପ୍ରଚାର କରିବା ସହ ରାହୁଲ ଗାନ୍ଧୀଙ୍କ ହାତ ମୁଠାକୁ ଟାଣ କରିବାକୁ କଂଗ୍ରେସରେ ଭୋଟ ଦେବାକୁ ନିବେଦନ କରିଛନ୍ତି। ବ୍ରାହ୍ମଣୀଗାଁ ହାଟପଦାଠାରୁ ଶୋଭାଯାତ୍ରା ବାହାରି ସମଗ୍ର ବ୍ରାହ୍ମଣୀଗାଁର ଗାଁ ସାହିରେ ଶତାଧିକ ବାଇକ ଏବଂ ବିଭିନ୍ନ ଗାଡ଼ିରେ କର୍ମୀ ଓ ନେତାମାନେ ବୁଲି ପ୍ରଚାର କରିଥିଲେ। ସେହିପରି ଦାରିଙ୍ଗବାଡ଼ି ସାରିଙ୍ଗିଇର୍ପି ପଡ଼ିଆ ଠାରେ ବିଜେଡିର ଏମ୍‌ପି ପ୍ରାର୍ଥୀ ଅଚ୍ୟୁତ ସାମନ୍ତ ଏବଂ ବିଧାୟକ ପ୍ରାର୍ଥୀ ସାଲୁଗା ପ୍ରଧାନଙ୍କ ପାଇଁ ବରିଷ୍ଠ ସମାଜିକ କର୍ମୀ ସାଧନା ମିଶ୍ର ଏବଂ ସଂଘମିତ୍ରା ରାୟ ପ୍ରମୁଖ ପ୍ରଚାର କରିଛନ୍ତି। ଅଞ୍ଚଳରେ ଶିକ୍ଷା, ପାନୀୟଜଳ, ସ୍ୱାସ୍ଥ୍ୟ, ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଚଳିତ ଥର ବିଜେଡ଼ିର ଉଭୟ ପ୍ରାର୍ଥୀଙ୍କୁ ବିପୁଳ ଭୋଟ ଦେଇ ଜିତାଇବାକୁ ସେମାନେ ନିବେଦନ କରିଥିଲେ। ବିଧାୟକ ପ୍ରାର୍ଥୀ ସାଲୁଗା ପ୍ରଚାର ପାଇଁ ରାଇକିଆ ଅଭିମୁଖେ ଯାଇଥିଲେ। ସେହିପରି କଂଗ୍ରେସରୁ ଟିକେଟ ନ ପାଇ ଦଳକୁ କଡ଼ା ଟକ୍କର ଦେବାକୁ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ଜାକବ ପ୍ରଧାନ ମଧ ଦାରିଙ୍ଗବାଡ଼ି ଅଞ୍ଚଳରେ ଜୋରଦାର ପ୍ରଚାର ଚଳାଇଛନ୍ତି।। ବାଡାବାଙ୍ଗା, ବୁଡାଗୁଡ଼ା, ଗୁମିକିଆ, ସିମନବାଡ଼ି, ହାତିମୁଣ୍ଡା ଆଦି ଅଞ୍ଚଳରେ ସେ ଘର ଘର ବୁଲି ନିଜ ପାଇଁ ଭୋଟ ଭିକ୍ଷା କରୁଛନ୍ତି।

## ବିଜେଡିର ମହିଳା ସମାବେଶ



ସମାବେଶରେ ଉପସ୍ଥିତ ମହିଳାମାନେ।

ଖଲ୍ଲିକୋଟ,୧୫।୪(ଡି.ଏନ.ଏ.)

ଖଲ୍ଲିକୋଟ ସହର ବିଜେଡି କାର୍ଯ୍ୟାଳୟ ନିକଟ ପଡ଼ିଆରେ ସୋମବାର ଅପରାହ୍ଣରେ ବିଶାଳ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଆସିକା ଲୋକ ସଭା ଏମ୍‌ପି ପ୍ରାର୍ଥିନୀ ପ୍ରମିଳା ବିଶୋଇ, ବିଧାୟିକା ପ୍ରାର୍ଥିନୀ ସୂର୍ଯ୍ୟମଣି ବୈଦ୍ୟ, ଗଞ୍ଜାମ ଜିଲା ବିଜେଡି ସଭାପତି ପ୍ରଦୀପ ପାଣିଗ୍ରାହୀଙ୍କ ସମେତ ବହୁ ନେତା ଓ ମହିଳା କର୍ମୀ ଉପସ୍ଥିତ ଥିଲେ। ସମାବେଶରେ ରାଜ୍ୟ ବିଜେଡି ସରକାରଙ୍କ ପକ୍ଷରୁ ମହିଳାମାନଙ୍କ ଉନ୍ନତି ପାଇଁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଏବଂ ନିର୍ବାଚନରେ ମହିଳାଙ୍କୁ ପ୍ରାଧାନ୍ୟ, ମିଶନ ଶକ୍ତି ମାଧ୍ୟରେ ଆତ୍ମନିର୍ଭରଶୀଳ କରି ସେମାନଙ୍କୁ ସାମାଜିକ ସ୍ରୋତରେ ସାମିଲ କରାଇବା ଇତ୍ୟାଦି ନେଇ କୁହାଯାଇଥିଲା। ଆଗାମୀ ଦିନରେ ଏହି ବିକାଶକୁ ଅଧିକ ତ୍ୱରାନ୍ୱିତ କରିବା ଲାଗି ଆସିକା ଏମ୍‌ପି ପ୍ରାର୍ଥିନୀ ଓ ଖଲ୍ଲିକୋଟ ବିଧାୟିକା ପ୍ରାର୍ଥିନୀ ସୂର୍ଯ୍ୟମଣିଙ୍କୁ ବିପୁଳ ଭୋଟରେ ବିଜୟୀ କରିବା ପାଇଁ ନିବେଦନ କରାଯାଇଥିଲା। ଏଥିରେ ଖଲ୍ଲିକୋଟ ବ୍ଲକ ଅଧକ୍ଷା ମିନାକ୍ଷୀ ସାହୁ, ବିଜେଡି ନେତା ବାଉରୀ ପଣ୍ଡା, ବିପ୍ର ସାହୁ ଓ ସୁବାସ ବେହେରା ପ୍ରମୁଖ ଯୋଗ ଦେଇଥିଲେ।





# ବିଜେଡି, ଭାଜପା କଡ଼ା ଟକ୍କର

**ରଞ୍ଜନ କୁମାର ପ୍ରଧାନ**
**ନୟାଗଡ଼ ଅଫିସ,୧୫।୪**

ନୟାଗଡ଼ ଜିଲା ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ଆସନ୍ତା ୧୮ତାରିଖରେ ନିର୍ବାଚନ ହେବ। ନୂଆଗାଁ ବ୍ଲକର ୨୨, ଦଶପଲ୍ଲା ବ୍ଲକର ୨୦, ଗଣିଆ ବ୍ଲକର ୮ ପଞ୍ଚାୟତ ଓ ଦଶପଲ୍ଲା ଏନ୍ଏସିକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ। ନିର୍ବାଚନ ପାଇଁ ଉଭୟ ଭାଜପା ଓ ବିଜେଡି ହାଇଭୋଲଟେଜ୍ ପ୍ରଚାର ଚଳାଇଥିବାବେଳେ କଂଗ୍ରେସ ଏଥିରେ ପଛରେ ପଡ଼ିଯାଇଛି। ଭାଜପାର ନିର୍ବାଚନୀ ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦଶପଲ୍ଲା ଲୋକଙ୍କୁ ବିଭିନ୍ନ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଗତ ୧୩ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଶପଲ୍ଲା ଗାନ୍ଧୀ ମଇଦାନରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ। ଜଣେ ମହିଳାଙ୍କୁ ମିଶାଇ ୭ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ହେଲେ ବର୍ତ୍ତମାନର ସ୍ଥିତି ଦେଖିଲେ ବିଜେଡି ଓ ଭାଜପା ମଧ୍ୟରେ କଡା ଟକ୍କର ହେବା ଆଲୋଚନା ହେଉଛି। କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ପ୍ରଶାନ୍ତ କୁମାର ନାୟକଙ୍କ ଘର ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତରେ ହୋଇଥିବାରୁ ଏଠାରୁ ସେ କିଛି ଭୋଟ ପାଇପାରନ୍ତି। ସେହିଭଳି କଂଗ୍ରେସର ପାରମ୍ପରିକ ଭୋଟ ତାଙ୍କୁ ମିଳିପାରେ। ଦଶପଲ୍ଲା ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ ବିଜେଡି ଟିକେଟ ନ ଦେବାରୁ ସେ ଭାଜପାରେ ମିଶି ବିଧାୟକ ପ୍ରାର୍ଥୀ ହୋଇଛନ୍ତି।


ରମେଶ ଚନ୍ଦ୍ର ବେହେରା


ପ୍ରଶାନ୍ତ କୁମାର ନାୟକ


ପୂର୍ଣ୍ଣଚନ୍ଦ୍ର ନାୟକ

ନିଜ ଜାତିର ପାଖାପାଖି ୩୦ ହଜାର ଭୋଟ ଉପରେ ସେ ଭରସା ରଖିଛନ୍ତି। ଗତଥର ଭାଜପା ତୃତୀୟ ସ୍ଥାନରେ ଥିଲା। ବର୍ତ୍ତମାନ ସବୁଠି ପରିବର୍ତ୍ତନର ସ୍ୱର ଶୁଭୁଥିବାରୁ ପୂର୍ଣ୍ଣଚନ୍ଦ୍ର ବିଜୟୀ ହେବା ଆଶା ରଖିଛନ୍ତି। ଅନ୍ୟପକ୍ଷେ ସରକାରୀ ଚାକିରି ଛାଡ଼ି ରାଜନୀତିରେ ପାଦ ରଖିଥିବା ରମେଶ ଚନ୍ଦ୍ର ବେହେରା ବିଜେଡିରୁ ପ୍ରାର୍ଥୀ ହୋଇଥିବାବେଳେ ଦଳୀୟ ହାୱା ଯୋଗୁ ସେ ଜିତିବା ପାଇଁ ଆଶା ବାନ୍ଧିଛନ୍ତି। ରମେଶ ଦଶପଲ୍ଲାର ବିଜେଡି ନେତାମାନଙ୍କୁ ଏକାଠି କରି ନିର୍ବାଚନ ବୈତରଣୀ ପାର ହେବାକୁ ଚେଷ୍ଟା କରୁଛନ୍ତି। ବିଭିନ୍ନ ଗ୍ରାମକୁ ଯାଇ ନବୀନ ପଟ୍ଟନାୟକଙ୍କ ଜନହିତକର ଯୋଜନା ବିଷୟରେ କହୁଛନ୍ତି।

୧୦ବର୍ଷ ହେଲା ବିଜେଡି ଗଡ଼ ଭାବେ ପରିଗଣିତ ଦଶପଲ୍ଲା ନିର୍ବାଚନମଣ୍ଡଳୀ ଏଥର ଗଡ଼ ରକ୍ଷା କରିପାରିବ ନା ଏହା ଭାଜପା ଅକ୍ତିଆରକୁ ଚାଲିଯିବ ତାହାକୁ ନେଇ ଆଲୋଚନା ଓ ପର୍ଯ୍ୟାଲୋଚନା ଚାଲିଛି। ସରିଗଣ୍ଡା ପଞ୍ଚାୟତ ବଡ଼କାମେଟି ଗ୍ରାମର ସାରଥି କଅଁରଙ୍କ କହିବା କଥା, ପ୍ରତିଥର ଆମେ ଭୋଟ ଦେଉଛୁ, ହେଲେ ଗ୍ରାମରେ କୋଠ ଘରଟିଏ ହୋଇପାରିନାହିଁ। ଭୋଗବାଡ଼ି ପଞ୍ଚାୟତ ଟାଙ୍ଗିସାହର କେତେଜଣ ଲୋକଙ୍କ କହିବା କଥା, ବର୍ତ୍ତମାନ ଗ୍ରାମରେ ପରିବର୍ତ୍ତନର ସ୍ୱର ଶୁଭୁଛି। ଗ୍ରାମରେ ୨୨ ପରିବାର ଥିବାବେଳେ ମାତ୍ର ୨ ପରିବାରଙ୍କୁ କାଳିଆ ଯୋଜନାରେ ଟଙ୍କା ମିଳିଛି। ସେହିଭଳି ଗ୍ରାମରେ ଅଙ୍ଗନୱାଡ଼ି କେନ୍ଦ୍ରଟିଏ ମଧ୍ୟ ନାହିଁ। ବିଭିନ୍ନ ପ୍ରସଙ୍ଗ ଉଠାଉଥିବା ବେଳେ ପ୍ରାର୍ଥୀମାନେ ଏହା ସମାଧାନ କରିବାକୁ ପ୍ରତିଶ୍ରୁତି ଦିଅନ୍ତି, ହେଲେ ନିର୍ବାଚନ ପରେ ସବୁ ଭୁଲିଯାଉଥିବା କହନ୍ତି ଭୋଟରମାନେ।

**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| ବିଜେଡି | ପୂର୍ଣ୍ଣଚନ୍ଦ୍ର ନାୟକ | ୭୫,୮୩୨ |
| କଂଗ୍ରେସ | ଇନ୍ଦୁମତୀ ନାୟକ | ୧୮,୫୦୫ |
| ଭାଜପା | ପ୍ରମୋଦ କୁମାର ବେହେରା | ୧୬,୦୫୩ |

**୨୦୧୯ର ପ୍ରାର୍ଥୀ**

| | |
|---|---|
| ବିଜେଡି | ରମେଶ ଚନ୍ଦ୍ର ବେହେରା |
| ଭାଜପା | ପୂର୍ଣ୍ଣଚନ୍ଦ୍ର ନାୟକ |
| କଂଗ୍ରେସ | ପ୍ରଶାନ୍ତ କୁମାର ନାୟକ |
| ଏନ୍‌ସିପି | ବେଣୁଧର ନାୟକ |
| ସମତା କ୍ରାନ୍ତି ଦଳ | ତ୍ରିନାଥ ନାୟକ |
| ବିଏସ୍‌ପି | ଦେବରାଜ ନାୟକ |
| ସ୍ୱାଧୀନ | ବିଷ୍ଣୁପ୍ରିୟା ଦାଶ |

**ଦଶପଲ୍ଲା ନିର୍ବାଚନମଣ୍ଡଳୀ**

ମୋଟ ଭୋଟର ସଂଖ୍ୟା **୧,୮୯,୬୩୦**
ପୁରୁଷ ଭୋଟର **୯୮,୮୬୨**
ମହିଳା ଭୋଟର **୯୦,୭୫୩**
ମୋଟ ବୁଥ୍ ସଂଖ୍ୟା **୨୩୪**
ଅନ୍ୟାନ୍ୟ ଭୋଟର **୧୫**
ଦିବ୍ୟାଙ୍ଗ ଭୋଟର **୩୩୯୧**
ଭିଆଇପି ଭୋଟର **୩**

# ସ୍ୱାମୀଙ୍କ ସହ ଲଢୁଛନ୍ତି ସ୍ତ୍ରୀ

## ଆସିକା ଲୋକ ସଭା, ୫ ବିଧାନସଭା ଆସନରେ ୯ ମହିଳା ପ୍ରାର୍ଥୀ

**ବ୍ରହ୍ମପୁର ଅଫିସ,୧୫।୪**

ଗଞ୍ଜାମ ଜିଲା ପୋଲସରା ନିର୍ବାଚନମଣ୍ଡଳୀରେ ବର୍ତ୍ତମାନର ବିଧାୟକ ଶ୍ରୀକାନ୍ତ ସାହୁ ବିଜେଡିରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ତାଙ୍କ ସ୍ତ୍ରୀ ଗୋଲାପ ସାହୁ ସ୍ୱାଧୀନ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଛନ୍ତି। ଆସିକା ଲୋକ ସଭା ଓ ୫ ବିଧାନସଭା କ୍ଷେତ୍ରରେ ଏଥର ୯ ମହିଳା ପ୍ରାର୍ଥୀ ଅଛନ୍ତି। ତେବେ ସ୍ୱାମୀ ଓ ସ୍ତ୍ରୀଙ୍କ ନିର୍ବାଚନ ଲଢ଼େଇ ରୋଚକ ହୋଇଛି। ଆସନ୍ତା ୧୮ତାରିଖରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ଆସିକା ଲୋକ ସଭା ଆସନରେ ୮ ପ୍ରାର୍ଥୀଙ୍କ ମଧ୍ୟରେ ଦୁଇ ମହିଳା ପ୍ରାର୍ଥୀ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଭାଜପାର ଅନୀତା ଶୁଭଦର୍ଶିନୀ ଓ ବିଜେଡିରୁ ପ୍ରମିଳା ବିଶୋୟୀ। ସେହିପରି ଏହି ସଂସଦୀୟ କ୍ଷେତ୍ର ଅଧୀନ ଖଲ୍ଲିକୋଟ ସେଗ୍‌ମେଣ୍ଟରେ ୩ ମହିଳା ନିର୍ବାଚନ ଲଢୁଥିବା ବେଳେ ସାନଖେମୁଣ୍ଡି, କବିସୂର୍ଯ୍ୟନଗର, ଆସିକା ଓ ପୋଲସରାରୁ ଜଣେ ଲେଖାଏ ମହିଳା ପ୍ରାର୍ଥୀ ଅଛନ୍ତି।

ଗୋଲାପ ସ୍ୱାଧୀନ ପ୍ରାର୍ଥୀ ହୋଇଥିଲେ ମଧ୍ୟ ପୋଲସରା ନିର୍ବାଚନ ମଣ୍ଡଳୀରେ ବିଜେଡିରୁ ଲଢୁଥିବା ସ୍ୱାମୀ ଶ୍ରୀକାନ୍ତଙ୍କ ନିର୍ବାଚନୀ ପ୍ରଚାରରେ ସାମିଲ ହୋଇଛନ୍ତି। ଶ୍ରୀକାନ୍ତ ଦ୍ୱିତୀୟଥର ବିଜେଡି ଟିକେଟ ପାଇଛନ୍ତି। ବିଜେଡି ସରକାରଙ୍କ ବହୁମୁଖୀ ଜନ କଲ୍ୟାଣ ଯୋଜନା ସମ୍ପର୍କରେ ସ୍ୱାମୀ ଓ ସ୍ତ୍ରୀ ଭୋଟରଙ୍କୁ ସଚେତନ କରାଉଛନ୍ତି। ସ୍ୱାଧୀନ ପ୍ରାର୍ଥୀ ହୋଇ ବିଜେଡିର କାହିଁକି ପ୍ରଚାର କରୁଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ହୋଇଛି। ଶ୍ରୀକାନ୍ତଙ୍କ ନିର୍ବାଚନୀ କ୍ୟାମ୍ପେନରେ ଥିବା ଦଳର ବରିଷ୍ଠ ନେତା ଅଶୋକ ସ୍ୱାଇଁ କହିଛନ୍ତି, ଗୋଲାପ ବିଜେଡିର ଡମି ପ୍ରାର୍ଥୀ ଥିଲେ। ଭୁଲବଶତଃ ଶେଷ ଦିବସରେ ସେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିପାରି ନ ଥିଲେ। ତେଣୁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକାରେ ତାଙ୍କ ନାମ ରହିଛି।

ଅପରପକ୍ଷରେ ଲୋକ ସଭା କ୍ଷେତ୍ରର ୨ ମହିଳା ପ୍ରାର୍ଥୀଙ୍କ ମଧ୍ୟରୁ ପ୍ରମିଳାଙ୍କ ପାଇଁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାରାଥନ ପ୍ରଚାର କରିଛନ୍ତି। ଏସଏଚଜିର ଗାଉଁଲି ମହିଳା ପ୍ରମିଳାଙ୍କୁ ହେଲିକପ୍ଟରରେ ବସାଇ ବିଭିନ୍ନ ବିଧାନସଭା ନିର୍ବାଚନମଣ୍ଡଳୀ ବୁଲାଇଛନ୍ତି। ସେହିପରି ଅନିତାଙ୍କ ପାଇଁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟ ନେତାମାନେ ଘମାଘୋଟ ପ୍ରଚାର କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରୁ ଏହି ଲୋକ ସଭା ନିର୍ବାଚନମଣ୍ଡଳୀରେ ଖୋଲା ପ୍ରଚାର ଶେଷ ହେବ।

# ଚିକିଟିର ୫ ବୁଥ୍‌ରେ ସାନି ମତଦାନ ଦାବି

**ଭୁବନେଶ୍ୱର,୧୫।୪(ବ୍ୟୁରୋ)**

ଗଞ୍ଜାମ ଜିଲାର ଚିକିଟି ବିଧାନସଭା ନିର୍ବାଚନ ମଣ୍ଡଳୀର ୫ ବୁଥ୍‌ରେ ସାନି ମତଦାନ କରିବାକୁ ଭାଜପା ଦାବି କରିଛି। ସେହି ବୁଥ୍‌ଗୁଡିକ ହେଲା ହରିପୁରର ୮୧ ନମ୍ବର, ଯାଚିପଦର ୮୨ ଓ ୮୩, ଗୋବିନ୍ଦଚନ୍ଦ୍ରପୁର ୧୩୮ ଏବଂ ମଇସାନପୁରର ୧୪୭ ବୁଥ୍। ବିଜେଡି କର୍ମକର୍ତ୍ତା ଏବଂ ନେତାମାନଙ୍କ ଦ୍ୱାରା ବୁଥ୍ ରିଗିଂ ଓ କ୍ୟାପ୍‌ଚରିଂ ହୋଇଥିବାରୁ ସେଠାରେ ସାନି ମତଦାନ କରିବାକୁ ରାଜ୍ୟ ଭାଜପା ପକ୍ଷରୁ ଏକ ଦାବିପତ୍ର ଭାରତର ମୁଖ୍ୟ ନିର୍ବାଚନ ଆୟୋଗ(ଇସିଆଇ)ଙ୍କ ଉଦ୍ଦେଶ୍ୟରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁରେନ୍ଦ୍ର କୁମାରଙ୍କୁ ସୋମବାର ପ୍ରଦାନ କରାଯାଇଛି। ଚିକିଟିର ଭାଜପା ବିଧାୟକ ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନସାମନ୍ତରାୟଙ୍କ ଉପରେ ବିଜେଡିର ଗୁଣ୍ଡମାନେ ଆକ୍ରମଣ କରିଥିଲେ। ସେଠାରେ ବୁଥ୍ ରିଗିଂ, କ୍ୟାପ୍‌ଚରିଂ, ପୋଲିଂ ଏଜେଣ୍ଟମାନଙ୍କୁ ବୁଥ୍ ଭିତରେ ପ୍ରବେଶ କରାଇ ନ ଦିଆଯିବା ସହ କେତେକ ସ୍ଥାନରେ ଭୋଟରମାନେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରି ପାରିନାହାନ୍ତି। ଏଣୁ ଉପରୋକ୍ତ ୫ ବୁଥ୍‌ରେ ସାନି ମତଦାନ ପାଇଁ ଭାଜପା ପ୍ରତିନିଧି ଦଳ ଦାବି କରିଛି। ଏହି ପ୍ରତିନିଧି ଦଳରେ ଥିଲେ ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ଭାଜପା କୃଷକ ମୋର୍ଚ୍ଚାର ସାଧାରଣ ସମ୍ପାଦକ ସୁରଥ ବିଶ୍ୱାଳ, ରାଜ୍ୟ ଭାଜପା ନିର୍ବାଚନ ପ୍ରକୋଷ୍ଠ ସଂଯୋଜକ ଜୟନ୍ତ ଜେନା ଏବଂ ଆଇନଜୀବୀ ସତ୍ୟବ୍ରତ ନାୟକ ପ୍ରମୁଖ।

## ଭାଜପା ନେତାଙ୍କୁ ହତ୍ୟାର ପ୍ରତିବାଦ

# ସିଇଓଙ୍କୁ ଫେରାଦ ହେଲା ଭାଜପା

**ଭୁବନେଶ୍ୱର,୧୫।୪(ବ୍ୟୁରୋ)**

ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଶାସକ ଦଳର ପ୍ରାୟୋଜିତ ହିଂସା ରାଜ୍ୟରେ ଭୋଟରମାନଙ୍କ ମନରେ ଭୟର ବାତାବରଣ ସୃଷ୍ଟିକରିଛି। ଖୋର୍ଦ୍ଧା ବିଧାନସଭା ଆସନର ଭାଜପା ବିଧାୟକ ପ୍ରାର୍ଥୀ କାଳୁଚରଣ ଖଣ୍ଡେଇତରାୟଙ୍କୁ ମରଣାନ୍ତକ ଆକ୍ରମଣ ଉଦ୍ୟମ ଏବଂ ତାଙ୍କ ସମର୍ଥକ ତଥା ଭାଜପା ନେତା ମଙ୍ଗୁଳି ଜେନାଙ୍କୁ ଗୁଳିକରି ହତ୍ୟା ପରେ ବି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ବିଜେଡିର ଗୁଣ୍ଡାମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ପୂର୍ବରୁ ଏଭଳି ହିଂସା ସମ୍ପର୍କରେ ଭାଜପା ପକ୍ଷରୁ ଅନେକଥର ଅଭିଯୋଗ ହେଲା ପରେ ବି ସିଇଓ କାହିଁକି ଚୁପ୍ ବସିଛନ୍ତି। ଏହା ବିରୋଧରେ ସୋମବାର ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁହଁରେ କଳା ପଟି ବାନ୍ଧି ସିଇଓଙ୍କୁ ଭେଟିବା ସହ ଦାବିପତ୍ର ପ୍ରଦାନ କରିଥିଲେ।

ଖୋର୍ଦ୍ଧାରେ ଭାଜପା ନେତା ମଙ୍ଗୁଳି ଜେନା ପାର୍ଟି ଅଫିସରୁ ଫେରୁଥିବାବେଳେ ବିଜୁ ଗୁଣ୍ଡାବାହିନୀ କାର୍ଯ୍ୟକର୍ତ୍ତାମାନେ ରବିବାର ରାତିରେ ଗୁଳି କରି ହତ୍ୟା କରିଛନ୍ତି। ସିଇଓଙ୍କ ନୀରବତା ଶାସକ ଦଳକୁ ଏବଂ ହିଂସାତ୍ମକ ଆଚରଣ କରୁଥିବା ବ୍ୟକ୍ତିଙ୍କୁ ଶକ୍ତି ଯୋଗାଉଛି ବୋଲି ପ୍ରତିନିଧି ଦଳ ଅଭିଯୋଗ କରିଛି। ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ପରିଚାଳନା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡିଥିଲା। ବିଭିନ୍ନ ସ୍ଥାନରେ ବିଜେଡି ହାରିବା ଭୟରେ ବୁଥ୍ ରିଗିଂ, କ୍ୟାପ୍‌ଚରିଂ ସାଙ୍ଗକୁ ପୋଲିଂ ଏଜେଣ୍ଟମାନଙ୍କୁ ବୁଥ୍ ଭିତରେ ପ୍ରବେଶ କରାଇ ଦେଇ ନାହିଁ। କେତେକ ସ୍ଥାନରେ ବିଜୁ ଯୁବ ବାହିନୀର କର୍ମୀମାନେ ଭାଜପା ଏଜେଣ୍ଟମାନଙ୍କୁ ଭୟଭୀତ କରାଇଛନ୍ତି। ଶାସକ ଦଳର ଗୁଣ୍ଡା ଏବଂ ସରକାରୀ କଳର ଅପବ୍ୟବହାର କରି ବିଜେଡି ନିର୍ବାଚନକୁ ନିଜ ଅଧୀନରେ ରଖିବାକୁ ପ୍ରୟାସ କରିଛି। ଘସିପୁରାରେ ଭାଜପାର ଜଣେ କର୍ମକର୍ତ୍ତାଙ୍କୁ ହତ୍ୟା କରାଯାଇଥିଲା। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଦିନ ଭାଜପା ବିଧାୟକ ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନ ସାମନ୍ତରାୟଙ୍କୁ ଆକ୍ରମଣ କରାଯାଇଥିଲା। ଏଥିରେ କୌଣସି କାର୍ଯ୍ୟାନୁଷ୍ଠାନ ଏ ପର୍ଯ୍ୟନ୍ତ ଗ୍ରହଣ କରାଯାଇ ନାହିଁ ବୋଲି ପ୍ରତିନିଧି ଦଳ ଅଭିଯୋଗ କରିଛି। ନିର୍ବାଚନର ଠିକ୍ ପୂର୍ବରୁ ଏପରି ହତ୍ୟାକାଣ୍ଡ ଅତ୍ୟନ୍ତ ନିନ୍ଦନୀୟ। ଶାସକ ଦଳର ଗୁଣ୍ଡା ନିର୍ବାଚନ ପରିଚାଳନାରେ ବିଶୃଙ୍ଖଳା ସୃଷ୍ଟି କରିଥିବାବେଳେ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ନିର୍ବାଚନକୁ ଅବାଧ, ନିରପେକ୍ଷ କରିବା, ରିଗିଂ ଏବଂ କ୍ୟାପ୍‌ଚରିଂ ହୋଇଥିବା ବୁଥ୍‌ଗୁଡିକରେ ପୁଣି ଭୋଟ କରିବା ନେଇ ପ୍ରତିନିଧି ଦଳ ଦାବି କରିଛି।

ଏହି ପ୍ରତିନିଧି ଦଳରେ ଥିଲେ ରାଜ୍ୟ ଉପସଭାପତି ରମାରଞ୍ଜନ ବଳିଆରସିଂ, ଚିକିଟିର ଭାଜପା ବିଧାୟକ ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନସାମନ୍ତରାୟ, ରାଜ୍ୟ ନିର୍ବାଚନ ପ୍ରକୋଷ୍ଠ ସଂଯୋଜକ ଜୟନ୍ତ ଜେନା ଏବଂ ଆଇନଜୀବୀ ସତ୍ୟବ୍ରତ ନାୟକ ପ୍ରମୁଖ।

## ବନ୍ଧବାହାଲରେ ଭାଜପାର ବିଜୟ ସଂକଳ୍ପ ସମାବେଶ

# କେନ୍ଦ୍ରରେ ଭାଜପା ସରକାର ଗଢ଼ିବ: ଧର୍ମେନ୍ଦ୍ର

**ଲଖନପୁର,୧୫।୪(ଡି.ଏନ୍.ଏ.)**

ଭାରତୀୟ ଜନତା ପାର୍ଟି (ଭାଜପା) ପକ୍ଷରୁ ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବନ୍ଧବାହାଲ ଧନୁଯାତ୍ରା ପଡ଼ିଆରେ ସୋମବାର ବିଜୟ ସଙ୍କଳ୍ପ ସମାବେଶ ଅନୁଷ୍ଠିତ ହୋଇଛି। ଏଥିରେ ଦଳର ହେଭିୱେଟ୍ ନେତା କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ରାଜ୍ୟରେ ଭାଜପା ସରକାର ଗଢ଼ିବ ବୋଲି ଦମ୍ଭୋକ୍ତି ପ୍ରକାଶ କରିଥିଲେ। ଭାଜପା ସରକାର ଆସିଲେ ଭୁବନେଶ୍ୱର ସହିତ ଦିଲ୍ଲୀ ଯୋଡ଼ିହେବ। ଦଳର ଲୋକ ସଭା ଓ ବିଧାନସଭା ସଦସ୍ୟ ସିଧାସଳଖ କେନ୍ଦ୍ର ସରକାର ସହିତ ଯୋଡ଼ିହେବେ। ବିଜେଡି ସରକାରରେ ରାଜ୍ୟରେ ନାରୀ ନିର୍ଯାତନା ବଢ଼ି ଚାଲିଛି। ଭାଜପା ସରକାର ଆସିଲେ ବଳାତ୍କାରୀମାନଙ୍କୁ ଫାଶୀଦଣ୍ଡ ଦିଆଯିବ। ଉଚ୍ଚଶିକ୍ଷିତା ଝିଅମାନଙ୍କୁ ସ୍କୁଟି, ଉଚ୍ଚଶିକ୍ଷା ପାଇଁ ୫୦ହଜାର ଟଙ୍କା ଆର୍ଥିକ ସହାୟତା, ଚାଷୀଙ୍କୁ ବିନା ସୁଧରେ ଋଣ ପ୍ରଦାନ କରାଯିବ। ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଋଣଛାଡ଼ କରାଯିବ। ମୋଦି ସରକାର ଝାରସୁଗୁଡ଼ା ଜିଲାର ବିକାଶ ପାଇଁ ଡିଏମ୍ଏଫ୍‌ରୁ ହଜାର କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏଥିରୁ ରାଜ୍ୟ ସରକାର ପିସି ଖାଇଲେ ବୋଲି ଏହି ଅବସରରେ ପ୍ରଧାନ ଅଭିଯୋଗ କରିଥିଲେ। ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ଓଡ଼ିଶା ଅର୍ଥନୀତିର ପେଣ୍ଠସ୍ଥଳୀ ହୋଇଥିବାବେଳେ ଏହି ଅଞ୍ଚଳବାସୀ ସର୍ବଦା ବିସ୍ଥାପିତ ଓ କ୍ଷତିଗ୍ରସ୍ତ ହୋଇ ଅବହେଳିତ ଅବସ୍ଥାରେ ରହିଛନ୍ତି। ଏଥିପାଇଁ ସେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଏ ଅଞ୍ଚଳର ବିକାଶ ପାଇଁ ଡବଲ ଇଞ୍ଜିନ୍ ଆବଶ୍ୟତା ରହିଛି। ଏଥିପାଇଁ କେନ୍ଦ୍ର ଓ ରାଜ୍ୟରେ ଭାଜପାକୁ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ଦେବାକୁ ପ୍ରଧାନ ଆହ୍ୱାନ ଦେଇଥିଲେ। ସେହିଭଳି ଓରିଏଣ୍ଟ କାଗଜକଳ, ବିଟିଏମ୍ ସୂତାକଳ ଭଳି ଏଠାରେ ଥିବା ଅନେକ ଶିଳ୍ପାନୁଷ୍ଠାନ ବନ୍ଦ ହୋଇପଡ଼ିଛି। ଏଥିପାଇଁ ବରଗଡ଼ ଲୋକ ସଭା ପ୍ରାର୍ଥୀ ସୁରେଶ ପୂଜାରୀ ଓ ବ୍ରଜରାଜନଗର ବିଧାନସଭା ପ୍ରାର୍ଥିନୀ ରାଧାରାଣୀ ପଣ୍ଡା ରାଜ୍ୟ ସରକାରଙ୍କୁ ଦାୟୀ କରିଥିଲେ। ପ୍ରଧାନ ଭୁବନେଶ୍ୱରରୁ ହେଲିକପ୍ଟରରେ ଆସି ଏଠାରେ ନିର୍ଦ୍ଧାରିତ ସମୟର ୧ଘଣ୍ଟା ୫୦ ମିନିଟ ବିଳମ୍ବରେ ପହଞ୍ଚିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ରଘୁନନ୍ଦନ ପଣ୍ଡା, ସାମଲ ନାୟକ, ପ୍ରମୋଦ ସେନାପତି, କିଶୋର ମିଶ୍ର, ମଙ୍ଗଳ ସାହୁ, ଅମରେନ୍ଦ୍ର ରାୟ, ମଞ୍ଜୁବାଳା ଗୁରୁ, ରୀନା ପଟେଲ, ସୁନୀଲ ପଣ୍ଡା, ବିଶ୍ୱଜିତ ଭୋଇ, ପ୍ରଶାନ୍ତ ତ୍ରିପାଠୀ, ପ୍ରଦୀପ କରାଳୀ, ନୀଳାଞ୍ଚଳ ସା, ଆଲୋକ ସାହୁ, ସମୀର ମିଶ୍ର, ସଞ୍ଜୟ ସିଂହ, ପାରସ ଜୟସ୍ୱାଲ ପ୍ରମୁଖ ଉପସ୍ଥିତ ଥିଲେ।



ବିଜୟ ସଙ୍କଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି।

## ବରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ

# ନିର୍ଣ୍ଣାୟକ ହୋଇପାରେ ଦଳ ବଦଳ ନେତାଙ୍କ ଭୂମିକା


ଦେବେଶ ଆଚାର୍ଯ୍ୟ


ଅଶ୍ୱିନୀ ଷଡ଼ଙ୍ଗୀ


ନିପନ ଦାଶ

**ପ୍ରେମାନନ୍ଦ ଖମାରୀ**
**ବରଗଡ଼ ଅଫିସ,୧୫।୪**

ବରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ରାଜନୈତିକ ଦଳଗୁଡ଼ିକ ବିଜୟର ଆଶା ନେଇ ପ୍ରଚାରକୁ ଜୋରଦାର କରିଛନ୍ତି। ଆସନ୍ତା ୧୮ ତାରିଖରେ ଭୋଟ। ୧୬ ତାରିଖ ସନ୍ଧ୍ୟାରେ ସରିଯିବ ପ୍ରଚାର। ପ୍ରାର୍ଥୀମାନେ ଏବେ ଘରକୁ ଘର ଯାଇ ଭୋଟ ଭିକ୍ଷା କରୁଛନ୍ତି। କଂଗ୍ରେସ ନିର୍ବାଚନ ଇସ୍ତାହାର ଅନୁଯାୟୀ କୃଷିଋଣ ଛାଡ଼, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୬୦୦ ଟଙ୍କାକୁ ବୃଦ୍ଧି, ପ୍ରତ୍ୟେକ ପରିବାରର ଜଣକୁ ଚାକିରି, ଚାଷୀଙ୍କୁ ମାଗଣାରେ ସୋଲାର ପମ୍ପ ଆଦି ପ୍ରତିଶ୍ରୁତି ନେଇ ଭୋଟରଙ୍କ ପାଖରେ ପହଞ୍ଚୁଥିବା ବେଳେ ଭାଜପା ବିଭିନ୍ନ କେନ୍ଦ୍ରୀୟ ଯୋଜନା, ରାଜ୍ୟ ସରକାରଙ୍କ ବିଫଳତା, ବେକାରି, ଚାଷୀ ସମସ୍ୟା, ଜଳସେଚନକୁ ମୁଖ୍ୟ ପ୍ରସଙ୍ଗ କରିଛି। ରାଜ୍ୟ ସରକାରଙ୍କ ବହୁମୁଖୀ ଯୋଜନା, କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟଜଳ, ରାସ୍ତାଘାଟ, ସେତୁ ନିର୍ମାଣ ସହ ବିଭିନ୍ନ ଗ୍ରାମକୁ ସଂଯୋଗ ଭଳି ଅନେକ ବିକାଶମୂଳକ କାର୍ଯ୍ୟକୁ ନେଇ ବିଜେଡି ନେତାମାନେ ଭୋଟରମାନଙ୍କ ପାଖରେ ପହଞ୍ଚୁଥିବା ଦେଖିବାକୁ ମିଳିଛି। ୨୦୦୯ରେ କଂଗ୍ରେସ ଏହି ଆସନକୁ ନିଜ ଦଖଲକୁ ନେଇଥିଲା। ମାତ୍ର ତତ୍କାଳୀନ କଂଗ୍ରେସ ପ୍ରାର୍ଥୀ ସାଧୁ ନେପାକଙ୍କ ସମେତ ଭାଜପା ଛାଡ଼ିଥିବା ସୁବାସ ଚୌହାନ, ଦେବବ୍ରତ ମିଶ୍ର ଏବଂ ସମର୍ଥକମାନେ ଏବେ ବିଜେଡିରେ ସାମିଲ ହୋଇଛନ୍ତି। ଏହାକୁ ନେଇ ବିଜେଡି ସଙ୍ଗଠନ ପୂର୍ବାପେକ୍ଷା ଅଧିକ ଶକ୍ତିଶାଳୀ ହୋଇଛି ବୋଲି ଦଳୀୟ ନେତାମାନେ କହିଛନ୍ତି। ମାତ୍ର ସେମାନେ ଦଳ ଛାଡ଼ିବା ପରେ ମଧ୍ୟ ଭାଜପା କିମ୍ବା କଂଗ୍ରେସ ନିଜକୁ ଦୁର୍ବଳ ମଣୁନାହାନ୍ତି। ହେଲେ ଦଳ ବଦଳ କରିଥିବା ସେହି ନେତାଙ୍କ ଭୂମିକା ଏଥର ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ନେଇପାରେ ବୋଲି ସାଧାରଣରେ ଆଲୋଚନା ହେଉଛି। ଭାଜପା ପ୍ରାର୍ଥୀ ଅଶ୍ୱିନୀ ଷଡ଼ଙ୍ଗୀ କୁହନ୍ତି, ଆମ ଦଳରେ କିଛି ଅନ୍ତର୍ଦ୍ୱନ୍ଦ୍ୱ ନାହିଁ। ଦଳ ଏବେ ସଙ୍ଗଠିତ ଅଛି। ଏହି ନିର୍ବାଚନମଣ୍ଡଳୀରେ ଭାଜପାର ଭୋଟ୍ ହାର ଯଥେଷ୍ଟ ପରିମାଣରେ ବଢ଼ିଛି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନହିତକାରୀ ଯୋଜନା ଯୋଗୁ ଏଥର ଦଳ ନିଶ୍ଚୟ ବିଜୟ ଲାଭ କରିବ। କଂଗ୍ରେସ ପ୍ରାର୍ଥୀ ନିପନ ଦାଶଙ୍କ ମତରେ କଂଗ୍ରେସ ନେତା ଓ କର୍ମୀଙ୍କ ମଧ୍ୟରେ ଆଦୌ କନ୍ଦଳ ନାହିଁ। ସମସ୍ତ କର୍ମୀ ଦଳ ପାଇଁ ଦିନରାତି ପରିଶ୍ରମ କରୁଛନ୍ତି। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ବହୁମୁଖୀ ଯୋଜନାର ଇସ୍ତାହାର ପ୍ରତି ଲୋକେ ଆକୃଷ୍ଟ ହେଉଛନ୍ତି। ସେଥିପାଇଁ ଏଠି ଦଳ ଜିତିବ ବୋଲି ସେ ଆଶାବାଦୀ ଥିବା କହିଛନ୍ତି। ବିଜେଡି ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ବହୁମୁଖୀ ବିକାଶ ହୋଇଛି। ଲୋକେ ମଧ୍ୟ ନବୀନଙ୍କ ପ୍ରତି ଆସ୍ଥା ରଖି ଦଳକୁ ଶାସନର ସୁଯୋଗ ଦେଇ ଆସିଛନ୍ତି। ଏଥର ମଧ୍ୟ ଦଳ ବିଜୟ ଲାଭ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଅପରପକ୍ଷରେ ଭୋଟର ଗାଇସୀମା ଗ୍ରାମର ଚୂଡ଼ାମଣି ପାଣ୍ଡେ କହିଛନ୍ତି, ତାଙ୍କ ଭୋଟ୍ ଦୁର୍ନୀତି, ଭ୍ରଷ୍ଟାଚାର ସରକାର ତଥା ପ୍ରାର୍ଥୀଙ୍କ ବିପକ୍ଷରେ ଯିବ। ଜଣେ ଭଲ ନେତାଙ୍କୁ ସେ ଭୋଟ ଦେବାକୁ ସ୍ଥିର କରିଛନ୍ତି। ବରଗଡ଼ର ସାମାଜିକ କର୍ମୀ ଶିବାନନ୍ଦ ମଟାରୀ କୁହନ୍ତି, ଯେଉଁ ପ୍ରାର୍ଥୀ ବରଗଡ଼ ଏବଂ ଦେଶର ବିକାଶ ପାଇଁ ଚିନ୍ତା କରୁଛନ୍ତି, ସେଭଳି ପ୍ରାର୍ଥୀଙ୍କ ସପକ୍ଷରେ ତାଙ୍କ ଭୋଟ ଯିବ। ପାର୍ଟି ନୁହେଁ, ପ୍ରାର୍ଥୀ ଦେଖି ସେ ମତଦାନ କରିବେ। ଏଭଳି ସ୍ଥିତିରେ ଏଠାରେ ନିର୍ବାଚନୀ ପାଣିପାଗ ରୋଚକ ସ୍ଥିତିରେ ପହଞ୍ଚିଛି। ନେତା ଓ କର୍ମୀ ଦଳ ଅଦଳବଦଳ କରୁଥିଲେ ମଧ୍ୟ ଭୋଟର ସମ୍ପୂର୍ଣ୍ଣ ନୀରବ ରହିଛନ୍ତି। ବିଜୟ କାହା ସପକ୍ଷରେ ଯିବ ତାହା ନିର୍ବାଚନ ଫଳାଫଳରୁ ଜଣାପଡ଼ିବ ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି।

| | |
|---|---|
| ମୋଟ ଭୋଟ ଗ୍ରହଣ କେନ୍ଦ୍ର | ୨୩୧ |
| ସମ୍ବେଦନଶୀଳ | ୩୧ |
| ଭିଆଇପି ଭୋଟର | ୩ |
| ଅଧିକ ସମ୍ବେଦନଶୀଳ | ନାହିଁ |
| ସାଧାରଣ | ୨୦୦ |

**୨୦୧୪ ନିର୍ବାଚନ ଫଳାଫଳ**

| | |
|---|---|
| ବିଜେଡି | ୫୯,୩୫୦ |
| କଂଗ୍ରେସ | ୪୬,୧୪୬ |
| ଭାଜପା | ୨୨,୭୦୭ |

ମୋଟ ଭୋଟର ସଂଖ୍ୟା **୨,୧୬,୩୫୮**
ମହିଳା ଭୋଟର **୧,୧୧,୯୪୫**
ପୁରୁଷ ଭୋଟର **୧,୦୪,୩୯୬**
ଅନ୍ୟାନ୍ୟ **୧୭**

## ସଂକ୍ଷେପରେ

### ୩ ବଖରା ସହ କୁକୁଡ଼ା ଫାର୍ମ ଜଳିଗଲା

**ଭଣ୍ଡାରିପୋଖରୀ, ୧୫।୪ (ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ନଗୁଁଆ ପଞ୍ଚାୟତ ଧୂଳିଗଡିଆ ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ସଞ୍ଜୁଲତା ପାତ୍ର ଓ ବୈକୁଣ୍ଠ ପାତ୍ରଙ୍କ ୩ ବଖରା ଘର ସହ ଏକ କୁକୁଡ଼ା ଫାର୍ମ ଜଳିଯାଇଛି। ଫାର୍ମରେ ଥିବା କୁକୁଡ଼ା ଚିଆଁ ପୋଡ଼ି ମରିଯାଇଛନ୍ତି। ଭଣ୍ଡାରିପୋଖରୀରୁ ଦମକଳ ଯାଇ ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ। ଭାଜପା ବିଧାୟକ ପ୍ରାର୍ଥୀ ବଦ୍ରିନାରାୟଣ ଧଳ ସୋମବାର ଅଗ୍ନିବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବାକୁ ଦାବି ହୋଇଛି।

### ଆମ୍ବେଡକରଙ୍କ ଜୟନ୍ତୀ ପାଳିତ

**ଭଦ୍ରକ ଅଫିସ, ୧୫।୪:** ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଡ. ବି. ଆର୍ ଆମ୍ବେଡକରଙ୍କ ୧୨୮ତମ ଜୟନ୍ତୀ ସଦ୍‌ଭାବନା ସଭାଗୃହ ପରିସରରେ ପାଳିତ ହୋଇଯାଇଛି। ଜିଲାପାଳ ଜ୍ଞାନରଞ୍ଜନ ଦାସ ଆୟୋଜିତ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶିକା ମନୋରମା ଭୂୟାଁ ଯୋଗଦେଇ ଡ. ବାବାସାହେବ ଆମ୍ବେଡକର ସମାଜରେ ସମତା ପ୍ରତିଷ୍ଠା ନିମିତ୍ତ ତାଙ୍କ ସଂଘର୍ଷମୟ ଜୀବନକୁ ଉତ୍ସର୍ଗ କରିଥିଲେ ବୋଲି ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଦଳିତ ମଞ୍ଚର ସଭାପତି ରାଜେନ୍ଦ୍ର ପ୍ରସାଦ ଜେନା ଓ ଖବରଦାତା ଗୌରହରି ନାୟକ ପ୍ରମୁଖ ଆମ୍ବେଡକରଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ।

### ମହାବୀରଙ୍କ ଜୟନ୍ତୀ

**ପଦ୍ମପୁର, ୧୫।୪ (ଡି.ଏନ.ଏ.):** ବାସୁଦେବପୁର ବ୍ଲକ ପଦ୍ମପୁର ପଞ୍ଚାୟତର କପାଗଡିଆ ଛକଠାରେ ମହାବୀରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିଲାଗି ଘଟ ସ୍ଥାପନ ପରେ ହନୁମାନ ଚାଳିଶା ପାଠ, ଯଜ୍ଞ ଓ ଅପରାହ୍ନରେ ପ୍ରସାଦ ସେବନ କରାଯାଇଥିଲା। ଗ୍ରାମବାସୀଙ୍କ ପକ୍ଷରୁ ରାଜାକୁମାର ନାୟକ, ଉଗ୍ରସେନ ନାୟକ, ପ୍ରଭାସ ମଣ୍ଡଳ, ବନ ଲେଙ୍କା, ଲକ୍ଷ୍ମଣ ମଣ୍ଡଳ, ଅଜୟ କୁମାର ମଣ୍ଡଳ ପ୍ରମୁଖ ସହାୟତା କରିଥିଲେ। ସେହିପରି ବାଲିମେଦ ପଞ୍ଚାୟତର ପାଇକସାହିଠାରେ ମହାବୀରଙ୍କ ଜୟନ୍ତୀ ପାଳନ ଅବସରରେ ପାରମ୍ପାରିକ ପୂଜାର୍ଚ୍ଚନା ସହ ଗ୍ରାମବାସୀଙ୍କ ଦ୍ୱାରା ୧୦୮ କଳସ ଶୋଭାଯାତ୍ରା କରାଯାଇ ଯଥାବିଧି ଯଜ୍ଞ ସମାପନ କରାଯାଇଥିଲା। ପୂଜା କମିଟି ସଭାପତି ରମାକାନ୍ତ ବେହେରା ଓ ସମ୍ପାଦକ ବିକାଶ ବେହେରା ପୂଜାକାର୍ଯ୍ୟ ପରିଚାଳନା କରିଥିଲେ। ବିରସ ଛକଠାରେ ମହାବୀରଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ଭରତ ପାତ୍ର, ପଞ୍ଚାନନ ନାୟକ, ବୁଟୁନ ନାୟକ, ବାବୁ ଭଞ୍ଜ, ସଞ୍ଜୁ ପଣ୍ଡା, ଜିତୁ ଦାସ ପ୍ରମୁଖ ଗ୍ରାମବାସୀ ପ୍ରସାଦ ବଣ୍ଟନ ସହ ପୂଜାକାର୍ଯ୍ୟରେ ସହାୟତା କରିଥିଲେ।

### ସରିଲା ମହିମା ମହୋତ୍ସବ

**ଭଣ୍ଡାରିପୋଖରୀ, ୧୫।୪ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ବିରିଗଡ଼ିଆ ଗ୍ରାମସ୍ଥିତ ସତ୍ୟ ସନାତନ ମହିମା ଆଶ୍ରମ ସାଧୁବାବା ଭଗବାନ ଦାସଙ୍କ ପୀଠରେ ଦୁଇଦିନିଆ ବାର୍ଷିକ ମହିମା ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ରବିବାର ରାତିରେ ଅନୁଷ୍ଠିତ ଧର୍ମସଭାରେ କିଶୋର ଚନ୍ଦ୍ର ବାବା, କାଶୀନାଥ ଦାସ, ସଚ୍ଚିତା ଦାସ, ପ୍ରବୀଣ ଦାସ(ନିଲୁବାବା), କୁଞ୍ଜ ଦାସ, ଦିବାକର ବୈରାଗୀ ଓ ମାନସୀ ବୈରାଗୀ ଯୋଗଦେଇ ଧର୍ମ ଆଲୋଚନା କରିବା ସହ ଭୀମ ଭୋଇଙ୍କ ଭଜନ ଜଣାଣ ପାଠ କରିଥିଲେ। ସୋମବାର ଭୋର ୪ ଟାରେ ପୂର୍ଣ୍ଣାହୁତି ଓ ସକାଳେ ସାଧୁ ଭିକ୍ଷା ହୋଇଥିଲା। ଭଣ୍ଡାରିପୋଖରୀ ଓ ଧାମନଗର ବ୍ଲକର ବହୁ ଶ୍ରଦ୍ଧାଳୁ ଉତ୍ସବରେ ଯୋଗ ଦେଇଥିଲେ। ବହୁ ମାନସିକଧାରୀ ଅମଣିଆ ହାଣ୍ଡି ଅଲେଖ ମହିମାଙ୍କୁ ଟେକିଥିଲେ। ଏହି ମେଳାରେ ବିରିଗଡିଆ, ଗୋବିନ୍ଦାଗଡିଆ, ନାଉରିଗଡିଆ, ଚାରିବାଟିଆ, କୋରିଗାଁ, ଯାଜପୁର ଜିଲାର ବିଞ୍ଝାରପୁର, ଦଶରଥପୁର, ଡିହକୁଲା, ପାଳଟପୁର, କେନ୍ଦ୍ରାପଡା, ମହାକାଳପଡା, ଢେଙ୍କାନାଳ, ଗୋବିନ୍ଦପୁର, କଟକ ଓ ଭୁବନେଶ୍ୱର ଆଦି ଅଞ୍ଚଳରୁ ଶତାଧିକ ଭକ୍ତ ଯୋଗ ଦେଇଥିଲେ। ସ୍ଥାନୀୟ ଅଞ୍ଚଳର ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

# ହାର୍ ମାନିନାହାନ୍ତି ଶିବପ୍ରସାଦ

- ତ୍ରାଇସାଇକେଲରେ ବୁଲି ବିକୁଛନ୍ତି ପରିବା
- ପକ୍କାଘର ଖଣ୍ଡିଏ ପାଇଁ ଦେଖୁଛନ୍ତି ସ୍ୱପ୍ନ

**ଧାମନଗର, ୧୫।୪ (ଡି.ଏନ.ଏ.)**


ଗାଁକୁ ଯାଇ ପରିବା ବିକୁଛନ୍ତି ଶିବପ୍ରସାଦ ସେଠୀ।

ମାଟ୍ରିକ ପରୀକ୍ଷା ପରେ ରୋଜଗାର ଆଶାରେ ଚେନ୍ନାଇ ପଳାଇଯାଇଥିଲେ। ସେଠାରେ ଏକ ରୋଲିଂ ମିଲ୍‌ରେ ଅପରେଟର ଭାବେ କାର୍ଯ୍ୟ କରୁଥିଲେ। ବେଶ୍ ଦୁଇ ପଇସା ରୋଜଗାର କରି ପରିବାରକୁ ଆର୍ଥିକ ସାହାଯ୍ୟ କରିପାରୁଥିଲେ। ହେଲେ ଭାଗ୍ୟର ବିଡ଼ମ୍ବନା ହଠାତ୍ ମିଲ୍‌ରେ କାର୍ଯ୍ୟ କରୁଥିବା ବେଳେ ଆଘାତ ଲାଗିବାରୁ ବାମଗୋଡ଼ ହରାଇଲେ। କମ୍ପାନୀ କେବଳ ଭଲ କରିଦେଇ ଛାଡ଼ି ଦେଲା। କୌଣସି ଆର୍ଥିକ ସହାୟତା ନ ମିଳିବାରୁ ସେ ଫେରିଆସିଲେ ଘରକୁ। ତଥାପି ସେ ହାରିଯାଇ ନାହାନ୍ତି। ପନିପରିବା ବ୍ୟବସାୟ କରି ସେ ନିଜର ପରିବାର ପ୍ରତିପୋଷଣ କରୁଛନ୍ତି। ଏଭଳି ଜଣେ ବ୍ୟକ୍ତି ହେଲେ ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ବମକୁରା ପଞ୍ଚାୟତ ବମକୁରା ଗ୍ରାମ ସେଠୀସାହିର ଦିବ୍ୟାଙ୍ଗ ଶିବପ୍ରସାଦ ସେଠୀ। କିଛି କରିବାର ଇଚ୍ଛା ଓ ଆତ୍ମବିଶ୍ୱାସ ଥିଲେ ସମସ୍ୟାକୁ ସାମ୍ନା କରି ଆଗକୁ ବଢ଼ିହେବ ବୋଲି ସେ କହିଛନ୍ତି।

୨୦୦୯ରେ ଚେନ୍ନାଇରେ କମ୍ପାନୀରେ କାମ କରୁଥିବା ସମୟରେ ଶିବଙ୍କ ବାମଗୋଡରେ ଆଘାତ ଆଘାତ ଲାଗିଥିଲା। ଚେନ୍ନାଇରେ ଦୀର୍ଘଦିନ ଧରି ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଶେଷରେ ତାଙ୍କୁ ବାମଗୋଡ଼ ହରାଇବାକୁ ପଡ଼ିଲା। ୨୦୧୨ରେ ଘରକୁ ଫେରିଆସିବା ପରେ ଶିବଙ୍କୁ ସରକାରଙ୍କ ପକ୍ଷରୁ ଏକ ଟ୍ରାଇସାଇକେଲ ମିଳିଥିଲା। ନିଜେ ରୋଜଗାର କରିବାକୁ ପ୍ରତିଜ୍ଞାବଦ୍ଧ ହୋଇ ସେ ଟ୍ରାଇସାଇକେଲରେ ବୁଲି ପନିପନିପରିବା ବ୍ୟବସାୟ ଆରମ୍ଭ କଲେ। ଧୂଷୁରୀ ବଜାରରୁ ବିଭିନ୍ନ ତଟକା ପରିବା ଆଣି ଟ୍ରାଇସାଇକେଲର ତିନିପାଖରେ ଝୁଲାଇ ଗାଁ ଗାଁ ବୁଲି ବିକ୍ରି କଲେ। ସେବେଠାରୁ ଆଉ ପଛକୁ ଫେରି ନାହାନ୍ତି। ଦୁଆର ଦୁଆର ବୁଲି ପନିପରିବା ବିକ୍ରି କରୁଛନ୍ତି। ସେଥିରୁ ଯାହା ରୋଜଗାର ହେଉଛି ତାଙ୍କ ପରିବାର ଚଳୁଛି। ତାଙ୍କର ବ୍ୟବହାର ଯୋଗୁ ବ୍ୟବସାୟ ବୃଦ୍ଧି ହୋଇପାରିଛି। ଦୁଆର ଦୁଆର ବୁଲି ସାପ୍ତାହିକ ପାଳି କରି ପନିପରିବା ଯୋଗାଇ ଦେବାରୁ ବିଶେଷକରି ଗୃହିଣୀମାନଙ୍କ ସହିତ ତାଙ୍କର ବନ୍ଧୁତା ସୃଷ୍ଟି ହୋଇପାରିଛି। ସ୍ତ୍ରୀ ଓ ଏକମାତ୍ର ପୁଅକୁ ନେଇ ତାଙ୍କର ପରିବାର। ଜମିବାଡ଼ି ବୋଲି କିଛି ନାହିଁ। ଭିନ୍ନକ୍ଷମ ଭତ୍ତା ଓ ସରକାରଙ୍କ ପକ୍ଷରୁ ମିଳୁଥିବା ଚାଉଳ ହିଁ ଭରସା। ନିଜ ଭାଇମାନଙ୍କ ପାଖରେ ସେ ଆଶ୍ରୟ ନେଇଛନ୍ତି। ଆବାସ ଯୋଜନାରେ ପକ୍କାଘର ଖଣ୍ଡିଏ ପାଇଁ ସେ ସ୍ୱପ୍ନ ଦେଖୁଛନ୍ତି। ଏଥିପାଇଁ ସେ ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିରାଶ ହୋଇଛନ୍ତି। ସରକାରୀ ଆବାସ ଯୋଜନାରେ ପକ୍କାଘର ଯୋଗାଇ ଦିଆଗଲେ ତାଙ୍କ ପରିବାର ଭଲରେ ରହିପାରନ୍ତେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

# ପୋଲିସ, ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ



ବୈଠକରେ ଜିଲାପାଳ ଜ୍ଞାନରଞ୍ଜନ ଦାସ ଓ ଅନ୍ୟମାନେ।

**ଭଦ୍ରକ ଅଫିସ, ୧୫।୪**

ଭଦ୍ରକ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଜ୍ଞାନରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହ ପରିସରରେ ପୋଲିସ ଓ ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ନିରପେକ୍ଷ ନିର୍ବାଚନ ପାଇଁ ଆବଶ୍ୟକ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଜିଲାପାଳ ଉପସ୍ଥିତ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଜିଲାସ୍ତରୀୟ ସମସ୍ତ ଅଧିକାରୀ, ପୋଲିସ ଅଧିକାରୀ ଓ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

## ସୁନାଭୂଇଁରେ ବାସନ୍ତୀଦୁର୍ଗା ପୂଜା

**ପଦ୍ମପୁର, ୧୫।୪ (ଡି.ଏନ.ଏ.)**


ବିରସଠାରେ ପୂଜା ମଣ୍ଡପରେ ମା' ବାସନ୍ତୀଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି।

ବାସୁଦେବପୁର ବ୍ଲକ ଅଧୀନ ଜଗନ୍ନାଥପ୍ରସାଦ ପଞ୍ଚାୟତର ସୁନାଭୂଇଁଠାରେ ବାସନ୍ତୀଦୁର୍ଗା ପୂଜା ମହାସମାରୋହରେ ପାଳିତ ହେଉଛି। ଏହି ଅବସରରେ ବିଲ୍ୱାଧିବାସ, ସପ୍ତମୀ, ଅଷ୍ଟମୀ ଓ ନବମୀ ପୂଜା ଏବଂ ରବିବାର ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁନାଭୂଇଁ ସାର୍ବଜନୀନ ବାସନ୍ତୀ ପଡ଼ିଆରେ ୫ଦିନ ଧରି ପୂଜା ଚାଲିଥିବା ବେଳେ ପଞ୍ଚାୟତର ମିଶ୍ରପୁର, ଦଧିବାମନପୁର, ପାଟଣା ମିଶ୍ରପୁର, ଜଗନ୍ନାଥପ୍ରସାଦ, ଛତ୍ରପୁର, ମମାଦିଲା, କୋରବାଟିଆ, ଓଗାଳପୁର, ତିହିଡି ବ୍ଲକର ବାହାବଳପୁର, ଏଡତାଳ, ମାଟିଆସାହି ଗ୍ରାମର ହଜାର ହଜାର ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିଛନ୍ତି। ସୋମବାର ଦଶମୀ ପୂଜା ହୋଇଥିବା ବେଳେ ମଙ୍ଗଳବାର ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ପୂଜା କମିଟି ସଭାପତି ଅଶୋକ ମଲ୍ଲିକ ଓ ସମ୍ପାଦକ ଅଭୟ ମଲ୍ଲିକ ସୂଚନା ଦେଇଛନ୍ତି। ବିପିନ ବିହାରୀ ମଲ୍ଲିକ, ନିର୍ମଳ ମଲ୍ଲିକ, ସୀତାକାନ୍ତ ମଲ୍ଲିକ ପ୍ରମୁଖ ଗ୍ରାମବାସୀ ପୂଜାକାର୍ଯ୍ୟରେ ସହଯୋଗ କରୁଛନ୍ତି। ସେହିପରି ବିରସ ଗ୍ରାମଠାରେ ବାସନ୍ତୀଦୁର୍ଗା ପୂଜା ପାରମ୍ପରିକ ରୀତିରେ ପାଳନ କରାଯାଇଛି। ବିଦେଇପୁର, ବିରସ, କେରସାହି, ଗଦଲା, ତମ୍ବାଖଣ୍ଡି, ରାଜଘରପୋଖରୀ, ସାନକୃଷ୍ଣପୁର ଗ୍ରାମର ହଜାର ହଜାର ଶ୍ରଦ୍ଧାଳୁ ମା'ଙ୍କ ନିକଟରେ ମନସ୍କାମନା ପୂରଣ ପାଇଁ ପୂଜାର୍ଚ୍ଚନା କରିଛନ୍ତି। ପୂଜା କମିଟିର ହରିହର ପଣ୍ଡା, ଶ୍ରୀଧର ବିଶ୍ୱାଳ, ବୁଦ୍ଧିରାମ ପଲେଇ, କୈଳାସ ପାତ୍ର, ମହେଶ୍ୱର ପଣ୍ଡା ଓ ପଞ୍ଚାନନ ନାୟକ ପ୍ରମୁଖ ପରିଚାଳନା କରୁଛନ୍ତି।

## ଦୁର୍ଗା ମନ୍ଦିରର ୧ମ ବାର୍ଷିକ ଉତ୍ସବ

**ଭଦ୍ରକ ଅଫିସ, ୧୫।୪**

ଭଦ୍ରକ ପୌରାଞ୍ଚଳ ଅଧୀନ କୁଆଁସ ବଡ଼ଦାଣ୍ଡରେ ଥିବା ଆଦ୍ୟାଶକ୍ତି ମା' ଦୁର୍ଗା ମନ୍ଦିରର ୧ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ତ୍ରିଦିବସୀୟ ଉତ୍ସବର ପ୍ରଥମ ଦିବସରେ ଗୁରୁବାର କଳସ ଶୋଭାଯାତ୍ରା ଓ ଅଧିବାସ, ଦ୍ୱିତୀୟ ଦିବସ ଶୁକ୍ରବାର ମା'ଙ୍କ ମହାସ୍ନାନ, ରୁଦ୍ରାଭିଷେକ, ଗୀତାଯଜ୍ଞ ଓ ସନ୍ଧ୍ୟାରେ ନିଶିପ୍ରହରୀ ହୋଇଥିଲା। ଶନିବାର ତୃତୀୟ ଦିବସରେ ଦଶମହାବିଦ୍ୟା ନବଦୁର୍ଗା, ନବଗ୍ରହ ପୂଜା, ସପ୍ତସତୀ ଚଣ୍ଡୀହୋମ କରାଯାଇଥିଲା। ମଧ୍ୟାହ୍ନରେ ୨ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରିବା ସହିତ ପ୍ରସାଦ ସେବନ କରିଥିଲେ। ଶନିବାର ସନ୍ଧ୍ୟାରେ ଯଜ୍ଞ ପୂର୍ଣ୍ଣାହୁତି ପରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ବହୁ ଶ୍ରଦ୍ଧାଳୁ ଏହି ମନ୍ଦିରରେ ପହଞ୍ଚି ସେମାନଙ୍କ ମାନସିକ ପୂରଣ ପାଇଁ ପୂଜାର୍ଚ୍ଚନା କରିଥିଲେ। ପ୍ରତିଷ୍ଠାତା ପଦ୍ମଲୋଚନ ପଣ୍ଡା ଓ ହେମଲତା ପଣ୍ଡା ଏବଂ ମନ୍ଦିର ସେବାରେ ଲାଗିଥିବା ବହୁ ଯୁବତୀଯୁବକ ସମସ୍ତ କାର୍ଯ୍ୟକ୍ରମ ତୁଲାଇଥିବା ବେଳେ ବ୍ରାହ୍ମଣ ପଣ୍ଡିତମାନେ ସମ୍ପୂର୍ଣ୍ଣ ରୀତିନୀତିରେ ମା'ଙ୍କର ସମସ୍ତ ପୂଜା ସମ୍ପନ୍ନ କରିଥିଲେ।

# ଲବଣ ସତ୍ୟାଗ୍ରହ ସ୍ମାରକୀ ଦିବସ ପାଳିତ

- ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ, ତିଳତର୍ପଣ

**ବାସୁଦେବପୁର, ୧୫।୪ (ଡି.ଏନ.ଏ.)**


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଭଦ୍ରକ ଜିଲା ବାସୁଦେବପୁର ଲବଣତୀର୍ଥ ଚୂଡ଼ାମଣି ଗୁଲାପଡିଆଠାରେ ୮୯ତମ ଲବଣ ସତ୍ୟାଗ୍ରହ ସ୍ମାରକୀ ଦିବସ ସୋମବାର ପାଳିତ ହୋଇଯାଇଛି। ସକାଳେ ସ୍ମୃତି କମିଟି ସଭାପତି ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ବେହେରା ସ୍ମୃତିସ୍ତମ୍ଭ ସାମ୍ନାରେ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଲବଣ ସତ୍ୟାଗ୍ରହ ସ୍ମାରକୀ କମିଟି ପକ୍ଷରୁ ଲବଣତୀର୍ଥ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିସହ ଲବଣ ସତ୍ୟାଗ୍ରହରେ ସାମିଲ ସତ୍ୟାଗ୍ରହୀଙ୍କ ଆତ୍ମାର ସଦ୍‌ଗତି ପାଇଁ ତିଳତର୍ପଣ ଓ ପୂଜାପାଠ କରାଯାଇଥିଲା। ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଛାତ୍ର ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରି ଲବଣତୀର୍ଥର ଐତିହ୍ୟ ଓ କିମ୍ବଦନ୍ତୀ ସମ୍ପର୍କରେ ଅବଗତ ହୋଇଥିଲେ।

ସ୍ମୃତି କମିଟି ସଭାପତି ବେହେରାଙ୍କ ସଭାପତିତ୍ୱରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସାମାଜିକ କର୍ମୀ ଚିନ୍ତାମଣି ଦାସ ଏଥିରେ ଯୋଗଦେଇ ଲବଣ ସତ୍ୟାଗ୍ରହରେ ଚୂଡ଼ାମଣି ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିବା ସହିତ ଲବଣ ଆଇନକୁ ଭଙ୍ଗ କରି ସତ୍ୟାଗ୍ରହୀମାନେ ଲୁଣ ମାରି ଇଂରେଜ ସରକାରକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ବୋଲି ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ମଲ୍ଲିକ, ଭାଗୀରଥି ବିନ୍ଧାଣୀ, ଅଜୟ ପଣ୍ଡା, ଶଶୀକାନ୍ତ ନାୟକ ଓ ନୀଳକଣ୍ଠ ମଲ୍ଲିକ ପ୍ରମୁଖ ଲବଣ ସତ୍ୟାଗ୍ରହର ଗୁରୁତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସ୍ମୃତି କମିଟି ସମ୍ପାଦକ ଗଗନ ବିହାରୀ ସେଠୀ ଅତିଥି ପରିଚୟ ପ୍ରଦାନ ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ମରାମତି ହେଲା ଜାତୀୟ ରାଜପଥ

**ଆରଡ଼ି, ୧୫।୪ (ଡି.ଏନ.ଏ.)**



ଆରଡ଼ି ଫାଣ୍ଡି ନିକଟରେ ରାସ୍ତା ମରାମତି ହୋଇଛି।

ଭଦ୍ରକ ଜିଲା ଆରଡ଼ି ଫାଣ୍ଡି ନିକଟରେ ୨୦ ନମ୍ବର ଜାତୀୟ ରାଜପଥରେ ହୋଇଥିବା ଖାଲ ମରାମତି ହୋଇଛି। ପ୍ରାୟ ବର୍ଷେରୁ ଊର୍ଦ୍ଧ୍ୱ ହେବ ଏଠାରେ ଏକ ବିରାଟ ଖାଲ ସୃଷ୍ଟି ହୋଇଥିଲା। ଏହା ବିଭାଗୀୟ ଓ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆଢୁଆଳରେ ରହିଥିଲା। ଏ ସମ୍ପର୍କରେ 'ଜାତୀୟ ରାଜପଥରେ ଖାଲ ସାଜୁଛି ବିପଦ' ଶୀର୍ଷକ ଖବର ଗତ ୧୧ ତାରିଖରେ ଧରିତ୍ରୀରେ ପ୍ରକାଶିତ ହୋଇଥିଲା। ଏହାପରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ କରି କନିଷ୍ଠ ଯନ୍ତ୍ରୀ ଶୁଭସ୍ମିତା ପାଣି ଖବର ପ୍ରକାଶନର ଦିନକ ପରେ ଅର୍ଥାତ୍ ୧୨ ତାରିଖରେ ଅସ୍ଥାୟୀ ଭାବେ ଉକ୍ତ ଖାଲ ପୋତିଦେବା ବ୍ୟବସ୍ଥା କରିଛନ୍ତି। ଦୀର୍ଘଦିନର ଖାଲ ପୋତି ଦିଆଯାଇଥିବାରୁ ସ୍ଥାନୀୟ ଅଧିବାସୀ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ସହ ଧରିତ୍ରୀକୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହିତ ନିର୍ବାଚନ ପରେ ସେଠାରେ ଏକ ସ୍ଥାୟୀ କଲଭର୍ଟ ନିର୍ମାଣ ପାଇଁ ବିଭିନ୍ନ ମହଲରୁ ଦାବି କରାଯାଇଛି। ଉଲ୍ଲେଖନୀୟ ଯେ, ଏଠାରେ ବାଇକ୍ ଆରୋହୀମାନେ ବହୁ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଆସୁଥିଲେ। ଆରଡ଼ି ଫାଣ୍ଡି ଅଧିକାରୀ ବ୍ରଜକିଶୋର ଦାସଙ୍କ ସମେତ ସ୍ଥାନୀୟ ଅଧିବାସୀ ରାସ୍ତା ମରାମତି ପାଇଁ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ କହିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନ ଥିଲା।

## ଜଗନ୍ନାଥ ମନ୍ଦିର ବାର୍ଷିକ ଉତ୍ସବ

**ବନ୍ତ, ୧୫।୪ (ଡି.ଏନ.ଏ.)**

ବନ୍ତ ବ୍ଲକ ଗଣିଜାଙ୍ଗସ୍ଥିତ ନୂଆ ହରିହାଟ ଜଗନ୍ନାଥ ମନ୍ଦିରର ୨ୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନିକଟସ୍ଥ ମହାଦେବ ପୁଷ୍କରିଣୀରୁ ୨୧ଟି କଳସରେ ଜଳ ଅଣାଯାଇ ଘଟସ୍ଥାପନା ପୂର୍ବକ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। କର୍ତ୍ତା ଭାବେ ଜଗନ୍ନାଥ ପତି, ନାରାୟଣ ପ୍ରଧାନ ଓ ମନୋଜ ପଣ୍ଡା ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ପୂଜକ ଭାବେ ଗୋବିନ୍ଦ ମିଶ୍ର, ରାମ ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ପଣ୍ଡା ଓ ନୀଳାମ୍ବର ମିଶ୍ର ପ୍ରମୁଖ ପୂଜା ସମ୍ପନ୍ନ କରିଥିଲେ। ଦୁଇଦିନ ବ୍ୟାପୀ କାର୍ଯ୍ୟକ୍ରମରେ ପ୍ରବଚନ ସାଙ୍ଗକୁ ଭଜନ ସମାରୋହ ଆଦି ଅନୁଷ୍ଠିତ ହୋଇଥିଲା। କୁନି ବରାଳ, ଏକାଦଶୀ ସେଠୀ, ମଧୁ ସେଠୀ, ମାୟାଧର ମଳିକ, ନାରାୟଣ ସେଠୀ, ରାମ ମଳିକ, ମୁକ୍ତିକାନ୍ତ ଘଡେଇ, ସନାତନ ଜେନା ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

## ସାଇବାବାଙ୍କ ପାଲିଙ୍କି ଶୋଭାଯାତ୍ରା

**ବାସୁଦେବପୁର, ୧୫।୪ (ଡି.ଏନ.ଏ.)**

ବାସୁଦେବପୁରସ୍ଥିତ ଶିରିଡ଼ି ସାଇ ମନ୍ଦିର ଭକ୍ତମଣ୍ଡଳୀଙ୍କ ପକ୍ଷରୁ ଶନିବାର ସନ୍ଧ୍ୟାରେ ଶ୍ରୀଶ୍ରୀ ଶିରିଡି ସାଇବାବାଙ୍କ ପବିତ୍ର ପାଲିଙ୍କି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶତାଧିକ ଶ୍ରଦ୍ଧାଳୁ ସାଇବାବାଙ୍କ ଫଟୋଚିତ୍ରକୁ ସୁସଜ୍ଜିତ କରି ଏକ ପାଲିଙ୍କିରେ ରଖି ମନ୍ଦିରରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରା ଆଧ୍ୟାତ୍ମିକ ଓ ଧାର୍ମିକ ପରିବେଶ ସୃଷ୍ଟି କରିଥିଲା।

## 'ମନର କଥା ପରିପ୍ରକାଶ କରେ କବିତା'

**ବାସୁଦେବପୁର, ୧୫।୪ (ଡି.ଏନ.ଏ.)**

ବାସୁଦେବପୁର ଏବି ହାଇସ୍କୁଲ ପରିସରରେ ବିଷୁବ ମିଳନ ପର୍ବରେ ସାହିତ୍ୟ ପତ୍ରିକା ଅବସର ପକ୍ଷରୁ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ମିଶ୍ର ଯୋଗଦେଇ କବିତା ମଣିଷ ମନର କଥା ଓ ଭାବ ପରିପ୍ରକାଶ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଧାନ ଶିକ୍ଷକ ଯାମିନୀକାନ୍ତ ପାଢୀ ଓ କବି ରତ୍ନାକର ବାରିକ ଯୋଗଦେଇ କବିତା ସମାଜ ହିତରେ ଲେଖାଯିବା ଆବଶ୍ୟକ ବୋଲି ମତ ରଖିବା ସହିତ ଏହା ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ ବୋଲି କହିଥିଲେ। ଅନୁବାଦକ ଅଭିମନ୍ୟୁ ବେହେରା ସଭାରେ ପୌରୋହିତ୍ୟ କରିଥିଲେ। କବିତା ପାଠୋତ୍ସବରେ ସଂଯୋଜନା କରିଥିଲେ କବି ଅମ୍ବିକା ବେହେରା ଓ ହୃଷୀକେଶ ବାରିକ। କବି ପ୍ରଦୀପ୍ତ ମହାନ୍ତି, ଅଧ୍ୟାପକ ଡ. ବସନ୍ତ ଦାସଙ୍କ ସମେତ ବିଭିନ୍ନ ଅଞ୍ଚଳର କବି ଯୋଗ ଦେଇଥିଲେ। ୫୦ରୁ ଊର୍ଦ୍ଧ୍ୱ କବୟିତ୍ରୀ କବି କବିତା ପାଠ କରିଥିଲେ।

# ବିଭିନ୍ନ ଦେବୀପୀଠ ଉତ୍ସବମୁଖର

**ଭଣ୍ଡାରିପୋଖରୀ/ବାସୁଦେବପୁର, ୧୫।୪ (ଡି.ଏନ.ଏ.)**

ପଣା ସଂକ୍ରାନ୍ତି ପାଇଁ ରବିବାର ଭଦ୍ରକ ଜିଲାର ବିଭିନ୍ନ ଦେବୀପୀଠ ଉତ୍ସବମୁଖର ହୋଇଥିଲା। ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ଅଞ୍ଚଳରେ ଥିବା ଦେବୀପୀଠ ଉତ୍ସବମୁଖର ଥିବାବେଳେ ନେରଡ଼ା ଗ୍ରାମସ୍ଥିତ ବୈତରଣୀ ନଦୀକୂଳରେ ପୂଜା ପାଉଥିବା ମା' ସୁନାମୁହିଁ ପୀଠରେ ରବିବାର ସକାଳୁ ଭକ୍ତଙ୍କ ଭିଡ଼ ଲାଗିରହିଥିଲା। ଶ୍ରଦ୍ଧାଳୁମାନେ ମା'ଙ୍କ ପାଖରେ ଭୋଗ ସହ ପଣା ଲାଗି କରିଥିଲେ। ଗ୍ରାମବାସୀ ଓ ମନ୍ଦିର ପରିଚାଳନା କମିଟି ସହଯୋଗରେ ପୂଜାକାର୍ଯ୍ୟ ସମାପନ ସହ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ପୀଠରେ ରାଜନେତାଙ୍କ ଭିଡ଼ ମଧ୍ୟ ପରିଲକ୍ଷିତ ହୋଇଥିଲା। ପୂର୍ବାହ୍ନରେ ଭାଜପାର ବିଧାୟକ ପ୍ରାର୍ଥୀ ବଦ୍ରିନାରାୟଣ ଧଳ, ଅପରାହ୍ନରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ପୂଜାର୍ଚ୍ଚନା କରିଥିଲେ। ସେହିପରି ହନୁମାନ ଜୟନ୍ତୀ ଉପଲକ୍ଷେ ହନୁମାନ ପୀଠଗୁଡ଼ିକରେ ହୋମଯଜ୍ଞ, ହନୁମାନ ଚାଳିଶା ପାଠ ହୋଇଥିଲା। ଭଣ୍ଡାରିପୋଖରୀ ବଜାର ପାଳଦାବାଙ୍କ ହନୁମାନ ପୀଠ, ରାଢୋଛକ, ବାରିକପୁର, ଛଡାବର, ମଞ୍ଜୁରିରୋଡ, ମାଳଦା, ଡାହାଲା, ମଣିନାଥପୁର, ମୁଢାପଦା ମହାବୀର ମନ୍ଦିର, କୁଲଣା, ମହୁରା, ରହଣିଆ, ସାତଶୋଳା, କୁରିଗାଁ, ଫତେପୁର, ଯଶୋଟିକିରି, ଦେଉଳିପଦି, ଦେହୁଡି ଆନନ୍ଦପୁର ମହାବୀର ମନ୍ଦିରଠାରେ ଯଜ୍ଞ, ଚଣ୍ଡୀ ପୂଜା ସହ ହନୁମାନ ଚାଳିଶା ପାଠ କରାଯାଇଥିଲା।

ବାସୁଦେବପୁର ଅଞ୍ଚଳର ଦେବୀପୀଠ ମା' ବୁଢୀମଙ୍ଗଳା ଓ ଆଙ୍କୁଡା ପ୍ରଗଣାର ମା' ଆଙ୍କୁଡେଶ୍ୱରୀଙ୍କ ପୀଠ ଉତ୍ସବମୁଖର ହୋଇଥିଲା। ଶତାଧିକ ଶ୍ରଦ୍ଧାଳୁ ଏହି ଦୁଇ ଶକ୍ତିପୀଠ ସମେତ ଗ୍ରାମଦେବତୀଙ୍କଠାରେ ପୂଜାର୍ଚ୍ଚନା କରିଥିଲେ। ଘଟ ପାଟୁଆ ଦଳ ଗାଁ ଗାଁ ପରିକ୍ରମା କରି ଶକ୍ତିପୀଠଗୁଡ଼ିକରେ ପହଞ୍ଚି ମା'ଙ୍କ ଆଜ୍ଞାମାଳ ନେଇଥିଲେ। ମାନସିକଧାରୀମାନେ ମା'ଙ୍କ ନିକଟରେ ମାଟିଘୋଡା ଦାନ କରିବା ସହ ପାଣି ଛଡାଇ ମାନସିକ ପୂରଣ କରିଥିଲେ।

# ଧାନକିଣା ନ ଯିବା ପ୍ରତିବାଦରେ ରାସ୍ତାରୋକୋ

**ବନ୍ତ, ୧୫।୪ (ସ୍ୱ.ପ୍ର.)**


ଅଧିକାରୀମାନେ ଚାଷୀଙ୍କ ସହ ଆଲୋଚନା କରୁଛନ୍ତି।

**ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ**

ଭଦ୍ରକ ଜିଲା ବନ୍ତ ବ୍ଲକ ବସନ୍ତିଆ ସେବା ସମବାୟ ସମିତିରୁ ଧାନ କିଣା ନ ଯିବା ପ୍ରତିବାଦରେ ସୋମବାର ସକାଳେ ଚାଷୀମାନେ ଧାନବସ୍ତା ରଖି ରାସ୍ତାରୋକୋ କରିଥିଲେ। ପରେ ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଧାନ ଉଠାଇବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ବସନ୍ତିଆ ପଞ୍ଚାୟତର ୪୦ରୁ ଊର୍ଦ୍ଧ୍ୱ ଚାଷୀ ଦୁଇମାସ ଧରି ଧାନବସ୍ତା ପକାଇ ରଖିଥିବା ବେଳେ ସେମାନଙ୍କର ଧାନ ଉଠାଯାଉ ନ ଥିଲା। ବୁଲା ଗୋରୁ, ଛେଳିଙ୍କ ଆହାର ପାଲଟିଥିବା ଓ କାଳବୈଶାଖୀ ବର୍ଷାରେ ଧାନ ସବୁ ଗଜା ହୋଇଯାଇଥିବା ଚାଷୀମାନେ ଅଭିଯୋଗ କରିଥିଲେ। ସମିତିର ଧାନକିଣା ଟାର୍ଗେଟ୍ ଥିବାବେଳେ ପିପାଶ୍ ବନ୍ଦ ଥିବା କାରଣରୁ ମିଲର୍‌ମାନେ ଧାନ ଉଠାଉ ନ ଥିବା ସମ୍ପାଦକ ବିବେକାନନ୍ଦ ବିଶ୍ୱାଳ କହିଥିଲେ। ଚଳିତବର୍ଷ ସମିତି ଅଧୀନରେ ୭୦୦ ଚାଷୀ ଅନ୍‌ଲାଇନ ପଞ୍ଜୀକରଣ କରିଥିବା ବେଳେ ୫୯, ୯୦୦ କୁଇଣ୍ଟାଲ ଧାନ କିଣାଯିବାକୁ ଟାର୍ଗେଟ୍ ହୋଇଥିଲା। ଭଦ୍ରକ ଜିଲାର ୪, ଯାଜପୁରର ୨ ଓ ସମ୍ବଲପୁର ଜିଲାର ୨ ମୋଟ ୮ ମିଲ୍ ଧାନ କିଣିବାକୁ ଟେକ୍‌ଅପ୍ କରାଯାଇଥିଲା। ଏପର୍ଯ୍ୟନ୍ତ ୪୬ ହଜାର କୁଇଣ୍ଟାଲ ଧାନ କିଣା ହୋଇଥିବା ବେଳେ ଟାର୍ଗେଟ୍ ଥାଇ ଧାନ ଉଠାଯାଇ ନ ଥିବାରୁ ଚାଷୀମାନେ ଭଦ୍ରକ–ଆନନ୍ଦପୁର ୫୩ ନମ୍ବର ରାଜ୍ୟ ରାଜପଥ ଅବରୋଧ କରିଥିଲେ। ଏଥିଯୋଗୁ ରାସ୍ତାର ଉଭୟପାର୍ଶ୍ୱରେ ବହୁସଂଖ୍ୟାରେ ଗାଡ଼ି ମୋଟର ଅଟକି ରହିଥିଲା।

ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟା ବେଳେ ଏସ୍‌ଏଆର୍‌ସିଏସ୍ ନିରଞ୍ଜନ ମାଝି, ଜିଲା ଯୋଗାଣ ଅଧିକାରୀ ଅଶୋକ କୁମାର ମାଝି, ଏସିଏସ୍‌ଓ ମାନସ ରଞ୍ଜନ ମହାପାତ୍ର, ବ୍ଲକ ଯୋଗାଣ ଅଧିକାରୀ ଅଶୋକ କୁମାର ବେହେରା, ବନ୍ତ ଥାନାଧିକାରୀ ଗଣେଶ୍ୱର ପ୍ରଧାନ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ସମିତିରୁ ଧାନ ଉଠାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଚାଷୀ ନିରଞ୍ଜନ ମଲ୍ଲିକ, ରମେଶ ମଲ୍ଲିକ, ଦିଲୀପ ଦାସ, ପ୍ରଫୁଲ୍ଲ ସାହୁ, ଦିଲୀପ ଘୋଷ, ସନ୍ତୋଷ ମଲ୍ଲିକ, ସୁଦର୍ଶନ ସାହୁ, ଅଶୋକ ସାହୁ, ପବିତ୍ର ମୋହନ ନାୟକ, ନାରାୟଣ ଦାଶ, ମାର୍କଣ୍ଡ ମିଶ୍ର, ସୁବଳ ଧଳ, ଅନୀଲ ବେହେରା ଓ ଭାଗବତ ମିଶ୍ରଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ଚାଷୀ ରାସ୍ତା ଅବରୋଧ କରିଥିଲେ। ବନ୍ତ ଥାନା ପୋଲିସ ଘଟଣାସ୍ଥଳରେ ମୁତୟନ ରହିଥିଲେ।




# ଟମାଟୋ ଫେସ୍‌ମାସ୍କ

**ଟମାଟୋ ଆମ ଶରୀର ଲାଗି ବହୁତ ଉପାଦେୟ। ଏହା ମଧ୍ୟ ହିମୋଗ୍ଲୋବିନ୍ ବଢ଼ାଇବାରେ ସହାୟକ ହୁଏ। କିନ୍ତୁ ଆପଣ ଜାଣିଛନ୍ତି କି ଏହି ଟମାଟୋ ମୁହଁର ସୁନ୍ଦରତା ବଢ଼ାଇଥାଏ ? ଆଜ୍ଞା ହଁ , ଟମାଟୋରେ ପ୍ରସ୍ତୁତ ଫେସମାସ୍କ ମୁହଁର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିବାରେ ସାହାଯ୍ୟ କରିଥାଏ। ତେବେ ଆସନ୍ତୁ ଜାଣିବା ଟମାଟୋରେ କିପରି ଫେସମାସ୍କ ବ୍ୟବହାର ସମ୍ପର୍କରେ..**

### ଟମାଟୋ ଓ ଦହି

ଟମାଟୋ ଓ ଦହିର ମିଶ୍ରଣକୁ ମୁହଁରେ ଲଗାନ୍ତୁ। ଏହାକୁ ପ୍ରସ୍ତୁତ କରିବାକୁ ହେଲେ ଅଳ୍ପ ଟମାଟୋ ରସ, ଏକ ଚାମଚ ଦହି, ଏକ ଚାମଚ ଲେମ୍ବୁରସ, ଅଳ୍ପ ପରିମାଣର ହଳଦୀ ଓ ଏକ ଚାମଚ ମହୁ ନିଅନ୍ତୁ। ଏବେ ଏକ ପାତ୍ରରେ ସବୁ ସାମଗ୍ରୀକୁ ଭଲଭାବେ ମିଶାଇ ଦିଅନ୍ତୁ। ପରେ ଏହି ପେଷ୍ଟକୁ ମୁହଁରେ ଲଗାନ୍ତୁ। ଏହା ମଧ୍ୟ ଆଖିତଳ ଡାର୍କ ସର୍କଲ ଦୂର କରିବା ସହ ମୁହଁର ତ୍ୱଚାରେ ନମନୀୟତା ଆଣିଥାଏ।

### ଟମାଟୋ ଓ ଅଲିଭ୍ ଅଏଲ

ଟମାଟୋ ଓ ଅଲିଭ ଅଏଲର ପେଷ୍ଟ ଲଗାଇବା ଦ୍ୱାରା ତ୍ୱଚା ସଫା ଦେଖାଯାଏ। ଏହି ପେଷ୍ଟ ମୁହଁରେ ଥିବା ଦାଗ ଦୂର କରିବାରେ ସାହାଯ୍ୟ କରେ। ଯେଉଁମାନଙ୍କର ମୁଖବ୍ରଣ ସମସ୍ୟା ରହିଛି, ତାଙ୍କ ପାଇଁ ଏହି ପେଷ୍ଟ ଭଲ କାମ କରିଥାଏ। ଏହି ପ୍ୟାକ୍ ପ୍ରସ୍ତୁତ କରିବାକୁ ହେଲେ ଟମାଟୋ ରସ ଏକ ଚାମଚରେ ଅଲିଭ୍ ଅଏଲକୁ ମିଶାନ୍ତୁ। ମୁହଁ ତଥା ବେକରେ ଲଗାଇ ୧୦ ମିନିଟ୍ ପର୍ଯ୍ୟନ୍ତ ଛାଡିଦିଅନ୍ତୁ। ତା'ପରେ ଧୋଇହୋଇ ପଡିଲେ ମୁହଁରେ ଚମକ ଆସିଥାଏ।

### ଟମାଟୋ ଓ ଆଲୋଭେରା

ଟମାଟୋ ସହିତ ଆଲୋଭେରା ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ ମୁହଁରେ ଲଗାଇ ୧୦ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ଫେସ୍‌ମାସ୍କ ଶୁଖିଗଲା ପରେ ଭଲଭାବେ ଧୋଇଦିଅନ୍ତୁ। ଏହାଦ୍ୱାରା ଡାର୍କ ସର୍କଲ ଓ ଡାର୍କ ସ୍ପଟ୍ ଦୂର ହୋଇଥାଏ।

### ଟମାଟୋ ଓ ମହୁ

ଟମାଟୋ ଓ ମହୁକୁ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ପ୍ରସ୍ତୁତ କରିବାକୁ ହେଲେ ଗୋଟିଏ ଛୋଟ ଟମାଟୋ, ଦୁଇ ଚାମଚ ମହୁରେ ଏକ ଚାମଚ ଲେମ୍ବୁରସକୁ ଭଲଭାବେ ମିଶାନ୍ତୁ। ଏହି ପେଷ୍ଟକୁ ହାଲ୍‌କା ହାତରେ ମୁହଁରେ ଲଗାଇ ଦିଅନ୍ତୁ। ପାଖାପାଖି ୧୫ମିନିଟ୍ ରଖିବା ପରେ ମୁହଁକୁ ଭଲଭାବେ ଧୋଇଦିଅନ୍ତୁ। ଏହାଦ୍ୱାରା ମୁହଁ ଆହୁରି ଉଜ୍ଜ୍ୱଳ ଦେଖାଯିବ।



ଖାଦ୍ୟରୁଚି

# ଡାଲ୍ ପନିର

**ଆବଶ୍ୟକ ସାମଗ୍ରୀ**


ଗୁଣ୍ଡ ହୋଇଥିବା ପନିର ଏକ କପ୍, ଭିଜା ଯାଇଥିବା ଚଣାଡାଲି ଦୁଇକପ୍, ଏକ ଚାମଚ ଅଦା ରସୁଣ ପେଷ୍ଟ, ତେଜପତ୍ର, ଶୁଖିଲା ଲଙ୍କା, ଲବଙ୍ଗ, ଡାଲ୍‌ଚିନି ଖଣ୍ଡ, ଦୁଇଟି କଳା ଇଲାଇଚି, ଛୋଟ ଆକାରରେ କଟା ହୋଇଥିବା ପିଆଜ ୨ଟା, କଟା ହୋଇଥିବା ଟମାଟୋ ଦୁଇଟି, ଏକ ଚାମଚ ହଳଦୀଗୁଣ୍ଡ, ଦୁଇ ଚାମଚ କଶ୍ମୀରୀ ମିର୍ଚ୍ଚ ପାଉଡର, ଆବଶ୍ୟକ ଅନୁସାରେ ତେଲ ଏବଂ ସ୍ୱାଦ ଅନୁସାରେ ଲୁଣ।



**ପ୍ରସ୍ତୁତି ପ୍ରଣାଳୀ**

ଏକ କଡ଼ାଇରେ ତେଲ ଗରମ କରି ପନିରକୁ ଭାଜନ୍ତୁ। ଭାଜି ହେଲାପରେ ପ୍ରେସରକୁକରରେ ତେଲ ପକାଇ ଶୁଖିଲା ଲଙ୍କା, ଲବଙ୍ଗ, ତେଜପତ୍ର, ଡାଲ୍‌ଚିନି ଓ ଇଲାଇଚି ପକାଇ ଛୁଙ୍କ କରନ୍ତୁ। ଏହାପରେ ପିଆଜ ପକାଇ ଏହା ଗୋଲଡେନ୍ କଲର ହେବା ପର୍ଯ୍ୟନ୍ତ ଭାଜନ୍ତୁ। ପୁଣି ଅଦା-ରସୁଣ ପେଷ୍ଟ, ହଳଦୀ ପାଉଡର, କଶ୍ମୀରୀ ମିର୍ଚ୍ଚ ପାଉଡର, ଟମାଟୋ ପକାଇ କିଛି ସମୟ କଷନ୍ତୁ। ଏବେ ଏଥିରେ ଚଣାଡାଲି, ଲୁଣ, ପାଣି ପକାନ୍ତୁ। ପାଣି ଯେତେବେଳେ ଫୁଟିବା ଆରମ୍ଭ କରୁଛି ସେତେବେଳେ ତାକୁ ଭଲଭାବେ ସିଝିବାକୁ ଛାଡ଼ିଦିଅନ୍ତୁ। ଯେତେବେଳେ ଡାଲି ପୂରା ସିଝିଗଲା ସେତେବେଳେ ଆଗରୁ ଭଜା ହୋଇଥିବା ପନିର ଖଣ୍ଡକୁ ପକାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଡାଲ୍ ପନିର।

# ଏଲ୍‌ଏଚ୍ ଓ ଏଫ୍‌ଏସ୍‌ଏଚ୍‌ର ସନ୍ତୁଳିତ ସ୍ତର






-ଡା. ଲିପ୍‌ସା ମିଶ୍ର


''ଏଫ୍‌ଏସ୍‌ଏଚ୍ (ଫଲିକିଲ ଷ୍ଟିମୁଲେଟିଂ ହରମୋନ) ଆସିଷ୍ଟେଟ ରିପ୍ରଡକ୍ଟିଭ ଟେକ୍ନୋଲୋଜି (ଏଆର୍‌ଟି)ରେ ଅଧିକ ବ୍ୟବହାର କରାଯାଇଥାଏ। ଫଲିକ ଷ୍ଟିମୁଲେଟିଂ ହରମୋନ ସହିତ ସିନର୍ଜିରେ ଏଲଏଚ ହରମୋନ ସାଧାରଣ ଫଲିକୁଲାର ବୃଦ୍ଧି ଓ ଓଲୁଭେଶନକୁ ଉତ୍ତେଜିତ କରିଥାଏ। ଡିମ୍ବାଶୟ ମଧ୍ୟରେ ଫ୍ଲୁଇଡ ଦ୍ୱାରା ପୂରଣ ହୋଇଥିବା ସିଷ୍ଟ ଭିତରେ ଡିମ୍ବଗୁଡିକ ଉତ୍ପନ୍ନ ହୋଇଥାଆନ୍ତି, ଯାହାକୁ 'ଫଲିକିଲ୍' କୁହାଯାଏ। ଯେତେବେଳେ ମହିଳାମାନଙ୍କର ମାସିକ ଋତୁସ୍ରାବ ହୋଇଥାଏ, କୌଣସି ପ୍ରଜନନ ଔଷଧ ଗ୍ରହଣ କରାଯାଇ ନ ଥିବା ଏକ ପ୍ରାକୃତିକ ପ୍ରଜନନ ଚକ୍ରରେ ସମୟ ଅନୁଯାୟୀ ବିଭିନ୍ନ ଫଲିକିଲର ବୃଦ୍ଧି ଘଟିଥାଏ।''

ଏଲ୍‌ଏଚ୍ ଓ ଏଫ୍‌ଏସ୍‌ଏଚ୍ କ'ଣ : ଲୁଟେଞ୍ଜିଂ ହରମୋନ (ଏଲ୍‌ଏଚ୍) ହେଉଛି ପିଟ୍ୟୁଟାରୀ ଗ୍ଲାଣ୍ଡରୁ ଉତ୍ପନ୍ନ ହେଉଥିବା ଏକ ପ୍ରମୁଖ ପ୍ରଜନନକାରୀ ହରମୋନ, ଯାହା ଋତୁଚକ୍ର ଏବଂ ଓଭୁଲେଶନ ସମୟକୁ ନିୟନ୍ତ୍ରଣ କରିଥାଏ। ଏଲ୍‌ଏଚ ଉତ୍ପନ୍ନର ସ୍ତରଗୁଡିକ ବଢିବା ସହିତ ଓଭୁଲେଶନ ମଧ୍ୟ ପ୍ରଭାବିତ ହୋଇଥାଏ। ସେହିପରି ଫଲିକିଲ ଷ୍ଟିମୁଲେଟିଂ ହରମୋନ(ଏଫ୍‌ଏସ୍‌ଏଚ୍) ହେଉଛି ପ୍ରତ୍ୟେକ ଋତୁଚକ୍ରରେ ଡିମ୍ବାଶୟରେ ଡିମ୍ବଗୁଡିକର ପରିପକ୍ୱତା ନିମନ୍ତେ ପିଟ୍ୟୁଟାରୀ ଗ୍ଲାଣ୍ଡରୁ ଉତ୍ପନ୍ନ ହେଉଥିବା ଆଉ ଏକ ଦରକାରୀ ପ୍ରଜନନକାରୀ ହରମୋନ। ଚକ୍ର ସମୟରେ ଏଫ୍‌ଏସଏଚ୍‌ର ସ୍ତରଗୁଡିକ ଭିନ୍ନ ହୋଇଥାଏ। କିନ୍ତୁ ଓଭୁଲେଶନର କିଛି ସମୟ ପୂର୍ବରୁ ଏଗୁଡିକ ଅଧିକ ହୋଇଥାଏ।

ଆଇଭିଏଫ୍ ଚିକିତ୍ସା ସମୟରେ ଏଲ୍‌ଏଚ୍ ଓ ଏଫ୍‌ଏସ୍‌ଏଚ୍‌ର ସିନର୍ଜି କାହିଁକି ଗୁରୁତ୍ୱପୂର୍ଣ୍ଣ : ଏଫଏସଏଚ (ଫଲିକିଲ ଷ୍ଟିମୁଲେଟିଂ ହରମୋନ) ଆସିଷ୍ଟେଡ୍ ରିପ୍ରଡକ୍ଟିଭ ଟେକ୍ନୋଲୋଜି (ଏଆର୍‌ଟି)ରେ ଅଧିକ ବ୍ୟବହାର କରାଯାଇଥାଏ। ଫଲିକିଲ ଷ୍ଟିମୁଲେଟିଂ ହରମୋନ ସହିତ ସିନର୍ଜିରେ ଏଲ୍‌ଏଚ ହରମୋନ ସାଧାରଣ ଫଲିକୁଲାର ବୃଦ୍ଧି ଓ ଓଲୁଭେଶନକୁ ଉତ୍ତେଜିତ କରିଥାଏ। ଡିମ୍ବାଶୟ ମଧ୍ୟରେ ଫ୍ଲୁଇଡ ଦ୍ୱାରା ପୂରଣ ହୋଇଥିବା ସିଷ୍ଟ ଭିତରେ ଡିମ୍ବଗୁଡିକ ଉତ୍ପନ୍ନ ହୋଇଥାଆନ୍ତି, ଯାହାକୁ 'ଫଲିକିଲ୍' କୁହାଯାଏ। ଯେତେବେଳେ ମହିଳାମାନଙ୍କର ମାସିକ ଋତୁସ୍ରାବ ହୋଇଥାଏ, କୌଣସି ପ୍ରଜନନ ଔଷଧ ଗ୍ରହଣ କରାଯାଇ ନ ଥିବା ଏକ ପ୍ରାକୃତିକ ପ୍ରଜନନ ଚକ୍ରରେ ସମୟ ଅନୁଯାୟୀ ବିଭିନ୍ନ ଫଲିକିଲଗୁଡିକର ବୃଦ୍ଧି ଘଟିଥାଏ। କିଛି ସପ୍ତାହ ପରେ ଏହି ଫଲିକିଲମାନଙ୍କ ମଧ୍ୟରେ ମାତ୍ର ଗୋଟିଏ ପରିପକ୍ୱ ହେବାକୁ ଓ ଫାଟିବାକୁ ବିକଶିତ ହୋଇଥାଏ ଏବଂ ଓଭୁଲେଶନ ସମୟରେ ଏହାର ଡିମ୍ବ ନିଷ୍କାସନ କରିଥାଏ। ବିକଶିତ ହେବାକୁ ଆରମ୍ଭ କରୁଥିବା ଅନ୍ୟ ସମସ୍ତ ଫଲିକିଲ ବୃଦ୍ଧି କରନ୍ତି ନାହିଁ ଏବଂ ପୁନର୍ଗଠିତ ହୋଇଥାଆନ୍ତି। ପରିଶେଷରେ ଗର୍ଭାଶୟ ମଧ୍ୟରେ ବହୁ କମ୍ ପରିମାଣର ଡିମ୍ବ ମହିଳାମାନଙ୍କ ପ୍ରାଜନନିକ ଜୀବନ ଅବଧି ସମୟରେ ଡିମ୍ବ ନିଷ୍କାସିତ କରିବାକୁ ରହିଥାଆନ୍ତି।

ଏଆର୍‌ଟି ପୂର୍ବରୁ ଏଫ୍‌ଏସଏଚ ଥିବା ଔଷଧଗୁଡିକ ଦ୍ୱାରା ଫଲିକିଲ ଓ ଡିମ୍ବଗୁଡିକର ପୁନାରମ୍ଭ ସମ୍ଭବ। ଏହା ହେଉଛି ଏକ ହରମୋନ, ଯେଉଁ କାରଣରୁ ପିଟ୍ୟୁଟାରୀ ଗ୍ଲାଣ୍ଡ ଗୋଟିଏ ଡିମ୍ବ ବିକଶିତ କରିଥାଏ। ଯଦି ମହିଳାଙ୍କ ଏଫ୍‌ଏସ୍‌ଏଚ୍‌ର ରକ୍ତସ୍ତରର ବୃଦ୍ଧି ଘଟିଥାଏ, ତେବେ ମୋଟାମୋଟି ଭାବେ ସେହି ସମାନ ହାରରେ ବିଭିନ୍ନ ଫଲିକିଲର ବିକାଶ ହୋଇଥାଏ, ଯାହା ଏକାଧିକ ପରିପକ୍ୱ ଡିମ୍ବକୁ ସଂଗ୍ରହ କରିବା ପାଇଁ ଅନୁମତି ପ୍ରଦାନ କରିଥାଏ।

**ଆଇଭିଏଫ୍ ସାଇକେଲ ପୂର୍ବରୁ ଉପଚାରର ଭୂମିକା:** କେତେକ ମହିଳା, ଯେଉଁମାନେ ଆଇଭିଏଫ ଚିକିତ୍ସା ପାଇଁ ଇଚ୍ଛୁକ ଥାଆନ୍ତି, ସେମାନଙ୍କୁ ପରାମର୍ଶ ଦିଆଯାଇଥିବା ଉପଚାର କାରଣରୁ କିଛି ସମୟ ପାଇଁ ପିଟ୍ୟୁଟାରୀ ଗ୍ରନ୍ଥିରୁ ଅଧିକ ପରିମାଣର ଏଫ୍‌ଏସଏଚ ଏବଂ ଏଲଏଚ୍ ନିର୍ଗତ ହୋଇଥାଏ, ଯେପର୍ଯ୍ୟନ୍ତ ଏଥିରେ ଗଚ୍ଛିତ କମ୍ ହୋଇ ନ ଥାଏ। ଏହି ପ୍ରକାର ଅବିରତ ଉପଚାର ଦ୍ୱାରା ଗ୍ଲାଣ୍ଡରେ ନୂତନ ଏଫଏସଏଚ ଏବଂ ଏଲଏଚ ନିର୍ଗମନକୁ ରୋକିଥାଏ ଏବଂ ଗୋଟିଏ ଦିନ ପ୍ରତି ଏହିସବୁ ହରମୋନ ନିର୍ଗମନ ୭ରୁ ୧୦ ଦିନ ମଧ୍ୟରେ ସୀମିତ ରହିଥାଏ। ଉପଚାରର ମୁଖ୍ୟ ଲକ୍ଷ୍ୟ ହେଉଛି ଫୋଲିସିଲ ବୃଦ୍ଧି ସମୟରେ ରକ୍ତରେ ଏଲଏଚ ସ୍ତରକୁ ହ୍ରାସ କରାଇବା, ଯେବେକି ଉଚ୍ଚ ସ୍ତରର ଏଲଏଚ ଡିମ୍ବ ଗୁଣବତ୍ତାକୁ ହ୍ରାସ, ଅପରିପକ୍ୱ ଡିମ୍ବାଶୟ ନିଷ୍କାସନ ଏବଂ ଡିମ୍ବାଶୟ ଦ୍ୱାରା ପ୍ରୋଜେଷ୍ଟେରୋନ ସିନ୍ଥେସିସ୍‌କୁ ଉତ୍ତେଜିତ କରିପାରେ। ପ୍ରୋଜେଷ୍ଟେରୋନରେ ଅପରିପକ୍ୱତା ୟୁଟେରାଇନ ଲାଇନିଂର ଅନୁପଯୁକ୍ତ ବିକାଶ କରିଥାଏ ଏବଂ ଭ୍ରୂଣ ସ୍ଥାପନାରେ କମ୍ ଆଶଙ୍କା ଥାଏ। ଏଲଏଚ ଏବଂ ଏଫଏସଏଚ୍‌ର ସିନର୍ଜି ରକ୍ତ ସ୍ତରର ଅହେତୁକ ବୃଦ୍ଧିର କାରଣ ହୋଇଥାଏ। ତୃତୀୟ ଦିନର ଉପଚାରରେ ଏଲଏଚ୍+ଏଫଏସଏଚ୍‌ର ସତ୍ତ୍ୱକୁ ଏକତ୍ର ନିଆଯାଏ, ଯାହାକି ଫୋଲିସିଲର ଅବିରତ ବୃଦ୍ଧିକୁ ଉତ୍ତେଜିତ କରିଥାଏ, ଯେବେକି ଏଫଏସଏଚ୍‌ର ପିଟ୍ୟୁଟାରୀ ନିର୍ଗମନ ହ୍ରାସ ପାଇଥାଏ।



ନିକଟରେ କରାଯାଇଥିବା ସର୍ବେକ୍ଷଣରୁ ଜଣାଯାଇଛି ଯେ, ଏଲଏଚ୍ କମ୍ ଥିବା ରୋଗୀମାନଙ୍କର ଡିମ୍ବାଶୟର ପ୍ରତିକ୍ରିୟା ଆଣ୍ଟାଗୋନିଷ୍ଟ ସାଇକେଲ ମଧ୍ୟରେ ଗତି କରିଥାନ୍ତି ଏବଂ ଥରେ ଯେତେବେଳେ ଏଫଏସଏଚ ଏଲଏଚ ସପ୍ଲିମେଣ୍ଟେଶନ ସହିତ ଏକତ୍ର ହୋଇଥାଏ, ସେତେବେଳେ କିଛି ନିର୍ଦ୍ଦିଷ୍ଟ ଫଳାଫଳ ପାଇଁ ଏଫଏସଏଚ ଏକୁଟିଆ ପୁନଃ ମିଳନ ହୋଇଥାଏ। ଏହାର ମୁଖ୍ୟ ଫଳାଫଳ ଥିଲା କି ଜନ୍ମ ହେବା ରେଟ୍ ଏବଂ ଦ୍ୱିତୀୟ ଫଳାଫଳଗୁଡିକ ଉତ୍ତମ ଏସ୍ତ୍ରାଡିଅଲ ସ୍ତର, ଡିମ୍ବ ସଂଖ୍ୟା ସଂଗ୍ରହ, ଭ୍ରୂଣ ସ୍ଥାନାନ୍ତରଣ ଏବଂ ପ୍ରୋଜେନ, ମହିଳାମାନଙ୍କଠାରେ ଏଣ୍ଡୋମେଟେରିଆଲ ମୋଟାପା ଦେଖାଯାଇଥାଏ, ଯେଉଁମାନେ କି ଏକତ୍ର ସପ୍ଲିମେଣ୍ଟ ନେଇଥାନ୍ତି।



ପାଖାପାଖି ୨୦୭ ଆଇଭିଏଫ ସାଇକେଲଙ୍କ ମଧ୍ୟରେ ଏକ କେସ୍ ଷ୍ଟଡି କରାଯାଇଥିଲା। ଯେଉଁଠାରେ ୮୧ଟି ସାଇକେଲ ସ୍ୱାଭାବିକ ଥିବା ବେଳେ ୫୧ ଜଣଙ୍କୁ ଏଲଏଚ ସପ୍ଲିମେଣ୍ଟେଶନ ଦିଆଯାଇଥିଲା ଏବଂ ୭୫ ଜଣଙ୍କୁ କିଛି ଦିଆଯାଇ ନ ଥିଲା। ଉକ୍ତ ତିନୋଟି ଦଳଙ୍କୁ ବୟସ ଅନୁଯାୟୀ, ଏଫଏସଏଚ ପ୍ରାରମ୍ଭିକ ଡୋଜ୍, ଭ୍ରୂଣ ସଂଖ୍ୟାରେ ସ୍ଥାନାନ୍ତରଣ, ଫ୍ରୋଜେନ ଭ୍ରୂଣର ସଂଖ୍ୟା ଏବଂ ଏଣ୍ଡୋମେଟେରିଆଲ ମୋଟାପା ଭିତ୍ତିରେ ପୃଥକ୍ କରାଯାଇଥିଲା। ତେଣୁ ଗ୍ରୁପ୍ ୧ର ୮୦ ଜଣ ମହିଳା ଏଫଏସଏଚ୍ ଉତ୍ତେଜନାର ମଧ୍ୟମ ସମୟର ଖୁବ୍ କମ୍‌ରେ ରହିଥିଲେ। ଏକ ଗୁରୁତ୍ୱପୂର୍ଣ୍ଣ ଭାବେ କେତେକ ଡିମ୍ବାଣୁ ଉଭୟ ଅନ୍ୟ ଗ୍ରୁପ୍ ତୁଳନାରେ ସଂଗ୍ରହ କରାଯାଇଥିଲା। ଯଦିଓ ସେମାନଙ୍କ ମଧ୍ୟରେ ଭ୍ରୂଣ ସ୍ଥାନାନ୍ତରଣ କିମ୍ବା ପ୍ରୋଜେନ ସଂଖ୍ୟାରେ କିଛି ବି ପାର୍ଥକ୍ୟ ନ ଥିଲା। ଗ୍ରୁପ୍ ୨ ଦଳର ମହିଳାମାନେ ଏଲଏଚ ସପ୍ଲିମେଣ୍ଟାରେ ଥିବା ବେଳେ ଯେଉଁ ରୋଗୀମାନେ ସପ୍ଲିମେଣ୍ଟ ନେଇ ନ ଥିଲେ ସେମାନଙ୍କ ତୁଳନାରେ ସିରମ ଏସ୍ତ୍ରାଡିଅଲ ସଂଖ୍ୟା ଅଧିକ ରହିଥିଲା।

ଏହିପରି ଭାବରେ ମହିଳା ମାନଙ୍କର ଏକ ବଡ଼ ଦଳ ଏଲଏଚ ସପ୍ଲିମେଣ୍ଟେଶନରୁ ଉପକୃତ ହୋଇ ଥିଲେ। ଯଦି ଉପଯୁକ୍ତ ରୋଗୀଙ୍କ ଉପରେ ଦୃଷ୍ଟିକେନ୍ଦ୍ରିତ କରାଯାଏ, ତେବେ ଆଇଭିଏଫ୍‌ରେ ଏଲଏଚ ଏବଂ ଏଫଏସଏଚ୍ ସାଇକେଲର ସମ୍ଭାବନା ଉପାଦେୟ ହୋଇପାରେ। ଆଇଭିଏଫର ସଫଳତା ମାତ୍ରା ହେଉଛି ଅଧିକ କିନ୍ତୁ କିଛି ନିର୍ଦ୍ଦିଷ୍ଟ ମହିଳାମାନଙ୍କ କ୍ଷେତ୍ରରେ ଅଧିକ ନୁହେଁ, ଯେଉଁମାନେ କି ବାରମ୍ବାର ଶାରୀରିକ, ଆବେଗିକ ଏବଂ ଆର୍ଥିକ ଚିନ୍ତା ଦେଇ ବାରମ୍ବାର ଗତି କରିଥାନ୍ତି। ଉକ୍ତ ସର୍ବେକ୍ଷଣ ଏଲଏଚ୍ ସପ୍ଲିମେଣ୍ଟେଶନ ବ୍ୟବହାର ଦ୍ୱାରା ବର୍ଦ୍ଧିତ ସଫଳତା ମାତ୍ରାର କ୍ଷମତା ରହିଛି ବୋଲି ସୂଚିତ କରିଥାଏ।

*-ଆଇଭିଏଫ୍ ବିଶେଷଜ୍ଞ*
*ଇନ୍ଦିରା ଆଇଭିଏଫ୍, ଭୁବନେଶ୍ୱର*
*ମୋ:୯୪୩୮୧୭୫୧୦୮*




# କୁଲ୍ ଫୁଟ୍‌ୱେର

ଶୀତ ହେଉ କି ଖରା ସବୁ ସିଜନ୍‌ରେ ଝିଅମାନେ ନିଜକୁ ଅପ୍‌ଡେଟ୍ ରଖିବାକୁ ପସନ୍ଦ କରିଥାନ୍ତି। ଏଥିଲାଗି ଷ୍ଟାଇଲିଶ୍ ଲୁକ୍ ଦେଇଥାନ୍ତି। ଝିଅମାନଙ୍କ ଆସେସରିଜ୍ ମଧ୍ୟରୁ ଫୁଟ୍‌ୱେର ଅନ୍ୟତମ, ଯାହା ନିଜର ରଙ୍ଗରୂପ ଓ ଷ୍ଟାଇଲ୍ ଦ୍ୱାରା ଆପଣଙ୍କୁ ଷ୍ଟାଇଲିଶ୍ କରିଥାଏ। ଏଥିଲାଗି ଆଜି ଆପଣଙ୍କ ପାଇଁ କିଛି ଏମିତି ଫୁଟ୍‌ୱେର ଆଣିଛୁ, ଯାହାର ସାହାଯ୍ୟ ନେଇ ଆପଣ ଖରାଦିନେ ବି କୁଲ୍ ଲୁକ୍ ଦେଇପାରିବେ।

**କଲରଫୁଲ୍ ଫୁଟ୍‌ୱେର**

ପ୍ଲେନ୍ ଟି ଶାର୍ଟ ଓ ଜିନ୍ସ ସହିତ କଲରଫୁଲ ହିଲ୍ସ ଓ ଫ୍ଲାଟ୍ ଫୁଟ୍‌ୱେର ପିନ୍ଧାଯାଇପାରେ।

**କଲରଫୁଲ୍ ବାଲେଟ୍ ଫ୍ଲାଟ୍ ଫୁଟ୍‌ୱେର**

ଯେଉଁମାନେ ହିଲ୍ ପିନ୍ଧିବାକୁ ପସନ୍ଦ କରନ୍ତି ନାହିଁ ତାଙ୍କ ପାଇଁ ପ୍ରିଣ୍ଟେଡ୍ ବାଲେଟ୍ ପୂରା ପରଫେକ୍ଟ। ଏହା ତାଙ୍କୁ ଆରାମ ଦେଇଥାଏ।



**କାଜୁଆଲ ଫୁଟ୍‌ୱେର**

ଖରା ସିଜନ୍‌ରେ ଏହି ଫନି ଡିଜାଇନ୍ ସୁଇଟେବଲ୍ ହୋଇଥାଏ। ପାର୍ଟି ଯିବାର ଥିଲେ କି କଲେଜ୍ ଏହା ଦୁଇଟି ଯାକ ଜାଗାରେ ପିନ୍ଧିବା ପାଇଁ ଉପଯୁକ୍ତ। ଏହି ସମୟରେ ବଜାରରେ କେତେ ରଙ୍ଗର ରିବନ ଷ୍ଟ୍ରେପ୍, ବିଡ୍ସ, ଲଟକନ ଓ ରେଶମ ସୂତା ଗୁଚ୍ଛରେ ସଜ୍ଜିତ ହୋଇଥିବା ସ୍ୟାଣ୍ଡେଲ୍ ମାର୍କେଟରେ ମିଳୁଛି, ତାକୁ ବି ପିନ୍ଧିପାରିବେ।



# ଘରର ମୁଖ୍ୟ ଦ୍ୱାର ଓ ବାସ୍ତୁଶାସ୍ତ୍ର

- ଘର ସାମ୍ନାରେ କୌଣସି କଣ୍ଟାଜାତୀୟ ବୃକ୍ଷ ଲଗାନ୍ତୁ ନାହିଁ। ଏପରି ଗଛ ବାହାରେ ଲଗାଇବା ଦ୍ୱାରା ସବୁ ପଜିଟିଭ୍ ଏନର୍ଜି ବାହାରକୁ ପଳାଏ। ଏହା ସହ କଣ୍ଟାଜାତୀୟ ଫୁଲ କିମ୍ବା ଗଛ ଲଗାଇବା ଦ୍ୱାରା ଘରେ ରହୁଥିବା ସଦସ୍ୟଙ୍କ ମାନସିକ ସମସ୍ୟା ଦେଖାଯାଇପାରେ।
- ଯେଉଁ ଦୁଆର ଦେଇ ଘରେ ପ୍ରବେଶ କରୁଛନ୍ତି ସେଠି କୌଣସି ଭଙ୍ଗା ଜିନିଷ ରଖନ୍ତୁ ନାହିଁ। ଭଙ୍ଗା ଚେୟାର, ଖଟ, ସୋଫା ବା ଅନ୍ୟ କୌଣସି ସାମଗ୍ରୀ ରଖିବା ଦ୍ୱାରା ଘରେ ଅଶାନ୍ତି ବଢ଼ିଥାଏ।
- ଘରର ମୁଖ୍ୟ ଦ୍ୱାର ସାମ୍ନାରେ ମନ୍ଦିର କଲେ ସେଥିରେ ଦେବଦେବୀ ବାସ କରନ୍ତି ନାହିଁ। ଏହାଦ୍ୱାରା କେତେ କଷ୍ଟ ଭୋଗିବାକୁ ପଡ଼ିପାରେ।
- ଘର ସାମ୍ନାରେ କେବେବି କୂଅ କିମ୍ବା ଗାଡ଼ ରଖନ୍ତୁ ନାହିଁ।



"ଆଗାମୀ ବର୍ଷେ ସୁଦ୍ଧା ଫୁଲ୍‌ଫ୍ରେମ ମିରର ଲେସ୍ କ୍ୟାମେରା ବର୍ଗରେ ୨୦% ବଜାର ଅଂଶୀଦାର ହେବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି।"

–ମନୀଷ ଶର୍ମା,ସିଇଓ, ପାନାସୋନିକ ଇଣ୍ଡିଆ



"ଜେଟ ଏୟାରୱେଜ ସମସ୍ୟା ସମାଧାନ ଲାଗି ବ୍ୟାଙ୍କ, ଋଣ ପ୍ରଦାନକାରୀ ସଂସ୍ଥାଙ୍କ ସହ ମିଳିତ ହୋଇ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି।"

–ସୁରେଶ ପ୍ରଭୁ, କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ

## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀଙ୍କୁ ଜେଟ୍ ପାଇଲଟଙ୍କ ଗୁହାରି

ମୁମ୍ବାଇ,୧୫-୪: ଋଣରେ ବୁଡ଼ି ଯାଇଥିବା ଏୟାରଲାଇନ କମ୍ପାନୀ ଜେଟ୍ ଏୟାରୱେଜର ପାଇଲଟମାନେ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ)ଙ୍କ ନିକଟରେ ଚାକିରୀ ରକ୍ଷା ଲାଗି ଗୁହାରି କରିଛନ୍ତି। କମ୍ପାନୀର ପାଇଲଟ ସଂଗଠନ ନ୍ୟାଶନାଲ ଏଭିଏଟର୍ସ ଗିଲ୍‌ଡ ଏସ୍‌ବିଆଇକୁ ୧୫୦୦କୋଟି ଟଙ୍କା ଜାରି କରିବାକୁ ଅନୁରୋଧ କରିଛି। ସଂଗଠନ ସହ ଜଡ଼ିତ କମ୍ପାନୀର ୨୦ ହଜାର କର୍ମଚାରୀଙ୍କ ନିଯୁକ୍ତି ରକ୍ଷା ଲାଗି ଅନୁରୋଧ କରାଯାଇଛି। ସୂଚନାଥାଉ କି, ଋଣ ପୁନର୍ଗଠନକୁ ନେଇ ଗତ ମାସରେ ହୋଇଥିବା ଯୋଜନାନୁଯାୟୀ ଏସ୍‌ବିଆଇ ଜେଟ୍ ଏୟାରୱେଜରେ ୧୫୦୦ କୋଟି ଟଙ୍କା ନିବେଶ କରିବାର ଥିଲା। ଗିଲ୍‌ଡ ଉପାଧକ୍ଷ ଆଦିମ ବାଲିୟାନୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଜେଟ୍‌ରେ କାମ କରୁଥିବା କର୍ମଚାରୀଙ୍କ ଚାକିରୀ ବଞ୍ଚାଇବାକୁ ପଦକ୍ଷେପ ନିଅନ୍ତୁ। ସୂଚନାଥାଉ କି, ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ, ସୋମବାର ଜେଟ୍ ଏୟାରୱେଜର ପାଇଲଟ, ଇଞ୍ଜିନିୟର ଏବଂ ବରିଷ୍ଠ କର୍ମଚାରୀମାନେ ବେତନ ପାଇବା ଦାବି ନେଇ କମ୍ପାନୀ ମୁଖ୍ୟାଳୟରେ ଏକତ୍ରିତ ହୋଇଥିଲେ।

### ପାଇକାରୀ ମୁଦ୍ରାସ୍ଫୀତି ୩.୧୮%କୁ ବୃଦ୍ଧି



ନୂଆଦିଲ୍ଲୀ,୧୫-୪: ଖାଦ୍ୟପଦାର୍ଥ ଏବଂ ଇନ୍ଧନ ମୂଲ୍ୟ ବୃଦ୍ଧି କାରଣରୁ ପାଇକାରୀ ମୂଲ୍ୟ ସୂଚକାଙ୍କ ଆଧାରିତ ମୁଦ୍ରାସ୍ଫୀତି କ୍ରମାଗତ ଦ୍ୱିତୀୟ ମାସ ବୃଦ୍ଧି ପାଇଛି ଏବଂ ମାର୍ଚ୍ଚରେ ଏହା ୩.୧୮%ରେ ପହଞ୍ଚିଯାଇଛି। ସୋମବାର ଜାରି ସରକାରୀ ତଥ୍ୟରୁ ଏହା ଜଣାପଡିଛି। ଫେବୃଆରୀରେ ଏହା ୨.୯୩% ରହିଥିବା ବେଳେ ଗତବର୍ଷ ମାର୍ଚ୍ଚରେ ୨.୭୪% ରହିଥିଲା। ଚଳିତ ବର୍ଷ ମାର୍ଚ୍ଚରେ ଖାଦ୍ୟପଦାର୍ଥ ଓ ପନିପରିବା ଦରରେ ବେଶ ବୃଦ୍ଧି ପରିଲକ୍ଷିତ ହୋଇଛି। ପନିପରିବା କ୍ଷେତ୍ରରେ ମୁଦ୍ରାସ୍ଫୀତି ଫେବୃୟାରୀରେ ୬.୮୨% ଥିବା ବେଳେ ମାର୍ଚ୍ଚରେ ଏହା ବଢ଼ି ୨୮.୧୩% ହୋଇଛି। ତେବେ ଆଳୁ ଦର ଫେବୃୟାରୀରେ ୨୩.୪୦ ପ୍ରତିଶତ ରହିଥିବା ବେଳେ ମାର୍ଚ୍ଚରେ ଏହା ହ୍ରାସ ପାଇ ୧.୩୦ ପ୍ରତିଶତ ହୋଇଛି। ଆଲୋଚ୍ୟ ମାସରେ ଖାଦ୍ୟପଦାର୍ଥ ମୁଦ୍ରାସ୍ଫୀତି ୫.୬୮ ପ୍ରତିଶତ ରହିଛି। ଇନ୍ଧନ ଏବଂ ବିଜୁଳି କ୍ଷେତ୍ରରେ ମଧ ମୁଦ୍ରାସ୍ଫୀତି ଫେବୃୟାରୀରେ ୨୨୩% ରହିଥିବା ବେଳେ ମାର୍ଚ୍ଚରେ ୫.୪୧ ପ୍ରତିଶତକୁ ବୃଦ୍ଧି ପାଇଛି। ସପ୍ତାହକ ପୂର୍ବେ ପ୍ରାପ୍ତ ତଥ୍ୟରୁ ଜଣାପଡିଛି ଯେ, ମାର୍ଚ୍ଚରେ ଖୁଚୁରା ମୁଦ୍ରାସ୍ଫୀତି ୨.୮୬%କୁ ବୃଦ୍ଧି ପାଇଛି, ଯାହାକି ଫେବୃୟାରୀରେ ୨.୫୭% ରହିଥିଲା।

### ରପ୍ତାନି ୫୪୦ ବିଲିୟନ ଛୁଇଁଲା



ମେଙ୍ଗାଲୁରୁ/ନୂଆଦିଲ୍ଲୀ,୧୫-୪: ଗତ ଆର୍ଥିକ ବର୍ଷ ୨୦୧୮-୧୯ରେ ଦେଶର ରପ୍ତାନି ସର୍ବୋଚ୍ଚ ସ୍ତର ଛୁଇଁଛି। ଏହି ଅବଧିରେ ରପ୍ତାନି ୫୪୦ ବିଲିୟନ ଡଲାର ହୋଇଛି। ଏଥିମଧ୍ୟରୁ ମର୍ଚ୍ଚାଣ୍ଡାଇଜ ରପ୍ତାନି ୩୩୦ ବିଲିୟନ ହୋଇଥିବା ବେଳେ ସେବା କ୍ଷେତ୍ରରେ ୨୧୦ ବିଲିୟନ ଡଲାର ରପ୍ତାନି ହୋଇଛି ବୋଲି ବାଣିଜ୍ୟ ମନ୍ତ୍ରୀ ସୁରେଶ ପ୍ରଭୁ କହିଛନ୍ତି। ଆଲୋଚ୍ୟ ବର୍ଷରେ ଚାଇନା ସହ ଭାରତର ବାଣିଜ୍ୟ ନିଅଣ୍ଟ ୧୦ ବିଲିୟନ ଡଲାରକୁ ହ୍ରାସ ପାଇଛି, ଯାହା କି ପୂର୍ବବର୍ଷ ୬୩ ବିଲିୟନ ଡଲାର ଥିଲା। ଅନ୍ୟପକ୍ଷରେ ଦେଶର ରପ୍ତାନି ମାର୍ଚ୍ଚରେ ୧୧ପ୍ରତିଶତ ବଢ଼ି ୩୨.୫୫ ବିଲିୟନ ଡଲାରରେ ପହଞ୍ଚିଛି। ଫାର୍ମା, ରସାୟନ ଏବଂ ଇଞ୍ଜିନିୟରିଂ ଭଳି କ୍ଷେତ୍ରରେ ଉଚ୍ଚ ବୃଦ୍ଧି ଯୋଗୁ ରପ୍ତାନି ବଢ଼ିଛି। ସୋମବାର ଜାରି ସରକାରୀ ତଥ୍ୟ ଅନୁଯାୟୀ, ମାର୍ଚ୍ଚ ୨୦୧୯ରେ ଆମଦାନୀ ୧.୪୪ ପ୍ରତିଶତ ବୃଦ୍ଧି ପାଇ ୪୩.୪୪ ବିଲିୟନ ଡଲାର ରହିଛି।

## ଆର୍ଥିକ ବର୍ଷ ୨୦୧୯ରେ

# ଇଣ୍ଡିଆ ପୋଷ୍ଟକୁ ୧୫ ହଜାର କୋଟି କ୍ଷତି

ନୂଆଦିଲ୍ଲୀ,୧୫–୪



- ବିଏସ୍‌ଏନ୍‌ଏଲ, ଏୟାର ଇଣ୍ଡିଆକୁ ଟପିଗଲା
- ୨୦୧୭ରେ ବିଏସ୍‌ଏନ୍‌ଏଲ ୮ ହଜାର, ଏୟାର ଇଣ୍ଡିଆ ୫୩୪୦ କୋଟି କ୍ଷତି ସହିଛି
- ଇ-କମର୍ସ ବ୍ୟବସ୍ଥା ଆପଣାଇବାକୁ ପରାମର୍ଶ


ବିଏସ୍‌ଏନ୍‌ଏଲ ଏବଂ ଏୟାର ଇଣ୍ଡିଆ ୨୦୧୯ ଆର୍ଥିକ ବର୍ଷ(୨୦୧୮–୧୯)ରେ ସର୍ବାଧିକ କ୍ଷତି ସହିଥିବା ସରକାରୀ କମ୍ପାନୀ ମନେ କରାଯାଉଥିଲା। କିନ୍ତୁ ଅନ୍ୟ ଏକ ସରକାରୀ ସଂସ୍ଥା କ୍ଷତି ସହିବାରେ ଏହି ଦୁଇ ରାଷ୍ଟ୍ରାୟତ୍ତ କମ୍ପାନୀକୁ ବଳିଯାଇଛି। ସାରା ଦେଶରେ ୧.୫ ଲକ୍ଷରୁ ଅଧିକ ଡାକଘର ଏବଂ ପପୁଲାର ସେଭିଙ୍ଗସ ସ୍କିମ୍ ଚଳାଉଥିବା ଇଣ୍ଡିଆ ପୋଷ୍ଟର କ୍ଷତି ୨୦୧୯ ଆର୍ଥିକ ବର୍ଷ(୨୦୧୮–୧୯)ରେ ୧୫ ହଜାର କୋଟି ଟଙ୍କାରେ ପହଞ୍ଚି ଯାଇଛି। ଆର୍ଥିକ ବର୍ଷ ୨୦୧୭ରେ ବିଏସ୍‌ଏନ୍‌ଏଲ୍ ଏବଂ ଏୟାର ଇଣ୍ଡିଆର କ୍ଷତିର ପରିମାଣ ଯଥାକ୍ରମେ ୮ ହଜାର କୋଟି ଏବଂ ୫୩୪୦ କୋଟି ଟଙ୍କା ଥିଲା। କ୍ଷତିରେ ଚାଲୁଥିବା ଅନ୍ୟ ସରକାରୀ ସଂସ୍ଥା ଭଳି ଇଣ୍ଡିଆ ପୋଷ୍ଟ ଦରମା ଓ ଭତ୍ତା ବାବଦରେ ଅଧିକ ବ୍ୟୟ କରୁଛି। ଫଳରେ ଏହାର ଅପରେଟିଂ କଷ୍ଟ ବା କ୍ରିୟାନ୍ୱୟନ ଖର୍ଚ୍ଚ ବଢ଼ିବାରେ ଲାଗିଛି। କେନ୍ଦ୍ର ସରକାର ବିଭିନ୍ନ ସମୟରେ ବେତନ କମିଶନ ଲାଗୁ କରିବା ଯୋଗୁ ବର୍ତ୍ତମାନ ଇଣ୍ଡିଆ ପୋଷ୍ଟ ଦରମା ଓ ଭତ୍ତା ବାବଦରେ ଏହାର ମୋଟ ରାଜସ୍ୱର ୯୦ ପ୍ରତିଶତ ଖର୍ଚ୍ଚ କରୁଛି। ତେବେ ରାଜସ୍ୱ ଆଦାୟ ଦିନକୁ ଦିନ କମିବାରେ ଲାଗିଛି। ଆର୍ଥିକ ବର୍ଷ ୨୦୧୮–୧୯ର ସଂଶୋଧିତ ଆକଳନ ଅନୁଯାୟୀ ଦରମା ଓ ଭତ୍ତା ବାବଦରେ ଏହି ରାଷ୍ଟ୍ରାୟତ୍ତ ସଂସ୍ଥା ୧୬,୬୨୦ କୋଟି ଟଙ୍କା ଖର୍ଚ୍ଚ କରିଛି। କିନ୍ତୁ ଏହା ସେହି ବର୍ଷ ୧୮ ହଜାର କୋଟି ଟଙ୍କାର ରାଜସ୍ୱ ହାସଲ କରିଛି। ସେଥିରେ ୯୭୮୨ କୋଟି ଟଙ୍କାର ପେନସନ ବାବଦ ଖର୍ଚ୍ଚକୁ ଯୋଡି ଦିଆଗଲେ ଆଲୋଚ୍ୟ ଆର୍ଥିକ ବର୍ଷରେ କେବଳ କର୍ମଚାରୀଙ୍କ ବାବଦରେ ବ୍ୟୟ ୨୬,୪୦୦ କୋଟି ଟଙ୍କା ହୋଇଛି। ଏହି ରାଷ୍ଟ୍ରାୟତ୍ତ ସଂସ୍ଥା ଆର୍ଥିକ ବର୍ଷ ୨୦୨୦ରେ ଦରମା ଓ ଭତ୍ତା ବାବଦରେ ୧୭,୪୫୧ କୋଟି ଏବଂ ପେନସନ ବାବଦରେ ୧୦,୨୭୧ କୋଟି ଟଙ୍କା ବ୍ୟୟ କରିବ ବୋଲି ଆକଳନ କରିଛି। ସେହିବର୍ଷ ରାଜସ୍ୱ ଆଦାୟ ୧୯,୨୦୩ କୋଟି ଟଙ୍କା ରହିବ ବୋଲି ଦର୍ଶାଯାଇଛି। କମ୍ପାନୀ ଏହି କ୍ଷତିରୁ ବାହାରି ଆସିବାକୁ ପ୍ରୟାସ କରୁଥିବା ବେଳେ ସାମଗ୍ରୀ ମୂଲ୍ୟ ହ୍ରାସ ପାଉଥିବାରୁ ଏବଂ ପାରମ୍ପରିକ ସେବା କ୍ଷେତ୍ରରେ ଅନ୍ୟ ବିକଳ୍ପ ମିଳୁଥିବାରୁ ତାହା ସମ୍ଭବ ହୋଇପାରୁନି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ୪.୩୩ ଲକ୍ଷ କର୍ମଚାରୀ ଏବଂ ୧.୫୬ ଲକ୍ଷ ପୋଷ୍ଟ ଅଫିସକୁ କାର୍ଯ୍ୟରେ ଲଗାଇବା ଲାଗି ଇଣ୍ଡିଆ ପୋଷ୍ଟ ଇ–କମର୍ସ ବ୍ୟବସ୍ଥା ଆପଣାଇବାକୁ ସରକାର ପରାମର୍ଶ ଦେଇଛନ୍ତି। ଜଣେ ଅଧିକାରୀ କହିଛନ୍ତି ଯେ, ଦେଶରେ ସମସ୍ତ ବ୍ୟାଙ୍କର ଶାଖାଠାରୁ ଅଧିକ ପୋଷ୍ଟ ଅଫିସ ରହିଛି। ସେହି କାରଣରୁ କ୍ଷତି ବଢ଼ି ବଢ଼ି ଚାଲିଛି। ଇଣ୍ଡିଆ ପୋଷ୍ଟ ଗୋଟିଏ ପୋଷ୍ଟ କାର୍ଡ ଛପାଇବାରେ ୧୨.୧୫ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ମାତ୍ର ୫୦ ପଇସାରେ ଏହାକୁ ବିକୁଛି। ପାର୍ସଲ ସେବା, ବୁକ୍ ପୋଷ୍ଟ, ସ୍ପିଡ ପୋଷ୍ଟ, ରେଜିଷ୍ଟ୍ରେଶନ ଆଦି ସେବାରେ କ୍ଷତି ସହିବାକୁ ପଡୁଛି। ଏହାଛଡ଼ା ଇଣ୍ଡିଆ ପୋଷ୍ଟ ସୋଭରେନ ଗୋଲ୍ଡ ବଣ୍ଡ, ମ୍ୟୁଚୁଆଲ ଫଣ୍ଡ ଓ ବୀମା, ପାର୍ସପୋର୍ଟ ସେବା ଯୋଗାଣ, ରେଲୱେ ଟିକେଟ ଭଳି ଏକାଧିକ ଆର୍ଥିକ ସେବା କ୍ଷେତ୍ରରେ ପାଦ ଥାପିଛି। କିନ୍ତୁ ଏଥିରୁ ସେଭଳି ଲାଭ ହେଉନି। ୨୦୧୮ ଆର୍ଥିକ ବର୍ଷରେ ଏହିସବୁ ସେବା ଯୋଗାଣରୁ ୮୪୪ କୋଟି ଟଙ୍କାର ରାଜସ୍ୱ ମିଳିଛି। ଏହାଛଡ଼ା ଇଣ୍ଡିଆ ପୋଷ୍ଟ ନ୍ୟାଶନାଲ ସେଭିଙ୍ଗସ ସ୍କିମ୍ ଏବଂ ସେଭିଂ ସାର୍ଟିଫିକେଟ ବିକ୍ରି କରି ଅଧିକ ରାଜସ୍ୱ ପାଇଥାଏ। ଏହା ୨୦୧୭ ଆର୍ଥିକ ବର୍ଷରେ ମୋଟ ରାଜସ୍ୱର ୬୦% ଅର୍ଥାତ ୧୧,୫୧୧ କୋଟି ଟଙ୍କା ହାସଲ କରିଛି। ବିଶେଷଜ୍ଞଙ୍କ ମତରେ ଇଣ୍ଡିଆ ପୋଷ୍ଟର ଦେଶର କୋଣ ଅନୁକୋଣରେ ଉପସ୍ଥିତି ରହିଥିବାରୁ ଏହା ଇ–କମର୍ସ କମ୍ପାନୀଙ୍କ ଲାଗି କ୍ୟାଶ ଅନ୍ ଡେଲିଭରି ସେବା ଯୋଗାଇ ବେଶ ଅର୍ଥ ଅର୍ଜନ କରିପାରିବ। ତେବେ ଗୋଦାମ ଅଭାବ ଏଦିଗରେ ବଡ଼ ବାଧକ ହୋଇଛି।

## ଆକର୍ଷଣୀୟ ରିହାତି ଦେଉଛି ଡୁରିଆନ୍

ଭୁବନେଶ୍ୱର,୧୫–୪

ପ୍ରମୁଖ ଫର୍ନିଚର ବ୍ରାଣ୍ଡ ଡୁରିଆନ୍ ପକ୍ଷରୁ ଆକର୍ଷଣୀୟ ରିହାତି ଘୋଷଣା କରାଯାଇଛି। ଏହି ସମୟରେ ଗ୍ରାହକମାନେ ଡୁରିଆନ୍‌ର ଶୋ'ରୁମରେ ଫ୍ଲାଟ ୫୦% ରିହାତି ପାଇପାରିବେ। ଏହି ଅଫର ବଛାବଛା ହୋମ୍ ଏବଂ ଅଫିସ ଫର୍ନିଚର ଉପରେ ଲାଗୁ ହେବ। ମାର୍ଚ୍ଚ ୩୦ରୁ ଆରମ୍ଭ ହୋଇଥିବା ଅଫର ସୀମିତ ସମୟ ଲାଗି ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। କମ୍ପାନୀ ସାରା ଦେଶରେ ୩୭ ଷ୍ଟୋର ସହ ପ୍ରଡକ୍ଟ ଏବଂ ସେବା ଯୋଗାଣ କରୁଛି। ଭୁବନେଶ୍ୱରର ସାମନ୍ତରାପୁରଠାରେ ଗ୍ରାହକ ଏହି ଅଫର ଲାଭ କରି ପାରିବେ। ସୋଫା, ଟିପୟ, ଡାଇନିଂ, ବେଡ୍ ରୁମ ଏବଂ ଅଫିସ ଫର୍ନିଚର ବର୍ଗରେ ବିସ୍ତୃତ ପ୍ରଡକ୍ଟ ଗ୍ରାହକ ପାଇପାରିବେ। ଭୁବନେଶ୍ୱରର ଶୋ'ରୁମ ୧୫,୦୦୦ ବର୍ଗଫୁଟ ପରିମିତ ସ୍ଥାନରେ ଅବସ୍ଥିତ। ଗ୍ରାହକମାନେ ସେମାନଙ୍କ ଆବଶ୍ୟକତା ମୁତାବକ ବିଭିନ୍ନ ପ୍ରଡକ୍ଟ ଏଠାରେ ଲାଭ କରିବାକୁ ସକ୍ଷମ ହେବେ ବୋଲି ଡୁରିଆନ୍‌ର ରାଜ୍ୟ ମୁଖ୍ୟ ଅଜୟ ଶର୍ମା ସୂଚନା ଦେଇଛନ୍ତି। ଏଠାରେ ପ୍ୟୁର ଲେଦର, ଫ୍ୟାବ୍ରିକର ବିଭିନ୍ନ ପ୍ରଡକ୍ଟ ମଧ ସାମିଲ ରହିଛି। ବଜାଜ,ଏଚ୍‌ଡିଏଫ୍‌ସି ଏବଂ କ୍ରେଡିଟ କାର୍ଡରେ ସହଜ ଇଏମ୍‌ଆଇ ରହିଛି। ପେଟିଏମ୍ ମଲରେ ପେମେଣ୍ଟ ଉପରେ ବୋନାଞ୍ଜା ଗିଫ୍ଟ ଭାଉଚର ପାଇବେ। ଅଫରକୁ ଗ୍ରାହକଙ୍କ ଲାଗି କଷ୍ଟମାଇଜ କରାଯାଇଛି। ଗ୍ରାହକଙ୍କ ଚାହିଦାରେ ପରିବର୍ତ୍ତନ ଆସିଥିବାରୁ ବିଭିନ୍ନ ବର୍ଗର ଗ୍ରାହକଙ୍କୁ ବିଚାର କରି ପ୍ରଡକ୍ଟ ଡିଜାଇନ ହୋଇଥିବା ଶର୍ମା କହିଛନ୍ତି। ପ୍ରତି ପ୍ରଡକ୍ଟ ଉପରେ ଗ୍ରାହକ ୫ ବର୍ଷର ୱାରେଣ୍ଟି ଏବଂ ସହଜ ଡେଲିଭରି ସୁବିଧା ଦିଆଯାଉଥିବା ସେ ପ୍ରକାଶ କରିଛନ୍ତି।

## ଏସ୍‌ବିଆଇ ଲାଇଫ୍‌ର ଆଞ୍ଚଳିକ କାର୍ଯ୍ୟାଳୟ ଶୁଭାରମ୍ଭ



ଭୁବନେଶ୍ୱର,୧୫–୪

ଏସ୍‌ବିଆଇ ଲାଇଫ ଇନସ୍ୟୁରାନ୍ସ ପକ୍ଷରୁ ସ୍ଥାନୀୟ ଇନଫୋସିଟି ଇନଫିନିଆ ଟାୱାରରେ ନୂଆ ଆଞ୍ଚଳିକ କାର୍ଯ୍ୟାଳୟ ଶୁଭାରମ୍ଭ ହୋଇଛି। ଏସ୍‌ବିଆଇ ଲାଇଫର ଏମ୍‌ଡି ତଥା ସିଇଓ ସଞ୍ଜୀବ ନୌଟିଆଲ ଏହାର ଉନ୍ମୋଚନ କରିଥିଲେ। ନୂଆ କାର୍ଯ୍ୟାଳୟ ଦ୍ୱାରା ସମ୍ପୂର୍ଣ୍ଣ ସୁରକ୍ଷା ଉତ୍ପାଦ ସମାଧାନ ପୋର୍ଟଫୋଲିଓକୁ ଗ୍ରାହକଙ୍କୁ ପ୍ରଦାନ କରିବାକୁ କମ୍ପାନୀ ଯୋଜନା ରଖିଛି। ଓଡ଼ିଶାରେ ବୀମା ସମାଧାନ ଲୋକଙ୍କ ନିକଟରେ ଏତେଟା ପହଞ୍ଚି ନ ଥିବାରୁ ଅଭିନବ ଢଙ୍ଗରେ ବିଭିନ୍ନ ଉତ୍ପାଦ ଏବଂ ସେବା ଯୋଗାଣ ନେଇ ଉଦ୍ୟମ ଜାରି ରହିବ ବୋଲି ସିଇଓ ନୌଟିଆଲ କହିଛନ୍ତି। ଓଡ଼ିଶାରେ ୩୮ଟି ସ୍ଥାନରେ ୪୦ ଶାଖା ସହ କମ୍ପାନୀ ଉପସ୍ଥିତିକୁ ସୁଦୃଢ଼ କରୁଥିବା ନୌଟିଆଲ କହିଛନ୍ତି। ଏଥିରେ ଏସ୍‌ବିଆଇ ସିଜିଏମ୍ ପ୍ରବୀଣା କାଲା ଏସ୍‌ବିଆଇ ଜୋନ ୩ ସଭାପତି ରବୀନ୍ଦ୍ର କୁମାର, ଆକ୍ଚୁରିଆଲ ରିସ୍କ ମ୍ୟାନେଜମେଣ୍ଟ ସଭାପତି ସଞ୍ଜୀବ ପୂଜାରୀ, ଏସ୍‌ବିଆଇ ଲାଇଫର ଆଞ୍ଚଳିକ ନିର୍ଦ୍ଦେଶକ ସଞ୍ଜୟ ଭଟ୍ଟନାଗର ପ୍ରମୁଖ ଉପସ୍ଥିତ ଥିଲେ।

## ନାଲ୍‌କୋ ପକ୍ଷରୁ ଆମ୍ବେଡ୍‌କର ଜୟନ୍ତୀ

ଭୁବନେଶ୍ୱର,୧୫–୪



ରାଷ୍ଟ୍ରାୟତ୍ତ ନାଲ୍‌କୋ ପକ୍ଷରୁ ସ୍ଥାନୀୟ ନାଲ୍‌କୋ ନଗରଠାରେ ଭାରତ ରତ୍ନ ବାବା ସାହେବ ବି.ଆର. ଆମ୍ବେଡ୍‌କରଙ୍କ ୧୨୮ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ନାଲ୍‌କୋ ଅଧକ୍ଷ ତପନ କୁମାର ଚାନ୍ଦ ଏହି ଅବସରରେ ଆମ୍ବେଡକରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଦେଶ ଗଠନରେ ଆମ୍ବେଡ୍‌କରଙ୍କ ଯୋଗଦାନ ତଥା ଭୂମିକା ଉପରେ ଚାନ୍ଦ ଏଠାରେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ସେହିଭଳି ସାମାଜିକ ଅନଗ୍ରସର ଶିଶୁଙ୍କୁ ସ୍ୱଚ୍ଛତା କିଟ୍ ପ୍ରଦାନ କରାଯାଇଥିଲା। ଏଥିରେ ନାଲ୍‌କୋର ବରିଷ୍ଠ ନିର୍ଦ୍ଦେଶକ, କର୍ମଚାରୀ, ନାଲ୍‌କୋ ଏସ୍‌ଟିଏସ୍‌ସି ୱେଲଫେୟାର ସଂଘ ଏବଂ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

## ବେଙ୍ଗାଲୁରୁ ଏୟାରପୋର୍ଟରୁ ଯାତ୍ରା ହେବ ମହଙ୍ଗା

ନୂଆଦିଲ୍ଲୀ,୧୫–୪



ଯାତ୍ରୀଙ୍କ ଲାଗି ବେଙ୍ଗାଲୁରୁ ଏୟାରପୋର୍ଟରୁ ବିମାନ ଯାତ୍ରା କରିବା ମହଙ୍ଗା ହେବାକୁ ଯାଉଛି। ବିମାନବନ୍ଦର ଆର୍ଥିକ ନିୟାମକ ପ୍ରାଧିକରଣ(ଏଇଆର୍‌ଏ) ଏହି ବିମାନବନ୍ଦରରୁ ଯାତ୍ରା କରିବାକୁ ଥିବା ଯାତ୍ରୀଙ୍କ ଠାରୁ ଟିକେଟ ମୂଲ୍ୟ ସହିତ ୟୁଜର ଡେଭଲପମେଣ୍ଟ ଫିସ(ୟୁଡିଏଫ୍) ବାବଦରେ ୧୨୦ ପ୍ରତିଶତ ଚାର୍ଜ ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୪ ମାସ ପାଇଁ ଏହି ନୂଆ ବ୍ୟବସ୍ଥା ଲାଗୁ ହେବ। ନୂଆଦିଲ୍ଲୀ ଓ ମୁମ୍ବାଇ ପରେ ଦେଶର ଏହା ତୃତୀୟ ସବୁଠାରୁ ବ୍ୟସ୍ତ ବିମାନବନ୍ଦର କୁହାଯାଉଛି। ବିମାନବନ୍ଦରର ସମ୍ପ୍ରସାରଣ ଓ ଆଧୁନିକୀକରଣ କାର୍ଯ୍ୟଲାଗି ଅର୍ଥ ସଂଗ୍ରହ କରିବା ଉଦ୍ଦେଶ୍ୟରେ ଏହି ବ୍ୟବସ୍ଥା ଆପଣାଯାଇଛି। ବେଙ୍ଗାଲୁରୁ ବିମାନବନ୍ଦର କର୍ତ୍ତୃପକ୍ଷ ସୋମବାର ଏକ ବୟାନ ଜାରି କରି ଘରୋଇ ଉଡ଼ାଣ ଲାଗି ୟୁଡିଏଫ୍‌କୁ ୧୩୯ରୁ ୩୦୬ ଟଙ୍କାକୁ ବୃଦ୍ଧି କରାଯାଇଥିବା କହିଛି। ସେହିପରି ଅନ୍ତଃରାଷ୍ଟ୍ରୀୟ ଉଡ଼ାଣ ପାଇଁ ଏହା ୫୫୮ ଟଙ୍କା ବଦଳରେ ୧୨୨୬ ଟଙ୍କା ହେବ ବୋଲି କୁହାଯାଇଛି। ନୂଆ ଦର ମଙ୍ଗଳବାରଠାରୁ ଲାଗୁ ହେବ। ବିବୃତିରେ କୁହାଯାଇଛି ଯେ, ଘରୋଇ ଓ ଅନ୍ତଃରାଷ୍ଟ୍ରୀୟ ଯାତ୍ରାରେ ନୂଆ ଶୁଳ୍କ ଯଥାକ୍ରମେ ୧୨୦ ପ୍ରତିଶତ ଏବଂ ୧୧୯ ପ୍ରତିଶତ ବୃଦ୍ଧି କରାଯାଇଛି।

## ହିରୋ ଚ୍ୟାଲେଞ୍ଜ–୨୦୧୯ ଘୋଷଣା

ନୂଆଦିଲ୍ଲୀ,୧୫–୪

ଇଂଲଣ୍ଡର ଲିଭରପୁଲ ୱାଟର ପ୍ରିନ୍ସ ଡକ୍‌ରେ ଦି ହିରୋ ଚ୍ୟାଲେଞ୍ଜ–୨୦୧୯ ଗଲ୍ଫ ନାଇଟ୍ ଅନୁଷ୍ଠିତ ହେବ। ବିଶ୍ୱରଖ୍ୟାତି ସମ୍ପନ୍ନ ଗଲ୍ଫର ଏଥିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥି ଲାଗି ପ୍ରଶଂସକଙ୍କୁ ମାଗଣାରେ ଟିକେଟ ପ୍ରଦାନ କରାଯିବ। ମେ ୯ରୁ ୧୨ ହିଲ୍ ସାଇଡ ଗଲ୍ଫ କ୍ଲବରେ ବେଟଫ୍ରେଡ ବ୍ରିଟିଶ ମାଷ୍ଟର ଆରମ୍ଭ ହେବାର ଦୁଇ ଦିନ ପୂର୍ବରୁ ଏହି ଗଲ୍ଫ ନାଇଟ୍ ଅନୁଷ୍ଠିତ ହେବ। ଏଭଳି ପଦକ୍ଷେପ ଦ୍ୱାରା ପେସାଦାରଙ୍କ ସହ ସମ୍ପର୍କ ଯୋଡିବା ସହିତ ଭବିଷ୍ୟତର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଥିବା ହିରୋ ମୋଟୋକର୍ପର ସିଇଓ ପୱନ ମୁଞ୍ଜାଲ କହିଛନ୍ତି।

## କ୍ୟାରିବ୍ୟାଗ୍ ପାଇଁ ବାଟା ଗଣିଲା ୯ ହଜାର



ନୂଆଦିଲ୍ଲୀ,୧୫–୪

ବାଟା ଇଣ୍ଡିଆ ମାତ୍ର ୩ ଟଙ୍କାର କ୍ୟାରି ବ୍ୟାଗ୍ ପାଇଁ ୯ ହଜାର ଟଙ୍କା ଜରିମାନା ଗଣିବାକୁ ବାଧ ହୋଇଛି। ଜଣେ ଗ୍ରାହକଙ୍କ ଅଭିଯୋଗକ୍ରମେ କମ୍ପାନୀଠାରୁ ଏହି ଜରିମାନା ଆଦାୟ ନିର୍ଦ୍ଦେଶ ଦିଆଯାଇଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଫେବୃୟାରୀ ୫ରେ ଚଣ୍ଡିଗଡ଼ ସେକ୍ଟର ୨୨ସ୍ଥିତ ବାଟା ଇଣ୍ଡିଆର ଏକ ଆଉଟଲେଟରେ ଦିନେଶ ପ୍ରସାଦ ରତୁଡି ନାମକ ଜଣେ ଗ୍ରାହକ ୩୯୯ ଟଙ୍କାର ସପିଂ କରିଥିଲେ। କିନ୍ତୁ ତାଙ୍କ ପାଇଁ ୪୦୨ ଟଙ୍କାର ବିଲ୍ ତିଆରି ହୋଇଥିଲା। ଏହି ବିଲ୍‌ରେ କ୍ୟାରି ବ୍ୟାଗ୍ ବାବଦରେ ୩ ଟଙ୍କା ଯୋଡି ଦିଆଯାଇଥିଲା। ଗ୍ରାହକ ଏହି କ୍ୟାରି ବ୍ୟାଗ୍ ନେବାକୁ ଚାହୁଁ ନ ଥିଲେ, କିନ୍ତୁ ତାଙ୍କୁ ଏଥିପାଇଁ ବାଧ କରାଯାଇଥିଲା ଏବଂ ଚାର୍ଜ ଅସୁଲ କରାଯାଇଥିଲା। ରତୁଡି କଞ୍ଜ୍ୟୁମର ଫୋରମ୍‌ରେ ଏହା ବିରୋଧରେ ଅଭିଯୋଗ କରିଥିଲେ। ତେବେ ବାଟା ପକ୍ଷରୁ ଯୁକ୍ତି ଦର୍ଶାଯାଇ କୁହାଯାଇଥିଲା ଯେ, ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ଗ୍ରାହକଙ୍କଠାରୁ ଚାର୍ଜ ଅସୁଲ କରାଯାଇଥିଲା। କିନ୍ତୁ ଫୋରମ କମ୍ପାନୀର ଏହି ଦାବିକୁ ଖାରଜ କରିଦେଇଥିଲେ। ପରିବେଶ ସୁରକ୍ଷା ଚିନ୍ତା ଥିଲେ କମ୍ପାନୀ ମାଗଣାରେ କ୍ୟାରି ବ୍ୟାଗ୍ ବାଣ୍ଟି ପାରିଥାନ୍ତା ବୋଲି ଫୋରମ କହିଥିଲେ। ରତୁଡିଙ୍କଠାରୁ ଅନ୍ୟାୟ ଭାବେ ନିଆଯାଇଥିବା ୩ ଟଙ୍କା ଫେରାଇବା ସହ କ୍ଷତିପୂରଣ ବାବଦରେ ୩ ହଜାର ଟଙ୍କା ଏବଂ ମାମଲା ପରିଚାଳନା ଖର୍ଚ୍ଚ ବାବଦରେ ଆହୁରି ୧ ହଜାର ଟଙ୍କା ଦେବାକୁ ଫୋରମ ନିର୍ଦ୍ଦେଶ ଦେଇଥିଲେ। ଏହାଛଡ଼ା କମ୍ପାନୀକୁ କଞ୍ଜ୍ୟୁମର ଲିଗଲ ଏଡ୍ ଆକାଉଣ୍ଟରେ ୫ ହଜାର ଟଙ୍କା ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ବାଟା ଇଣ୍ଡିଆ ଏହାର ସମସ୍ତ ଗ୍ରାହକଙ୍କୁ ମାଗଣାରେ କ୍ୟାରି ବ୍ୟାଗ୍ ଦେବାକୁ ଫୋରମ ନିର୍ଦ୍ଦେଶ ଦେଇଛନ୍ତି।

## ଫିଟ୍‌ଜୀ କ୍ୟୁରେଟ ଆଡମିଶନ ଟେଷ୍ଟ ୨୧ରେ

ଭୁବନେଶ୍ୱର, ୧୫–୪

ପ୍ରମୁଖ କୋଚିଂ ପ୍ରତିଷ୍ଠାନ ଫିଟ୍‌ଜୀ ପକ୍ଷରୁ ଏହାର କ୍ୟୁରେଟ କାର୍ଯ୍ୟକ୍ରମରେ ନାମଲେଖା ନିମନ୍ତେ ମେଧାବୃତ୍ତି ତଥା ଆଡମିଶନ ଟେଷ୍ଟ ଚଳିତ ମାସ ୨୧ରେ ଅନୁଷ୍ଠିତ ହେବ। ଏଥିପାଇଁ ପଞ୍ଜୀକରଣର ସମୟ ଏପ୍ରିଲ୍ ୨୦ ପର୍ଯ୍ୟନ୍ତ ରହିଛି। ଏଥିପାଇଁ ଆଗ୍ରହୀ ଛାତ୍ରୀଛାତ୍ର ନିକଟସ୍ଥ ଫିଟଜୀ ସେଣ୍ଟରରୁ କିମ୍ବା ଅନ୍‌ଲାଇନ୍ ମାଧ୍ୟମରେ ଲଗ୍‌ଅନ୍ କରି ପାଇପାରିବେ। ଏହି ଅବସରରେ ଫିଟ୍‌ଜୀ ନିର୍ଦ୍ଦେଶକ ଆର୍‌ଏଲ୍ ତ୍ରିଖା କହିଛନ୍ତି ଯେ, ୨୦୨୧ରେ ଆଇଆଇଟି ପାଇଁ ନିଜର ସ୍ୱପ୍ନ ପୂରଣ କରିବା ନିମନ୍ତେ କ୍ୟୁରେଟ୍ ହେଉଛି ଛାତ୍ରୀଛାତ୍ରଙ୍କ ନିମନ୍ତେ ଏକ ସଠିକ୍ ମାର୍ଗ।

**PARADIP PORT TRUST**

**CORRIGENDUM - I TO E-TENDER CALL NOTICE NO. EM/MM/PE/04/2019/ 1903TDR52, Dt.19.03.2019 FOR SUPPLY OF PORTABLE DG SET & BATTERY CHARGER**

The due date of submission of Tender & opening of EMD Bid is hereby further extended as below. 1. Last Date of Submission of tender up to **5:00 PM** of **Dt.02.05.2019. 2.** Opening of EMD Bid at **3:30 PM** of **Dt.03.05.2019.** All other terms and conditions in the original tender remained unaltered. For details, log on to our Website: **https://eprocure.gov.in/eprocure/app** or contact the office of the undersigned.

Sd/- Dy. Materials Manager

PPT/PR/13/19-20 Dt.12.04.2019

अखिल भारतीय आयुर्विज्ञान संस्थान (एम्स), भुवनेश्वर

**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**

(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar(Odisha)-751019
www.aiimsbhubaneswar.nic.in

File No. : AIIMS/BBSR/Engg./ 492 & 479 /2019-20 Dated : 11th Apr 2019

**NOTICE INVITING E-TENDER**

The All India Institute of Medical Sciences (AIIMS), Bhubaneswar invites e-Tender for the Work **"Comprehensive Maintenance of Civil Works of all the Buildings of Hospital Complex, Medical College Complex, Nursing College, Hostels & Residential Complex at AIIMS, Bhubaneswar."** *(NIT No. : AIIMS/BBSR/Engg./ 002 /2019-20)* and **"Connecting the Rain Water Pipes of all the Buildings to nearby Drain at Hospital Complex, AIIMS, Bhubaneswar"** *(NIT No. : AIIMS/BBSR/Engg./ 003 /2019-20).* The detailed Tender Document along with Last Date & Time of Submission of Tender can be viewed & downloaded from the website **www.aiimsbhubaneswar.nic.in, www.tenderwizard.com/AIIMSBBSR & CPP Portal www.eprocure.gov.in.**

Sd/-
Executive Engineer (Civil)
AIIMS, Bhubaneswar

**OFFICE OF THE DEPUTY DIRECTOR OF MINES, KOIRA CIRCLE, KOIRA, DISTRICT : SUNDARGARH**

**E-mail: ddm.koira@orissaminerals.gov.in**

No.1536 **NOTICE** Date: 06.04.2019

**Loss of e-Transit Passes**

No.01-G:- This is to inform that the following e-Transit Passes in From M1/G1 issued for transportation of minerals from different mining lease holders/ plant (Licensee holders) under Koira mining Circle are lost during transit by the mineral carrying vehicles. These lost e-TPs are not to be re-used by treating as an authentic Govt. document in support of carrying minerals. Any use of such lost Transit Passes will be treated as unlawful / illegal and such act is punishable under Law.


| Sl No. | e-Pass No. (G1/ M1) / Date of issue | Vehicle No. | Source of Mineral | Destination | Remarks |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1. | M1 L21902272/85 dt.12.02.2019 | OD04H8085 | Jindal Steel & Power Ltd. (TRB Iron Mines) | JSPL, Barbil, Pellet Plant | Lost at Tensa near Bana Durga Temple enroute to JSPL, Barbil on dt.19.02.2019 loaded with 17.060 mt of Iron Ore fines of 60.23% Fe. |
| 2. | M1 L219038321/231 dt.10.03.2019 | OR23A0081 | AMTC (P) Ltd.- Narayanposhi Iron & Mn Mines | SMC Power & Generation Ltd. Jharsuguda | Lost at Badmal enroute to Jharsuguda on dt.11.03.2019 loaded with 18.600 mt of Iron Ore lumps of 61.07%Fe. |
| 3. | M1 L21902783/105 dt.10.03.2019 | OR04M6583 | Feegrde & Co. (P) Ltd.- Nadidihi Iron & Mn Mines | Feegrade & Co. (P) Ltd. Storing Plot at Paradeep Port | Lost at Kuakhia enroute to Paradeep Port on self A/c on dt.11.03.2019 loaded with 18.880 mt of Iron Ore Sc. fines of 56.63%Fe. |

It is hereby requested that, if any of the above transit Passes traced / found anywhere by any body, the said e-TP may please be returned generously to the Deputy Director of Mines-cum-Competent Authority, Koira 'or' in any of the circle office of Deputy Director of Mines / O/o the mining Officer of Steel & Mines Department, Odisha to prevent from illegal use of such e-Transit Passes.

30016/11/0001/1920 **Sd./- Deputy Director of Mines-cum-Competent Authority, Koira**

"ଆଇପିଏଲ ଫ୍ରାଞ୍ଚାଇଜ ସନରାଇଜର୍ସ ହାଇଦ୍ରାବାଦ ଦଳର ନିଷ୍ପତ୍ତି ପ୍ରକ୍ରିୟାରେ ମୁଁ ଆଉ ଅଂଶବିଶେଷ ହୋଇ ରହିନାହିଁ ।

–ଡେଭିଡ ୱାର୍ନର, ଅଷ୍ଟ୍ରେଲୀୟ ଓପନର



"ସନରାଇଜର୍ସ ଆଇଦ୍ରାବାଦକୁ ହରାଇ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହେବା ପରେ ଆମର ଟାଇଟଲ ଜିତିବା ଆଶା ସଞ୍ଚାର ହୋଇଛି ।

–ଶ୍ରେୟାସ ଆୟାର, ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ



# ଭାରତୀୟ ଦଳ ଘୋଷିତ

**କ୍ରିକେଟ ମହାକୁମ୍ଭ ଆଇସିସି ବିଶ୍ୱକପ କ୍ରମେ ପାଖେଇ ଆସିଛି। ମେ ୩୦ରୁ ଜୁଲାଇ ୧୪ ପର୍ଯ୍ୟନ୍ତ ଇଂଲଣ୍ଡରେ ଆୟୋଜନ ହେବ ଏହି ମେଗା ଇଭେଣ୍ଟ। ୧୦ ଦଳକୁ ନେଇ ହେବାକୁ ଯାଉଥିବା କ୍ରିକେଟର ଏହା ମେଗା ପ୍ରତିଯୋଗିତା ପାଇଁ ସୋମବାର ଭାରତୀୟ ଦଳ ଘୋଷଣା ହୋଇଛି। ଏଥିସହିତ ଖେଳାଳି ଚୟନକୁ ନେଇ ସମସ୍ତ କଳ୍ପନା ଜଳ୍ପନାର ଅବସାନ ଘଟିଛି। ବିରାଟ କୋହଲିଙ୍କ ନେତୃତ୍ୱରେ ଏଥର ପଡ଼ିଆକୁ ଓହ୍ଲାଇବ ଟିମ୍ ଇଣ୍ଡିଆ। ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)ର ରୋମାଞ୍ଚ ମଧ୍ୟରେ ବିଶ୍ୱକପ ଦଳ ଘୋଷଣା କ୍ରିକେଟ ପ୍ରେମୀଙ୍କ ମନରେ ଉଷ୍ମତା ଭରିଛି। ଏଣିକି ଆଇପିଏଲ ସହିତ ଆଇସିସି ବିଶ୍ୱକପକୁ ନେଇ ଚାଲିବ ଆଲୋଚନା ପର୍ଯ୍ୟାଲୋଚନା। ଏପରି ଏକ ସନ୍ଧିକ୍ଷଣରେ ଧରିତ୍ରୀ ପକ୍ଷରୁ ଆରମ୍ଭ ହୋଇଛି ଅବଗଣନା।**




ମୁମ୍ବାଇ/ନୂଆଦିଲ୍ଲୀ, ୧୫।୪(ପି.ଟି.)

ମେ ୩୦ରୁ ଇଂଲଣ୍ଡରେ ହେବ ଆଇସିସି(ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ) ବିଶ୍ୱକପର ଦ୍ୱାଦଶ ସଂସ୍କରଣ। ଜୁଲାଇ ୧୪ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ମେଗା ଇଭେଣ୍ଟ ପାଇଁ ସୋମବାର ଭାରତୀୟ ଦଳ ଘୋଷିତ ହୋଇଛି। ବିରାଟ କୋହଲିଙ୍କ ନେତୃତ୍ୱରେ ଘୋଷିତ ଦଳରେ ରୋହିତ ଶର୍ମାଙ୍କୁ ଉପ-ଅଧିନାୟକ କରାଯାଇଛି। ମହେନ୍ଦ୍ର ସିଂ ଧୋନୀ ପ୍ରଥମ ପସନ୍ଦ ଉଇକେଟ କିପରଭାବେ ଦଳରେ ସ୍ଥାନ ନେଇଥିବାବେଳେ ଦ୍ୱିତୀୟ ଉଇକେଟ କିପରଭାବେ ସାମିଲ ହୋଇଛନ୍ତି ଦୀନେଶ କାର୍ତ୍ତିକ। ଦୀର୍ଘ ୧୨ ବର୍ଷ ବ୍ୟବଧାନରେ କାର୍ତ୍ତିକ ବିଶ୍ୱକପ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଦୀର୍ଘଦିନଧରି ଆଲୋଚନାର କେନ୍ଦ୍ରରେ ରହିଥିବା ଯୁବ ଉଇକେଟ କିପର ରିଷଭ ପନ୍ତ ଶେଷରେ ବାଦ୍ ପଡ଼ିଛନ୍ତି। ୩୩ ବର୍ଷୀୟ କାର୍ତ୍ତିକ ୯୧ଟି ଦିନିକିଆ ଖେଳିବାର ଅଭିଜ୍ଞତା ରଖିଛନ୍ତି। ତେଣୁ ୨୧ ବର୍ଷୀୟ ରିଷଭଙ୍କ ତୁଳନାରେଅଭିଜ୍ଞ କାର୍ତ୍ତିକଙ୍କୁ ଦଳରେ ନେବାକୁ ଏମଏସକେ ପ୍ରସାଦଙ୍କ ନେତୃତ୍ୱାଧୀନ ଚୟନ କମିଟି ନିଷ୍ପତ୍ତି ନେଇଛି। ସବୁଠାରୁ ପୁରୁଣା ଖେଳାଳିଭାବେ କାର୍ତ୍ତିକ ବିଶ୍ୱକପ ଦଳରେ ସ୍ଥାନ ପାଇଛନ୍ତି। ୨୦୦୪ରେ ମହେନ୍ଦ୍ର ସିଂ ଧୋନୀ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିବାର ୩ ମାସ ପୂର୍ବରୁ କାର୍ତ୍ତିକଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ ହୋଇଥିଲା। କାର୍ତ୍ତିକ ୨୦୦୭ ଭାରତୀୟ ବିଶ୍ୱକପ ଦଳରେ ସାମିଲ ହୋଇଥିଲେ। ମାତ୍ର ୨୦୧୧ ଓ ୨୦୧୫ ସଂସ୍କରଣରେ ସେ ବାଦ୍ ପଡ଼ିଥିଲେ। ସୋମବାର ଘୋଷିତ ଖେଳାଳି ତାଲିକା ଅନୁସାରେ ଧୋନୀ କ୍ୟାରିୟରର ୪ର୍ଥ ଦିନିକିଆ ବିଶ୍ୱକପ ଖେଳିବାକୁ ଯାଉଛନ୍ତି। ଏହା ତାଙ୍କ କ୍ୟାରିୟରର ଅନ୍ତିମ ବିଶ୍ୱକପ ବୋଲି କୁହାଯାଉଛି। କୋହଲି କ୍ୟାରିୟରର ତୃତୀୟ ବିଶ୍ୱକପ ଖେଳିବାକୁ ଯାଉଥିବାବେଳେ ରୋହିତ ଶର୍ମା, ଶିଖର ଧାୱନ, ରବୀନ୍ଦ୍ର ଜାଡେଜା, ମହମ୍ମଦ ସାମି ଓ ଭୁବନେଶ୍ୱର କୁମାର ୨୦୧୫ ବିଶ୍ୱକପ ଦଳରେ ସାମିଲ ଥିଲେ। ଇଣ୍ଡିଆନ ପ୍ରିମିୟର ଲିଗ୍‌ର ପ୍ରଦର୍ଶନ ଭାରତୀୟ ଦଳ ଚୟନ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି କ୍ୟାପ୍‌ଟେନ କୋହଲି ପୂର୍ବରୁ ସ୍ପଷ୍ଟ କରି ସାରିଥିଲେ। ଏହା ସତ ପ୍ରମାଣିତ ହୋଇଛି। ରିଷଭ ଚଳିତ ଆଇପିଏଲରେ ୨୪୫ ରନ କରିସାରିଥିଲେ ମଧ୍ୟ ୧୧୧ ରନ କରିଥିବା କାର୍ତ୍ତିକଙ୍କୁ ଅଗ୍ରାଧିକାର ଦିଆ ଯାଇଛି। ଏ ସମ୍ପର୍କରେ ସ୍ପଷ୍ଟୀକରଣ ଦେବାକୁ ଯାଇ ଚୟନ କମିଟି ମୁଖ୍ୟ ଏମଏସକେ କହିଛନ୍ତି ଯେ, ''କାର୍ତ୍ତିକ ଓ ପନ୍ତଙ୍କ ସାମିଲକୁ ନେଇ ଦୀର୍ଘ ସମୟ ଆଲୋଚନା ଚାଲିଥିଲା। ମହେନ୍ଦ୍ର ସିଂ ଧୋନୀ ଆହତ ହେଲେ ଯାଇ ଦ୍ୱିତୀୟ ଉଇକେଟ କିପର ପଡ଼ିଆକୁ ଓହ୍ଲାଇବେ। ଏହା କୌଣସି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ, କ୍ୱାର୍ଟର ଫାଇନାଲ କିମ୍ବା ସେମିଫାଇନାଲ ହୋଇପାରେ। ତେଣୁ ପନ୍ତ ପ୍ରବଳ ଦାବିଦାର ସତ୍ତ୍ୱେ ଆମେ ଅଭିଜ୍ଞ କାର୍ତ୍ତିକଙ୍କୁ ଚୟନ କଲୁ''। ୧୫ ଜଣିଆ ଦଳରେ ତାମିଲନାଡୁର ସିମ୍ ବୋଲିଂ ଅଲରାଉଣ୍ଡର ବିଜୟ ଶଙ୍କରଙ୍କୁ ସାମିଲ କରାଯାଇଛି। ତାଙ୍କୁ ବ୍ୟାଟିଂ ଅର୍ଡରର ୪ ନମ୍ବର ସ୍ଥାନର ବ୍ୟବହାର କରାଯାଇପାରେ। ଏ କ୍ଷେତ୍ରରେ ସେ ଅମ୍ବାତି ରାୟୁଡୁଙ୍କୁ ପଛରେ ପକାଇ ଦେଇଥିଲେ। ୨୦୧୭ ଚାମ୍ପିୟନ୍ସ ଟ୍ରଫି ପରେ ଆମେ ଏହାକୁ ନେଇ ଯୋଜନା କରିଥିଲୁ। ଗତ କିଛି ମାସ ମଧ୍ୟରେ ବିଜୟ ଶଙ୍କରଙ୍କ ପ୍ରଦର୍ଶନ ପ୍ରଭାବୀ ରହି ଆସିଥିଲା ବୋଲି ପ୍ରସାଦ କହିଛନ୍ତି। ଲୋକେଶ ରାହୁଲଙ୍କ ସାମିଲକୁ ନେଇ କୌଣସି ବିବାଦ ନାହିଁ। ସେ ତୃତୀୟ ଓପନର ଭାବେ ସ୍ଥାନ ପାଇଛନ୍ତି। ଏହା ବ୍ୟତୀତ ସେ ବିଜୟ ଶଙ୍କରଙ୍କ ସହିତ ମିଡଲ ଅର୍ଡର ପାଇଁ ମଧ୍ୟ ଦାବିଦାର ରହିବେ। ୪ ନମ୍ବର ସ୍ଥାନ ପାଇଁ ବିଜୟ ଶଙ୍କର, କେଦାର ଯାଦବ ଓ ଲୋକେଶ ରାହୁଲ ଦାବିଦାର ରହିବେ। ପରିବେଶ ଓ ପରିସ୍ଥିତି ଅନୁସାରେ ଟିମ୍ ମ୍ୟାନେଜମେଣ୍ଟ ଚୂଡ଼ାନ୍ତ ନିଷ୍ପତ୍ତି ନେବ ବୋଲି ପ୍ରସାଦ କହିଛନ୍ତି। ରବୀନ୍ଦ୍ର ଜାଡେଜାଙ୍କ ଅଲରାଉଣ୍ଡ ଦକ୍ଷତା ଏବଂ ଡ୍ରାଏ ଉଇକେଟରେ ବୋଲିଂ ଦକ୍ଷତାକୁ ବିଚାରକୁ ନିଆ ଯାଇ ତାଙ୍କୁ ୧୫ ଜଣିଆ ଦଳରେ ସାମିଲ କରାଯାଇଛି। ''ଗତ ଦେଢ଼ ବର୍ଷ ଧରି ଦୁଇ ରିଷ୍ଟ ସ୍ପିନର ଯୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବ ଆମପାଇଁ ମ୍ୟାଚ ବିଜେତା ସାବ୍ୟସ୍ତ ହୋଇ ଆସିଛନ୍ତି। ମାତ୍ର ପରିସ୍ଥିତି ଅନୁସାରେ ଚୂଡ଼ାନ୍ତ ଏକାଦଶରେ ଜଣେ ଅତିରିକ୍ତ ଅଲରାଉଣ୍ଡର ଆବଶ୍ୟକ ପଡ଼ିପାରେ। ତାକୁ ଦୃଷ୍ଟିରେ ରଖି ଜାଡେଜାଙ୍କୁ ନିଆ ଯାଇଛି'' ବୋଲି ପ୍ରସାଦ ବର୍ଣ୍ଣନା କରିଛନ୍ତି। ଟୁର୍ନାମେଣ୍ଟର ଦ୍ୱିତୀୟଭାଗରେ ଉଇକେଟ ଅଧିକ ଡ୍ରାଏ ହେଲେ ଜାଡେଜା ଉପଯୋଗୀ ସାବ୍ୟସ୍ତ ହେବେ ବୋଲି ସେ କହିଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟା ଓ ବିଜୟ ଶଙ୍କର ମିଳିତଭାବେ ୪ର୍ଥ ପେସର ଦାୟିତ୍ୱ ତୁଲାଇବାକୁଥିବାରୁ ଜଣେ ଅତିରିକ୍ତ ସ୍ପିଡଷ୍ଟରଙ୍କ ଆବଶ୍ୟକ ଅନୁଭବ ହୋଇନାହିଁ। ଫିଟ୍ ରହିଲେ ଯଶପ୍ରୀତ ବୁମରା ଓ ମହମ୍ମଦ ସାମି ପ୍ରଥମ ପସନ୍ଦ ଦୁଇ ପେସର ରହିବେ। ଭୁବନେଶ୍ୱର କୁମାର ତୃତୀୟ ଦ୍ରୁତ ବୋଲରଭାବେ ଚୟନ ପାଇଁ ଉପଲବ୍ଧ ହେବେ। ଏହି ଅବସରରେ ନଭଦୀପ ସଇନି ଓ ଖଲିଲ ଅହମଦଙ୍କ ନାମ ମଧ୍ୟ ବିଚାରକୁ ନିଆ ଯାଇଥିଲା ବୋଲି ପ୍ରସାଦ କହିଛନ୍ତି। ତେବେ ଏହି ଦୁଇ ଯୁବ ବୋଲର ଭାରତୀୟ ଦଳ ସହ ଇଂଲଣ୍ଡ ଯିବା ସମ୍ଭାବନା ରହିଛି। ଯଦି ବୁମ୍‌ରା, ସାମି କିମ୍ବା ଭୁବନେଶ୍ୱର କୁମାରଙ୍କ ମଧ୍ୟରୁ କେହି ଆହତ ହୁଅନ୍ତି ତେବେ ସେମାନେ ତାଙ୍କ ସ୍ଥାନ ନେବେ।

## 'ପନ୍ତଙ୍କୁ ସ୍ଥାନ ନ ମିଳିବା ଆଶ୍ଚର୍ଯ୍ୟ କରିଛି'

**ନୂଆଦିଲ୍ଲୀ, ୧୫।୪ (ପି.ଟି.):** ଆଇସିସି ବିଶ୍ୱକପ୍ ଲାଗି ସୋମବାର ଘୋଷିତ ଭାରତୀୟ ଦଳରେ ଯୁବ ଉଇକେଟ୍‌କିପର ରିଷଭ ପନ୍ତଙ୍କୁ ସ୍ଥାନ ନ ମିଳିବା ନେଇ ପ୍ରାକ୍ତନ ଅଧିନାୟକ ସୁନୀଲ ଗାଭାସ୍କର ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ଭଲ ବ୍ୟାଟିଂ ଫର୍ମ ଓ ଉଇକେଟ୍ ରକ୍ଷଣରେ ଉନ୍ନତି କରୁଥିବା ସତ୍ତ୍ୱେ ପନ୍ତଙ୍କ ସ୍ଥାନରେ ଅଭିଜ୍ଞତା ଦୃଷ୍ଟିରୁ ୩୩ ବର୍ଷୀୟ ଦୀନେଶ କାର୍ତ୍ତିକଙ୍କୁ ବିଶ୍ୱକପ୍ ଟିକେଟ୍ ମିଳିଛି। ଚୟନକର୍ତ୍ତାଙ୍କ ନିଷ୍ପତ୍ତି ସାମାନ୍ୟ ଆଶ୍ଚର୍ଯ୍ୟ କରିଥିଲେ ମଧ୍ୟ କାର୍ତ୍ତିକ ଜଣେ ଶ୍ରେଷ୍ଠ ଉଇକେଟ୍‌କିପର ବୋଲି ଗାଭାସ୍କର ଏକ ସାକ୍ଷାତକାର ଅବସରରେ କହିଛନ୍ତି । 'ପନ୍ତଙ୍କ ଫର୍ମକୁ ଦେଖିଲେ ଏହି ନିଷ୍ପତ୍ତି ସାମାନ୍ୟ ଆଶ୍ଚର୍ଯ୍ୟ ଲାଗୁଛି। ସେ କେବଳ ଆଇପିଏଲ୍ ନୁହେଁ ଏଥିପୂର୍ବରୁ ମଧ୍ୟ ପ୍ରଭାବୀ ବ୍ୟାଟିଂ ପ୍ରଦର୍ଶନ କରିସାରିଛନ୍ତି। ଉଇକେଟ ରକ୍ଷଣରେ ମଧ୍ୟ ଦିନକୁ ଦିନ ସେ ଉନ୍ନତି କରୁଛନ୍ତି। ସେହିଭଳି ସେ ଜଣେ ବାମହାତୀ ବ୍ୟାଟ୍ସମ୍ୟାନ ହୋଇଥିବାରୁ ଟପ୍-୬ରେ ବୋଲରଙ୍କୁ ଅଡୁଆରେ ପକାଇବାର ବିକଳ୍ପ ମଧ୍ୟ ରହିଛି' ବୋଲି ଗାଭାସ୍କର କହିଛନ୍ତି। ଚଳିତ ଆଇପିଏଲ୍‌ରେ କାର୍ତ୍ତିକ (୧୧୧ ରନ)ଙ୍କ ଅପେକ୍ଷା ପନ୍ତ (୨୪୫)ଙ୍କ ବ୍ୟାଟିଂ ଭଲ ରହିଥିଲେ ମଧ୍ୟ ତାଙ୍କୁ ବାଦ୍ ଦିଆଯିବାର ଯଥାର୍ଥତା ରହିଛି ବୋଲି ଗାଭାସ୍କର ଏକ ଜାତୀୟ ଖବରକାଗଜକୁ ସାକ୍ଷାତକାର ଅବସରରେ ପ୍ରକାଶ କରିଛନ୍ତି। 'ଯେତେବେଳେ ଏମ୍‌ଏସ୍‌ଡି (ମହେନ୍ଦ୍ର ସିଂ ଧୋନୀ) ଅସୁସ୍ଥ ହୋଇ ଖେଳିପାରିବେ ନାହିଁ ସେତେବେଳେ ବିକଳ୍ପ ଭାବେ ଜଣେ ଭଲ ଉଇକେଟ୍‌କିପରଙ୍କୁ ନିଆଯିବ। ଏହି କ୍ଷେତ୍ରରେ ଅନ୍ୟମାନଙ୍କ ଅପେକ୍ଷା କାର୍ତ୍ତିକଙ୍କ ଉଇକେଟ୍-କିପିଂ ଦକ୍ଷତା ସର୍ବାଗ୍ରେ ରହିବ, ଯାହାକି ତାଙ୍କୁ ବିଶ୍ୱକପ୍‌ରେ ସ୍ଥାନ ମିଳିବାରେ ସହାୟତା କରିଛି' ବୋଲି ଏହି ମହାନ ବ୍ୟାଟ୍ସମ୍ୟାନ କହିଛନ୍ତି। ଅନ୍ୟତମ ପ୍ରାକ୍ତନ ଭାରତୀୟ କ୍ରିକେଟର୍ ସଞ୍ଜୟ ମଞ୍ଜରେକର ମଧ୍ୟ କାର୍ତ୍ତିକଙ୍କୁ ସ୍ଥାନ ମିଳିବା ନେଇ ସାମାନ୍ୟ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। 'ଟିମ୍ ଚୟନବେଳେ ସମସ୍ତଙ୍କୁ ଖୁସି ରଖିବା ଅସମ୍ଭବ। କିନ୍ତୁ କାର୍ତ୍ତିକଙ୍କ ଚୟନ ଆଶ୍ଚର୍ଯ୍ୟ କରିଛି। କାର୍ତ୍ତିକଙ୍କ ପ୍ରଦର୍ଶନରେ ସ୍ଥିରତା ନ ଥିବା ସହ ଚଳିତବର୍ଷ ଜାନୁୟାରୀରୁ ସେ ଦଳରୁ ବାହାରେ ରହିଆସିଛନ୍ତି। ଏହାସତ୍ତ୍ୱେ ତାଙ୍କୁ ସିଧାସଳଖ ବିଶ୍ୱକପ୍ ଟିକେଟ୍ ଦିଆଯାଇଛି' ବୋଲି ମଞ୍ଜରେକର ପ୍ରକାଶ କରିଛନ୍ତି। ଇଂଲଣ୍ଡର ପ୍ରାକ୍ତନ ଅଧିନାୟକ ମାଇକେଲ ଭନ ମଧ୍ୟ ପନ୍ତଙ୍କୁ ସ୍ଥାନ ନ ମିଳିବାକୁ ନେଇ ଟୁଇଟର୍‌ରେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ସେହିଭଳି ବିଶ୍ୱକପ୍ ଦଳରେ ଦିଲ୍ଲୀର ଯୁବ ଉଇକେଟ୍‌କିପର ପନ୍ତଙ୍କୁ ସ୍ଥାନ ମିଳିବାର ଥିଲା ବୋଲି ଆକାଶ ଚୋପ୍ରା କହିଥିବାବେଳେ ଭେଟେରାନ ଦ୍ରୁତ ବୋଲର ଆର୍‌ପି ସିଂ କିନ୍ତୁ ବିଶ୍ୱକପ୍‌ରେ ଅଭିଜ୍ଞତା ଦଳକୁ ସହାୟତା କରିବ ବୋଲି କହିଛନ୍ତି।



## ବିରାଟ ବାହିନୀ

**ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ରୋହିତ ଶର୍ମା (ଉପ– ଅଧିନାୟକ), ଲୋକେଶ ରାହୁଲ, ମହେନ୍ଦ୍ର ସିଂ ଧୋନୀ, କେଦାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା, ବିଜୟ ଶଙ୍କର, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ମହମ୍ମଦ ସାମି, ଯଶପ୍ରୀତ ବୁମ୍‌ରା, ଭୁବନେଶ୍ୱର କୁମାର, ଦୀନେଶ କାର୍ତ୍ତିକ ଓ ରବୀନ୍ଦ୍ର ଜାଡେଜା।**

### ବିରାଟ କୋହଲି



ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ଓ ଅଧିନାୟକ
ବୟସ: ୩୦
ମ୍ୟାଚ୍: ୨୨୭
ରନ:୧୦,୮୪୩
ସର୍ବୋଚ୍ଚ ସ୍କୋର: ୧୮୩
ଆଭରେଜ: ୫୯.୫୭
ଷ୍ଟ୍ରାଇକ ରେଟ: ୯୨.୯୬
ଶତକ: ୪୧
ଅର୍ଦ୍ଧ ଶତକ: ୪୯
ବିଶ୍ୱକପ୍ ଖେଳିଛନ୍ତି: ୨୦୧୧,୨୦୧୫

### ରୋହିତ ଶର୍ମା



ଓପନିଂ ବ୍ୟାଟ୍ସମ୍ୟାନ
ବୟସ: ୩୧
ମ୍ୟାଚ୍: ୨୦୬
ରନ: ୮୦୧୦
ସର୍ବୋଚ୍ଚ ସ୍କୋର: ୨୬୪
ଆଭରେଜ: ୪୭.୩୯
ଷ୍ଟ୍ରାଇକ ରେଟ୍: ୮୭.୯୫
ଶତକ: ୨୨
ଅର୍ଦ୍ଧଶତକ: ୪୧
ବିଶ୍ୱକପ୍ ଖେଳିଛନ୍ତି: ୨୦୧୫

### ମହେନ୍ଦ୍ର ସିଂ ଧୋନୀ



ଉଇକେଟକିପର ବ୍ୟାଟ୍ସମ୍ୟାନ
ବୟସ: ୩୭
ମ୍ୟାଚ୍ ; ୩୪୧
ରନ:୧୦, ୫୦୦
ସର୍ବୋଚ୍ଚ ସ୍କୋର: ୧୮୩*
ଆଭରେଜ: ୫୦.୭୨
ଷ୍ଟ୍ରାଇକ ରେଟ୍: ୮୭.୫୫
ଶତକ: ୧୦
ଅର୍ଦ୍ଧଶତକ: ୭୧
କ୍ୟାଚ୍: ୩୧୪
ଷ୍ଟମ୍ପିଂ: ୧୨୦
ବିଶ୍ୱକପ୍ ଖେଳିଛନ୍ତି: ୨୦୦୭, ୨୦୧୧, ୨୦୧୫

### ଶିଖର ଧାୱନ



ଓପିନଂ ବ୍ୟାଟ୍ସମ୍ୟାନ
ବୟସ: ୩୩
ରନ:୫,୩୫୫
ସର୍ବୋଚ୍ଚ ସ୍କୋର: ୧୪୩
ଆଭରେଜ: ୪୪.୬୨
ଷ୍ଟ୍ରାଇକ ରେଟ୍: ୯୩.୭୯
ଶତକ: ୧୬
ଅର୍ଦ୍ଧଶତକ: ୨୭
ବିଶ୍ୱକପ୍ ଖେଳିଛନ୍ତି: ୨୦୧୫

### ହାର୍ଦ୍ଦିକ ପାଣ୍ଡ୍ୟା



ଅଲରାଉଣ୍ଡର
ବୟସ: ୨୫
ମ୍ୟାଚ୍: ୪୫
ରନ: ୭୩୧
ସର୍ବୋଚ୍ଚ ସ୍କୋର: ୮୩
ଆଭରେଜ: ୨୯.୨୪
ଷ୍ଟ୍ରାଇକ ରେଟ୍: ୧୧୬.୫୮
ଶତକ: ୦
ଅର୍ଦ୍ଧଶତକ: ୪
ଉଇକେଟ: ୪୪
ଶ୍ରେଷ୍ଠ ବୋଲିଂ: ୩/୩୧
ଇକୋନୋମି: ୫.୫୩

### ଲୋକେଶ ରାହୁଲ



ଟପ୍‌ଅର୍ଡର ବ୍ୟାଟ୍ସମ୍ୟାନ
ବୟସ: ୨୬
ମ୍ୟାଚ୍: ୧୪
ରନ: ୩୪୩
ସର୍ବୋଚ୍ଚ ସ୍କୋର: ୧୦୦*
ଆଭରେଜ: ୩୪.୩୦
ଷ୍ଟ୍ରାଇକ ରେଟ୍: ୮୦.୮୯
ଶତକ: ୧
ଅର୍ଦ୍ଧଶତକ: ୨

### ଦୀନେଶ କାର୍ତ୍ତିକ



ଉଇକେଟକିପର ବ୍ୟାଟ୍ସମ୍ୟାନ
ବୟସ: ୩୩
ମ୍ୟାଚ୍: ୯୧
ରନ: ୧୭୩୮
ସର୍ବୋଚ୍ଚ ସ୍କୋର: ୭୯
ଆଭରେଜ: ୩୧.୦୩
ଶତକ: ୦
ଅର୍ଦ୍ଧଶତକ: ୯
କ୍ୟାଚ୍: ୬୧
ଷ୍ଟମ୍ପିଂ: ୭
ବିଶ୍ୱକପ୍ ଖେଳିଛନ୍ତି: ୨୦୦୭

### ରବୀନ୍ଦ୍ର ଜାଡେଜା



ଅଲରାଉଣ୍ଡର
ବୟସ: ୩୦
ମ୍ୟାଚ୍: ୧୫୧
ରନ: ୨୦୩୫
ସର୍ବୋଚ୍ଚ ସ୍କୋର: ୮୭
ଆଭରେଜ: ୨୯.୯୨
ଷ୍ଟ୍ରାଇକରେଟ୍: ୮୪.୨୩
ଶତକ: ୦
ଅର୍ଦ୍ଧଶତକ: ୧୦
ଉଇକେଟ: ୧୭୪
ଶ୍ରେଷ୍ଠ ବୋଲିଂ: ୫/୩୬
ଇକୋନୋମି: ୪.୮୮
ବିଶ୍ୱକପ୍ ଖେଳିଛନ୍ତି: ୨୦୧୫

### ବିଜୟ ଶଙ୍କର



ବୋଲିଂ ଅଲରାଉଣ୍ଡର
ବୟସ: ୨୮
ମ୍ୟାଚ୍:୯
ରନ: ୧୬୫
ସର୍ବୋଚ୍ଚ ସ୍କୋର: ୪୬
ଆଭରେଜ: ୩୩.୦୦
ଷ୍ଟ୍ରାଇକ ରେଟ୍: ୯୬.୪୯
ଶତକ:୦
ଅର୍ଦ୍ଧଶତକ:୦
ଉଇକେଟ: ୨
ଶ୍ରେଷ୍ଠ ବୋଲିଂ: ୨/୧୫
ଇକୋନୋମି: ୫.୬୧

### କେଦାର ଯାଦବ



ବ୍ୟାଟିଂ ଅଲରାଉଣ୍ଡର
ବୟସ: ୩୪
ମ୍ୟାଚ୍: ୫୯
ରନ:୧୧୭୪
ସର୍ବୋଚ୍ଚ ସ୍କୋର: ୧୨୦
ଆଭରେଜ: ୪୩.୪୮
ଷ୍ଟ୍ରାଇକ ରେଟ୍: ୧୦୨.୫୩
ଶତକ: ୨
ଅର୍ଦ୍ଧଶତକ: ୫
ଉଇକେଟ: ୨୭
ଶ୍ରେଷ୍ଠ ବୋଲିଂ: ୩/୨୩
ଇକୋନୋମି: ୫.୧୫

### ଯୁଜବେନ୍ଦ୍ର ଚହଲ



ସ୍ପିନର
ବୟସ: ୨୮
ମ୍ୟାଚ୍: ୪୧
ରନ୍: ୩୪
ଉଇକେଟ: ୭୨
ଶ୍ରେଷ୍ଠ ବୋଲିଂ: ୬/୪୨
ଆଭରେଜ: ୨୪.୬୧
ଇକୋନୋମି: ୪.୮୯
୫ ଉଇକେଟ ସଫଳତା: ୨ଥର
କ୍ୟାଚ୍: ୧୦

### ଯଶପ୍ରୀତ ବୁମ୍‌ରା



ଦ୍ରୁତ ବୋଲର
ବୟସ: ୨୫
ମ୍ୟାଚ୍: ୪୯
ଉଇକେଟ: ୮୫
ଶ୍ରେଷ୍ଠ ବୋଲିଂ: ୫/୨୭
ଆଭରେଜ: ୨୨.୧୫
ଇକୋନୋମି: ୪.୫୧
୫ ଉଇକେଟ ସଫଳତା: ଥରେ

### କୁଲଦୀପ ଯାଦବ



ସ୍ପିନର
ବୟସ: ୨୪
ମ୍ୟାଚ୍: ୪୪
ଉଇକେଟ: ୮୭
ଶ୍ରେଷ୍ଠ ପ୍ରଦର୍ଶନ: ୬/୨୫
ଆଭରେଜ: ୨୧.୭୪
ଇକୋନୋମି: ୪.୯୩
୫ ଉଇକେଟ ସଫଳତା: ଥରେ

### ଭୁବନେଶ୍ୱର କୁମାର



ଦ୍ରୁତ ବୋଲର
ବୟସ: ୨୯
ମ୍ୟାଚ୍: ୧୦୫
ଉଇକେଟ: ୧୧୮
ଶ୍ରେଷ୍ଠ ପ୍ରଦର୍ଶନ: ୫/୪୨
୫ ଉଇକେଟ ସଫଳତା: ଥରେ
ବିଶ୍ୱକପ୍ ଖେଳିଛନ୍ତି: ୨୦୧୫

### ମହମ୍ମଦ ସାମି



ଦ୍ରୁତ ବୋଲର
ବୟସ: ୨୮
ଉଇକେଟ: ୧୧୩
ଶ୍ରେଷ୍ଠ ବୋଲିଂ: ୪/୩୫
ଆଭରେଜ: ୨୬.୧୧
ଇକୋନୋମି: ୫.୪୮

## ଉଇକେଟ୍-କିପିଂ ଦକ୍ଷତା କାର୍ତ୍ତିକଙ୍କୁ ସହାୟତା କଲା

**ମୁମ୍ବାଇ, ୧୫।୪(ପି.ଟି.):** ଇଂଲଣ୍ଡରେ ହେବାକୁ ଥିବା ଆଗାମୀ ଆଇସିସି ବିଶ୍ୱକପ୍ ଲାଗି ସୋମବାର ବିରାଟ କୋହଲିଙ୍କ ନେତୃତ୍ୱରେ ଘୋଷିତ ୧୫ ଜଣିଆ ଭାରତୀୟ ଦଳରେ ଯୁବ ଉଇକେଟ୍‌କିପର ରିଷଭ ପନ୍ତଙ୍କୁ ସ୍ଥାନ ମିଳିନାହିଁ। ଭେଟେରାନ ମହେନ୍ଦ୍ର ସିଂ ଧୋନୀ ପ୍ରଥମ ପସନ୍ଦର ଉଇକେଟ୍‌କିପର ରହିଥିବାବେଳେ ରିଭର୍ଜ ପାଇଁ ଅଭିଜ୍ଞ ଦୀନେଶ କାର୍ତ୍ତିକ ଓ ପନ୍ତଙ୍କ ମଧ୍ୟରେ କଡ଼ା ଟକ୍କର ହୋଇଥିଲା। କିନ୍ତୁ ଉଇକେଟ୍-କିପିଂ ଦକ୍ଷତା ଦୃଷ୍ଟିରୁ ଶେଷରେ ଚୟନକର୍ତ୍ତାମାନେ କାର୍ତ୍ତିକଙ୍କ ନାମରେ ମୋହର ମାରିଥିଲେ। ଏଥିପୂର୍ବରୁ ୨୦୧୭ ଚାମ୍ପିୟନ୍ସ ଟ୍ରଫିରେ ମଧ୍ୟ ପନ୍ତଙ୍କୁ ଷ୍ଟାଣ୍ଡ–ବାଏରେ ରଖାଯାଇଥିଲା। ପନ୍ତ କିନ୍ତୁ 'ପାଖାପାଖି ପହଞ୍ଚି ଯାଇଥିଲେ' ବୋଲି ଚୟନ କମିଟିର ଅଧ୍ୟକ୍ଷ ଏମ୍‌ଏସ୍‌କେ ପ୍ରସାଦ କହିଛନ୍ତି। 'ପନ୍ତ ଓ କାର୍ତ୍ତିକଙ୍କୁ ନେଇ ଆମେ ବହୁ ଆଲୋଚନା କରିଥିଲୁ। ଯଦି ଧୋନୀ ଆଘାତପ୍ରାପ୍ତ ହୁଅନ୍ତି ତେବେ ପନ୍ତ କିମ୍ବା କାର୍ତ୍ତିକ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବେ। ତେବେ ଏହା ଯଦି କ୍ୱାର୍ଟର ଫାଇନାଲ କିମ୍ବା ସେମିଫାଇନାଲ ପରି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ହୋଇଥାଏ ସେଠାରେ ଉଇକେଟ୍-କିପିଂ ମଧ୍ୟ ସମାନ ଗୁରୁତ୍ୱ ବହନ କରିଥାଏ। କେବଳ ଏହି କାରଣ ଲାଗି ଆମେ ପନ୍ତଙ୍କ ବଦଳରେ କାର୍ତ୍ତିକଙ୍କୁ ନେବାକୁ ବାଧ ହେଲୁ ଏବଂ ପନ୍ତ ଅଳ୍ପକେ ସୁଯୋଗ ହରାଇଲେ' ବୋଲି ପ୍ରସାଦ ଖବରଦାତା ସମ୍ମିଳନୀରେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ପ୍ରଥମ ଭାରତୀୟ ଉଇକେଟ୍‌କିପର ଭାବେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମାଟିରେ ଟେଷ୍ଟ ଶତକ ହାସଲ କରିବାର କୀର୍ତ୍ତିମାନ ପନ୍ତଙ୍କ ନାମରେ ରହିଛି। ଗତ ବର୍ଷ ଓଭାଲରେ ଖେଳାଯାଇଥିବା ୫ମ ଟେଷ୍ଟ ମ୍ୟାଚ୍‌ରେ ସେ ୧୧୪ ରନର ଶତକୀୟ ଇନିଂସ ଖେଳିଥିଲେ। ଏହାପରେ ଅଷ୍ଟ୍ରେଲିଆର ସିଡ୍‌ନୀ ଟେଷ୍ଟରେ ପନ୍ତ ଖେଳିଥିବା ୧୫୯ ରନର ମାରାଥନ ଇନିଂସ ଆଜିବି ଦର୍ଶକଙ୍କ ମନରେ ଉଜ୍ଜୀବିତ ରହିଛି।



ଏମ୍‌ଏସ୍‌କେ ପ୍ରସାଦ

## ଚୟନକର୍ତ୍ତାଙ୍କୁ ଡାଟା ଆନାଲିଟିକ୍ସ ପ୍ରେଜେଣ୍ଟେଶନ

**ନୂଆଦିଲ୍ଲୀ,୧୫।୪(ପି.ଟି.):** ବିଶ୍ୱକପ୍ ଦଳ ଚୟନ ପୂର୍ବରୁ ଚୟନକର୍ତ୍ତାମାନେ ପ୍ରଥମଥର ପାଇଁ ଭିନ୍ନ ଶୈଳୀ ଆପଣାଇଥିଲେ। ଚୟନକର୍ତ୍ତାମାନେ ଭାବପ୍ରବଣତାକୁ ପଛରେ ପକାଇ ଏକ ସନ୍ତୁଳିତ ଦଳ ଚୟନ କରିବାକୁ ପ୍ରୟାସ କରିଛନ୍ତି। ଦଳ ଚୟନର ଗୋଟିଏ ଦିନ ପୂର୍ବରୁ ୫ଜଣିଆ ଚୟନକମିଟିକୁ ଏକ ସାଢେ ୩ ଘଣ୍ଟିଆ ଡାଟା ଆନାଲିଟିସ ପ୍ରେଜେଣ୍ଟେଶନ ପ୍ରଦାନ କରାଯାଇଥିଲା। ଇଂଲଣ୍ଡ ପରିବେଶକୁ ଦୃଷ୍ଟିରେ ରଖି ଦଳ ଚୟନ କରାଯାଇଥିଲା। ଟିମ୍ ଇଣ୍ଡିଆ ଡାଟା ଆନାଲିଷ୍ଟ ସି.କେ.ଏମ. ଧନଞ୍ଜୟ ଏକ ସ୍ୱତନ୍ତ୍ର ଡାଟା ଆନାଲିଟିକ୍ସ ପ୍ୟାକେଜ ପ୍ରସ୍ତୁତ କରି ଚୟନକର୍ତ୍ତାଙ୍କୁ ଅବଗତ କରାଇଥିଲେ। ବିଶ୍ୱକପ୍ ଆଶାୟୀ ଭାରତୀୟ ଖେଳାଳିଙ୍କ ସମେତ ୨୦୧୭ ଚାମ୍ପିୟନ୍ସ ଟ୍ରଫି ପରର ପ୍ରତିପକ୍ଷ ଦଳଗୁଡିକର ସବଳତା, ଦୁର୍ବଳତା ଓ ବିଭିନ୍ନ ଦିଗ ନେଇ ସେ ଚୟନକମିଟି ସମ୍ମୁଖରେ ଏକ ପ୍ରସ୍ତୁତି ଉପସ୍ଥାପନା କରିଥିଲେ। ମୋଟାମୋଟି ଉପରେ ଚୟନକର୍ତ୍ତାଙ୍କୁ ମ୍ୟାଚ୍, ରନ, ଷ୍ଟ୍ରାଇକ୍‌ରେଟ ଓ ଉଇକେଟ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଦଳ ଚୟନପୂର୍ବରୁ ବିଭିନ୍ନ ଦୃଷ୍ଟିକୋଣକୁ ନେଇ ବିଚାର କରାଯାଇଥିଲା। ଏପରିକି ଚୟନକର୍ତ୍ତାଙ୍କୁ ଏବେ ଖେଳୁଥିବା ଇଂଲଣ୍ଡ ଏକାଦଶ ବିଭିନ୍ନ ପରିବେଶ (ଘରୋଇ ଓ ବାହାର)ରେ କିଭଳି ପ୍ରଦର୍ଶନ କରିଛି ଓ ଏଥିପାଇଁ କେଉଁ ଖେଳାଳି ଓ ନିଷ୍ପତ୍ତି ଦଳ ସପକ୍ଷ ଓ ବିପକ୍ଷରେ ଯାଇଛନ୍ତି ଦର୍ଶାଯାଇଥିଲା। ବିଭିନ୍ନ ସ୍ୱତନ୍ତ୍ର ବୋଲରଙ୍କ ବିପକ୍ଷରେ କେଉଁ ଭାରତୀୟ ଖେଳାଳିମାନେ ସଫଳ ହୋଇପାରିବେ ସେ ନେଇ ଆଲୋଚନା ହୋଇଥିଲା। ଇଂଲଣ୍ଡର ପ୍ରତ୍ୟେକ ଭେନ୍ୟୁରେ କେତେ ପରିମାଣରେ ରନ୍ ସଂଗ୍ରହ ହୋଇଛି ସେ ମଧ୍ୟ ସବିଶେଷ ଆଲୋଚନା କରାଯାଇଥିଲା।



ଆମ ଦଳକୁ ୯ ଦିନରେ ୫ଟି ଗେମ୍ ଖେଳିବାକୁ ପଡ଼ିଥିବାରୁ କ୍ଲାନ୍ତ ପାଇଁ ଚେନ୍ନାଇ ସୁପର କିଙ୍ଗ୍ସଠାରୁ ହାରିଗଲୁ ।

–ଜ୍ୟାକ୍ସ କାଲିସ୍, ନାଇଟ ରାଇଡର୍ସ କୋଚ୍



ହୋମ୍ ୱର୍କ ଠିକ୍ ନ ଥିବାରୁ ରବିବାର ଚାଇନା ଫର୍ମୁଲା ୱାର୍ନ ଗ୍ରାଁ ପ୍ରିରେ ଆମ ଟିମ୍‌ର ପ୍ରଦର୍ଶନ ଆଶାନୁରୂପ ହୋଇପାରି ନ ଥିଲା ।

–ସେବାଷ୍ଟିଆନ ଭେଟେଲ, ଫେରାରି ଡ୍ରାଇଭର

**ଆଜିର ମ୍ୟାଚ**



କିଙ୍ଗ୍ସ ଇଲେଭେନ ପଞ୍ଜାବ
ବନାମ
ରାଜସ୍ଥାନ ରୟାଲ୍ସ

ପ୍ରସାରଣ
ସ୍ଥାନ : ମୋହାଲି
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ

# ହାଇଦ୍ରାବାଦକୁ ହରାଇ ଦ୍ୱିତୀୟରେ ଦିଲ୍ଲୀ

**ହାଇଦ୍ରାବାଦ, ୧୫।୪**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ରବିବାର ଏଠାରେ ଅନୁଷ୍ଠିତ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ୩୯ ରନରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ୨୦ ଓଭରରେ ୭ ଉଇକେଟ ହରାଇ ୧୫୫ ରନ କରିଥିବାବେଳେ ଆଶ୍ଚର୍ଯ୍ୟଜନକ ଭାବେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ହାଇଦ୍ରାବାଦ ୧୮.୫ ଓଭରରେ ୧୧୬ ରନ କରି ଅଲଆଉଟ ହୋଇ ଯାଇଥିଲା। ୮ ମ୍ୟାଚରୁ ୫ମ ବିଜୟ ସହ ଦିଲ୍ଲୀ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଲମ୍ଫ ମାରିଛି। ଦଳର ପଏଣ୍ଟ ସଂଖ୍ୟା ୧୦ରେ ପହଞ୍ଚି ଯାଇଛି। ଅନ୍ୟପକ୍ଷରେ ସନ୍‌ରାଇଜର୍ସ ୬ ପଏଣ୍ଟ ସହ ୬ଷ୍ଠ ସ୍ଥାନରେ ସ୍ଥିର ରହିଛି।

ଡେଭିଡ ୱାର୍ନର ଓ ଜନି ବେୟାରେଷ୍ଟୋଙ୍କ ଓପନିଂ ଯୋଡ଼ିରେ ୭୨ ରନ ସଂଗ୍ରହ କରି ବିଜୟ ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲା ସନ୍‌ରାଇଜର୍ସ। ମାତ୍ର ଏହି ଯୋଡ଼ି ଭାଙ୍ଗିବା ପରେ ଦଳର ବ୍ୟାଟିଂ ଦିଗହରା ହୋଇଯାଇଥିଲା। ୩୧ ବଲ୍‌ରୁ ୫ ଚୌକା ଓ ୧ ଛକା ସହାୟତାରେ ୪୧ରନ ସଂଗ୍ରହ କରି ପ୍ରଥମ ଖେଳାଳି ଭାବେ ଆଉଟ ହୋଇଥିଲେ ବେୟାରଷ୍ଟୋ। ସ୍ୱାଭାବିକ ଆକ୍ରମଣାତ୍ମକ ବ୍ୟାଟିଂ ପରିବର୍ତ୍ତେ ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳିଥିବା ୱାର୍ନର ୪୭ ବଲ୍‌ରୁ ୫୧(୩ ଚୌକା, ୧ ଛକା) ରନ ସ୍କୋର କରିଥିଲେ। ମାତ୍ର ମିଡଲ ଏବଂ ଲୋୟର ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ସନ୍‌ରାଇଜର୍ସ ପାଇଁ ବିପଦକୁ ଡାକି ଆଣିଥିଲା। କେନ୍ ୱିଲିୟମସନ ୩, ରିକି ଭୁଇ ୭, ବିଜୟ ଶଙ୍କର ୧, ଦୀପକ ହୁଦା ୩, ଅଭିଷେକ ଶର୍ମା ୨, ଭୁବନେଶ୍ୱର କୁମାର ୨ ଏବଂ ରଶିଦ ଖାଁ ଓ ଖଲିଲ ଅହମଦ ଖାତା ଖୋଲିବା ପୂର୍ବରୁ ଆଉଟ ହେବାରୁ ୧୮.୫ ଓଭରରେ ୧୧୬ ରନ କରି ସନ୍‌ରାଇଜର୍ସ ଅଲଆଉଟ ହୋଇ ଯାଇଥିଲା। ଅର୍ଥାତ୍ ଏକଦା ୨ ଉଇକେଟ ହରାଇ ୧୦୧ ରନ ପୂରଣ କରିଥିବା ସନ୍‌ରାଇଜର୍ସ ୧୫ ରନ ବ୍ୟବଧାନରେ ୮ଟି ଉଇକେଟ ହରାଇଥିଲା। ଦିଲ୍ଲୀ ପକ୍ଷରୁ କାଗିଶୋ ରାବାଡ଼ା ୪ଟି, କେମୋ ପଲ୍ ଓ କ୍ରିସ ମୋରିସ ୩ଟି ଲେଖାଏ ଉଇକେଟ ନେଇଥିଲେ। ୪ ଓଭର ବିଶିଷ୍ଟ ସ୍ପେଲ୍‌ରେ ମାତ୍ର ୧୭ ରନ ଦେଇ ୩ଟି ଉଇକେଟ ନେଇଥିବା କେମୋ ପଲ୍ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ।

ଟସ୍ ଜିତି ସନ୍‌ରାଇଜର୍ସ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଅଧିନାୟକଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରିଥିଲେ ଦ୍ରୁତ ବୋଲର ଖଲିଲ ଅହମଦ। ସେ ନିଜ ପ୍ରଥମ ଓଭରର ୫ମ ବଲ୍‌ରେ ପୃଥ୍ୱୀ ଶ'ଙ୍କୁ ଏବଂ ଦ୍ୱିତୀୟ ଓଭରର ୨ୟ ବଲ୍‌ରେ ଶିଖର ଧାୱନଙ୍କୁ ଆଉଟ କରି ଦିଲ୍ଲୀର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ପୃଥ୍ୱୀ ୪ ଓ ଧାୱନ ୭ ରନକରି ଆଉଟ ହେବାରୁ ଦିଲ୍ଲୀ ସ୍କୋର ୩.୨ ଓଭର ବେଳକୁ ୨୦/୨ ହୋଇଯାଇଥିଲା। ମିଡଲ ଅର୍ଡରରେ କଲିନ୍ ମୁନ୍‌ରୋ ଓ ଅଧିନାୟକ ଶ୍ରେୟସ ଆୟାର ସତର୍କତାର ସହ ବ୍ୟାଟିଂ କରି ଇନିଂସ ସମ୍ଭାଳି ନେଇଥିଲେ। ମୁନ୍‌ରୋ ୨୪ ବଲ୍‌ରୁ ୪ ଚୌକା ଓ ୩ ଛକା ସହାୟତାରେ ଦ୍ରୁତ ୪୦ ରନ କରି ଆଉଟ ହୋଇଥିଲେ। ଆୟାର ୪୦ ବଲ୍‌ରୁ ୫ ଚୌକା ସହାୟତାରେ ଧୈର୍ଯ୍ୟପୂର୍ଣ୍ଣ ୪୫ ରନ କରିଥିବାବେଳେ ରିଷଭ ପନ୍ତ ୧୯ ବଲ୍‌ରୁ ୨୩(୩ ଚୌକା) ରନ କରି ପ୍ୟାଭିଲିୟନ ଫେରିଥିଲେ। ଶେଷଭାଗ ବ୍ୟାଟିଂ ବିପର୍ଯ୍ୟୟ ଯୋଗୁ ଦିଲ୍ଲୀ ଇନିଂସ ୨୦ ଓଭରରେ ୧୫୫/୭ରେ ସୀମିତ ହୋଇ ଯାଇଥିଲା। ଅକ୍ଷର ପଟେଲ ୧୪ ରନରେ ଅପରାଜିତ ରହିଥିବାବେଳେ କ୍ରିସ୍ ମୋରିସ ୪, କେମୋ ପଲ୍ ୭ ରନ କରି ଆଉଟ ହୋଇଥିଲେ। ହାଇଦ୍ରାବାଦ ପକ୍ଷରୁ ଖଲିଲ ସର୍ବାଧିକ ୩ଟି, ଭୁବନେଶ୍ୱର କୁମାର ୨ଟି ଏବଂ ଅଭିଷେକ ଶର୍ମା ଓ ରଶିଦ ଖାଁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

## ସଂକ୍ଷିପ୍ତ ସ୍କୋର

■ **ଦିଲ୍ଲୀ କ୍ୟାପିଟାଲ୍ସ**
୨୦ ଓଭରରେ ୧୫୫/୭(ଆୟାର-୪୫, ମୁନ୍‌ରୋ-୪୦, ପନ୍ତ-୨୩, ଖଲିଲ-୩/୩୦, ଭୁବନେଶ୍ୱର-୨/୩୩, ଅଭିଷେକ-୧/୧୦, ରଶିଦ-୧/୨୨)।

■ **ସନ୍‌ରାଇଜର୍ସ ହାଇଦ୍ରାବାଦ**
୧୮.୫ ଓଭରରେ ୧୧୬/ଅଲଆଉଟ(ୱାର୍ନର-୫୧, ବେୟାରଷ୍ଟୋ-୪୧, ରାବାଡ଼ା-୪/୨୨, ପଲ୍-୩/୧୭, ମୋରିସ-୩/୨୨)।

**ମ୍ୟାନ ଅଫ ଦି ମ୍ୟାଚ: କେମୋ ପଲ୍**



ଜନି ବେୟାରଷ୍ଟୋଙ୍କ ଉଇକେଟ୍ ନେବା ପରେ କେମୋ ପଲ (ବାମ)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।



ଆଇପିଏଲ୍‌ରେ ସୋମବାର ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଅର୍ଦ୍ଧଶତକୀୟ ଇନିଂସ ଅବସରରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ଏବି ଡି'ଭିଲର୍ସ।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନହାର |
|---|---|---|---|---|---|
| ସୁପର କିଙ୍ଗ୍ସ | ୮ | ୭ | ୧ | ୧୪ | +୦.୨୮୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୫ | ୩ | ୧୦ | ୦.୪୧୮ |
| ନାଇଟ ରାଇଡର୍ସ | ୮ | ୪ | ୪ | ୮ | +୦.୩୫୦ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୪ | ୩ | ୮ | +୦.୨୦୯ |
| କିଙ୍ଗ୍ସ ଇଲେଭେନ | ୮ | ୪ | ୪ | ୮ | -୦.୦୯୩ |
| ସନ୍‌ରାଇଜର୍ସ | ୭ | ୩ | ୪ | ୬ | ୦.୪୦୯ |
| ରାଜସ୍ଥାନ ରୟାଲ୍ସ | ୭ | ୨ | ୫ | ୪ | -୦.୫୮୭ |
| ରୟାଲ ଚ୍ୟାଲେଞ୍ଜର୍ସ | ୭ | ୧ | ୬ | ୨ | -୧.୨୦୨ |

# କୋଚ୍‌ଙ୍କ ବେତନ ନେଇ ବିଚାର ବିମର୍ଷ

**ନୂଆଦିଲ୍ଲୀ, ୧୫।୪ (ପି.ଟି.):** ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍)ର ଟେକ୍‌ନିକାଲ କମିଟିର ପ୍ରଥମ ବୈଠକ ଏଠାରେ ସୋମବାର ବସିଥିଲା। ଜାତୀୟ ଦଳ୍ ପାଇଁ ଆବେଦନ କରିଥିବା ହାଇ ପ୍ରୋଫାଇଲ କୋଚ୍‌ଙ୍କ ବେତନ ସମ୍ପର୍କରେ ଆଲୋଚନା ହୋଇଥିଲା। ଷ୍ଟିଫେନ କନଷ୍ଟାଣ୍ଟିନ ପଦ ଛାଡ଼ିବା ପରେ ଜାତୀୟ ଫୁଟ୍‌ବଲ ଦଳର କୋଚ୍ ପଦବୀ ଖାଲି ପଡ଼ିଥିଲା। ଏହି ପଦବୀ ପାଇଁ ଏଆଇଏଫ୍‌ଏଫ୍‌କୁ ୨୫୦ ଜଣ ଆବେଦନ କରିଥିଲେ। ଆବେଦନକାରୀଙ୍କ ପାରଦର୍ଶିତା ଓ ଦକ୍ଷତାକୁ ବିଭିନ୍ନ ଦିଗରୁ ବିଚାର କରି ସେମାନଙ୍କ ମଧ୍ୟରୁ ୪୧ଜଣଙ୍କ ନାମ ଟେକ୍‌ନିକାଲ କମିଟିକୁ ସୁପାରିସ କରାଯାଇଥିଲା। ଭାରତର ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଶ୍ୟାମ ଥାପ୍ପାଙ୍କ ଅଧ୍ୟକ୍ଷତାରେ ବସିଥିବା ଟେକ୍‌ନିକାଲ କମିଟି ବୈଠକରେ ୪୧ଜଣିଆ ସଂକ୍ଷିପ୍ତ ତାଲିକାକୁ ଦୁଇ ଭାଗ କରାଯାଇଥିଲା। ପ୍ରଥମ ତାଲିକାରେ ଫ୍ରାନ୍ସର ୱାର୍ଲ୍ଡ ବିଶ୍ୱକପ୍ ବିଜୟୀ କୋଚ୍ ରେମଣ୍ଡ ଡୋମେନେଚ୍, ପୂର୍ବତନ ଇଂଲଣ୍ଡ ମାନେଜର ସିଭେନ ଗୋରାନ ଏରିକ୍‌ସନ ଏବଂ ସାମ୍ ଆଲାର୍ଡିସ। ଏମାନେ ସମସ୍ତେ ହେଉଛନ୍ତି ଲାଇସେନ୍ସଧାରୀ। ବିଶ୍ୱକପ୍ ଭଳି ପ୍ରମୁଖ ଗ୍ଲୋବାଲ ଇଭେଣ୍ଟରେ ଜାତୀୟ ଦଳ ସହ ସେମାନଙ୍କର ଅଭିଜ୍ଞତା ରହିଛି। ଦ୍ୱିତୀୟ ତାଲିକାରେ ୨୪ ଜଣଙ୍କ ନାମ ସ୍ଥାନ ପାଇଛି। ଏଥିରେ ପୂର୍ବତନ ସଫଳ ବେଙ୍ଗାଲୁରୁଏଫ୍‌ସି ମ୍ୟାନେଜର ଆଲବର୍ଟ ରୋକା ରହିଛନ୍ତି। ଏହି ସମସ୍ତଙ୍କର ଯଦିଓ ଲାଇସେନ୍ସ ସହ ଜାତୀୟ ଦଳ ସହିତ ଅଭିଜ୍ଞତା ରହିଛି କିନ୍ତୁ ଗ୍ଲୋବାଲ ଇଭେଣ୍ଟ ନାହିଁ। ଟେକ୍‌ନିକାଲ କମିଟିର ପରବର୍ତ୍ତୀ ବୈଠକ ଏପ୍ରିଲ ୨୩ରେ ବସିବ। ସଂକ୍ଷିପ୍ତ ତାଲିକାରେ ସ୍ଥାନ ପାଇଥିବା ପ୍ରାର୍ଥୀମାନଙ୍କର ଏହି ମାସ ଶେଷ ଭାଗରେ ହେବ। ଆସନ୍ତା ମାସ ପ୍ରାରମ୍ଭରେ ନୂଆ ଜାତୀୟ କୋଚ୍‌ଙ୍କ ନାମ ଚୂଡ଼ାନ୍ତ ହେବ। ପ୍ରଥମ ତାଲିକାରେ ସ୍ଥାନ ପାଇଥିବା ହାଇପ୍ରୋଫାଇଲ କୋଚ୍‌ଙ୍କ ଲାଗି ବେତନ ନିର୍ଦ୍ଧାରଣ ସବୁଠାରୁ ବଡ଼ ସମସ୍ୟା। ନାମି କୋଚ୍‌ଙ୍କୁ ଆଣିଲେ ଲୋଭନୀୟ ବେତନ ଦେବାକୁ ପଡ଼ିବ। ହାଇ ପ୍ରୋଫାଇଲ କୋଚ୍ ନିଜ ପସନ୍ଦ ମୁତାବକ ସହକାରୀ ଷ୍ଟାଫ୍ ଆଣିବାକୁ ଚାହିଁବେ। ଏଆଇଏଫ୍‌ଏଫ୍ କିନ୍ତୁ ଜଣେ ଭାରତୀୟଙ୍କୁ ଆସିଷ୍ଟାଣ୍ଟ କୋଚ ପଦବୀରେ ରଖିବାକୁ ଚାହିଁବ। ବିଶେଷ କରି କନଷ୍ଟାଣ୍ଟିନଙ୍କ ଅଧୀନରେ କାର୍ଯ୍ୟ କରିଥିବା ଭେଙ୍କଟେଶ ଶନମୁଗମଙ୍କୁ। ସୋମବାର ବୈଠକରେ ଯେଉଁମାନେ ଯୋଗଦାନ କରିଥିଲେ ସେମାନଙ୍କ ମଧ୍ୟରେ ଥିଲେ ଏଆଇଏଫ୍‌ଏଫ୍ ସାଧାରଣ ସମ୍ପାଦକ କୁଶାଲ ଦାସ, ନ୍ୟାଶନାଲ ଟିମ୍ ନିର୍ଦ୍ଦେଶକ, ଅଭିଶେକ ଯାଦବ, ହେନ୍‌ରୀ ମେନିଞ୍ଜେସ, ଇସ୍‌ଫାକ ଅହମ୍ମଦ, ପ୍ରଦୀପ ଦତ୍ତ, ଜି.ପି. ପଲଗୁନା ଏବଂ ସୁନ୍ଦର ରମଣ(ଭିଡିଓ କନଫରେନ୍ସ ଜରିଆରେ)।

# ପ୍ରଜନେଶଙ୍କୁ ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍



**ନୂଆଦିଲ୍ଲୀ, ୧୫।୪(ପି.ଟି.)**

ସ୍ଥିର ପ୍ରଦର୍ଶନ କରିଆସୁଥିବା ଭାରତୀୟ ଟେନିସ ତାରକା ପ୍ରଜନେଶ ଗୁଣେଶ୍ୱରନ କ୍ୟାରିୟର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ ଲାଭ କରିଛନ୍ତି। ସୋମବାର ସଦ୍ୟ ପ୍ରକାଶିତ ଏଟିପି ର୍‍ୟାଙ୍କିଙ୍ଗ୍‌ରେ ୨୯ ବର୍ଷୀୟ ପ୍ରଜନେଶ ୨ଟି ପାହାଚ ଉପରକୁ ଉଠି ୮୦ତମ ସ୍ଥାନରେ ରହିଛନ୍ତି। ଗତ ଫେବ୍ରୁୟାରୀରେ ଟପ୍-୧୦୦ରେ ପ୍ରବେଶ କରିଥିବା ପ୍ରଜନେଶ ଏଥିସହ ଭାରତୀୟ ଟେନିସ ଇତିହାସରେ ୬ଷ୍ଠ ଶ୍ରେଷ୍ଠ ସିଙ୍ଗଲ୍ସ ମାନ୍ୟତା ହାସଲ କରିଛନ୍ତି। ଇଣ୍ଡିଆନ ୱେଲ୍ସ ଜରିଆରେ କ୍ୟାରିୟରର ପ୍ରଥମ ଏଟିପି ମାଷ୍ଟର୍ସ ଖେଳିଥିବା ପ୍ରଜନେଶ ଏହି ପ୍ରତିଯୋଗିତାର ୩ୟ ରାଉଣ୍ଡରେ ପ୍ରବେଶ କରିଥିଲେ। ସେହିଭଳି ବିଏନ୍‌ପି ପରିବାସ ଓପନ୍ ଟୁର୍ନାମେଣ୍ଟରେ ମଧ୍ୟ ସେ ୩ୟ ରାଉଣ୍ଡରେ ପହଞ୍ଚିଥିଲେ। ମିଆମି ଓପନ୍‌ର ମୁଖ୍ୟ ପର୍ଯ୍ୟାୟ ପ୍ରବେଶ କରିବାରେ ସେ ସଫଳ ହୋଇଥିଲେ। ଅନ୍ୟତମ ଭାରତୀୟ ଖେଳାଳି ରାମକୁମାର ରାମନାଥନ ୧୬ଟି ପାହାଚ ତଳକୁ ଖସି ୧୫୭ତମ ସ୍ଥାନରେ ରହିଛନ୍ତି।

## ଏଟିପି ଟ୍ରଫି ଜିତିବାରେ ଗାରିନ ଦଶନ୍ଧିର ପ୍ରଥମ ଚିଲି ଖେଳାଳି

**ଲସ୍ ଏଞ୍ଜେଲ୍ସ, ୧୫।୪(ଏଏଫ୍‌ପି):** ଏଠାରେ ଚାଲିଥିବା ୟୁଏସ୍ ପୁରୁଷ କ୍ଲେ କୋର୍ଟ ଟେନିସ ଚାମ୍ପିୟନଶିପ୍‌ରେ ଚିଲିର କ୍ରିଷ୍ଟିଆନ ଗାରିନ ଚାମ୍ପିୟନ ହୋଇଛନ୍ତି। କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲରେ ୨୨ ବର୍ଷୀୟ ଗାରିନ ୭-୬ (୭/୪), ୪-୬, ୬-୩ ସେଟ୍‌ରେ କାସପର ରଡ୍‌ଙ୍କୁ ପରାସ୍ତ କରିଥିଲେ। ଏଥିସହ ଗତ ଦଶନ୍ଧିରେ ପ୍ରଥମ ଚିଲି ଖେଳାଳି ଭାବେ ସେ ଏଟିପି ଟୁର୍ ଟାଇଟଲ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ଶେଷଥର ପାଇଁ ୨୦୦୯ରେ ଫର୍ନାଣ୍ଡୋ ଗୋଞ୍ଜାଲେଜ ଚିଲି ପକ୍ଷରୁ ଏଟିପି ଟୁର୍ ଟାଇଟଲ ଜିତିଥିଲେ। ଫାଇନାଲ ପଥରେ ଗାରିନ ୭-୬ (୭/୨), ୬-୨ ସେଟ୍‌ରେ ଆମେରିକାର ସାମ୍ କ୍ୟୁରୀଙ୍କୁ ପରାସ୍ତ କରିଥିଲେ। ଅପରପକ୍ଷରେ ପ୍ରଥମ ନରୱେ ଖେଳାଳି ଭାବେ ରଡ୍ ଏଟିପି ଟାଇଟଲ୍ ଜିତିବାରୁ ବଞ୍ଚିତ ହୋଇଛନ୍ତି। ଶେଷଥର ପାଇଁ ରଡ୍‌ଙ୍କ ବାପା କ୍ରିଷ୍ଟିଆନ ୧୯୯୫ରେ ସ୍ୱିଡେନରେ ଅନୁଷ୍ଠିତ ଏଟିପି ଟୁର୍ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲେ।

# ଆନିସିମୋଭା ଟପ୍ ୫୦ ନିକଟତର



ଆମାଣ୍ଡା ଆନିସିମୋଭା

**ପ୍ୟାରିସ, ୧୫।୪ (ଏଏଫ୍‌ପି)**

ସୋମବାର ପ୍ରକାଶିତ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ ତାଲିକାରେ ଆମେରିକାର ସ୍ୱଳ୍ପ ବୟସ୍କା ଆମାଣ୍ଡା ଆନିସିମୋଭା ବିଶ୍ୱ ଟପ୍ ୫୦ର ନିକଟତର ହୋଇଛନ୍ତି। ନିକଟରେ ଏହି ଖେଳାଳି ବୋଗୋଟାଠାରେ ତାଙ୍କର ପ୍ରଥମ ଡବ୍ଲ୍ୟୁଟିଏ ଟାଇଟଲ ଜିତିଥିଲେ। ଜାନୁୟାରୀରେ ଅଷ୍ଟ୍ରେଲିଆନ ଓପନରେ ପ୍ରି-କ୍ୱାର୍ଟରରେ ପ୍ରବେଶ କରି ଆନିସିମୋଭା ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେତେବେଳେ ମାତ୍ର ୧୭ ବର୍ଷ ବୟସରେ ସର୍ବକନିଷ୍ଠ ଖେଳାଳି ହିସାବରେ ସେ ର୍‍ୟାଙ୍କିଙ୍ଗ ତାଲିକାର ଟପ୍ ୧୦୦ ରେ ପ୍ରବେଶ କରିଥିଲେ। ବର୍ତ୍ତମାନ ସେ ୫୪ତମ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ୟୁଏସ ଏବଂ ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ଜାପାନର ନାଓମି ଓସାକା ର୍‍ୟାଙ୍କିଙ୍ଗ ତାଲିକାର ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି।

## ଡବ୍ଲ୍ୟୁଟିଏ ଟପ୍ ୧୦

ନାଓମି ଓସାକା (ଜାପାନ), ୨. ସିମୋନା ହାଲେପ (ରୋମାନିଆ), ୩. ପେଟ୍ରା କ୍ୱିଟୋଭା (ଚେକ୍‌ରିପବ୍ଲିକ), ୪. କାରେଲିନା ପ୍ଲିସକୋଭା (ଚେକ୍‌ରିପବ୍ଲିକ), ୫. ଆଞ୍ଜେଲିକ୍ କର୍ବର (ଜର୍ମାନୀ), ୬. ଏଲିନା ସ୍ୱିଟୋଲିନା (ୟୁକ୍ରେନ), ୭.କିକି ବର୍ଟେନ୍ସ (ନେଦରଲାଣ୍ଡ), ୮. ସ୍ଲୋଏନ୍ ଷ୍ଟିଫେନ୍ସ (ଆମେରିକା), ୯. ଆସଲେ ବାର୍ଟି (ଅଷ୍ଟ୍ରେଲିଆ), ୧୦. ଆରିନା ସାବାଲେଙ୍କା (ବେଲାରୁଷ)।

# ଅଷ୍ଟ୍ରେଲିଆ ବିଶ୍ୱକପ୍ ଦଳରେ ସ୍ମିଥ୍, ୱାର୍ନର




**ସିଡ୍‌ନୀ, ୧୫।୪(ଏଏଫ୍‌ପି)**

ଆସନ୍ତା ମେ ୩୦ରୁ ଇଂଲଣ୍ଡରେ ଆରମ୍ଭ ହେବାକୁ ଥିବା ଆଇସିସି ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ଲାଗି ସୋମବାର ଆରୋନ୍ ଫିଞ୍ଚଙ୍କ ନେତୃତ୍ୱରେ ୧୫ ଜଣିଆ ଅଷ୍ଟ୍ରେଲିଆ କ୍ରିକେଟ ଦଳ ଘୋଷଣା କରାଯାଇଛି। ବହୁଚର୍ଚ୍ଚିତ ବଲ୍ ଟ୍ୟାମ୍ପରିଂ ମାମଲାରେ ଛନ୍ଦି ହୋଇପଡ଼ିଥିବା ଷ୍ଟିଭେନ ସ୍ମିଥ୍ ଓ ଡେଭିଡ୍ ୱାର୍ନରଙ୍କୁ ଏହି ବିଶ୍ୱକପ୍ ଦଳରେ ସ୍ଥାନ ମିଳିଛି। ତେବେ ଜୋଶ୍ ହାଜେଲଉଡ୍ ଓ ପିଟର୍ ହ୍ୟାଣ୍ଡ୍ସକମ୍ବଙ୍କୁ ନିରାଶ ହେବାକୁ ପଡ଼ିଛି।

କେପ୍ ଟାଉନ୍ ବଲ୍ ଟ୍ୟାମ୍ପରିଂ ମାମଲାରେ ସ୍ମିଥ୍ ଓ ୱାର୍ନରଙ୍କୁ ଏକ ବର୍ଷ ଲେଖାଏ ବାସନ୍ଦ କରାଯାଇଥିଲା। ଯାହାର ଅବଧି ଗତ ମାସ ଶେଷ ଭାଗରେ ସମାପ୍ତ ହୋଇଥିଲା। ଏହାପରେ ଦୁହେଁ ସେତେବେଳେ ୟୁଏଇରେ ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ସିରିଜ ଖେଳିବା ଲାଗି ଯୋଗ୍ୟ ହୋଇଥିଲେ ମଧ୍ୟ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ ପାଇଁ ସେମାନେ ଆଇପିଏଲ୍‌କୁ ବାଛିଥିଲେ। ଏଥିରେ ୱାର୍ନର ଶତପ୍ରତିଶତ ସଫଳ ହୋଇ ବେଶ୍ ପ୍ରଭାବୀ ବ୍ୟାଟିଂ କରିଥିଲେ। ଅଷ୍ଟ୍ରେଲିଆ ଏହାର ଶେଷ ୮ଟି ଦିନିକିଆରେ ଯଥାକ୍ରମେ ଭାରତ ଓ ପାକିସ୍ତାନକୁ ପରାସ୍ତ କରିଥିବାରୁ କୋଚ୍ ଜଷ୍ଟିନ ଲାଙ୍ଗରଙ୍କ ମନୋବଳ ମଧ୍ୟ ବିଶ୍ୱକପ୍ ପୂର୍ବରୁ ଦୃଢ଼ ରହିଛି।

ଅଷ୍ଟ୍ରେଲିଆ ଦଳରେ ଏକମାତ୍ର ଉଇକେଟ୍‌କିପର ଭାବେ ଆଲେକ୍ସ କେରୀ ରହିଥିବାବେଳେ ୱାର୍ନର, ଫିଞ୍ଚ୍ ଓ ଉସମାନ ଖ୍ୱାଜାଙ୍କ ଭାବେ ୩ ଜଣ ଓପନର୍ ରହିଛନ୍ତି। ସେହିଭଳି ସ୍ମିଥ୍‌ଙ୍କ ସମେତ ଶନ୍ ମାର୍ଶ, ଗ୍ଲେନ ମ୍ୟାକ୍ସୱେଲ୍ ଓ ଅଲ୍‌ରାଉଣ୍ଡର ମାର୍କସ ଷ୍ଟୋଇନିସ ମିଡ୍‌ଲ ଅର୍ଡର ଦାୟିତ୍ୱ ସମ୍ଭାଳିବେ। ଚୟନକର୍ତ୍ତାମାନେ ଆଡାମ ଜାମ୍ପା ଓ ନାଥନ ଲିୟନଙ୍କ ରୂପରେ ୨ଜଣ ସ୍ପିନରଙ୍କୁ ଦଳରେ ସ୍ଥାନ ଦେଇଛନ୍ତି। ସେହିଭଳି ଦଳରେ ୫ଜଣ ସ୍ପେଶାଲିଷ୍ଟ ଦ୍ରୁତ ବୋଲରଙ୍କୁ ନିଆଯାଇଛି। ସେମାନେ ହେଲେ ମିଚେଲ ଷ୍ଟାର୍କ, ପ୍ୟାଟ୍ କମିନ୍ସ, ଝେ ରିଚାର୍ଡଶନ, ଜାସନ ବେହରେନଡ୍ରଫ୍ ଓ ନାଥନ କୁଲ୍ଟର-ନିଲ। ପିଠି ଯନ୍ତ୍ରଣା ଲାଗି ଗତ ଜାନୁୟାରୀରୁ କ୍ରିକେଟରୁ ଦୂରେଇ ରହିଥିବା ହାଜେଲଉଡ୍‌ଙ୍କୁ ଦଳରୁ ବାଦ୍ ଦିଆଯାଇଛି।

**ଅଷ୍ଟ୍ରେଲିଆ ବିଶ୍ୱକପ୍ ଦଳ:** ଆରୋନ୍ ଫିଞ୍ଚ୍ (ଅଧିନାୟକ), ଉସମାନ ଖ୍ୱାଜା, ଡେଭିଡ୍ ୱାର୍ନର, ଷ୍ଟିଭ ସ୍ମିଥ୍, ଶନ୍ ମାର୍ଶ, ଗ୍ଲେନ ମ୍ୟାକ୍ସୱେଲ, ମାର୍କସ ଷ୍ଟୋଇନିସ, ଆଲେକ୍ସ କେରୀ, ପ୍ୟାଟ୍ କମିନ୍ସ, ମିଚେଲ ଷ୍ଟାର୍କ, ଝେ ରିଚାର୍ଡଶନ, ନାଥନ କୁଲ୍ଟର-ନିଲ, ଜାସନ ବେହରେନଡ୍ରଫ୍, ନାଥନ ଲିୟନ ଓ ଆଡାମ ଜାମ୍ପା।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ରାଧାନାଥ ପାତ୍ର
ପ୍ଲଟ ନଂ.୧୬, ମଧୁସୂଦନ ନଗର, ୟୁନିଟ୍-୪, ଭୁବନେଶ୍ୱର
ଆବିର୍ଭାବ: ୨୦।୧୨।୧୯୨୫
ତିରୋଧାନ: ୨୭।୦୩।୨୦୧୮
ଆଜି ତୁମର ପ୍ରଥମ ଶ୍ରାଦ୍ଧବାର୍ଷିକୀ ପୁଣ୍ୟତିଥିରେ ଆମର ଅଶ୍ରୁପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା, କର୍ତ୍ତବ୍ୟନିଷ୍ଠା ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି ଓ ରହିବ ମଧ୍ୟ। ଏ ପବିତ୍ର ତିଥିରେ ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀ ଚରଣରେ ଆମର ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ ପରିବାରବର୍ଗ: ପୁତ୍ର- ବିନୟ ଓ ବିଜୟ, ପୁତ୍ରବଧୂ- ସବିତା ଓ ସ୍ୱାଗତିକା, ଜ୍ୱାଇଁ- ପ୍ରକାଶ ଓ ଶୁଭେନ୍ଦୁ, ଝିଅ- ଜୟନ୍ତୀ ଓ ଭାରତୀ, ନାତି, ନାତୁଣୀ- ଦିନେଶ, ବିଜୟିନୀ, ଇଥେନ୍, ପିଙ୍କି, ବନ୍ଧୁ ଓ ପରିବାରବର୍ଗ। ଧ-୫୩୬୪୨

ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଶରତ ମଞ୍ଜରୀ ରଥ
ଚାହୁଁଚାହୁଁ ପନ୍ଦର ବର୍ଷ ପୂରିଗଲା ତୁମେ ଆମକୁ ଛାଡି ଚାଲିଯିବାର । ତୁମେ ଦେଇଥିବା ଶିକ୍ଷା ଓ ଆଦର୍ଶକୁ ପାଥେୟ କରି ଆମ୍ଭେମାନେ ଜୀବନରେ ଆଗେଇ ଚାଲିଛୁ । ତଥାପି ତୁମର ଅନାବିଳ ସ୍ନେହ ଓ ମମତାକୁ ପ୍ରତିଦିନ ଝୁରି ହେଉଛୁ । ପଞ୍ଚଦଶ ଶ୍ରାଦ୍ଧ ବାର୍ଷିକୀ ଅବସରରେ ତୁମ ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶାରଦା ପ୍ରସାଦ ରଥ, ବୁଟୁ, ଝିଅ, ଗୁଡଲି, ଡେଜି, ରିଜି, ସାରା, ସୋନି, ଟୁଇନ୍, ତ୍ରିଷା, ମୋନି, କୁନି, ବେଦାନ୍ତ ଓ ପରିବାରବର୍ଗ
D-66216

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ମଙ୍ଗଳବାର, ଏପ୍ରିଲ ୧୬/୨୦୧୯ Berhampur, Tuesday, April 16/ 2019

## ସଂକ୍ଷେପରେ

### ଜିଲ୍ଲାସ୍ତରୀୟ ମହାବିଶୁବ ଆସର, କବିତା ପାଠୋତ୍ସବ

ବାଲିଗୁଡ଼ା,୧୫।୪(ଡି.ଏନ୍.ଏ.): ବାଲିଗୁଡ଼ା ଶାଳବଣ ସାହିତ୍ୟ ସଂସଦ ଦ୍ୱାରା ସ୍ଥାନୀୟ ବନବାସୀ ସେବା ସମିତି ପରିସରରେ ଜିଲା ସ୍ତରୀୟ ମହାବିଶୁବ ମିଳନ ଓ କବିତା ପଠୋତ୍ସବ ପାଳନ ହୋଇଯାଇଛି। ଶାଳବଣ ସାହିତ୍ୟ ସଂସଦର ସଭାପତିଙ୍କ ସଭାପତିତ୍ୱରେ ସଭାପରିଚାଳନା ହୋଇଥିଲା। ଅନୁଷ୍ଠାନର ସହସମ୍ପାଦକ କୈଳାଶ ଚନ୍ଦ୍ର ବେହେରା ମଞ୍ଚାସୀନ ଅତିଥିଙ୍କୁ ଆସନକୁ ନିମନ୍ତ୍ରଣ କରିଥିଲେ। ତୈଳଚିତ୍ରପଟ୍ଟରେ ପୁଷ୍ପମାଲ୍ୟାର୍ପଣ, ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ଅନୁଷ୍ଠାନର ସଭାପତି ଡ. ମଧୁସୂଦନ ମହାପାତ୍ରଙ୍କ ଦ୍ୱାରା ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ସାଦକ ରବୀନ୍ଦ୍ରକୁମାର ରଥ ସଂସଦୀୟ ବିବରଣୀ ପଠନ କରିଥିଲେ। ମୁଖ୍ୟ ଅତିଥି ଭାବେ ସୀତାରାମ ପଣ୍ଡା, ମଖ୍ୟବକ୍ତା କଳିଙ୍ଗ ମହାବିଦ୍ୟାଳୟର ଘୁ.ଉଦୟଗିରିର ଅଧାପକ ଡ. ନଳିନୀ କୁମାର ପାଣିଗ୍ରାହୀ ଯୋଗଦେଇଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା କୁରେଇ ପତ୍ରିକାର ଉନ୍ମୋଚନ କରାଯାଇଥିଲା । ଏହାକୁ ସହାୟତା କରିଥିଲେ କୁରେଇର ମୁଖ୍ୟ ସାଦକ ଡ. ବିଭୂତି ଭୂଷଣ ଆଚାର୍ଯ୍ୟ । ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଥିଲା ବନବାସୀ ସେବା ସମିତିର ସହ ସାଦକ ରବୀନ୍ଦ୍ର କୁମାର ପଣ୍ଡାଙ୍କୁ। ଶେଷରେ ଜୟହର ମହାନ୍ତୀ ପ୍ରଥମପର୍ବର ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତିୟପର୍ବର ମୁଖ୍ୟ ଅତୀ ଭାବେ ବରିଷ୍ଠ ଆଇନଜୀବୀ କୌଶିକ ସାହୁ, ସମ୍ମାନୀତ ଅତିଥୀ ଭାବେ ଓଡ଼ିଶା ସାହିତ୍ୟ ଏକାଡେମିର ସଦସ୍ୟ ବିଦେଶୀ ନାୟକ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ସସ୍ମିତା ପଣ୍ଡା ଓ ଦୀପ୍ତିମୟୀ ରଥ । କବିମାନେ ନିଜନିଜ କବିତା ପାଠ କରିଥିଲେ ।

### ମୌଳିକ ସୁବିଧା ସୁଯୋଗ ଅପହଞ୍ଚ

କେନ୍ଦୁଝର, ୧୫।୪(ଡି.ଏନ.ଏ.): କେନ୍ଦୁଝର ଜିଲା ବାଂଶପାଳ ବ୍ଲକ କରଙ୍ଗାଡିହୀ ପଞ୍ଚାୟତର ଟାଙ୍ଗରପଡ଼ା ଗ୍ରାମବାସୀ ମୌଳିକ ସୁବିଧାସୁଯୋଗରୁ ବଞ୍ଚିତ ହୋଇଛନ୍ତି। ରାସ୍ତା ଓ ପାନୀୟ ଜଳ ସମସ୍ୟା ରହିଥିଲେ ହେଁ ସମାଧାନ କରାଯାଉନି। ଏ ନେଇ ସୋମବାର ଗ୍ରାମବାସୀ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଅଞ୍ଚଳ ସମ୍ପୂର୍ଣ୍ଣ ବଣଜଙ୍ଗଲ ଘେର ମଧରେ ରହିଛି। ଗ୍ରାମକୁ ସବୁଦିନିଆ ରାସ୍ତା ନାହିଁ। ଗାଁକୁ ଆମ୍ବୁଲାନ୍ସ, ଅଗ୍ନିଶମ ସେବା, ସ୍ୱାସ୍ଥ୍ୟ ସେବା, ଶିକ୍ଷା ବ୍ୟବସ୍ଥା ଏବଂ ଅନ୍ୟ ସରକାରୀ ସୁବିଧାସୁଯୋଗ ଅପହଞ୍ଚ ହୋଇଛି। ଗାଁରେ ପାନୀୟ ଜଳର ଅସୁବିଧା ସବୁବେଳେ ଲାଗି ରହିଛି। ଗୋଟିଏ ନଳକୂପ ଥିଲେ ମଧ ବସବାସ କରୁଥିବା ଲୋକେ ପାନୀୟ ଜଳ ସଂଗ୍ରହ ପାଇଁ ହଇରାଣ ହେଉଛନ୍ତି। ବିଦ୍ୟୁତ୍ ବ୍ୟବସ୍ଥା ଏହି ଗାଁ ପାଇଁ ସାତସପନ ହୋଇଛି। ଗରିବ ଆଦିବାସୀ ବର୍ଗର ଲୋକଙ୍କୁ ମାଗଣା ବିଦ୍ୟୁତ୍ ସେବା ଯୋଗାଇବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଗୁଡିଏ ଯୋଜନା କାର୍ଯ୍ୟ କରିଛନ୍ତି। ଟାଙ୍ଗରପଡାବାସୀଙ୍କ ପାଇଁ ଏହା ସ୍ୱପ୍ନ ହୋଇଛି। ଗ୍ରାମର ବୃଦ୍ଧାବୃଦ୍ଧ, ବିଧବା ଏବଂ ଭିନ୍ନକ୍ଷମମାନେ ଭତ୍ତା ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ■ ସୁପ୍ରିୟା ହତ୍ୟା ଘଟଣାକୁ ମାସେ ପୂରିଲା

# ରହସ୍ୟ ଭେଦ କରିପାରୁନି ପୋଲିସ

ରେମୁଣା, ୧୫।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ରେମୁଣା ଥାନା ଅଧୀନ ବାଙ୍ଗର ଗାଁର ସୁପ୍ରିୟା ନାମ୍ନୀ ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର ଘଟଣାକୁ ମାସେ ବିତିଥିଲେ ବି ପୋଲିସ ଏଯାଏ ରହସ୍ୟ ଭେଦ କରିପାରିନି। ଇଞ୍ଜିନିୟରିଂ କଲେଜରେ ପଢୁଥିବା ସୁଜନ ନାମକ ଜଣେ ଛାତ୍ର ତାଙ୍କୁ ଭଲ ପାଉଥିଲେ। ସୁପ୍ରିୟାଙ୍କ ମୃତଦେହ ମିଳିବା ପୂର୍ବଦିନ ତାଙ୍କୁ ଗାଁରୁ ଅପହରଣ କରି ନିଆଯାଇଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ସୁଜନଙ୍କ ପରିବାର ଲୋକଙ୍କୁ ଗତ ମାସ ୧୫ ତାରିଖରେ ଥାନାକୁ ଧରି ନେଇ ପଚରାଉଚୁରା କରିଥିଲା। ପରେ ଗାଁମୁଣ୍ଡ ବାଉଁଶବୁଦା ମୂଳରୁ ସୁପ୍ରିୟାଙ୍କ ମୃତଦେହ ମିଳିବାରୁ ଏହା ଏକ ସୁପରିକଳ୍ପିତ ଅପହରଣ ଓ ହତ୍ୟା ଘଟଣା ବୋଲି ପରିବାରବର୍ଗ ଅଭିଯୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ରେଳବାଇ ପୋଲିସ ନୀଳଗିରି ରୋଡ଼ ମଧଭାଗ ରେଳଧାରଣା କଡରୁ ସେହିଦିନ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଥିଲା। ଘଟଣାର ୨ ସପ୍ତାହ ପରେ ଗତ ୩୦ତାରିଖରେ ସୁଜନଙ୍କ ପରିବାରବର୍ଗ ରେଳବାଇ ଥାନାକୁ ଯାଇ ପୋଲିସ ରଖିଥିବା ଫଟୋ ଓ ପିନ୍ଧା ଲୁଗାକୁ ଦେଖି ଏହା ସୁଜନଙ୍କର ମୃତଦେହ ବୋଲି ଚିହ୍ନଟ କରିଥିଲେ। ତେବେ ରିପୋର୍ଟରେ ରେଳବାଇ ପୋଲିସ ମୃତ ଯୁବକଙ୍କ ବୟସ ୪୦ରୁ ୫୦ ହେବ ବୋଲି ଉଲ୍ଲେଖ କରିଥିବା ଏବଂ ଉଠାଇଥିବା ଫଟୋରେ ଶାରୀରିକ ଗଠନରେ ତାଳମେଳ ନ ଥିବା ଦେଖି ଏହା ସୁଜନଙ୍କ ମୃତଦେହ ହୋଇ ନ ଥାଇପାରେ ବୋଲି ସୁପ୍ରିୟାଙ୍କ ପରିବାରବର୍ଗ ସନ୍ଦେହ ପ୍ରକାଶ କରିଛନ୍ତି। ଏଭଳି ସ୍ଥିତିରେ ସମଗ୍ର ଘଟଣା ଅଧିକ ରହସ୍ୟଘେରକୁ ଠେଲି ହୋଇଯାଇଛି। ଅଭିଯୁକ୍ତଙ୍କୁ ଧରିବା ଦୂରେ ଥାଉ ଥାନାରେ ଅଟକ ଥିବା ଲୋକଙ୍କୁ ପୋଲିସ ଛାଡି ଦେବାରୁ ପୋଲିସର ଏଭଳି ତଦନ୍ତ କାର୍ଯ୍ୟ ନେଇ ଅଞ୍ଚଳରେ ଅସନ୍ତୋଷ ଓ ଉତ୍ତେଜନା ପ୍ରକାଶ ପାଇଛି। ଗତ ୨୫ ତାରିଖରେ ଉତ୍ତ୍ୟକ୍ତ ଲୋକେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରି ରାସ୍ତା ଅବରୋଧ କରିଥିଲେ। ପୋଲିସ ପ୍ରତିଶ୍ରୁତି ଦେଇ ପୁନଶ୍ଚ ନିଷ୍କ୍ରିୟ ରହିବାରୁ ଶନିବାର ଜାଗ୍ରତ ନାରୀ ସଂଘ ସଦସ୍ୟାଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଥାନା ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ସେମାନେ ଏସପିଙ୍କୁ ଭେଟିବାକୁ ଯାଇ ସାକ୍ଷାତ ନ ପାଇ ନିରାଶ ହୋଇ ଗାଁକୁ ଫେରିବା ପରେ ଏକ ବୈଠକ କରିଥିଲେ। ପୋଲିସ ନିଷ୍କ୍ରିୟତା ବିରୋଧରେ ଏହି ବୈଠକରେ ସେମାନେ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିଥିବା କହିଛନ୍ତି। ଅନ୍ୟପକ୍ଷେ ରେଳବାଇ ପୋଲିସ ଉଦ୍ଧାର କରିଥିବା ମୃତଦେହକୁ ନେଇ ସନ୍ଦେହ ପ୍ରକାଶ ପାଉଥିବାରୁ ପୋଲିସ ଅଡୁଆରେ ପଡ଼ିଛି। ରେଳଲାଇନ କଡରୁ ମିଳିଥିବା ମୃତଦେହ କାହାର ଏବଂ ଘଟଣା ପରଠାରୁ ନିଖୋଜ ଥିବା ସୁଜନ ଏବେ କେଉଁଠି ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି।



ମହିଳା ଏବଂ ଜାଗ୍ରତ ନାରୀସଂଘ ପକ୍ଷରୁ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

- ରେଳବାଇ ପୋଲିସ ଉଦ୍ଧାର କରିଥିବା ଯୁବକଙ୍କ ମୃତଦେହ ଚିହ୍ନଟ ନେଇ ଦ୍ୱନ୍ଦ୍ୱ
- ସୁପ୍ରିୟା ହତ୍ୟାକାରୀଙ୍କୁ ଗିରଫ ଦାବିରେ ମହିଳାଙ୍କ ବିକ୍ଷୋଭ

ରେମୁଣା ଥାନା ଅଧିକାରୀ ରଞ୍ଜିତ ସାହୁ କହିଛନ୍ତି ଯେ, ରେଳଧାରଣା କଡରୁ ମୃତଦେହ ଉଦ୍ଧାର ହେବା ସ୍ଥାନଠାରୁ ଅଳ୍ପ କିଛି ଦୂରରୁ ସୁଜନ ବ୍ୟବହାର କରୁଥିବା ଏକ ମୋବାଇଲ ଫୋନ୍ ମିଳିଛି। ପୋଲିସ ମୋବାଇଲ ନମ୍ବର ଟ୍ରାକିଂ କରି ଏହାକୁ ପାଇଥିବା ଜଣେ ବ୍ୟକ୍ତିଙ୍କଠାରୁ ଉଦ୍ଧାର କରିଛି। ରେଳବାଇ ପୋଲିସ ଉଦ୍ଧାର କରିଥିବା ମୃତଦେହର ଅବଶେଷକୁ ଡିଏନଏ ପରୀକ୍ଷା ଲାଗି ପଠାଯାଉଛି। ଏହି ରିପୋର୍ଟ ଆସିଲେ ସବୁ ରହସ୍ୟ ଉପରୁ ପର୍ଦ୍ଦା ହଟିଯିବ। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ଗତ ୧୪ ତାରିଖରେ ସୁପ୍ରିୟାଙ୍କୁ ଗାଁଦାଣ୍ଡରୁ ଅପହରଣ କରାଯିବା ଘଟଣା ନେଇ ତାଙ୍କ ବାପା ଥାନାକୁ ଯାଇ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରୁଥିବା ବେଳେ ପରଦିନ ସୁପ୍ରିୟାଙ୍କ ମୃତଦେହ ଏକ ବାଉଁଶବୁଦା କଡରୁ ମିଳିଥିଲା। ଏହି ଘଟଣା ସମ୍ପୃକ୍ତ ଅଞ୍ଚଳରେ ଆଲୋଡନ ଖେଳାଇ ଦେଇଥିଲା। ଏହି ପରିପ୍ରେକ୍ଷୀରେ ସେହିଦିନ ରେଳଲାଇନ କଡରୁ ରେଲୱେ ପୋଲିସ ଏକ ମୃତଦେହ ଉଦ୍ଧାର କରିଥିବା ଖବର ପାଇ ସନ୍ଦେହରେ ସୁଜନଙ୍କ ପରିବାର ସେଠାକୁ ଯାଇ ତାଙ୍କ ଫଟୋ ଓ ପିନ୍ଧା ଲୁଗା ଦେଖି ତାହା ସୁଜନଙ୍କର ବୋଲି ଚିହ୍ନଟ କରିଥିଲେ। କିନ୍ତୁ ସୁପ୍ରିୟାଙ୍କ ପରିବାରବର୍ଗ ମୃତ ଯୁବକ ସୁଜନ ନୁହନ୍ତି ବୋଲି ଦର୍ଶାଇ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଥିବାରୁ ପରିସ୍ଥିତି ଜଟିଳ ରୂପ ନେଇଛି। ସ୍ଥାନୀୟ ଗ୍ରାମବାସୀ ଆହୁରି କହିଛନ୍ତି ଯେ, ସୁଜନ ପାଠ ପଢୁଥିବା ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ ଛାଡି ଆସିବା ପରଠାରୁ ତାଙ୍କର କୌଣସି ପତ୍ତା ମିଳୁନାହିଁ। ସୁପ୍ରିୟାଙ୍କ ମୃତଦେହ ମିଳିବା ପରେ ରେଲାଇନ କଡରୁ ମିଳିଥିବା ମୃତଦେହ ସୁଜନଙ୍କର ବୋଲି ତାଙ୍କ ପରିବାରବର୍ଗ କହୁଥିଲେ ମଧ୍ୟ ପୋଲିସ ରହସ୍ୟ ଭେଦ କରିପାରିନାହିଁ । ଘଟଣାକୁ ମାସେ ପୂରିଯାଇଥିଲେ ମଧ୍ୟ ପୋଲିସ ଏହା ପ୍ରେମଜନିତ ଆତ୍ମହତ୍ୟା କିମ୍ବା ହତ୍ୟା ଘଟଣା ସେନେଇ କିଛି ସୂଚନା ଦେଉ ନ ଥିବାରୁ ଏ ନେଇ ସାଧାରଣରେ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ଥାନା ଅଧିକାରୀ ଏହାର ଉତ୍ତର ଦେଇ କହିଛନ୍ତି ଯେ, ସୁପ୍ରିୟା ଓ ସୁଜନଙ୍କ ମୃତଦେହ ମିଳିବା ପରେ ପୋଲିସ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ଲୋକଙ୍କୁ ଛାଡି ଦେଇଛି। ବାଙ୍ଗରଗାଁର ହରିଶ୍ଚନ୍ଦ୍ର ବେହେରା ତାଙ୍କ ଝିଅଙ୍କୁ ଅପହରଣ ଓ ହତ୍ୟା କରାଯିବା ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରିଛି। ସେହିପରି ନୀଳଗିରି ରୋଡ଼ ମଝି ସ୍ଥାନରୁ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା ନେଇ ଜିଆର୍‌ପି ଥାନାରେ ଅପମୃତ୍ୟୁ ମାମଲା(ନଂ.୧୭/୨୦୧୯) ରୁଜୁ ହୋଇଛି। ସେଠାରୁ ମିଳିଥିବା ମୋବାଇଲ ଫୋନର ସେମେଜ୍‌କୁ ଏବେ ଅନୁଧ୍ୟାନ କରି ଦେଖାଯାଉଛି। ଖୁବ୍‌ଶୀଘ୍ର ଘଟଣାର ରହସ୍ୟ ଉନ୍ମୋଚନ ହେବ ବୋଲି ଥାନାଧିକାରୀ କହିଛନ୍ତି।

### ଗୋପୀନାଥ ବନ୍ଧ ନିର୍ମାଣରେ ଅନିୟମିତତା ଅଭିଯୋଗ

ତିହିଡ଼ି, ୧୫।୪ (ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅନ୍ତର୍ଗତ ସୟା ପଞ୍ଚାୟତର ବାଂଶବାଗ ଗ୍ରାମ ପାର୍ଶ୍ୱରେ ଥିବା ବିରିନାଳ ନଦୀରେ ଗୋପୀନାଥ ବନ୍ଧ ନିର୍ମାଣରେ ଅନିୟମିତତା ହୋଇଥିବା ଅଭିଯୋଗ କରାଯାଇଛି। ଗ୍ରାମବାସୀ ଏ ସମ୍ପର୍କରେ ଭଦ୍ରକ ଭିଜିଲାନ୍ସ ବିଭାଗ ନିକଟକୁ ଡାକ ଯୋଗେ ଅଭିଯୋଗ ପଠାଇଛନ୍ତି। ଅନିୟମିତତାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ସେମାନେ ଦାବି ଜଣାଇଛନ୍ତି।

ବିରିନାଳ ନଦୀରେ ଗୋପୀନାଥ ବନ୍ଧ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ୧୧ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏହି ବନ୍ଧ ନିର୍ମାଣ ହେଲେ ସୟା, ସାନ୍ତରାପୁର, ମହରମପୁର ଓ ବରୁଣେଇ ମୌଜାର ୫ଶହ ଚାଷୀ ଉପକୃତ ହେବେ। ତେବେ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ନିମ୍ନମାନର କାର୍ଯ୍ୟ କରୁଥିବା ଯୋଗୁ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବନ୍ଧ ପାଖରେ ଫଳକ ଲଗାଯାଇ ନ ଥିବାରୁ ଗ୍ରାମବାସୀ ଠିକ୍ ତଥ୍ୟ ଜାଣିପାରୁ ନାହାନ୍ତି। କାର୍ଯ୍ୟ ସମୟରେ ସରକାରୀ କର୍ମଚାରୀ ଉପସ୍ଥିତ ରହୁ ନ ଥିବାରୁ ଠିକାଦାର ମନଇଚ୍ଛା କାମ କରୁଛନ୍ତି। ନଦୀ ପାଖ ୱାଲରେ ରିଙ୍ଗ୍ ଦିଆଯାଉ ନ ଥିବାରୁ ବନ୍ଧ ନଦୀକୁ ଧସିଯିବାର ଆଶଙ୍କା ରହିଥିବା ନାଗେଶ୍ୱର ଦାସ, ଲକ୍ଷ୍ମୀଧର ନାୟକ, ମହେଶ୍ୱର ମହାନ୍ତି, ଦୁଃଖୀରାମ ସେଠୀ, ପ୍ରଫୁଲ୍ଲ ମିଶ୍ର, ଲକ୍ଷ୍ମୀଧର ପାଣିଗ୍ରାହୀ ଓ ରତ୍ନାକର ନାୟକ ପ୍ରମୁଖ ଅଭିଯୋଗରେ ଦର୍ଶାଇଛନ୍ତି।

# କଂଗ୍ରେସ ପ୍ରାର୍ଥୀ ଶମ୍ଭୁଙ୍କ ରାଲି



ରାଲିରେ ହିଞ୍ଜିଳି କଂଗ୍ରେସ ପ୍ରାର୍ଥୀ ଶମ୍ଭୁ ଓ ଅନ୍ୟମାନେ।

ହିଞ୍ଜିଳିକାଟୁ,୧୫।୪(ଡି.ଏନ୍.ଏ.)

ହିଞ୍ଜିଳି ବିଧାନସଭା ପାଇଁ ବିଭିନ୍ନ ପ୍ରାର୍ଥୀଙ୍କ ରାଲି, ପ୍ରଚାର ଜୋରଦାର ହୋଇଛି। ସୋମବାର କଂଗ୍ରେସ ପ୍ରାର୍ଥୀ ଶମ୍ଭୁ ପାଣିଗ୍ରାହୀ ଶତାଧିକ ସମର୍ଥକଙ୍କ ସହ ହିଞ୍ଜିଳିକାଟୁ ମ୍ୟୁନିସିପାଲଟିର ବିଭିନ୍ନ ଅଞ୍ଚଳରେ ମାରାଥନ ରାଲି କରି ଭୋଟ ପାଇଁ ନିବେଦନ କରିଛନ୍ତି। ବଇଁଚବଣିଆ ପୂର୍ତ୍ତ ଡାକ ବଙ୍ଗଳାରୁ ରାଲି ବାହାରି ମୁଖ୍ୟ ବଜାର ସହ ବିଭିନ୍ନ ୱାର୍ଡକୁ ପରିକ୍ରମା କରିଥିଲା। ଏଥିରେ ଶମ୍ଭୁଙ୍କ ସହ ନଗର ଓ ବ୍ଲକ କଂଗ୍ରେସର ବହୁ କର୍ମୀ ନେତା ଯୋଗଦେଇଥିଲେ। ଲକ୍ଷ୍ମୀ ବଜାର ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟାର୍ପଣ ପରେ ଉପସ୍ଥିତ ନେତା, କର୍ମୀ ଓ ଜନସାଧାରଣଙ୍କୁ ଆଗାମୀ ୧୮ରେ ହେବାକୁ ଥିବା ଐତିହାସିକ ହିଞ୍ଜିଳି ନିର୍ବାଚନ ମଣ୍ଡଳୀ ପାଇଁ କଂଗ୍ରେସ ଦଳକୁ ଭୋଟ ଦେବାକୁ ପାଣିଗ୍ରାହୀ ଅନୁରୋଧ କରିଥିଲେ। ଏଥିସହ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଉଭୟ କେନ୍ଦ୍ର ଓ ରାଜ୍ୟରେ ସରକାର ପରିବର୍ତ୍ତନ ପାଇଁ ସମୟ ଉପନୀତ ବୋଲି ବହୁ କଂଗ୍ରେସ ନେତା କହିଛନ୍ତି।

### ଯୁବକଙ୍କ ମୃତଦେହ ଉଦ୍ଧାର

ରାଇରଙ୍ଗପୁର, ୧୫।୪(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ସମରଦଫା ଗ୍ରାମ ନିକଟସ୍ଥ ରାଣିବନ୍ଧ ଛକରୁ ସୋମବାର ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ମୃତ ଯୁବକ ହେଲେ କାଦୁଆଣି ଗ୍ରାମର ବିଶି ମୋହନ ବେହେରା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ରାଇରଙ୍ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୭/୨୦୧୯) ରୁଜୁ କରି ତଦନ୍ତ ଜାରି ରଖିଛି।

### ନିର୍ବାଚନୀ କାର୍ଯ୍ୟରେ ଅବହେଳା ଅଭିଯୋଗରେ ଶିକ୍ଷକ ନିଲମ୍ବିତ

ବାଲେଶ୍ୱର ଅଫିସ, ୧୫।୪(ଡି.ଏନ.ଏ.)

ନିର୍ବାଚନୀ କାର୍ଯ୍ୟରେ ଅବହେଳା ଓ ଅସହଯୋଗ ଅଭିଯୋଗରେ ବାଲେଶ୍ୱର ସୋର ବ୍ଲକ ଦାଣ୍ଡପଳସ ୟୁ.ପି. ସ୍କୁଲର ସହକାରୀ ଶିକ୍ଷକ ଗିରିଜା ଶଙ୍କର ଜେନାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି । ଜିଲା ନିର୍ବାଚନ ଅଧିକାରୀ ଓ ଜିଲାପାଳ ରମେଶ ଚନ୍ଦ୍ର ରାଉତ ତାଙ୍କୁ ନିଲମ୍ବନ କରିଛନ୍ତି ।

### କାହାକୁ ମିଳୁନି, କେଉଁଠି ଭାସୁଛି



ଛତ୍ରପୁର ବ୍ଲକ ପୋଡାପଦର ପଞ୍ଚାୟତ କୁମାରବେଗପଲ୍ଲୀ ନିକଟ ରାସ୍ତା ପାର୍ଶ୍ୱରେ ପାଇପ୍ ଭାଙ୍ଗି ଦିଆଯାଇଛି । ଫଳରେ ଅଯଥାରେ ପାଣି ନଷ୍ଟ ହେଉଛି । ହଂସପୁରରୁ ଉକ୍ତ ପାଇପ ଯୋଗେ ଛତ୍ରପୁରକୁ ପାଣି ଯୋଗାଣ ହୋଇଥାଏ । (ଫଟୋ:ସନ୍ତୋଷ)

### ଚକାପାଦ ବ୍ଲକରେ ୪୬ ମତଦାନ କେନ୍ଦ୍ର

ଶଙ୍କରାଖୋଲ,୧୫।୪(ଡି.ଏନ.ଏ.)

ଫୁଲବାଣୀ ବିଧାନସଭା ନିର୍ବାଚନମଣ୍ଡଳୀର ଚକାପାଦ ବ୍ଲକରେ ୪୬ଟି ମତଦାନ କେନ୍ଦ୍ର ହୋଇଛି। ସେଥିରୁ ୪ଟି ଉତ୍ତେଜନାପୂର୍ଣ୍ଣ ଚିହ୍ନଟ ହୋଇଛି। ୩ଟି ନୂତନ ଭାବେ ମଡେଲ ମତଦାନ କେନ୍ଦ୍ର କରାଯାଇଛି। ଚକାପାଦ ବ୍ଲକରେ ୩୪ ହଜାର ୩୮୪ ଜଣ ମହିଳା, ପୁରୁଷ ଓ ନୂଆ ଭୋଟ ମତଦାନ କରିବେ ବୋଲି ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡ଼ିଓ ଅନୀଲ କୁମାର ପଟ୍ଟନାୟକ ଓ ଜିପିଓ ବରୁଣ କହଁର ସୂଚନା ଦେଇଛନ୍ତି। କୁସୁମେଣ୍ଡିରେ ୫, ବପଲମେଣ୍ଡି (ଏଲ)ରେ ୪, ବପଲମେଣ୍ଡି (ବି)ରେ ୪, ଶଙ୍କରାଖୋଲରେ ୫, ଆରାବାକା ୩, ପସରା ୪, ଚକାପାଦ ୪, ବ୍ରାହ୍ମଣପାଦରେ ୭, ଚାହାଳିରେ ୬, କଖାରୁଖୋଳାରେ ୪ ମତଦାନ କେନ୍ଦ୍ର ରହିଛି। ଉତ୍ତେଜନାପୂର୍ଣ୍ଣ କେନ୍ଦ୍ର ଭାବେ ଚାହାଳି ପଞ୍ଚାୟତର ୨୨୪ ନଂ. ଗିଣ୍ଡିଖୋଲ, କେକେତପା ୨୩୦ ନଂ. ବୁଥ୍, ପାଡୁମାହା ୨୨୯ ନଂ. ବୁଥ ଓ କଖାରୁଖୋଳା ପଞ୍ଚାୟତର ନାରିଙ୍ଗିଖୋଳା ୨୨୫ ନଂ. ବୁଥ ରହିଛି। ଉକ୍ତ ବୁଥ୍‌ରେ ପୋଲିସର କଡ଼ାକଡ଼ି ପାଟ୍ରୋଲିଂ ବ୍ୟବସ୍ଥା କରାଯିବ। ଆରାବାକା ପଞ୍ଚାୟତର କାମେଳିକିଆ, ଶଙ୍କରାକୋଳର ଅଡାବାଡି, କଖାରୁଜୋଳା ପଞ୍ଚାୟତର କଡିକାଡୁକୁ ମଡେଲ ବୁଥ ସ୍ଥିର କରାଯାଇଛି।

# ବାଲିଗୁଡାରେ କଂଗ୍ରେସର ମିଶ୍ରଣ ପର୍ବ

ବାଲିଗୁଡା,୧୫।୪(ଡି.ଏନ୍.ଏ.)

ବାଲିଗୁଡ଼ା କଂଗ୍ରେସରେ ରବିବାର ରାତିରେ ବିଜେଡିର ଯୁବକମାନେ ସ୍ୱତପୂର୍ତ୍ତ ଭାବରେ ସାମିଲ ହୋଇଛନ୍ତି। ବାଲିଗୁଡାର ବ୍ଲକ କଂଗ୍ରେସ ସଭାପତି ରାମଚନ୍ଦ୍ର ସିଂ ପାତ୍ର ଓ ଚିଣ୍ଟୁ ନାୟକଙ୍କ ଅଧକ୍ଷତାରେ ଏହି ଯୁବକମାନେ ବିଧିବଦ୍ଧ ଭାବରେ କଂଗ୍ରେସରେ ଯୋଗଦେଇଛନ୍ତି। ନୂଆସାହିର ଦୁଃସାସନ ନାୟକ, ଅନନ୍ତ ନାୟକ, ହିରନ ନାୟକ, ବୁଟାସିଂ ନାୟକ, ଆଦିତ୍ୟ ନାୟକ, ଲିଲୁ ମୁଖି, ଲିଣ୍ଟୁ ନାୟକ, ସେରାନ ନାୟକ, ଷ୍ଟିଫାନ ନାୟକ ଓ ଖଜୁରିନାଳର ରତିକାନ୍ତି ନାୟକ, ପ୍ରକାଶ ମଲିକ, ଜଗନ୍ନାତ ଦିଗାଲ, ଅଭିମନ୍ୟୁ ନାୟକ, ବାଲକା ବଲିଆରସିଂ, ସେନାପତି ନାୟକ, ମୁଚିୟା ନାୟକ, ଅର୍ଜୁନ ବାଗନାୟକ, ସତ୍ୟ ନାୟକ, ଏକ୍ରିୟ ନାୟକ, ଦେବ ବଳିଆରସିଂ, ବାନ୍ଦାପାଙ୍ଗାର ପିତାମ୍ବର ଦିଗାଳ, ଗୋବିନ୍ଦ ଦିଗାଳ ଓ ନାନୀ ଦିଗାଳ ପ୍ରମୁଖ କଂଗ୍ରେସରେ ସାମିଲ ହୋଇଛନ୍ତି। ଦଳ ତରଫରୁ ସେମାନଙ୍କୁ କଂଗ୍ରେସର ଟୋପି ଓ ଉପଢୌକନ ଦେଇ ଦଳକୁ ସ୍ୱାଗତ କରାଯାଇଛି। କଂଗ୍ରେସର ଯୁବକଙ୍କୁ ପ୍ରାଧାନ୍ୟ ଦେଉଥିବା ବେଳେ ସୋମବାର ବିଜେଡି ଛାଡି ପ୍ରାୟ ୩୦ଯୁବକ କଂଗ୍ରେସରେ ସାମିଲ ହୋଇଥିବାରୁ ଦଳ ଆହୁରି ମଜବୁତ ହୋଇଛି ବୋଲି କଂଗ୍ରେସ ତରଫରୁ କୁହାଯାଇଛି। ଅଭି ଦିଗାଲ, ଏମଡି ସାବେଜ, ଅଜୁ ଦିଗାଳ, ଶୁକଦେବ ନାୟକ ଓ କଂଗ୍ରେସର ଅନ୍ୟ କର୍ମୀମାନେ ଉପସ୍ଥିତ ଥିଲେ ।



କଂଗ୍ରେସରେ ସାମିଲ ହୋଇଥିବା ଯୁବକ ଓ ଅନ୍ୟମାନେ।

# ହତ୍ୟା ଘଟଣା ନେଇ ଉତ୍ତେଜନା, ରାସ୍ତାରୋକୋ
## ପୋଲିସର ଲାଠିମାଡ଼, ୮ ଆହତ

ରେମୁଣା,୧୫।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ସାଆନ୍ତ ଗ୍ରାମର ଅମୂଲ୍ୟ ବେହେରା (୪୦)ଙ୍କ ମୃତଦେହ ଗତ ୧୧ତାରିଖ ସକାଳେ ସାଆନ୍ତା ଛକଠାରୁ ଡାହାଣ ପାଖ ଡ୍ରେନ୍‌ରୁ ଉଦ୍ଧାର ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହ କରି ଗ୍ରାମବାସୀ ସୋମବାର ପୂର୍ବାହ୍ନ ୧୧ଟାରେ 'ଶ୍ରୀରାମ ଉଦ୍ୟୋଗ' ଇଟାଭାଟି ମାଲିକଙ୍କୁ ଏକ କ୍ଲବ ଘରେ ରଖି ତାଲା ପକାଇ ଦେଇଥିଲେ। ୫ଶହରୁ ଉର୍ଦ୍ଧ୍ୱ ଉତ୍ତ୍ୟକ୍ତ ଗ୍ରାମବାସୀ ତାଙ୍କୁ ଜଗି ରହିଥିଲେ। ହତ୍ୟାକାରୀଙ୍କୁ ଗିରଫ ନ କରିବା ପର୍ଯ୍ୟନ୍ତ ତାଙ୍କୁ ଛଡାଯିବ ନାହିଁ ବୋଲି ସେମାନେ ଅଡି ବସିଥିଲେ। ଇଟାଭାଟି ମାଲିକଙ୍କ ପରିବାର ଲୋକେ ଖବର ପାଇ ଖନ୍ତାପଡ଼ା ପୋଲିସର ସହାୟତା ଲୋଡିଥିଲେ। ସେମାନେ ପୋଲିସ ସହ ଉକ୍ତ ସ୍ଥାନକୁ ଉଦ୍ଧାର କରିବାକୁ ଯାଇ ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ହେଲେ ବିଫଳ ହୋଇ ଖାଲି ହାତରେ ଫେରି ଆସିଥିଲେ।

ମୃତକଙ୍କ ଭାଇ ତପନ ଓ ଅନ୍ୟ ଗ୍ରାମବାସୀ ଅପରାହ୍ନ ସମୟରେ ସେରଗଡ଼-ନୀଳଗିରି ରାଜ୍ୟ ରାଜପଥ ଅବରୋଧ କରିଥିଲେ। ଏଥିପାଇଁ ବହୁ ଯାନବାହନ ଚଳାଚଳରେ ବାଧା ଉପୁଜିଥିଲା। ପରେ ଇଟାଭାଟି ମାଲିକଙ୍କ ସ୍ତ୍ରୀଙ୍କ ଲିଖିତ ଅଭିଯୋଗ ଅନୁଯାୟୀ ଖନ୍ତାପଡ଼ା ଥାନାରେ ମାମଲା (ନଂ. ୧୦୮/୧୯) ରୁଜୁ କରାଯାଇଥିଲା। ଏସ୍‌ଡ଼ିପିଓ ପ୍ରଭାସ ଚନ୍ଦ୍ର ପାଲ, ଆଇଆଇସି ଶ୍ରୀବଲ୍ଲଭ ସାହୁ, ଫାଣ୍ଡି ଅଧିକାରୀ ଅଭିମନ୍ୟୁ ଦାସଙ୍କ ସମେତ ୧ ପ୍ଲାଟୁନ ପୋଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ବିକ୍ଷୋଭକାରୀଙ୍କ ଉପରେ ଲାଠିମାଡ଼ କରିଥିଲେ। ପରେ ପୋଲିସ ବିକ୍ଷୋଭକାରୀଙ୍କୁ ହଟାଇବା ସହ କ୍ଲବ ଘର ତାଲା ଭାଙ୍ଗି ଇଟାଭାଟି ମାଲିକଙ୍କୁ ଉଦ୍ଧାର କରିଥିଲା। ମୁଖ୍ୟ ବିକ୍ଷୋଭକାରୀ ତପନ ଓ ଗ୍ରାମବାସୀ ଅନନ୍ତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ମୃତକଙ୍କ ଭାଉଜଙ୍କୁ ପୋଲିସ ହେପାଜତରେ ନାରୀସଂଘରେ ଅଟକ ରଖାଯାଇଛି। ଘଟଣାସ୍ଥଳରେ ଉତ୍ତେଜନା ଥିବାରୁ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି ଜାରି ରହିଛି। ଏହି ଲାଠିମାଡ଼ରେ ୮ରୁ ଅଧିକ ବିକ୍ଷୋଭକାରୀମାନେ ଆହତ ହୋଇ ନୀଳଗିରି ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଖବର ମିଳିଛି।



କ୍ଲବ ଘର ସମ୍ମୁଖରେ ଉତ୍ତେଜିତ ଗ୍ରାମବାସୀ।

### ଯୁବକଙ୍କୁ ହତ୍ୟା ଘଟଣା

2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ